R.N.I. REGN. No. 65000/96 POSTAL REGN. No. OR/BN-32/12-14

ଉନତ୍ରିଂଶ ବର୍ଷ
ସଂଖ୍ୟା : ୨୯୨
ତିଥି : ପଞ୍ଚମୀ
୨୯ ଜୁଲାଇ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 292
29 July 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ସଂସଦରେ ଅପରେସନ୍ ସିନ୍ଦୂର ବିତର୍କ ଆରମ୍ଭ

## କାହା ଚାପରେ ହୋଇନଥିଲା ଯୁଦ୍ଧ ବିରତି : ରାଜନାଥ

## ପହଲଗାମ୍‌କୁ ଆତଙ୍କବାଦୀ କିଭଳି ଆସିଲେ : ଗୋଗଇ



ନୂଆଦିଲ୍ଲୀ, ୨୮ ।୭ : ସଂସଦରେ ଅପରେସନ୍ ସିନ୍ଦୂରକୁ ନେଇ ବିତର୍କ ଆରମ୍ଭ ହୋଇଛି । ଉଭୟ ରାଜ୍ୟସଭା ଓ ଲୋକସଭାରେ ୧୬ ଘଣ୍ଟା ଧରି ହେବାକୁ ଥିବା ଏହି ବିତର୍କ ଚାଲିବ । ଆଲୋଚନା ଆରମ୍ଭ କରି ସରକାରଙ୍କ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ କାହା ଚାପରେ ଭାରତ ଅପରେସନ୍ ସିନ୍ଦୂର ବନ୍ଦ କରିନଥିଲା । ଲକ୍ଷ୍ୟ ଓ ଉଦ୍ଦେଶ୍ୟ ପୂରଣ ହେବାପରେ ପାକିସ୍ତାନ ଉପରେ ଭାରତୀୟ ସେନା କରୁଥିବା ଷ୍ଟ୍ରାଇକ୍‌କୁ ବନ୍ଦ କରିଥିଲା । କାହା ଚାପରେ ବନ୍ଦ ହୋଇଥିଲା କହିବା ସମ୍ପୂର୍ଣ୍ଣ ଭାବେ ଭିତ୍ତିହୀନ ଓ ଭୁଲ୍ ବୋଲି କହିଥିଲେ । ବିରୋଧୀଙ୍କ ପକ୍ଷରୁ ଆଲୋଚନା ଆରମ୍ଭ କରି କଂଗ୍ରେସ ସାଂସଦ ଗୌରବ ଗୋଗେଇ କହିଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀ ତାଙ୍କ ଭାଷଣରେ ଅନେକ କଥା କହିଲେ । ମାତ୍ର ପହଲଗାମ୍‌କୁ କିଭଳି ଆତଙ୍କବାଦୀ ଗଲେ ଓ ନିରୀହ ଲୋକଙ୍କୁ ମାରିଲେ ସେ କଥା ଉଠାଇ ନାହାନ୍ତି । ଏଠାକୁ ଆତଙ୍କବାଦୀ କିଭଳି ଆସିଲେ ବୋଲି ସେ ପାଲଟା ପ୍ରଶ୍ନ କରିବା ସହ ଯଦି ଆମର କିଛି ରାଫେଲ ଖସିଛି ତାହା ଆମପାଇଁ ବଡ କ୍ଷତି ବୋଲି ଉଲ୍ଲେଖ କରିଥିଲେ ।

ରାଜନାଥ ସିଂହ କହିଥିଲେ ଯେ ପରୀକ୍ଷାରେ କେତେ କଲମ ଓ ପେନ୍‌ସିଲ୍ ଭାଙ୍ଗିଲା ତାହା ଗୁରୁତ୍ୱପୂର୍ଣ୍ଣ ନୁହେଁ । ପରୀକ୍ଷାର ଫଳ କ'ଣ ହେଲା ତାହା ଗୁରୁତ୍ୱପୂର୍ଣ୍ଣ । ଅପରେସନ୍ ସିନ୍ଦୂର କାହିଁକି ଆରମ୍ଭ କରାଗଲା, ପୂର୍ବରୁ ସୂଚନା ଦିଆଯାଇଛି । ବିରୋଧୀ ପ୍ରଶ୍ନ କରୁଛନ୍ତି ଆମର କେତେ ବିମାନ କ୍ଷତି ହୋଇଛି । ଏଭଳି ପ୍ରଶ୍ନ ରାଷ୍ଟ୍ରୀୟ ଜନଭାବନାକୁ ସ୍ପଷ୍ଟ ଭାବେ (୯ ପୃଷ୍ଠାରେ)

# ଅପରେସନ୍ ମହାଦେବ, ୩ ଆତଙ୍କୀ ନିପାତ



ନୂଆଦିଲ୍ଲୀ, ୨୮ ।୭ : ପହଲଗାମ୍ ଆତଙ୍କୀ ଆକ୍ରମଣର ମାଷ୍ଟରମାଇଣ୍ଡ ସୁଲେମନ୍ ଶାହାଙ୍କ ସମେତ ୩ ପାକ୍ ଆତଙ୍କବାଦୀ ନିପାତ ହୋଇଛନ୍ତି । ସୁରକ୍ଷାକର୍ମୀ ସେମାନଙ୍କୁ ନିପାତ କରିଥିବା ସୂଚନା ମିଳିଛି । ଆଜି ଶ୍ରୀନଗରରେ ଏକ ଏନ୍‌କାଉଣ୍ଟରରେ ସେମାନେ ନିପାତ ହୋଇଥିବା କୁହାଯାଇଛି । ସେମାନଙ୍କ ମଧ୍ୟରୁ ଦୁଇଜଣ ପହଲଗାମ୍ ଆକ୍ରମଣରେ ସମ୍ପୃକ୍ତ ଥିଲେ । ସୁଲେମନ୍ ଶାହା ଲସ୍କର ଇ-ତୋଇବାର ଆତଙ୍କବାଦୀ ଭାବେ ଚିହ୍ନଟ କରାଯାଇଛି । ସେ ଏପ୍ରିଲ ୨୨ ପହଲଗାମ୍ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା । ଆଜିର ଅପରେସନ୍‌କୁ ଅପରେସନ୍ ମହାଦେବ ବୋଲି ନାମିତ କରାଯାଇଛି । ନିପାତ ହୋଇଥିବା ଅନ୍ୟ ଦୁଇ ଆତଙ୍କବାଦୀ ହେଉଛନ୍ତି ଆବୁହାମ୍‌ଜା ଓ ୟାସାରୀ । ସେମାନେ ପହଲଗାମ୍‌ରେ ହତ୍ୟା କରିଥିଲେ ବୋଲି ବିଶ୍ୱାସ କରାଯାଉଛି । ସେନା, ସିଆରପିଏଫ୍ ଓ ଜମ୍ମୁ-କାଶ୍ମୀର ପୋଲିସ ପକ୍ଷରୁ ମିଳିତ ଅପରେସନ୍ ଆରମ୍ଭ ହୋଇଥିଲା ।

ଶ୍ରୀନଗରର ଲିଡ୍‌ୱାସ୍ ସ୍ଥିତ ମହାଦେବ ପାହାଡ ନିକଟରେ ବିଦେଶୀ ଆତଙ୍କବାଦୀ ଲୁଚିଥିବା ସୂଚନା ମିଳିବା ପରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଅପରେସନ୍ ଆରମ୍ଭ କରାଯାଇଥିଲା ଓ ଏହାର ନାମ ଅପରେସନ୍ ମହାଦେବ ରଖାଯାଇଥିଲା । ଆତଙ୍କବାଦୀ ଲୁଚି ରହିଥିବା ସ୍ଥାନକୁ ସୁରକ୍ଷାକର୍ମୀ ଘେରାବନ୍ଦୀ କରୁଥିବାବେଳେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏହାର ଦୃଢ଼ ଜବାବ ଦିଆଯାଇଥିଲା । ସେଠାରେ ଆଉକିଛି ଆତଙ୍କବାଦୀ ଲୁଚିଥିବାର ସୂଚନା ଥିବାରୁ ଅପରେସନ୍ ଜାରି ରହିଛି । ଅଧିକ ସୁରକ୍ଷାକର୍ମୀଙ୍କୁ ଘଟଣାସ୍ଥଳକୁ ପଠାଯାଇଛି । ନିହତ ୩ ଆତଙ୍କବାଦୀ ପାକିସ୍ତାନ ନାଗରିକ ବୋଲି କୁହାଯାଇଛି ।

# କମୁଛି ବନ୍ୟା ଜଳ, ବଢୁଛି ଦୁର୍ଦ୍ଦଶା

ଭଦ୍ରକ/ଆରଡି/ଭୋଗରାଇ/ଭୁବନେଶ୍ୱର, ୨୮ ।୭ (ସବ୍ୟୁ): ଲଘୁଚାପ ଯୋଗୁ ସୁବର୍ଣ୍ଣରେଖାରେ ୨ ମାସ ଅନ୍ତରରେ ୫ମ ଥର ବନ୍ୟା ଉତ୍ତର ବାଲେଶ୍ୱରର ଶତାଧିକ ଗାଁର ଜନଜୀବନକୁ ଦୁର୍ବିସହ କରିଛି । ସୁବର୍ଣ୍ଣରେଖା ଉପରମୁଣ୍ଡ ଝାଡ଼ଖଣ୍ଡ ମାଳାଞ୍ଚଳରେ ଲଗାଣ ବର୍ଷା ଓ ଗାଲୁ ଜଳାଧାରରୁ ୧୩ଟି ଗେଟରୁ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ହେଉଥିବାରୁ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଅସିବା ସହିତ ଭୋଗରାଇ, ବାଲିଆପାଳ, ଜଳେଶ୍ୱର ଓ ବସ୍ତା ବ୍ଲକର

- ରିପୋର୍ଟ ଆସିବାର ୨୪ଘଣ୍ଟାରେ ସହାୟତା ମିଳିବ
- ପାଗ ଅନୁକୂଳ ହେଲେ ମୁଖ୍ୟମନ୍ତ୍ରୀ ଯିବେ ବନ୍ୟାଞ୍ଚଳ
- ବାଲେଶ୍ୱରର ୪ ବ୍ଲକ ସ୍ଥିତି ବିଗିଡ଼ିଛି
- ଭଦ୍ରକ୍‌ରେ ଶହଶହ ଏକର ଚାଷ ଜମିରେ ପାଣି

ଶତାଧିକ ଗାଁ ବନ୍ୟାରେ ପ୍ରଭାବିତ ହୋଇଛି । ସେହିଭଳି ଭଦ୍ରକ ଜିଲ୍ଲା ଚାନ୍ଦବାଲିର ତଳିଆ ଅଞ୍ଚଳ ଆରଡି, ମୁଆଁ, ସନ୍ତରା, ସିଙ୍ଗପୁର, ବାତୋଳ, ଶୀତଳପୁର, ଓଳଗ, ଷାଠିବାଙ୍କୁଡାରେ ଦେଖାଦେଇଥିବା ବୈତରଣୀ ନଦୀର ବନ୍ୟା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଗତକାଲି ଠାରୁ ଆରଡି, ଓଳଗ, ଦୋହରାପାଟଣା, ଅମୃତମଣୀ, ସୁନ୍ଦରପୁର, ଖଟୁଆପାଟଣା, ପାରଡିଆ, ଚମ୍ପାସାହି, ନାନ୍ଦପୁର, ପହଣା, କୋଇଲିଖିଆ, ପାଲଟପୁର, ବାଙ୍କମୁଆ ଆଦି ୨୦ଟି ଗାଁ ପ୍ରଭାବିତ ହୋଇଛି । ସେପଟେ ବନ୍ୟା କ୍ଷୟକ୍ଷତି ରିପୋର୍ଟ ଆସିବାର ୨୪ ଘଣ୍ଟା ଭିତରେ ସହାୟତା ମିଳିବ ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରତିକ୍ରିୟାରେ କହିଛନ୍ତି, ପାଗ (୯ ପୃଷ୍ଠାରେ)

## ଲୋକଙ୍କ ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

# ୯୧% ଅଭିଯୋଗର ହୋଇଛି ସମାଧାନ



ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଥିଲା ୧୩ତମ ପାଳି । ଆଜି ଭୁବନେଶ୍ୱର ୟୁନିଟ-୨ ଠାରେ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହିତ ଏହାର ସମାଧାନ ଓ ପ୍ରତିକାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି ।

ପ୍ରତିଥର ଭଳି ମୁଖ୍ୟମନ୍ତ୍ରୀ ପୂର୍ବାହ୍ନରେ ପ୍ରଥମେ ଆସି ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ବାହାରେ ଅପେକ୍ଷା କରିଥିବା ଦିବ୍ୟାଙ୍ଗ ଅଭିଯୋଗକାରୀଙ୍କୁ ଜଣ ଜଣ କରି ଭେଟିଥିଲେ ଏବଂ ସେମାନଙ୍କ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ ।

ଏହା ପରେ ପ୍ରକୋଷ୍ଠ ଭିତରେ ପଞ୍ଜିକୃତ କରିଥିବା ଅଭିଯୋଗକାରୀ

**୯ ମନ୍ତ୍ରୀଙ୍କ ସମେତ ବିଭାଗୀୟ ସଚିବ ଶୁଣାଣିରେ ସାମିଲ**

**ଲୋକଙ୍କ ସୁଖଦୁଃଖରେ ଅଛନ୍ତି 'ଲୋକଙ୍କ ସରକାର'**

ମାନଙ୍କ ଅଭିଯୋଗ ଶୁଣିଥିଲେ । ସମସ୍ତ ଅଭିଯୋଗ ଗୁଡିକର ପ୍ରତିବିଧାନ ପାଇଁ (୯ ପୃଷ୍ଠାରେ)

# ବଦଳିବ ସ୍କୁଲ ଆଇକାର୍ଡ

ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ସରକାର ପ୍ରାଥମିକ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ପରିଚୟପତ୍ର ବା ଆଇକାର୍ଡର ରଙ୍ଗକୁ ବଦଳାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ପୂର୍ବ ସରକାର ସମୟରେ ଏହାର ରଙ୍ଗ ସବୁଜ ଥିଲା । ୨୦୨୫-୨୬ ଶିକ୍ଷାବର୍ଷରୁ ପ୍ରଥମରୁ ଅଷ୍ଟମ ପିଲାଙ୍କ ଆଇକାର୍ଡର ରଙ୍ଗକୁ ପରିବର୍ତ୍ତନ କରାଯାଇ ଗେରୁଆ କରାଯିବ । ଏଥିରେ ପିଲାଙ୍କ ନାମ, ଶ୍ରେଣୀ, ଜନ୍ମ ତାରିଖ, ରୋଲ୍ ନଂ ଓ ଫୋନ୍ ନଂ ରହିବ । ପ୍ରଧାନ ଶିକ୍ଷକଙ୍କ ଦସ୍ତଖତ ରହିବା ନିହାତି ଆବଶ୍ୟକ । ବିଭିନ୍ନ ସମୟରେ ବାହାର ପିଲାମାନେ କ୍ୟାମ୍ପସ ଭିତରକୁ ପ୍ରବେଶ କରୁଥିବାରୁ ଆଇକାର୍ଡକୁ ବାଧ୍ୟତାମୂଳକ କରାଯିବ ।

ପିଲାମାନେ ଏହି କାର୍ଡକୁ ବେକରେ ପକାଇ ଆସିବେ । କେବଳ ଆଇକାର୍ଡ ନୁହେଁ ଶ୍ଳୋଗାନ ବଦଳିଛି । ପୂର୍ବ ସରକାର ସମୟରେ ପିଲାଙ୍କ ୟୁନିଫର୍ମ ଓ ଟୋପିରେ ଆମେ ଗଢ଼ିବୁ ନୂଆ ଓଡ଼ିଶା ସ୍ଲୋଗାନ ଲେଖାଯାଇଥିଲା । ଏଥିରେ ଏହାକୁ ପରିବର୍ତ୍ତନ କରାଯାଇ ବିଦ୍ୟାବନ୍ତ ବିଦ୍ୟାର୍ଥୀ, ବିକଶିତ (୯ ପୃଷ୍ଠାରେ)

# ଆଇଏଏସ୍ ବିଷ୍ଣୁପଦଙ୍କ ଜାମିନ ଆବେଦନ ଖାରଜ

କଟକ, ୨୮/୭(ସବ୍ୟୁ): ଆଇଏଏସ୍ ବିଷ୍ଣୁ ପଦ ସେଠୀଙ୍କ ଆଗୁଆ ଜାମିନ୍ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରି ଦେଇଛନ୍ତି । ଏଥିସହ ଗତ ୩ ତାରିଖରେ ଯୋଗାଇ ଦିଆଯାଇଥିବା ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ମଧ୍ୟ ହଟାଇ ଦେଇଛନ୍ତି । ଏହି ଆଗୁଆ ଜାମିନ୍ ଆବେଦନ ଖାରଜ ହୋଇଯିବା ଏବଂ ଅନ୍ତରୀଣ ସୁରକ୍ଷା ହଟିବା ଫଳରେ ଶ୍ରୀ ସେଠୀଙ୍କ ଗିରଫ ଅଡୁଆ ଆଶଙ୍କା ଭିତରକୁ ଟାଣି ହୋଇ ଯାଇଛି । ତାଙ୍କ ଗିରଫଦାରୀ ହେବା ଏକପ୍ରକାର ନିଶ୍ଚିନ୍ତ ହୋଇଯାଇଛି ବୋଲି କୁହାଯାଉଛି । ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଭି. ନରସିଂହ ଆଜି ଆଗୁଆ ଜାମିନ୍ ଆବେଦନର ରାୟ ପ୍ରକାଶ ଅବସରରେ ଏହି ନିର୍ଦ୍ଦେଶ ଦେଇଛନ୍ତି । ପୂର୍ବରୁ ଶ୍ରୀ ସେଠୀ ସିବିଆଇ ଚଢ଼ାଉକୁ ବିରୋଧ କରି ରୁଜୁ କରିଥିବା ମାମଲା ହାଇକୋର୍ଟରେ ଖାରଜ ହୋଇଯାଇଥିଲା ।

ମାମଲାରୁ ଜଣାଯାଇଛି ଯେ, ଏକ ବିଲ୍ ପାସ୍ ପାଇଁ ୧୦ ଲକ୍ଷ ଟଙ୍କା ଲାଞ୍ଚ କାରବାର ଅଭିଯୋଗରେ ବ୍ରିଜ୍ ଆଣ୍ଡ ରୁଫ୍ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର୍ ଚଞ୍ଚଳ ମୁଖାର୍ଜୀ, ସନ୍ତୋଷ ମହାରଣା ଏବଂ ଅନ୍ୟମାନଙ୍କ ନାମରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଥିଲା । ଯଦିଓ ଏଫ୍‌ଆଇଆରରେ ଶ୍ରୀ ସେଠୀଙ୍କ ନାମ ନାହିଁ କିନ୍ତୁ ସିବିଆଇ ପକ୍ଷରୁ ତାଙ୍କ ଘରେ ଚଢ଼ଉ କରାଯିବା ସହ ବିଭିନ୍ନ ରେକର୍ଡପତ୍ର ଯାଞ୍ଚ୍ କରାଯାଇଥିଲା । ତାଙ୍କର ଏବଂ ପତ୍ନୀଙ୍କ ନାମରେ ଥିବା ଆକାଉଣ୍ଟ୍‌କୁ ସିବିଆଇ ପକ୍ଷରୁ ଅଚଳ କରି ଦିଆଯାଇଥିଲା । ଏହାକୁ ବିରୋଧ କରି ଶ୍ରୀ ସେଠୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସିବିଆଇ ପକ୍ଷରୁ ତାଙ୍କ (୯ ପୃଷ୍ଠାରେ)

# ଅଗଷ୍ଟ ପହିଲାରୁ ପାଗ ଶୁଖିଲା

ଭୁବନେଶ୍ୱର, ୨୮ ।୭ (ସବ୍ୟୁ): ରାଜ୍ୟରେ ପାଗ ପୂରା ଶିଖିଲା ରହିବ । ଆଗାମୀ ଦୁଇଦିନ କିଛି ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି । ତେବେ ୧ ତାରିଖରୁ କାଁଭାଁ କେତେକ ଜାଗାରେ ବର୍ଷା ହୋଇପାରେ । ପାଗ ପୂରା ଖରାଟିଆ ସହିତ ମଝିରେ ମଝିରେ ଆକାଶ ମେଘୁଆ ରହିବ । ଏଭଳି ଆକଳନ କରିଛି ପାଣିପାଗ ବିଭାଗ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ଆସନ୍ତା ଦୁଇଦିନ ଅର୍ଥାତ ୨୯ ଓ ୩୦ ତାରିଖରେ କିଛି ସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ହୋଇପାରେ । ଅନେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି । ତେବେ ୧ ତାରିଖରୁ ପାଗରେ ପରିବର୍ତ୍ତନ ଆସିବ । ଦିନ ତାପମାତ୍ରା ବୃଦ୍ଧି ପାଇବା ସହିତ ପାଗ ଖରାଟିଆ ରହିବ । ମଝିରେ ମଝିରେ ଆକାଶ ମେଘାଚ୍ଛନ୍ନ ରହିପାରେ । (୯ ପୃଷ୍ଠାରେ)

## ଉପ-ବାଚସ୍ପତିଙ୍କ ପ୍ରସ୍ତାବ

# ୟୁପି ଢ଼ାଞ୍ଚାରେ ଆସୁ ଅପରାଧ ନିୟନ୍ତ୍ରଣ ଆଇନ୍



ଭୁବନେଶ୍ୱର, ୨୮ ।୭ (ସବ୍ୟୁ) : ରାଜ୍ୟରେ ବୃଦ୍ଧି ପାଉଥିବା ସଂଗଠିତ ଅପରାଧ ଓ ଅସମାଜିକ କାର୍ଯ୍ୟକଳାପକୁ ନେଇ ପୂର୍ବ ବାଚସ୍ପତି ଭବାନୀ ଶଙ୍କର ଭୋଇ ଉଦ୍‌ବେଗ ପ୍ରକାଶ କରିଛନ୍ତି । ରାଜ୍ୟରେ ଜଣେ ଚିନ୍ତିତ ପ୍ରତିନିଧି ଭାବେ ଏଭଳି କାର୍ଯ୍ୟକୁ ରୋକିବା ପାଇଁ ୟୁପି ସରକାର ଆଣିଥିବା ଗ୍ୟାଙ୍ଗଷ୍ଟର ଆଇନ୍ ଧାରାରେ ଓଡ଼ିଶା ଗ୍ୟାଙ୍ଗଷ୍ଟର ଓ ଅସାମାଜିକ କାର୍ଯ୍ୟକଳାପ (ନିବାରଣ) ଆଇନ୍ ପ୍ରଣୟନ ପାଇଁ ସେ ପ୍ରସ୍ତାବ ଦେଇଛନ୍ତି ।

ସେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଜଟିଳତା ଏବଂ ବିକଶିତ ହେଉଥିବା ସଂଗଠିତ ଅପରାଧ, ଗ୍ୟାଙ୍ଗ ଅପରେସନ୍ ଅସମାଜିକ କାର୍ଯ୍ୟକଳାପ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଲେଖିଛି । ଜମି ହଡପ, ଚାନ୍ଦା ଆଦାୟ, ଠିକା ହତ୍ୟା, ବେଆଇନ୍ ଖଣି, ନିଶାଦ୍ରବ୍ୟ ଚାଲାଣ, ସମନ୍ୱିତ ଅପରାଧୀ ସିଣ୍ଡିକେଟ୍ ଭଳି ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଛି । ଏହି ଗୋଷ୍ଠୀଗୁଡ଼ିକ ପ୍ରକ୍ରିୟାଗତ ବିଳମ୍ବ ଓ ଆଇନ୍‌ରେ ଥିବା ଫାଙ୍କ ଦେଇ ଅପରାଧୀମାନେ ଖସି ଯାଉଛନ୍ତି । ଏହାର ମୁକାବିଲା ସହ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଉତ୍ତରପ୍ରଦେଶ ଢ଼ାଞ୍ଚାରେ ଏକ ସ୍ୱତନ୍ତ୍ର ଆଇନ୍ କରାଯାଉ । ଏହି ଆଇନ୍ ପ୍ରଣୟନ ହେଲେ ସଂଗଠିତ ଅପରାଧୀ ଗୋଷ୍ଠୀ ଗଠନ କାର୍ଯ୍ୟକୁ ରୋକାଯାଇପାରିବ । ଗ୍ୟାଙ୍ଗ ନେତା ଓ ସଦସ୍ୟଙ୍କ ଉପରେ ପ୍ରଭାବଶାଳୀ ଦଣ୍ଡବିଧାନ ଓ ପ୍ରତିରୋଧ ସୁନିଶ୍ଚିତ କରିହେବ । ଆଇନ୍‌ଗତ ଢ଼ାଞ୍ଚା ମାଧ୍ୟମରେ ସାର୍ବଜନିନ ଶୃଙ୍ଖଳା ସୁରକ୍ଷା ଓ ସମ୍ପତ୍ତିକୁ ସୁରକ୍ଷିତ କରିହେବ । ଗ୍ୟାଙ୍ଗ ନେଟ୍‌ୱାର୍କଗୁଡ଼ିକ ଚିହ୍ନଟ କରିବା ଓ (୯ ପୃଷ୍ଠାରେ)

## ଟିଟିଲାଗଡ଼ ଶିଶୁ ବିକ୍ରି ଘଟଣା

# ମା' କୋଳକୁ ଫେରିଲା ଶିଶୁ

ଟିଟିଲାଗଡ଼, ୨୮ ।୭ (ସବ୍ୟୁ): ଅର୍ଥାଭାବରୁ ଶିଶୁକନ୍ୟା ବିକ୍ରି ଅଭିଯୋଗ । ମାତ୍ର ୨୦ ହଜାର ଟଙ୍କାରେ ଶିଶୁକନ୍ୟାକୁ ବିକିଦେଲେ ବାପା ମା' । ଗଣମାଧ୍ୟମରେ ମାରମ୍ବାର ଖବର ପ୍ରସାରଣ ପରେ ଟିଟିଲାଗଡ଼, ପାଇକମାଳ ପୁଲିସ ଓ ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀଙ୍କ ଦ୍ୱାରା ଉଦ୍ଧାର ହେଲା ଶିଶୁ । ବିକ୍ରି ଶିଶୁ ବରଗଡ଼ ଜିଲ୍ଲା ପାଇକମାଳରୁ ଉଦ୍ଧାର ହେବା ପରେ ସାମ୍ନାକୁ ଆସିଛି ଶିଶୁ ବିକ୍ରି ପଛର କରୁଣ କାହାଣୀ । (୯ ପୃଷ୍ଠାରେ)

## ୮୦ ଦଶକର ଫାନସ ପୁଞ୍ଜି ଠାରୁ ଅଧିକ ସମ୍ବେଦନଶୀଳ

ଟିଟିଲାଗଡ଼, ୨୮ ।୭ (ସବ୍ୟୁ): ଟିଟିଲାଗଡ଼ ବ୍ଲକ ବାଗଡୋର ଗାଁର ନିଲ ରଣା ଏବଂ ସ୍ତ୍ରୀ କନକ ରଣା ନିଜ ନବଜାତ ଶିଶୁ କନ୍ୟା କୁ ବିକ୍ରି କରିବା ଘଟଣା ଏବେ ଦିନକୁ ଦିନ ଆହୁରି ରୋଚକ ହେବାରେ ଲାଗିଛି । ଦାରିଦ୍ରତାର ଚରମ ସୀମା ରେଖା ତଳେ ବାସ କରୁଥିବା ନିଲ ରଣା ଆର୍ଥିକ ଅନାଟନରେ ରହିଥିବା ବେଳେ ନବଜାତ ଶିଶୁ କନ୍ୟାର ଲାଳନ ପାଳନ କରିବାରେ ଅସହାୟ ବୋଧ ପ୍ରକାଶ କରି ଗାଁର (୯ ପୃଷ୍ଠାରେ)

**ଗାଁରେ କଂଗ୍ରେସର ତଥ୍ୟ ଅନୁଧ୍ୟାନକାରୀ ଟିମ୍**



### ଶ୍ରାଦ୍ଧ ଦିବସରେ ଶ୍ରଦ୍ଧାଞ୍ଜଳି
## ଅରୁଣା ଆସଫ୍ ଅଲ୍ଲୀ

ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ଜଣେ ଆଗଧାଡିର ସ୍ୱାଧୀନତା ସଂଗ୍ରାମୀ ହେଲେ ଅରୁଣା ଆସଫ୍ ଅଲ୍ଲୀ । ୧୯୦୯ ମସିହାରେ ଜୁଲାଇ ୧୬ ତାରିଖରେ ତତ୍କାଳୀନ ପଞ୍ଜାବ ରାଜ୍ୟ (ବର୍ତ୍ତମାନ ହରିୟାଣା ପ୍ରଦେଶରେ ଅବସ୍ଥିତ)ରେ ଥିବା କାଲକାଠାରେ ଏକ ବଙ୍ଗାଳୀ ବ୍ରାହ୍ମଣ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ମୂଳ ନାମ ଅରୁଣା ଗାଙ୍ଗୁଲୀ ଥିଲା । ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ସମୟରେ ବମ୍ବେର ଗୌଆଲିଆ ମଇଦାନରେ ଭାରତୀୟ ଜାତୀୟ ପତାକା ଉତ୍ତୋଳନ କରି ସେ ଦେଶ ବ୍ୟାପୀ ଚର୍ଚ୍ଚାରେ ଆସିଥିଲେ । ସ୍ୱାଧୀନତା ପରେ ସେ ରାଜନୀତିରେ ସକ୍ରିୟ ରହିବା ସହ ୧୯୫୮ ମସିହାରେ ଦିଲ୍ଲୀର ପ୍ରଥମ ମେୟର ହେବାର ଗୌରବ ଅର୍ଜନ କରିଥିଲେ । ୧୯୯୭ ମସିହାରେ ତାଙ୍କୁ ମରଣୋତ୍ତର ଭାବରେ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ ଭାରତରତ୍ନ ପ୍ରଦାନ କରାଯାଇଥିଲା । ଅରୁଣା ପ୍ରଥମେ ଲାହୋରର ସାକ୍ରେଡ଼ ହାର୍ଟ କନଭେଣ୍ଟ, ପରେ ନୈନିତାଲର ଅଲ୍ ସେଣ୍ଟ କଲେଜରେ ଶିକ୍ଷା ଲାଭ କରିବା ପରେ କଲିକତାର ଗୋଖଲେ ମେମୋରିଆଲ ସ୍କୁଲରେ ଶିକ୍ଷକତା କରିଥିଲେ । ଅସଫ୍ ଅଲ୍ଲୀଙ୍କୁ ବିବାହ କରିବା ପରେ ସେ କଂଗ୍ରେସ ଦଳର ପ୍ରାଥମିକ ସଦସ୍ୟତା ନେବା ସହ ମହାତ୍ମା ଗାନ୍ଧୀଙ୍କ ଲବଣ ସତ୍ୟାଗ୍ରହରେ ଯୋଗଦାନ କରିଥିଲେ । ଏହି ଠାରୁ ଆରମ୍ଭ ହୋଇଥିଲା ତାଙ୍କର ସ୍ୱାଧୀନତା ସଂଗ୍ରାମର ଯାତ୍ରା । ତାଙ୍କ ଜୀବନରେ ଏଭଳି ଅନେକ ଉଦାହରଣ ରହିଛି ଯାହା ଆଜି ବି ସମସ୍ତଙ୍କ ପାଇଁ ପ୍ରେରଣା ସାଜିଥାଏ । ଏହି ପ୍ରେରଣାଦାୟୀ ମହିଳା ୮୭ ବର୍ଷ ବୟସରେ ୧୯୯୬ ମସିହା ୨୯ ଜୁଲାଇରେ ପରଲୋକ ଗମନ କରିଥିଲେ । ତାଙ୍କ ମୃତ୍ୟୁରେ ଭାରତୀୟ ରାଜନୀତିରେ ଏକ ଅପୂରଣୀୟ କ୍ଷତି ସୃଷ୍ଟି ହୋଇଥିଲା ।

### ଇତିହାସ

୧୮୯୯– ନ୍ୟୁୟର୍କରେ ପ୍ରଥମ ବାଇକ୍ ରେସ୍ ଆୟୋଜିତ ।

୧୯୪୯– ରେଡିଓରେ ବ୍ରିଟିଶ୍ ବ୍ରଡ୍‌କାଷ୍ଟିଂ କର୍ପୋରେସନ୍‌ର ପ୍ରସାରଣ ।

୧୯୫୭– ୟୁଏନ୍ ଦ୍ୱାରା ଅନ୍ତର୍ଜାତୀୟ ପରମାଣୁ ଊର୍ଜା ଏଜେନ୍ସି ବା ଆଇଏଇଏ ଗଠିତ ।

୧୯୮୦– ମସ୍କୋ ଅଲମ୍ପିକ୍‌ରେ ହକି ପାଇଁ ଭାରତକୁ ସ୍ୱର୍ଣ୍ଣ ପଦକ ।

୧୯୮୩– ପ୍ରଥମ ମାନବବିହୀନ ବିମାନର ପରୀକ୍ଷଣ ।

୨୦୦୦– ସୀମା ଭଦୋରିଆ ୩୩୯୦ କିଲୋ ଓଜନର ବିମାନକୁ ଦାନ୍ତରେ ଭିଡିଲେ ।

୨୦୦୬– ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ରେ ୬୨୪ ରନ୍ କରି ଶ୍ରୀଲଙ୍କା ବ୍ୟାଟ୍ସମ୍ୟାନ୍ ମାହେଲା ଜୟବର୍ଦ୍ଧନ ଓ କୁମାର ସାଙ୍ଗାକାରାଙ୍କ ବିଶ୍ୱ ରେକର୍ଡ ।

୨୦୧୩– ଫ୍ରାନ୍ସରେ କାନ୍ସସ୍ଥିତ ଏକ ହୋଟଲ୍‌ରେ ୧୦.୩ କୋଟି ୟୁରୋର ହୀରା ଚୋରି ।

## ଅନ୍ତର୍ଜାତୀୟ ବାଘ ଦିବସ

ପ୍ରତିବର୍ଷ ଜୁଲାଇ ୨୯ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ବାଘ ଦିବସ । ଉକ୍ତ ଦିବସର ମୁଖ୍ୟ ଉଦ୍ଦେଶ୍ୟ ସାରା ବିଶ୍ୱରେ ବାଘ ସଂଖ୍ୟାକୁ ବଢ଼ାଇବା । ସେମାନଙ୍କ ସହ ହେଉଥିବା ବିଭିନ୍ନ ଅନ୍ୟାୟ ଓ ଅତ୍ୟାଚାର ସମ୍ପର୍କରେ ଜନସାଧାରଣରେ ସଚେତନତା ସୃଷ୍ଟି କରିବା । ୧୯୭୩ରେ ଭାରତ ଆରମ୍ଭ କରିଥିବା ପ୍ରୋଜେକ୍ଟ ଟାଇଗର ବିଶ୍ୱରେ ବାଘ ସଂଖ୍ୟା ବଢ଼ାଇବାରେ ବିଶେଷଭାବେ ସହାୟକ ହୋଇଥିଲା । ଏହି ପ୍ରୋଜେକ୍ଟ ଅଧୀନରେ ଅନେକ ବାଘ ରିଜର୍ଭର ନିର୍ମାଣ କରାଯାଇଥିଲା । ଡବ୍ଲୁଡବ୍ଲୁଏଫ୍‌ର ରିପୋର୍ଟ ଅନୁସାରେ ବାଘ ହେଉଛି ଆମ ପୃଥିବୀରେ ଥିବା ସମସ୍ତ ଜୀବଙ୍କ ଭିତରେ ବେଶ ମୂଲ୍ୟବାନ । ବିଂଶ ଶତାବ୍ଦୀ ସୁଦ୍ଧା ଏହି ବଂଶର ପାଖାପାଖି ୯୫ ପ୍ରତିଶତ ଲୋପ ପାଇସାରିଲାଣି । ତେଣୁ ବାଘ ବଂଶକୁ ରକ୍ଷା କରିବା ବର୍ତ୍ତମାନ ଆବଶ୍ୟକ ହୋଇ ପଡିଛି। ଏହି ଦିନ ବିଭିନ୍ନ ଅନୁଷ୍ଠାନରେ କାର୍ଯ୍ୟକ୍ରମ ଜରିଆରେ ବାଘଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥାଏ ।



### ସୋସିଆଲ କୋଟ୍ସ



“ପୁଅ ଜନ୍ମର ତିନିଦିନ ମଧ୍ୟରେ ସୁଟିଂ ସେଟକୁ ଫେରିଥିଲି । ସେତେବେଳେ ‘କ୍ୟୁଁ କି ସାସ୍ ଭି କଭି ବହୁ ଥି’ ଧାରାବାହିକର ବହୁତ କ୍ରେଜ ଥିଲା । ସେଥିପାଇଁ ଜଲଦି କାମକୁ ଫେରିବାକୁ ପଡିଥିଲା ।

ସ୍ମୃତି ଇରାନୀ, ରାଜନେତ୍ରୀ ତଥା ଅଭିନେତ୍ରୀ



“ଦୁନିଆର ସବୁଠାରୁ ବଡ ଖୁସି ମୋତେ ମିଳିଛି । ବାପା ହେବା ପରେ ମୋ ଜୀବନ ହିଁ ବଦଳି ଯାଇଛି । ଆଗକୁ ପରିବାରକୁ ଖୁବ ଅଧିକ ସମୟ ଦେବାକୁ ଚାହୁଁଛି ।

ବିନୀତ କୁମାର, ଅଭିନେତା




“ଶେଫାଲୀ ମୁଁ ତୁମକୁ ଖୁବ ଅଧିକ ମିସ୍ କରୁଛି । ସିମ୍ବା ସବୁବେଳେ ତୁମର ସ୍ମୃତିକୁ ମନେପକାଉଛି । ମୁଁ ଏବଂ ସେ ତୁମକୁ ଖୁବ ମିସ୍ କରୁଛୁ ।

ପରାଗ ତ୍ୟାଗୀ, ଅଭିନେତା

## କୁକୁଟାସନ

ଏହି ଯୋଗଟିକୁ କରିବା ପାଇଁ ସର୍ବପ୍ରଥମେ ଯୋଗମ୍ୟାଟ୍‌ରେ ପଦ୍ମାସନ ପୋଜ୍‌ରେ ବସନ୍ତୁ । ଏହାପରେ ଜଙ୍ଘ ମଧ୍ୟରେ ହାତ ଦୁଇଟିକୁ ପଶାନ୍ତୁ । ବର୍ତ୍ତମାନ ହାତକୁ ତଳେ ଭରା ଦେଇ ଧୀରେ ଧୀରେ ଚଟାଣରୁ ଉପରକୁ ଉଠିବାକୁ ଚେଷ୍ଟା କରନ୍ତୁ । ଏହି ପୋଜ୍‌ରେ କିଛି ସମୟ ରହି ପୁନଶ୍ଚ ପୂର୍ବାବସ୍ଥାକୁ ଫେରିଆସନ୍ତୁ ।



**ଉପକାର**

- ରକ୍ତ ସଞ୍ଚାଳନକୁ ଉନ୍ନତ କରିବ ।
- ପାଚନ ପ୍ରକ୍ରିୟାକୁ ସୁଦୃଢ଼ କରିବ ।
- ବାଲାନ୍ସ ଓ ଷ୍ଟାବିଲିଟି କ୍ଷମତାକୁ ମଜଭୁତ କରିବ ।
- ହୃତପିଣ୍ଡକୁ ସୁସ୍ଥ ରଖିବ ।



## ଉପକାରୀ ଜାଇଫଳ

ଭାରତୀୟ ମସଲାରେ ଜାଇଫଳର ବ୍ୟବହାର ଖୁବ ଅଧିକ ହୋଇଥାଏ । ଏହା ଖାଦ୍ୟର ସ୍ୱାଦ ବଢାଇବାରେ ଖୁବ ଅଧିକ ସହାୟକ ହୋଇଥାଏ ଜାଇଫଳ । ତେବେ କେବଳ ସ୍ୱାଦ ନୁହେଁ ଆମର ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଏହା ଦରକାରୀ । ଜାଇଫଳରେ ଏଭଳି ଅନେକ ଗୁଣ ରହିଛି ଯାହା ଆମର ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହୋଇଥାଏ । ଜାଇଫଳରେ ମ୍ୟାଗନେସିୟମ, ମାଙ୍ଗାନିଜ୍ ଓ କପରର ମାତ୍ରା ଖୁବ ଅଧିକ ଥାଏ ଯେଉଁ କାରଣରୁ ଏହା ବିଶେଷଭାବେ ମହିଳାଙ୍କ ପାଇଁ ଦରକାରୀ ହୋଇଥାଏ । ଏହା ଏକ ମୁଡ୍ ଲିଫ୍ଟର ବା ମାନସିକ ସ୍ୱାସ୍ଥ୍ୟକୁ ଠିକ୍ କରିବାରେ କାର୍ଯ୍ୟ କରିଥାଏ । ଜାଇଫଳକୁ ଖୀର ସହ ମିଶାଇ ଖାଇଲେ ଏହା ଆମ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭ ଦାୟକ ହୋଇଥାଏ । ଆଙ୍ଗଜାଇଟି, ଡିପ୍ରେସ୍ ଭଳି ରୋଗକ ଏହା ଭଲ କରିଥାଏ । ସେହିଭଳି ଏହା ଝିଅମାନଙ୍କର ଋତୁସ୍ରାବ ଜନିତ କଷ୍ଟ ସମୟରେ ବି କାମରେ ଆସିଥାଏ । ଜାଇଫଳକୁ ନିଜ ଖାଦ୍ୟରେ ସାମିଲ କରିବା ଦ୍ୱାରା ଏହି ସମୟରେ ହେଉଥିବା କଷ୍ଟ ଯନ୍ତ୍ରଣା ଦୂର ହୋଇଥାଏ । ସେହିଭଳି ଏହା ଆମର ନିଦ ପାଇଁ ମଧ୍ୟ ଲାଭ ଦାୟକ ହୋଇଥାଏ । ଯଦି ଆପଣଙ୍କର ନିଦ ସମସ୍ୟା ରହିଛି ତେବେ ଖୀର ଓ ଚା'ରେ ଜାଇଫଳ ମିଶାଇ ପିଅନ୍ତୁ । ଏହାଦ୍ୱାରା ନିଦ ଠିକ୍ ହୋଇଥାଏ । ଜାଇଫଳ ଆମର ପେଟ ଯନ୍ତ୍ରଣା ପାଇଁ ମଧ୍ୟ ଖୁବ ଲାଭ ଦାୟକ ହୋଇଥାଏ । ଏହା ଆମର ହଜମ ଶକ୍ତି ବଢାଇଥାଏ, ପାଚନ ତନ୍ତ୍ରକୁ ଭଲ ରଖିଥାଏ ।

## ଠାକୁରଙ୍କ ମୂର୍ତ୍ତି ନେଉଛନ୍ତି ନିଃଶ୍ୱାସ !

ସୋସିଆଲ ମିଡିଆରେ ଅନେକ ସମୟରେ ବିଭିନ୍ନ ଅଜବ ଅଜବ ଭିଡିଓ ସାମନାକୁ ଆସିଥାଏ । ସେହିଭଳି ଏକ ଭିଡିଓ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ଦେଖିବାକୁ ମିଳିଛି ଏକ ମନ୍ଦିରରେ ଥିବା ଭଗବାନ ଶ୍ରୀକୃଷ୍ଣଙ୍କ ମୂର୍ତ୍ତିରେ ଡାକ୍ତର ଷ୍ଟେଥୋସ୍କୋପ ଲଗାଇ ଟେଷ୍ଟ କରୁଛନ୍ତି । ଡାକ୍ତର ଜଣଙ୍କ ଭଗବାନ ଶ୍ରୀକୃଷ୍ଣଙ୍କର ହାର୍ଟବିଟ୍ ଚେକ କରୁଥିବାନେଇ ଭିଡିଓରେ ଦର୍ଶାଯାଇଛି । ଜଣେ ଭକ୍ତ ଭଗବାନ ଶ୍ରୀକୃଷ୍ଣଙ୍କର ହାର୍ଟବିଟ୍ ଶୁଣିଥିବାନେଇ ପ୍ରକାଶ କରିବାପରେ ସେମାନେ ଡାକ୍ତରଙ୍କୁ ଡାକିଥିଲେ, ଯିଏ ଏହାକୁ ଚେକ୍ କରିପାରିବେ । ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଏହି ଭିଡିଓରେ ବିଭିନ୍ନ ପ୍ରକାର ମତ ପ୍ରକାଶ ପାଇବାରେ ଲାଗିଛି । କିଛି ଲୋକ ଏଥିରେ ଆଶ୍ଚର୍ଯ୍ୟପ୍ରକାଶ କରୁଥିବାବେଳେ କିଛି ଏହାକୁ ସମାଲୋଚନା କରୁଥିବାର ଦେଖିବାକୁ ମିଳିଛି ।





## ଭିଗାନ୍ ଲେଦର

ଲେଦର ପ୍ରଚଳନ କାହିଁ କେଉଁ କାଳରୁ ରହିଆସିଛି । ଏହାକୁ ସବୁଠାରୁ ଶକ୍ତିଶାଳୀ ପାରମ୍ପରିକ ମେଟେରିଆଲ ଭାବେ ପରିଗଣିତ କରାଯାଇଥାଏ । ହେଲେ ଏହି ଲେଦର ପଛର କାହାଣୀ ବେଶ କ୍ରୁର, ଏଥିପାଇଁ ଅନେକ ପଶୁଙ୍କର ଜୀବନ ଯାଇଥାଏ । ବର୍ତ୍ତମାନ ଷ୍ଟାଇଲ୍ ଓ ଫ୍ୟାଶନ୍‌ରେ ପରିବର୍ତ୍ତନ ଆସିଛି । ଏବେ ସମସ୍ତେ ପଶୁଜାତ ଦ୍ରବ୍ୟ ବ୍ୟବହାର କରିବାରୁ ନିବୃତ୍ତ ରହୁଛନ୍ତି, ତେଣୁ ଲେଦର ସ୍ଥାନ ନେଇଛି ଭିଗାନ୍ ଲେଦର । ଭିଗାନ୍ ଲେଦରକୁ ଲେଦରର ରିପ୍ଲେସମେଣ୍ଟ ଭାବେ ବ୍ୟବହାର କରାଯାଉଛି । ତେବେ ଏହା ଲେଦର ଠାରୁ କିଛି ବିଶେଷ ଅଲଗା ନୁହେଁ । ଏହା ଦେଖିବାକୁ ଅବିକଳ ଲେଦର ଭଳି ହୋଇଥିବାବେଳେ ଛୁଇଁଲେ ମଧ୍ୟ ଲେଦର ଭଳି ଫିଲ ହୋଇଥାଏ । ଏହାକୁ ବିଭିନ୍ନ ଉଦ୍ଭିଦଜାତ ପଦାର୍ଥରୁ ପ୍ରସ୍ତୁତ କରାଯାଇଥାଏ । ଏହା ବର୍ତ୍ତମାନ ଧୀରେଧୀରେ ମାର୍କେଟରେ ଟ୍ରେଣ୍ଡ୍ ହେବାରେ ଲାଗିଛି । ବିଭିନ୍ନ ଫ୍ୟଶନ୍ ବ୍ରାଣ୍ଡ୍ ମାନେ ଏହାର ପ୍ରଡକ୍ଟ ବିକ୍ରି କରିବାରେ ଲାଗିଛନ୍ତି ।



## ଡେଟିଂକୁ ନେଇ ଖବର ସତ ନା ଗୁଜବ

ଆଲୋଚନା ଅନୁସାରେ ଫାତିମା ସନା ଶୈଖ ବିଜୟ ବର୍ମାଙ୍କୁ ଡେଟ୍ କରୁଛନ୍ତି । ତେବେ ଏନେଇ ଉଭୟ କୌଣସି ମନ୍ତବ୍ୟ ଦେଇନଥିବାବେଳେ ଫାତିମାଙ୍କର ଏକ ଫଟୋ ବର୍ତ୍ତମାନ ଖୁବ ଭାଇରାଲ ହେବାରେ ଲାଗିଛି । ଏହି ଫଟୋରେ ଫାତିମାଙ୍କୁ ତମ୍ମନାଙ୍କ ସହିତ ଦେଖିବାକୁ ମିଳିଛି, ଯାହା ଫ୍ୟାନଙ୍କୁ ଟିକେ ଅଡୁଆ ଲାଗିଛି । ତମ୍ମନା ଓ ବିଜୟ ବର୍ମାଙ୍କର କିଛି ମାସ ତଳେ ବ୍ରେକଅପ ହୋଇଥିଲା । ଉଭୟଙ୍କର ସମ୍ପର୍କ ଖୁବ ଆଗକୁ ଯାଇଥିଲା, କଥା ବିବାହ ପାଇଁ ଭାଙ୍ଗିଥିବା ଆଲୋଚନା ହେଉଥିଲା । ଉଭୟ ନିଜ ରିଲେସନକୁ ଅଫିସିଆଲ ମଧ୍ୟ କରିଥିଲେ । ହେଲେ ସୂଚନାନୁସାରେ ତମନ୍ନା ବିବାହ କରିବାକୁ ଚାହୁଁଥିବାବେଳେ ବିଜୟ କିନ୍ତୁ ଚାହୁଁନଥିଲେ । ଯେଉଁ କାରଣରୁ ଉଭୟଙ୍କର ବ୍ରେକଅପ ହୋଇଥିବାନେଇ ସୂଚନା ରହିଛି । ତେବେ ବର୍ତ୍ତମାନ ବିଜୟଙ୍କ ନାଁ ଫାତିମାଙ୍କ ସହ ଯୋଡା ଯାଉଛି । ତେଣୁ ଫାତିମା ଓ ତମ୍ମନାଙ୍କୁ ଏକାଠି ଦେଖି ଫ୍ୟାନ୍‌ଟିକେ ଅଡୁଆରେ ଅଛନ୍ତି । ବର୍ତ୍ତମାନ ଫ୍ୟାନ୍‌ମାନେ ଫାତିମା ଓ ବିଜୟଙ୍କ ଡେଟିଂ ଖବରକୁ ଗୁଜବ କହିବା ଆରମ୍ଭ କଲେଣି ।

## ୩୪୦ ମିଲିଅନ ବର୍ଷର ସାର୍କ ଦାନ୍ତ

ଅନେକ ସମୟରେ ପ୍ରତ୍ନତତ୍ତ୍ୱବିଦ୍‌ଙ୍କୁ ବିଭିନ୍ନ ପ୍ରକାରର ଏଭଳି ସାମଗ୍ରୀ ମିଳିଥାଏ ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥାଏ । ନିକଟରେ ଆମେରିକାରେ ଥିବା କେଣ୍ଟୁକି ମାମୋଥ୍ କେଭ୍ ନ୍ୟାସନାଲ ପାର୍କରେ ପାଖାପାଖି ୩୪୦ ମିଲିଅନ ବର୍ଷ ପୁରୁଣା ସାର୍କ ଦାନ୍ତ ମିଳିଛି । ଏହାକୁ ନେଇ ବୈଜ୍ଞାନିକମାନେ ନିଜ ଗବେଷଣା ଜାରି ରଖିଛନ୍ତି । ଏହା ସେହିସମୟର ସାମୁଦ୍ରିକ ପ୍ରାଣୀଙ୍କ ସମ୍ପର୍କରେ ଅଧିକ ତଥ୍ୟ ଜାଣିବା ପାଇଁ ଖୁବ ସହାୟକ ହେବ ବୋଲି ଜଣା ପଡିଛି । ଏହି ଆବିଷ୍କାର ସେମାନଙ୍କର ଗବେଷଣାକୁ ଆହୁରି ସହଜ କରିବ ବୋଲି ସେମାନେ ପ୍ରକାଶ କରିଛନ୍ତି । ଏହି ପ୍ରଜାତିର ନାମ ମାକାଡେନ୍ସ ଓଲାସୋନି । ଏହି ଜୀବାଶ୍ମ ପ୍ରାଚୀନ ସାମୁଦ୍ରିକ ପ୍ରାଣୀଙ୍କ ଉପରେ ଅଧିକ ତଥ୍ୟ ହାସଲରେ ଖୁବ ସହାୟକ ହେବ ବୋଲି ଜଣା ପଡିଛି । ଏହି ପ୍ରଜାତି ନିଜର ୟୁନିକ୍ ଦାନ୍ତ ପାଇଁ ଖୁବ ପରିଚିତ ।



## ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ପ୍ରଦର୍ଶନରେ ଆସିବ ବିଶେଷ ଉନ୍ନତି

# ରାଜ୍ୟ ସରକାର ଦେବେ "ରାଜ୍ୟ ପଞ୍ଚାୟତ ପୁରସ୍କାର'

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ପ୍ରଗତିରେ ଯୋଡି ହେବ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ । ରାଜ୍ୟରେ ପଞ୍ଚାୟତିରାଜ ବ୍ୟବସ୍ଥାରେ ଉନ୍ନତ ପ୍ରଦର୍ଶନକୁ ଅଭିପ୍ରେରିତ କରିବା ସହ ଆହୁରି ସୁଯୋଗ ସୃଷ୍ଟି କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯିବ "ରାଜ୍ୟ ପଞ୍ଚାୟତ ପୁରସ୍କାର' । ସେଥିପାଇଁ ୯ଟି ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ୧୨୯ଟି ପୁରସ୍କାର ଦିଆଯିବ । ରାଜ୍ୟ ସରକାରଙ୍କ ତରଫରୁ ୪ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି । ଏହି ପଦକ୍ଷେପ ସମୃଦ୍ଧ ଓଡ଼ିଶା ଗଠନ ଦିଗରେ ଏକ ବଳିଷ୍ଠ ଉଦ୍ୟମ ସାବ୍ୟସ୍ତ ହେବ ।

ଏହି ସମ୍ପର୍କରେ ପଞ୍ଚାୟତିରାଜ ଓ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ରାଜ୍ୟ ପଞ୍ଚାୟତ ପୁରସ୍କାର ବିଷୟରେ ସବିଶେଷ ତଥ୍ୟ ରଖିଛନ୍ତି । ପଞ୍ଚାୟତ ଆଡଭାନ୍ସ ଇଣ୍ଡେକ୍ସ ସ୍କୋରରେ ପ୍ରଦର୍ଶନ ଅନୁଯାୟୀ ୯ଟି ଥିମ୍ ଯଥା : ମନରେଗା, ସ୍ୱଚ୍ଛତା-ବାହ୍ୟ ମଳମୁକ୍ତ, ଜଳ ଜୀବନ ମିଶନ, ସୁଶାସନ, ଦକ୍ଷତା ବିକାଶ, ଆୟ ସ୍ରୋତ ବୃଦ୍ଧି, ଅନଲାଇନ ଅଡିଟ, ଉନ୍ନତ ଜିପିଡିପିଏସ୍,



ଇଜିଏସ୍ ପୋର୍ଟାଲରେ ଗ୍ରାମ ପଞ୍ଚାୟତର ତଥ୍ୟ ଅଦ୍ୟତନ ଆଦି କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଏହି ପୁରସ୍କାର ସବୁ ଦିଆଯିବ । ଚାରୋଟି ବର୍ଗରେ ପୁରସ୍କାରଗୁଡ଼ିକ ରାଜ୍ୟ ସ୍ତର, ଜିଲ୍ଲା ସ୍ତର, ବ୍ଲକ ସ୍ତର ଓ ସଂସ୍ଥାଗତ ସ୍ତରରେ ପ୍ରଦାନ କରାଯିବ ।

ରାଜ୍ୟସ୍ତରରେ ଯୋଗ୍ୟ ବିବେଚିତ ଗ୍ରାମ ପଞ୍ଚାୟତଗୁଡିକୁ ପ୍ରଥମ ସ୍ଥାନ ପାଇଁ ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ଲାଗି ୧୦ ଲକ୍ଷ, ତୃତୀୟ ସ୍ଥାନ ନିମନ୍ତେ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ । ଯୋଗ୍ୟ ବିବେଚିତ ପଞ୍ଚାୟତ ସମିତିଗୁଡିକୁ ମଧ୍ୟ ପ୍ରଥମ ସ୍ଥାନ ଲାଗି ୧୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୧୦ ଲକ୍ଷ, ତୃତୀୟ ସ୍ଥାନ ନିମନ୍ତେ ୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ । ଯୋଗ୍ୟ ବିବେଚିତ ଜିଲ୍ଲା ପରିଷଦ ଗୁଡିକୁ ପ୍ରଥମ ସ୍ଥାନ ଲାଗି ୨୫ ଲକ୍ଷ, ଦ୍ୱିତୀୟ ସ୍ଥାନ ପାଇଁ ୨୦ ଲକ୍ଷ, ତୃତୀୟ ସ୍ଥାନ ନିମନ୍ତେ ୧୫ ଲକ୍ଷ ଅର୍ଥରାଶି ପ୍ରଦାନ କରାଯିବ । ସେହିଭଳି ୯ଟି ଥିମ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଁ ଯଥାକ୍ରମେ ୫ ଲକ୍ଷ, ୩ ଲକ୍ଷ ଓ ୨ ଲକ୍ଷ ଟଙ୍କା ସହିତ ସର୍ବମୋଟ ୨୭ ଟି ପୁରସ୍କାର ପ୍ରଦାନ କରାଯିବ।

ସେହିଭଳି ଜିଲ୍ଲା ସ୍ତରରେ ପ୍ରଥମ ସ୍ଥାନ ପାଇଁ ୩ ଲକ୍ଷ ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୨ ଲକ୍ଷ ଟଙ୍କା, ତୃତୀୟ ସ୍ଥାନ ନିମନ୍ତେ ୧ ଲକ୍ଷ ଅର୍ଥ ରାଶି ସର୍ବମୋଟ ୯୦ଟି ପୁରସ୍କାର ପ୍ରଦାନ କରାଯିବ । ବ୍ଲକସ୍ତରୀୟ ପୁରସ୍କାରରେ ପ୍ରଶଂସାପତ୍ର ପ୍ରଦାନ କରାଯିବ ।

ଏହି ଅର୍ଥରାଶି ସାମଗ୍ରିକ ଭିତ୍ତିଭୂମିର ବିକାଶ, ସ୍ୱାସ୍ଥ୍ୟ ଶିବିର ଆୟୋଜନ, ଡିଜିଟାଲ ଓ ସାର୍ବଜନୀନ ଲାଇବ୍ରେରୀ, ସ୍ୱତନ୍ତ୍ର ଦିବସ ପାଳନ, ଅଙ୍ଗନବାଡ଼ି କେନ୍ଦ୍ରର ମରାମତି ଓ ପୁନଃନବୀକରଣ, ଶିଶୁମାନଙ୍କ ପାଇଁ ବିନୋଦନ ସୁବିଧା, ଦିବ୍ୟାଙ୍ଗଜନଙ୍କ ବିକାଶ, ସୂଚନା, ଶିକ୍ଷା, ସଞ୍ଚାର ଆଦି କ୍ଷେତ୍ରରେ ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ମତପ୍ରକାଶ କରିଛନ୍ତି ।

- ରାଜ୍ୟ, ଜିଲ୍ଲା, ବ୍ଲକ ଓ ସଂସ୍ଥାଗତ ସ୍ତରରେ ୪ ବର୍ଗରେ ପରସ୍କାର
- ୯ ଥିମ୍ ଓ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଦିଆଯିବ ୧୨୯ ପୁରସ୍କାର
- ସମସ୍ତ ପୁରସ୍କାର ପାଇଁ ସରକାରଙ୍କ ତରଫରୁ ୪ କୋଟିର ବ୍ୟବସ୍ଥା

## ଉଦିତ୍ ପ୍ରଧାନ କ୍ଷେତ୍ରରେ କଂଗ୍ରେସ ଏବଂ ଅମରେଶଙ୍କ କ୍ଷେତ୍ରରେ ବିଜେଡି ମୁଖିଆ ନୀରବ କାହିଁକି ?: ସୁକେଶୀ

ଭୁବନେଶ୍ୱର, (ସବ୍ୟୁ): ବିଜେପି ସରକାର ମହିଳାମାନଙ୍କ ପ୍ରତି ସମ୍ବେଦନଶୀଳ ସରକାର, ମହିଳାମାନଙ୍କ ପାଇଁ ସମର୍ପିତ ସରକାର। ମହିଳା ସୁରକ୍ଷା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ବିଜେପି ସରକାର ଶକ୍ତ, ତ୍ୱରିତ ଏବଂ ସଚେତନଧର୍ମୀ ପଦକ୍ଷେପ ଗ୍ରହଣ କରୁଛନ୍ତି। ଅପରାଧୀ ଦଣ୍ଡିତ ହେଉଛନ୍ତି। ଅନ୍ୟ ପଟେ ଅପରାଧୀମାନେ ଆତଙ୍କିତ ଓ ଭୟଭୀତ ହୋଇ ପଡିଛନ୍ତି। ବିଜେଡି ଶାସନ କାଳରେ ପୀଡିତାମାନେ ଅଭିଯୋଗ କରିବାକୁ ଭୟ କରୁଥିଲେ। କାର୍ଯ୍ୟାନୁଷ୍ଠାନ ତ ଦୂରର କଥା, ତାଙ୍କ ଅଭିଯୋଗ ଶୁଣିବାକୁ ସରକାରଙ୍କ ଆଗ୍ରହ ନଥିଲା କି ସମୟ ମଧ୍ୟ ନଥିଲା। ସେହି କାରଣରୁ ଅନେକ ପୀଡିତା ଜୀବନ ହରାଇଥିଲେ। ରାଜ୍ୟର ମାଁ ଓ ଭଉଣୀମାନଙ୍କୁ ନ୍ୟାୟ ଓ ସମ୍ମାନ ଦେବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୁଶ୍ରୀ




ଓରାମ କହିଛନ୍ତି ଯେ, ଗତ କିଛି ଦିନ ଧରି ଉଭୟ କଂଗ୍ରେସ ଏବଂ ବିଜେଡି ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ, ଧାରଣା, ବିକ୍ଷୋଭ, କ୍ୟାଣ୍ଡେଲ ଶୋଭାଯାତ୍ରା, ଦୀପ ଦାନ, ଲୋକସେବା ଭବନ ଘେରାଓ, ଓଡିଶା ବନ୍ଦ କରିବାର ରାଜନୈତିକ ସୁଆଙ୍ଗ କରୁଥିବାର ଆମେ ସମସ୍ତେ ଦେଖୁଛୁ। ଓଡିଶା ବନ୍ଦ କାରଣରୁ ପ୍ରାୟ ୧୫୦୦ କୋଟି ଟଙ୍କାର କ୍ଷତି ହୋଇଛି। ନିଜ ଅତୀତର ଅପକର୍ମ ଓ କୁକର୍ମକୁ ଜନମାନସରୁ ଦୁରେଇ ରଖିବା ପାଇଁ କଂଗ୍ରେସ ଓ ବିଜେଡି କରିଥିଲେ। ତାହେଲେ ମହିଳା ଦୁଷ୍କର୍ମରେ ଅଭିଯୁକ୍ତ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଏବଂ ବିଏମସି କର୍ପୋରେଟର ତଥା ବିଜେଡି ନେତା ଅମରେଶ ଜେନାଙ୍କ କ୍ଷେତ୍ରରେ ରାଜରାସ୍ତାରେ ଓହ୍ଲାଉ ନାହାନ୍ତି କାହିଁକି ।।ବୋଲି ସେ ପ୍ରଶ୍ନ କରତିଛନ୍ତି ।

## ଆପୋଲୋ ହସ୍‌ପିଟାଲ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ

ଭୁବନେଶ୍ୱର, (ସବ୍ୟୁ): ପ୍ରତିବର୍ଷ ବିଶ୍ୱ ହେପାଟାଇଟିସ୍ ଦିବସ ୨୮ ଜୁଲାଇରେ ପାଳିତ ହୁଏ । ଏହାକୁ ଆଖିଆଗରେ ରଖି ଭୁବନେଶ୍ୱରଆପୋଲୋ ହସ୍‌ପିଟାଲ ପକ୍ଷରୁ ବିଶ୍ୱ ହେପାଟାଇଟିସ୍ ଦିବସ ହସ୍‌ପିଟାଲର ମେନ୍ ବ୍ଲକ୍ ଲବି ପରିସରରେ ପାଳିତ ହୋଇଯାଇଛି । ସମସ୍ତେ ସଚେତନ ହୋଇ ସକ୍ରିୟ ଭାଇରାଲ୍ ହେପାଟାଇଟିସ୍ ବିରୁଦ୍ଧରେ କାର୍ଯ୍ୟ କରିବା ଆବଶ୍ୟକ । ଯକୃତ ହେଉଛି ଚର୍ମ ପରେ ଶରୀରର ଦ୍ୱିତୀୟ ବୃହତମ ଅଙ୍ଗ । ଗ୍ଲୁକୋଜ୍, ଚର୍ବି, ପ୍ରୋଟିନ୍ ଉତ୍ପାଦନ ଏବଂ ବ୍ୟବହାର, ରକ୍ତ ଜମାଟ ବାନ୍ଧିବା, ବିଷାକ୍ତ ବର୍ଜ୍ୟବସ୍ତୁ ଦୂର କରିବା ସହ ସଂକ୍ରମଣ ପ୍ରତିରୋଧ ପରି ମୌଳିକ କାର୍ଯ୍ୟ ଯକୃତ କରିଥାଏ । ଏହାର ସୁରକ୍ଷା କରିବା ନିତ୍ୟାନ୍ତ ଆବଶ୍ୟକ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଚିହ୍ନଟ ହୋଇ ଚିକିତ୍ସା କରାଗଲେ ରୋଗୀଟି ଆରୋଗ୍ୟ ଲାଭ କରିଥାଏ ବୋଲି ଆପୋଲୋ ହସପିଟାଲର ଗ୍ୟାଷ୍ଟ୍ରୋଲୋଜି ଏବଂ ହେପାଟୋଲୋଜି ବିଭାଗର ବରିଷ୍ଠ ଡାକ୍ତର ସୁଶାନ୍ତ ସେଠୀ କହିଥିଲେ । ଦୂଷିତ ପାଣି ଦୂଷିତ ଖାଦ୍ୟ ଦ୍ୱାରା ହେପାଟାଇଟସ୍ ବ୍ୟାପିଥାଏ । ଗୁରୁତର କ୍ଷେତ୍ରରେ ଏହା ସ୍କାରିଂ, ସିରୋସିସ୍



କିମ୍ବା ଯକୃତ କର୍କଟ ପରି ମାରାତ୍ମକ ରୋଗ ସୃଷ୍ଟି କରିପାରେ । ବର୍ଷବର୍ଷ ଧରି ଥିବା କ୍ରନିକ୍ ମାମଲାରେ ଫ୍ୟାଟି ଲିଭର୍ ରୋଗ ଏବଂ ହେପାଟାଇଟିସ୍ ବି ଏବଂ ସି ହେଉଛି ମୁଖ୍ୟ ଅବସ୍ଥା ଯାହା ମଦ୍ୟପାନ ଯୋଗୁଁ ହୋଇଥାଏ । ରକ୍ତ ପରୀକ୍ଷା (ଏଫଆଇବି-୪) ଏବଂ ସୋନୋଗ୍ରାଫି ମାଧ୍ୟମରେ ପ୍ରାରମ୍ଭିକ ଯକୃତ ରୋଗ ଚିହ୍ନଟ କରିପାରିବା । ପର୍ଯ୍ୟାପ୍ତ ପରିମାଣରେ ପନିପରିବା ଏବଂ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଗ୍ରହଣ କରିବା ଦ୍ୱାରା ଆପଣଙ୍କ ଶରୀର ପ୍ରାକୃତିକ ଭାବରେ ପରିଷ୍କାର କରିହୁଏ ବୋଲି ହସ୍‌ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ଶ୍ରୀମାନ୍ ନାରାୟଣ ମିଶ୍ର କହିଛନ୍ତି । ଏଥିସହିତ ସମସ୍ତେ ସଚେତନ ହେବାକୁ ସେ ପରାମର୍ଶ ଦେଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ହସ୍‌ପିଟାଲର ରୋଗୀ, ସେମାନଙ୍କ ଆଟେନାଣ୍ଟ, ଡାକ୍ତର ଓ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ହେଲେ ଡିସ୍‌ଚାର୍ଜ

କଟକ, (ସବ୍ୟୁ): ଏସସିବି ମେଡିକାଲରୁ ବାଲେଶ୍ୱର ଏଫଏମ କଲେଜ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳ ଡିସ୍ଚାର୍ଜ ହୋଇଛନ୍ତି । ସୋମବାର ଜ୍ୟୋତିଙ୍କ ପରୀକ୍ଷା ନିରୀକ୍ଷା କରାଯିବା ସହ ଉଚ୍ଚସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପରେ ଅପରାହ୍ନ ସମୟରେ ଡିସଚାର୍ଜ କରାଯାଇଛି । ବିଭାଗୀୟ ମୁଖ୍ୟ ପ୍ରଫେସର ଡା.ବିଭୂତି ଭୂଷଣ ନାୟକ ସୂଚନାଅନୁଯାୟୀ, ଜ୍ୟୋତିପ୍ରକାଶ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଫେରିଛନ୍ତି । ଏହାସହ ଆସନ୍ତା ୧୫ ଦିନ ପରେ ସେ ମେଡିକାଲ ଆସି ସ୍ୱାସ୍ଥ୍ୟ ପରୀକ୍ଷା କରାଇବେ ଏବଂ ତାଙ୍କୁ ସମସ୍ତ ଔଷଧ ଓ ଖାଦ୍ୟପେୟ ସମ୍ପର୍କରେ କୁହାଯାଇଥିବା ଡା. ନାୟକ କହିଛନ୍ତି । ଅନ୍ୟପଟେ ଜ୍ୟୋତି ପ୍ରକାଶ ଏସ୍‌ସିବିରୁ ଡିସଚାର୍ଜ ହେବା ପରେ କହିଛନ୍ତି ଯେ, ବାଲେଶ୍ୱର ଘଟଣା ସମ୍ପର୍କରେ କିଛି କହିବାକୁ ଚାହୁଁନି, କିନ୍ତୁ ଏସ୍‌ସିବିରେ ସମସ୍ତ ଚିକିତ୍ସା ମିଳିଛି ଏବଂ ସମସ୍ତେ ସହଯୋଗ କରିଛନ୍ତି ବୋଲି ଜ୍ୟୋତି କହିଛନ୍ତି ।

ସୂଚନାଥାଉକି, ଜୁଲାଇ ୧୨ ତାରିଖରେ ଏଫ୍‌ଏମ୍ କଲେଜରେ ଛାତ୍ରୀ ସୌମ୍ୟାଶ୍ରୀ ବିଶି କଲେଜରେ ଆତ୍ମାହୁତି ଦେବା ବେଳେ ଉଦ୍ଧାର କରିବାକୁ ଯାଇ ଜ୍ୟୋତି ଗୁରୁତର ଆହତ ହୋଇଥିଲେ । ଉକ୍ତ ଅଘଟଣରେ ତାଙ୍କ ଶରୀରର କିଛି ଅଂଶ ପୋଡ଼ି ଯାଇଥିଲା । ଜ୍ୟୋତିଙ୍କୁ ଉଦ୍ଧାର କରାଯାଇ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମେ ଭର୍ତ୍ତି କରାଯାଇଥିଲା ସେଠାରୁ ତାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା । ଏସ୍‌ସିବିର ବର୍ଣ୍ଣ ଆଇସିୟୁରେ ଜ୍ୟୋତି ପ୍ରକାଶଙ୍କ ଚିକିତ୍ସା ଚାଲିଥିବାବେଳେ ପ୍ଲାଷ୍ଟିକ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୁତି ଭୂଷଣ ନାୟକଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଟିମ୍ ତାଙ୍କ ଚିକିତ୍ସାରେ ନିୟୋଜିତ ରହିଥିଲେ । ଏସ୍‌ସିବିରେ ଜ୍ୟୋତି ପ୍ରକା ଶଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିବା ପରେ ରାଜ୍ୟସରକାରଙ୍କ ନିର୍ଦ୍ଦେଶକ୍ରମେ ମେଡିକାଲରେ କ୍ରାଇମବ୍ରାଞ୍ଚର ଟିମ୍ ଜ୍ୟୋତି ପ୍ରକାଶଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା । ଏସ୍‌ସିବିରେ ଦୀର୍ଘ ୧୫ ଦିନ ଚିକିତ୍ସା ହେବା ପରେ ସୁସ୍ଥ ହୋଇ ବାପା ମାଆଙ୍କ ସହ ଘରକୁ ଫେରିଛନ୍ତି ଜ୍ୟୋତି ପ୍ରକାଶ ।

### ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଯୋଗଦେଲେ ଅମ୍ରିତ୍ ଋତୁରାଜ

## ଲୋକଙ୍କ ଆସ୍ଥା ବିଶ୍ୱାସ ସୃଷ୍ଟି କରିବା ପ୍ରଥମ ଲକ୍ଷ୍ୟ

ଖୋର୍ଦ୍ଧା, (ସବ୍ୟୁ) ୨୦୧୫ବ୍ୟାଚ ଆଇଏଏସ ଅମ୍ରିତ୍ ଋତୁରାଜ ଖୋର୍ଦ୍ଧା ଜିଲ୍ଲାପାଳ ଭାବେ ଯୋଗଦାନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ରବିନାରାୟଣ ସେନାପତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ନୂତନ ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଜିଲ୍ଲାପାଳ କହିଥିଲେ ଯେ ସରକାରଙ୍କର ବିଭିନ୍ନ ଉନ୍ନତି ମୂଳକ ଯୋଜନାର ସଫଳ ରୂପାୟନ ଏଜେଣ୍ଡା ଜିଲ୍ଲାରେ କାର୍ଯ୍ୟକାରିତା, ଲୋକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ କରି ପ୍ରଶାସନ ଓ ସରକାରଙ୍କ ଉପରେ ଲୋକମାନଙ୍କ ଅସ୍ଥା ବିଶ୍ୱାସ ସୃଷ୍ଟି କରିବା, ଜମିଜମା ସମସ୍ୟା ସମାଧାନ, ଖୋର୍ଦ୍ଧା ଶିଳ୍ପାଂଚଳ ହବ୍ ର ପରିକଳ୍ପନା ଓ କୃଷି ଓ ଆନୁସଙ୍ଗିକ କୃଷି ଭିତିକ ଉନ୍ନତି ଦିଗରେ ସେ ପ୍ରାଥମିକତା ପ୍ରଦାନ କରିବେ। ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ ଏହା ପୂର୍ବରୁ କନ୍ଧମାଳ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବାବେଳେ ଜିଲ୍ଲାପାଳ କେନ୍ଦ୍ରାପଡ଼ା ଏବଂ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଦକ୍ଷତାର ସହିତ ସୁଚାରୁରୂପେ ନିଜ କର୍ତବ୍ୟ ସମ୍ପାଦନ କରିଛନ୍ତି।

## କୁଟୁମ୍ବ ପେନସନ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

ଭୁବନେଶ୍ୱର (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୪ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସରେ ରାଜ୍ୟର ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଲାଗି କୁଟୁମ୍ବ ପେନସନ ଘୋଷଣା କରିଥିଲେ। ସେହି ଘୋଷଣାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ସରକାରଙ୍କ ପାଖରେ ଦାବି କରାଯାଇଛି। ଅଖିଳ ଭାରତ ସ୍ୱାଧୀନତା ସଂଗ୍ରାମୀ ଓ ଉତ୍ତରଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀଙ୍କ ସହ ସଂଗଠନର ୩ ଜଣ କର୍ମକର୍ତ୍ତା କୁଳମଣି ରାଉତ, ଶିବନାରାୟଣ ମିଶ୍ର ଓ ଶରତ ଚନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠକୁ ଯାଇ ଦାବିପତ୍ର ପ୍ରଦାନ କରିଛନ୍ତି।

ସୋମବାର ଉତ୍ତରଦାୟାଦ ସଂଗଠନର କାର୍ଯ୍ୟକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କୁ ପ୍ରଦାନ କରିଥିଲେ। ଶ୍ରୀ ସାହୁ ଏହାକୁ ଗ୍ରହଣ କରି ତୁରନ୍ତ



କାର୍ଯ୍ୟାନୁଷ୍ଠାନ ଲାଗି ଅର୍ଥ ବିଭାଗକୁ ପଠାଇଛନ୍ତି ।

## ଏମ୍ସରେ ମହିଳା ଆଟେଣ୍ଡାଣ୍ଟଙ୍କୁ ଅସଦାଚରଣ : ମୁଖ୍ୟ ଫାଟକରେ ଧାରଣା

ଭୁବନେଶ୍ୱର, (ସବ୍ୟୁ) : ଏମ୍ସରେ ଜଣେ ମହିଳା ଆଟେନାଣ୍ଟଙ୍କୁ ରବିବାର ରାତି ପ୍ରାୟ ସାଢ଼େ ୧ଟା ବେଳେ ଅସଦାଚରଣ ହୋଇଥିବା ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି । ଏହାର ପ୍ରତିବାଦରେ ଆଟେନାଣ୍ଟ ମାନେ ଏମ୍ସ ମୁଖ୍ୟ ଫାଟକରେ ଧାରଣାରେ ବସିଛନ୍ତି ।

ରବିବାର ରାତିରେ ଡ୍ୟୁଟିରେ ଥିବା ଜଣେ ମହିଳା ଆଟେନାଣ୍ଟଙ୍କୁ ମାନବାନନ୍ଦ ଚୌଧୁରୀ ତାଙ୍କ ଚ୍ୟାମ୍ବରକୁ ଡାକି




ଟଣାଓଟରା କରିଥିଲେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି । ଭୟରେ ଆଟେନାଣ୍ଟ ସେଠାରୁ ଖସିଆସି ସେହି ଚ୍ୟାମ୍ବରର ବାହାରପଟୁ କବାଟ ଦେଇଥିବା କହିଛନ୍ତି । ଏ ସମ୍ପର୍କରେ ସେ ଏମ୍ସ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେବାରେ ବିଳମ୍ବ ହେବାରୁ ଥାନାରେ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି । ଅଭିଯୁକ୍ତ କର୍ମଚାରୀ ଫେରାର ଥିବା କୁହାଯାଉଛି । ଅଭିଯୁକ୍ତକୁ ତୁରନ୍ତ ଗିରଫ କରି ନ୍ୟାୟ ପ୍ରଦାନ ଦାବିରେ ଆଟେନାଣ୍ଟମାନେ ଧାରଣାରେ ବସିଛନ୍ତି । ଅଭିଯୁକ୍ତ ଉପରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପୋଲିସ କହିଛି ।

ଏମ୍ସ ଭଳି ହସ୍ପିଟାଲରେ ଏପରି ଘଟଣାକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି । ଶିକ୍ଷାନୁଷ୍ଠାନରେ ଏହିପରି ଘଟଣାକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ହେଉଥିବାବେଳେ ଡାକ୍ତରଖାନାରେ ରୋଗୀଙ୍କ ସେବାରେ ନିୟୋଜିତ ଥିବା କର୍ମଚାରୀ ଧର୍ତ୍ତବ୍ୟ ଅପରାଧ କରୁଛନ୍ତି । ନାରୀ ସୁରକ୍ଷାକୁ ନେଇ ସରକାର ତତ୍ପର ଥିବାବେଳେ ଗୋଟିଏ ପରେ ଗୋଟିଏ ଘଟଣାକୁ ନେଇ ଚର୍ଚ୍ଚା ହେଉଛି ।

## ବଢୁଛି ବନ୍ଧୁକ କାରବାର: ନିର୍ଦ୍ଦିଷ୍ଟ ଗ୍ୟାଙ୍ଗ୍ ଉପରେ ପୋଲିସର ନଜର

କଟକ, (ସବ୍ୟୁ) : ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରାଠାରେ ହେଉଥିବା ବେଆଇନ୍ ବନ୍ଧୁକ ବ୍ୟବସାୟକୁ ଗତକାଲି କମିଶନରେଟ୍ ପୁଲିସ ପର୍ଦ୍ଦାଫାସ କରିବା ପରେ କଟକରେ ଚଢ଼ଉ ଜୋରଦାର କରାଯାଉଛି । ବିହାରର ମୁଙ୍ଗେର୍ ଠାରୁ ଅତ୍ୟାଧୁନିକ ପିସ୍ତଲ୍, ମାଉଜର ଓ ଅନ୍ୟାନ୍ୟ ବନ୍ଧୁକ ଯନ୍ତ୍ରାଂଶ ସହିତ ଗୁଳି ଆଣି ଯୋବ୍ରାରେ ବିକ୍ରି ହେଉଥିଲା । ଏହି ବେଆଇନ ବନ୍ଧୁକ କାରବାର କରୁଥିବା ନନ୍ଦ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡକୁ ପୁଲିସ ଗତକାଲି ଗିରଫ କରିଛି । ତେବେ ଏହି ବନ୍ଧୁକ ସିଣ୍ଡିକେଟ୍‌କୁ ସମ୍ପୂର୍ଣ୍ଣ ଭାବେ ମୂଳପୋଛ କରିବାକୁ କମିଶନରେଟ୍ ପୁଲିସ ଚଢ଼ଉ ଜୋରଦାର୍ କରିଛି ବୋଲି ଏସିପି ଅରୁଣ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି । ମହାନଗରରେ ବଢି ଚାଲିଛି ଚୋରା ବନ୍ଧୁକ କାରବାର । ଡି-ବ୍ରଦର୍ସର ସହଯୋଗୀମାନେ ବେଶ କିଛି ବର୍ଷ କଟକ ସହରରେ ଚୋରା ବନ୍ଧୁକ କାରବାର କରିଥିଲେ । ପୁଲିସର ଧରପଗଡ଼ ପରେ ବହୁମାତ୍ରାରେ ଏହି ଗ୍ୟାଙ୍ଗର ଚୋରା କାରବାର କମିଯାଇଥିଲା । ସେମାନଙ୍କ ସାମ୍ରାଜ୍ୟ ଧୂଳିସାତ୍ ହେବା ପରେ ଗ୍ୟାଙ୍ଗଷ୍ଟାର୍ ସକିଲ୍‌ର ସହଯୋଗୀ ଚୋରା ବନ୍ଧୁକ ସିଣ୍ଡିକେଟ୍ ଚଳାଉଥିବା କମିଶନରେଟ୍ ପୁଲିସ ଜାଣିବାକୁ ପାଇଥିଲା । ନିକଟରେ ବିଡ଼ାନାସୀ ପୁଲିସ ହାତରେ କୃଷକ ବଜାର ଅଞ୍ଚଳର ବିଟୁ ଓରଫ ଦିନେଶ କୁମାର ଗିରି ଗିରଫ ହେବା ପରେ ପୁଲିସ ସାରା ସହରରେ ଧରପଗଡ଼ ଆରମ୍ଭ କରିଥିଲା । କିନ୍ତୁ ପରବର୍ତ୍ତି ପର୍ଯ୍ୟାୟରେ ଏହି ଚଢ଼ଉ ବନ୍ଦ ହୋଇଯାଇଥିଲା । ଗତକାଲି 'ନନ୍ଦ ଗ୍ୟାଙ୍ଗ'ର ମୁଖ୍ୟ ଗିରଫ ହେବା ପରେ ଏହି ବନ୍ଧୁକ ର୍‌ୟାକେଟ୍ ଚଢ଼ଉ ଅଭିଯାନକୁ ପୁଲିସ ଜୋରଦାର କରଥିବା ଜଣାପଡ଼ିଛି । ଉଭୟ ଦେଶୀ ଓ ବିଦେଶୀ ମାଉଜରର ଚୋରା କାରବାରକୁ ରୋକିବା ପାଇଁ ଥାନାଓ୍ୱାରୀ ସ୍ୱତନ୍ତ୍ର ଡ୍ରାଇଭ୍ କରାଯାଉଛି ।

ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, କଟକ ସହର ଏବଂ ଏହାର ଆଖପାଖ ଜିଲ୍ଲାରେ ଏବେ ଅପରାଧ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଅପରାଧୀମାନେ ଗ୍ୟାଙ୍ଗ ଗଢି ସଂଗଠିତ ଅପରାଧ ଘଟାଉଛନ୍ତି । ବିଶେଷକରି ବନ୍ଧୁକ ମୁନରେ ଲୁଟ୍, ଦାଦାବଟି ଆଦାୟ ଓ ଧମକ ଚମକ ଦେବା ଭଳି ଅପରାଧ ନିତିଦିନିଆ ଘଟଣାରେ ପରିଣତ ହୋଇଛି । ତେବେ ଅପରାଧୀ ମାନେ ଖୁବ୍ ସହଜରେ ଚୋରାରେ ବନ୍ଧୁକ ପାଇପାରୁ ଥିବାରୁ ସେମାନେ ଅପରାଧ ଘଟାଇବାରେ ସଫଳ ହେଉଛନ୍ତି । ଚୋରା ବନ୍ଧୁକ କାରବାର ରୋକିବା ଉପରେ କମିଶନରେଟ ପୁଲିସ ଏବେ ଗୁରୁତ୍ୱ ଦେଉଛି । ଗତକାଲି ଗିରଫ ହୋଇଥିବା ଅଭିଯୁକ୍ତ ନନ୍ଦ ରାଓ ଜଣେ ପେସାଦାର ଅପରାଧୀ । ପୂର୍ବରୁ ତା' ନାଁରେ ଦାଦାବଟି, ଡକାୟତି, ହତ୍ୟା ଉଦ୍ୟମ ଭଳି ୧୪ଟି ସଂଗୀନ ମାମଲା ମଙ୍ଗଳାବାଗ, ମର୍କତନଗର, ମାଲଗୋଦାମ ଥାନରେ ରହିଛି ।

## ଯୁବତୀଙ୍କ ଆତ୍ମହତ୍ୟା

ଚୌଦ୍ୱାର(ସ.ବ୍ୟୁ.) : ଚୌଦ୍ୱାର ପୌରପାଳିକାର ୬ନମ୍ବର ୱାର୍ଡ଼ ଅନ୍ତର୍ଗତ ମୁଣ୍ଡମାଳ ଗ୍ରାମର ମଠସାହିରେ ଜଣେ ଯୁବତୀ ନିଜ ଶୋଇବା ଘରେ ପଙ୍ଖାରେ ଲୁଗା ସାହାଯ୍ୟରେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି । ଖବର ପାଇ ଚୌଦ୍ୱାର ପୁଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଜାରି ରଖିଥିବା ବେଳେ ଯୁବତୀ ଜଣକ ମଠସାହିର ବିଷ୍ଣୁ ପାତ୍ରଙ୍କ ଝିଅ ଖୁସି ପାତ୍ର ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତାଙ୍କ ଶୋଇବା ଖଟ ଉପରେ ଏକ ସୁଇସାଇଡ୍ ନୋଟ୍ ପୁଲିସ୍ ଜବତ କରିବା ସହ ମୃତଦେହକୁ ଶବବ୍ୟବେଚ୍ଛଦ ନିମନ୍ତେ କଟକ ବଡ଼ଡାକ୍ତରଖାନା ପଠାଇ ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି । ତେବେ ଯୁବତୀଙ୍କ ଆତ୍ମହତ୍ୟାର କାରଣ ଜଣାପଡ଼ିନଥିବା ବେଳେ ଶବବ୍ୟବେଚ୍ଛଦ ରିପୋର୍ଟ ଏବଂ ସୁଇସାଇଡ୍ ନୋଟ୍‌ର ଯାଂଚ୍ ପରେ ସବୁ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି ।

### ନିଶା କାରବାର କରୁଥିବା ଦୋକାନୀଙ୍କ ଉପରେ ପୋଲିସ ଚଢ଼ାଉ

# ପୁଳାପୁଳା ନିଶା ଓ ସାମଗ୍ରୀ ଜବତ

ଭୁବନେଶ୍ୱର, (ସବ୍ୟୁ) : ନିଶା କାରବାରକୁ ନେଇ କମିଶନରେଟ ପୋଲିସ ପକ୍ଷରୁ ରାଜଧାନୀ ଉପକଣ୍ଠ ତମାଣ୍ଡୋ, ପାତ୍ରପଡ଼ା, ସିଜୁଆ, ଧର୍ମବିହାର ଆଦି ଅଞ୍ଚଳରେ ରବିବାର ଚଢ଼ାଉ କରାଯାଇଛି । ନିଶା କାରବାର କରୁଥିବା ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖିବା ସହ ସେମାନଙ୍କ ନିକଟରୁ ବିପୁଳ ପରିମାଣର ଗଞ୍ଜେଇ, ଗଞ୍ଜେଇ ସିଗାରେଟ, ସିଗାରେଟ ଖୋଳ, ଚିଲମ ଓ ଅନ୍ୟାନ୍ୟ ବହୁ ସାମଗ୍ରୀ ଜବତ କରିଛି ।

ରାଜଧାନୀର ବିଭିନ୍ନ ଅଞ୍ଚଳରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ଖୁଲମଖୁଲା ବିକ୍ରି ହେଉଛି । ପୂର୍ବରୁ ଜୟଦେବ ବିହାର, ସୈନିକ ସ୍କୁଲ-ଆଚାର୍ଯ୍ୟ ବିହାର ରାସ୍ତା ପାର୍ଶ୍ୱରେ ଚଢ଼ାଉ କରାଯାଇ ବିପୁଳ ପରିମାଣର ନିଶାଦ୍ରବ୍ୟ ଜବତ କରାଯିବା ସାଙ୍ଗକୁ ବହୁ ବ୍ୟବସାୟୀଙ୍କୁ ଗିରଫ କରାଯାଇଥିଲା । ସେହିପରି ରବିବାର ତମାଣ୍ଡୋ, ପାତ୍ରପଡ଼ା, ସିଜୁଆ, ଧର୍ମବିହାର ଆଦି ଅଞ୍ଚଳରେ ଚଢ଼ାଉ କରାଯାଇ ନିଶାଦ୍ରବ୍ୟ ଜବତ କରାଯାଇଛି । କୋଡ଼୍‌ଓ୍ୱାଡ୍‌ରେ ଦୋକାନୀମାନେ ଗଞ୍ଜେଇ ସିଗାରେଟ ଦେଉଛନ୍ତି । ଗୋଗୋ, ଚାମ୍ପି, ସ୍ପେଶାଲ ସିଗାରେଟ ଆଦି ନାଁରେ ଗ୍ରାହକମାନେ ଗଞ୍ଜେଇ ସିଗାରେଟ ମାଗୁଛନ୍ତି । ପୁଳାପୁଳା ଗଞ୍ଜେଇ ରଖି ୫୦ରୁ ୨୦୦ ଟଙ୍କା ଲେଖାଏଁ ପୁଡ଼ିଆ କରି ବିକ୍ରି କରାଯାଉଛି । ଚନ୍ଦ୍ରଶେଖରପୁର, ଖଣ୍ଡଗିରି, ପୁରୁଣା ଭୁବନେଶ୍ୱର, ଆଚାର୍ଯ୍ୟ ବିହାର, ଜୟଦେବ ବିହାର, ରସୁଲଗଡ଼ ପ୍ରଭୃତି ଛୋଟ ଛୋଟ ଦୋକାନମାନଙ୍କରେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ବିକ୍ରି ହେଉଛି । ପାତ୍ରପଡ଼ାର ଜଣେ ବ୍ୟବସାୟୀଙ୍କ କହିବା ଅନୁଯାୟୀ ସେ ଗଞ୍ଜେଇ ଓ ଗଞ୍ଜେଇ ସିଗାରେଟ ବିକି ୫/୬ ଥର ଜେଲ୍ ଗଲେଣି, ପୁଣି ଜେଲ ଯିବେ । ତାଙ୍କ କହିବା ଅର୍ଥ ମୁଁ ଚୋରା ନିଶା କାରବାର କରୁଛି ମାନେ ଜେଲ୍ ଯିବା ସ୍ୱାଭାବିକ ଘଟଣା । ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂଙ୍କ କହିବା ଅନୁଯାୟୀ ଆଗକୁ ଚଢ଼ାଉ ଜୋରଦାର ହେବ । ସେଥିପାଇଁ ବ୍ୟବସାୟୀମାନେ ସଚେତନ ହେବା ଜରୁରୀ ।

ଖୋଲାରେ ଗଞ୍ଜେଇ ବିକ୍ରି କରୁଥିବା ବ୍ୟବସାୟୀଙ୍କୁ ପୋଲିସ ଗିରଫ କରୁଛି । ସେମାନଙ୍କୁ ଯୋଗାଉଥିବା ହୋଲ୍‌ସେଲରମାନଙ୍କୁ ପୋଲିସ କାଁ ଭାଁ ଗିରଫ କରୁଛି । ବିଭିନ୍ନ ଉପାୟରେ ସେମାନେ ଫୁଲବାଣୀ ପ୍ରଭୃତି ଜିଲ୍ଲାରୁ ଗଞ୍ଜେଇ ରାଜଧାନୀକୁ ଚାଲାଣ କରୁଛନ୍ତି । ସେମାନଙ୍କ ଉପରେ କଡ଼ା ଅଙ୍କୁଶ ଲାଗିଲେ ହୁଏତ ଗଞ୍ଜେଇ ଚାଲାଣ ରୋକି ହୁଅନ୍ତା । ଏହା ତ ଗଲା ଚୋରା ନିଶା କାରବାର କଥା । ସରକାରୀ ଭାଙ୍ଗ ଦୋକାନରେ ଖୁଲମଖୁଲା ଗଞ୍ଜେଇ ବିକ୍ରି ହେଉଛି । ସେଠାରେ ଅବକାରୀ କିମ୍ବା ପୋଲିସ ଚଢ଼ାଉ କରିବାର ନାଁ ଧରୁନି । ସେମାନେ ମଧ୍ୟ ଭାଙ୍ଗ ଦୋକାନରେ ଚୋରାରେ ଗଞ୍ଜେଇ ବିକ୍ରି କରୁଛନ୍ତି । ସେହି ଦୋକାନ ଉପରେ ଚଢ଼ାଉ କରାଗଲେ ଚୋରା ନିଶା କାରବାର ରୋକାଯାଇପରିବ ବୋଲି କୁହାଯାଉଛି । କାରଣ ସେମାନଙ୍କୁ ଚୋରାରେ ଗଞ୍ଜେଇ ହୋଲ୍‌ସେଲିଂ କରୁଥିବା ମାଫିଆମାନେ ଗଞ୍ଜେଇ ଯୋଗାଉଛନ୍ତି । ସରକାରୀ ଭାବେ ଗଞ୍ଜେଇ ସେମାନେ କିଣୁ ନଥିବା ସ୍ପଷ୍ଟ ହେଉଛି ।

# ଛାତ୍ରୀଙ୍କୁ ଅସଦାଚରଣ ଭିଡ଼ିଓ ଭାଇରାଲ ପରେ ଶିକ୍ଷକ ନିଲମ୍ବିତ

ବେତନଟୀ, (ସବ୍ୟୁ) : ଛାତ୍ରୀଙ୍କୁ ଅସଦାଚରଣ । ଜଣେ ଅଧେ ନୁହେଁ ବରଂ ୭/୮ ଜଣ ଛାତ୍ରୀଙ୍କୁ ଗେଲ କରିବା ବାହାନାରେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଆଉ ଏହି ଘଟଣାରେ ଜଣେ ସ୍କୁଲ ଶିକ୍ଷକ କାର୍ଯ୍ୟରୁ ନିଲମ୍ବିତ ହୋଇଛନ୍ତି । ଏହିପରି ଏକ ଲଜ୍ୟା ଜନନ ଘଟଣା ଆସିଛି ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ଗୋଟିଏ ସରକାରୀ ବିଦ୍ୟାଳୟ ପରିସରରେ । ମୟୂରଭଞ୍ଜ ଜିଲ୍ଲାର ବେତନଟୀ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ପାଟଳିପୁରା ପଞ୍ଚାୟତର ପ୍ରତିମାଦେଇପୁର ସରକାରୀ ଉପ୍ରା ବିଦ୍ୟାଳୟ ଏଭଳି ଅଭାବନୀୟ ଲଜ୍ଜାଜନକ ଘଟଣା ଘଟିଛି । ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀଙ୍କ ଲିଖିତ ଅଭିଯୋଗ ଏବଂ ଏକ ଭାଇରାଲ ଭିଡିଓକୁ ଆଧାର କରି ବେତନଟୀ ବ୍ଲକ (ବିଇଓ) ବ୍ଲକ ଶିକ୍ଷାଧିକାରୀ ଅଭିଯୁକ୍ତ ଶିକ୍ଷକ ପ୍ରମୋଦ କୁମାର ମହାନ୍ତଙ୍କୁ ନିଲମ୍ବନ କରିଛନ୍ତି । ବ୍ଲକ ଶିକ୍ଷାଧିକାରୀଙ୍କ କହିବା ମୁତାବକ ଶିକ୍ଷକ ଜଣଙ୍କ ଛାତ୍ରୀଙ୍କୁ ଗେଲ କରିବା ବାହାନାରେ କୁନି କୁନି ପିଲାଙ୍କୁ ଯୌନ ଶୋଷଣ କରିଥିବା ନେଇ ଅଭିଯୋଗ ହୋଇଛି ଏବଂ ଏକ ଭିଡିଓ ମଧ୍ୟ ଭାଇରାଲ ହୋଇଥିଲା ଯାହାକୁ ଦେଖି ସେ ତୁରନ୍ତ ଏହିପରି ପଦକ୍ଷେପ ନେଇଛନ୍ତି ଏବଂ ଏକ କମିଟି ଗଠନ କରି ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ରିପୋର୍ଟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବେ ବୋଲି କହିଛନ୍ତି । ପୂର୍ବରୁ ମଧ୍ୟ ଶିକ୍ଷକ ଙ୍କ ନାମରେ ଏହିପରି ଅଭିଯୋଗ ଥିବା ଜଣାପଡିଛି । ତେବେ ଏହି ଘଟଣା ଜୁଲାଇ ୨୧ ତାରିଖରୁ ହୋଇଥିବା ଜଣାପଡିଛି । ଶିକ୍ଷକଙ୍କ ବିରୋଧରେ ଅଭିଯୋଗ ପରେ ବେତନଟୀ ବ୍ଲକ ଶିକ୍ଷାଧିକାରୀ ଅଭିଯୁକ୍ତ ଶିକ୍ଷକଙ୍କୁ ଜୁଲାଇ ୨୧ରେ ନିଲମ୍ବନ କରିଥିଲେ ବି ଗଣମାଧ୍ୟମରୁ ଲୁଚାଇ ରଖାଯାଇଥିଲା । ଏପରିକି ବର୍ତ୍ତମାନ ପର୍ଯ୍ୟନ୍ତ ଥାନାରେ ଅଭିଯୁକ୍ତ ଶିକ୍ଷକଙ୍କ ନାଁରେ ମାମଲା ହୋଇନଥିବା ହୋଇନାହିଁ । ପ୍ରାପ୍ତ ସୂଚନା ମୁତାବକ ଉକ୍ତ ଶିକ୍ଷକ ଜଣକ ତେନ୍ତୁଳି ଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ୨୦୧୮ ବର୍ଷରେ କୁନି ଛାତ୍ରୀଙ୍କୁ ଅସଦାଚରଣ କରି ବିପୁଳ ମାଡ଼ ଖାଇ ଗିରଫ ହେବା ସହ ଚାକିରିରୁ ମଧ୍ୟ ନିଲମ୍ବନ ହୋଇଥିବା ବେଳେ ଅନ୍ୟ ବିଦ୍ୟାଳୟ ମାନଙ୍କରେ ମଧ୍ୟ ଏହି ଭଳି ଘଟଣାରେ ମାଡ଼ ଖାଇ ବଦଳି ମଧ୍ୟ ହୋଇଥିଲେ । ଏହିପରି ଅଶାଳୀନ ବ୍ୟକ୍ତି ତଥା ଶିକ୍ଷକ ନାମରେ କଳଙ୍କ ଥିବା ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିବା ପାଇଁ ଅଭିଭାବକ ଏବଂ ବୁଦ୍ଧିଜୀବୀ ମହଲରେ କ୍ଷୋଭ ପ୍ରକାଶ ପାଇଛି ।

## ପ୍ରଧାନମନ୍ତ୍ରୀଙ୍କ ମନ କି ବାତ୍ କାର୍ଯ୍ୟକ୍ରମ

ନିମାପଡା,(ସବ୍ୟୁ): ରବିବାର ନିମାପଡା ଏନ୍ଏସି ଅଂଚଳରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନକୀବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏନ୍ଏସିର ୨ଟି ସ୍ଥାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଯୋଗ ଦେଇଥିଲେ। ଏନ୍ଏସିର ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନକୀ ବାତ୍ କାର୍ଯ୍ୟକ୍ରମ ପ୍ରସାରଣ ବଡ ଏଲଇଡି ପରଦାରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ସାମିଲ ହୋଇ ଶୁଣିଥିଲେ। ଏହି କାର୍ଯ୍ୟକ୍ରମରେ ସାଂସଦଙ୍କ ଏନ୍ଏସି ପ୍ରତିନିଧି ମୀନଲତା ମହାନ୍ତି,କାଉନସିଲର ନିରଂଜନ ନାୟକ,କବିତା ତରାଇ,ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା,ପୂର୍ବତନ କାଉନସିଲର ସନ୍ତୋଷ ଓଝାଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଯୁବ ସାମ୍ବାଦିକ ନବୀନ ଦାଶଙ୍କ ପରଲୋକ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁରର ଜଣାଶୁଣା ଯୁବ ସାମ୍ବାଦିକ ନବୀନ ଦାଶ(୪୨)ଙ୍କ ପରଲୋକ ହୋଇଯାଇଛି। ଏହି ଖବର ଜଣାପଡିବା ପରେ ଜିଲ୍ଲାରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ଶେଷ ଦର୍ଶନ ପାଇଁ ଭିମସାର, କୁଲୁଥକାନୀ ସ୍ଥିତ ବାସଭବନ ଓ ରାଜଘାଟରେ ବହୁ ସ୍ଥାନୀୟ ଲୋକ, ବୁଦ୍ଧିଜୀବୀ, ରାଜନେତା, ସମାଜସେବୀ ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ ଜମିଥିଲା। ଅପରାହ୍ନରେ ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି। ଏକମାତ୍ର ପୁତ୍ର ବିକାଶ ଦାଶ ମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ, ସାମ୍ବାଦିକ ନବୀନ ନିଜ ପନୀ ନିରୁପମା ଦାଶଙ୍କ ସହ ଜମନକିରା ମୁକ୍ତେଶ୍ୱର ମନ୍ଦିରକୁ ଖବର ସଂଗ୍ରହ ପାଇଁ ଗତ ୧୯ତାରିଖ ମଧ୍ୟାହ୍ନରେ ଯାଇଥିଲେ। ମୁକ୍ତେଶ୍ୱର ବାବାଙ୍କ ଦର୍ଶନ ଓ ଖବର ସଂଗ୍ରହ ପରେ ନିଜ ବାଇକ ଗାଡି ନମ୍ବର(ଓଡି୧୫ୟୁ-୦୮୯୯) ଯୋଗେ ଫେରୁଥିବା ବେଳେ



୫୩ ନମ୍ବର ଜାତୀୟ ରାଜପଥରେ ଅପରାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଗୌଡପାଲି ଫାଣ୍ଡି ଅନ୍ତର୍ଗତ ପତରଫଡି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ବାଇକ ଗାଡି ନମ୍ବର( ଓଡି୧୭ଏଡି-୮୯୦୫) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ସପନୀଙ୍କ ସହ ନବୀନ ଓ ବରଗଡ ଜିଲ୍ଲା ଅମ୍ବାବନା ବ୍ଲକର ଶାନ୍ତନୁ ଭୋଇ ଓ ସରୋଜ ବୁଡେକ ଗୁରୁତର ଆହତ ହୋଇଥିଲେ। ତେବେ ଚିକିତ୍ସାଧିନ ଅବସ୍ଥାରେ ପ୍ରଥମେ ସରୋଜଙ୍କ ମୃତ୍ୟୁ ହୋଇଥିଲା। ନବୀନ ଗୁରୁତର ଅବସ୍ଥାରେ ଭିମସାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ତେବେ ଦୁର୍ଘଟଣାର ୯ଦିନ ପରେ ମଧ୍ୟ ତାଙ୍କର ଚେତା ଫେରିନଥିଲା। ରବିବାର ପୂର୍ବାହ୍ନ ୧୧ଟା୧୫ରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁ ହୋଇଯାଇଛି। ସେ ବାପା ପ୍ରହଲ୍ଲାଦ, ମାଆ ସୁରେଶ୍ୱରୀ, ଧର୍ମପନୀ ନିରୁପମା ଓ ୫ମ ଶ୍ରେଣୀ ପଢୁଥିବା ନାବାଳକ ପୁଅ ବିକାଶକୁ ଛାଡି ଯାଇଛନ୍ତି।

# ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆଇଡି ହ୍ୟାକ୍

ଭୁବନେଶ୍ୱର(ସବ୍ୟୁ): ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆଇଡି ଓ୍ୱେବସାଇଟ ହ୍ୟାକ୍ ହୋଇଥିବା ଘଟଣା ସାମ୍ନାକୁ ଆସିଛି । କେହି ଦୁର୍ବୃତ୍ତ ଓ୍ୱେବସାଇଟକୁ ହ୍ୟାକ୍ କରି ଦେଇଥିବା ଦେଖିବାକୁ ମିଳିଛି । ଉଚ୍ଚଶିକ୍ଷା ବିଭାଗ ଏହି ଘଟଣାକୁ ଗୁରୁତର ଭାବେ ଗ୍ରହଣ କରିବା ସହ ଏହି ସମ୍ବନ୍ଧୀୟ ଏକ ଏଫ୍ଆଇଆର୍ ଦାଖଲ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ଉଚ୍ଚ ଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ଆକାଉଣ୍ଟ ହ୍ୟାକ୍ ହୋଇଥିବା ଅଭିଯୋଗ ହୋଇଥିଲା । ପେଜରେ କେହି ଅଶ୍ଳୀଳ ଭିଡିଓ ଅପଲୋଡ୍ କରି ଦେଇଥିବା ଜଣାପଡ଼ିଛି । ମାତ୍ର କିଛି ସମୟ ପରେ ଉଚ୍ଚଶିକ୍ଷା ବିଭାଗର ଇନଷ୍ଟାଗ୍ରାମ ପୂର୍ବଭଳି ଠିକ୍ ହୋଇ ଯାଇଥିଲା । ତେବେ କେମିତି ଏହି ଆକାଉଣ୍ଟ ହ୍ୟାକ୍ ହେଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଉଚ୍ଚଶିକ୍ଷା ବିଭାଗର ଇନ୍ଷଟାଗ୍ରାମ୍ ଆକାଉଣ୍ଟ ଆଜି ସକାଳେ କିଛି ସମୟ ପାଇଁ ହ୍ୟାକ୍ ହୋଇଥିବାର ଜଣାପଡିଛି । ବିଭାଗର କାର୍ଯ୍ୟକଳାପ ସହ ସମ୍ପୃକ୍ତ ନଥିବା କିଛି ପୋଷ୍ଟ ଇନ୍ଷଟାଗ୍ରାମ୍ ଆକାଉଣ୍ଟରେ ଅପଲୋଡ୍ ହୋଇଥିଲା । ଉକ୍ତ ଘଟଣାଟି ବିଭାଗର ନଜରକୁ ଆସିବା ପରେ, ଇନ୍ଷଟାଗ୍ରାମ୍ ଆକାଉଣ୍ଟକୁ ପୁନରୁଦ୍ଧାର କରିବା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଥିଲା । ଉଚ୍ଚଶିକ୍ଷା ବିଭାଗ ତରଫରୁ ଇନ୍ଷଟାଗ୍ରାମ୍ ଆକାଉଣ୍ଟକୁ ପୁନରୁଦ୍ଧାର କରାଯିବା ସହିତ ବିଭାଗ ସହ ସମ୍ପୃକ୍ତ ନଥିବା ପୋଷ୍ଟଗୁଡ଼ିକୁ ହଟାଇ ଦିଆଯାଇଛି ।

## ବିପଜ୍ଜନକ ବୁଲେଟ ଗାଡି ଚାଳନା ପଡ଼ିଲା ମହଙ୍ଗା

# ୧୬ ହଜାର ଟଙ୍କା ଜରିମାନା କଲେ କଟକ ଆରଟିଓ

କଟକ,(ସବ୍ୟୁ): ବୁଲେଟ ଧରି ବିପଜ୍ଜନକ ଭାବେ ଗାଡି ଚଳାଇବା ପଡ଼ିଛି ମହଙ୍ଗା । ସେଥିପାଇଁ ୧୬ ହଜାର ଟଙ୍କା ତଣ୍ଡ ଦେବାକୁ ପଡ଼ିବ ଗାଡି ମାଲିକଙ୍କୁ। ବୁଲେଟର ତେଲ ଟାଙ୍କୀ ଉପରେ ପତ୍ନୀଙ୍କୁ ବସାଇ ସ୍ୱାମୀ ଚଲାଉଥିଲେ ଗାଡି। ମୋବାଇଲ୍‌ରେ ପତ୍ନୀ କରୁଥିଲେ ରିଲ୍ସ । ଏହି ଭିଡିଓ ଚାରିଆଡେ ଭାଇରାଲ ହୋଇଗଲା। ବିପଦପୂର୍ଣ୍ଣ ଭାବେ ସଡ଼କରେ ଗାଡ଼ି ଚଲାଇବାକୁ ନେଇ ଜନୈକ ବ୍ୟକ୍ତି ଏହି ଭିଡିଓକୁ କଟକ ଜିଲ୍ଲାପାଳ, ପୁଲିସ୍ କମିସନର, କଟକ ଆରଟିଓ ପ୍ରମୁଖଙ୍କୁ ଟ୍ୟାଗ୍ କରି ଏକ୍ସ ରେ ପୋଷ୍ଟ କରିଦେଲେ। ଏହି ଏକ୍ସ ପୋଷ୍ଟକୁ ଆଧାର କରି କଟକ ଜିଲ୍ଲାପାଳ, କଟକ ଆରଟିଓଙ୍କୁ ଏହା ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଦେଇଥିଲେ ନିର୍ଦ୍ଦେଶ। କଟକ ଆରଟିଓ ମଧ୍ୟ ଏହି ଗାଡ଼ି ଉପରେ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଗାଡ଼ି ଉପରେ ୧୬ ହଜାର ଟଙ୍କା ଜରିମାନା କରାଯାଇଛି । ଏ ସଂକ୍ରାନ୍ତରେ ବାହାନ ପୋର୍ଟାଲ ଜରିଆରେ ଗାଡ଼ି ମାଲିକ ତଥା ମୋହନ ସାହୁଙ୍କ ମୋବାଇଲ୍‌କୁ ଏହି ଜରିମାନା ସଂକ୍ରାନ୍ତ ମେସେଜ୍ ପଠାଯାଇଛି। ମୋହନ ସାହୁଙ୍କ ଗାଡ଼ି ନମ୍ବର ରହିଛି ଓଡି୦୫ବିଇ-୮୦୫୯। ଏହି ଗାଡ଼ିରେ ଉଭୟ ପତି-ପତ୍ନୀ କଟକର ଏକ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଗାଡ଼ି ଚଲାଉଥିବାର ଅଭିଯୋଗରେ ସେମାନଙ୍କ ଉପରେ ୫ ହଜାର ଟଙ୍କା ଜରିମାନା କରାଯାଇଛି। ସେହିପରି ଗାଡ଼ି ଚଲାଉଥିବାବେଳେ ହେଲ୍‌ମେଟ୍ ପିନ୍ଧିନଥିବାରୁ ୧ ହଜାରଟଙ୍କା ଜରିମାନା। ପ୍ରଦୂଷଣ ସାର୍ଟିଫିକେଟ ନଥିବାରୁ ୧୦ ହଜାର ଟଙ୍କା ଜରିମାନା କରାଯାଇଛି ।କଟକ ଆରଟିଓ ବିରଞ୍ଚି ନାରାୟଣ ଅଧିକାରୀଙ୍କ କହିବାନୁଯାୟୀ ବିପଦପୂର୍ଣ୍ଣ ଭାବେ ରାସ୍ତାରେ ଗାଡ଼ି ଚଲାଇବା ଅପରାଧ ଅଟେ । ଏଭଳି ଗାଡି ଚଳାଇ ଚାଳକ ନିଜପାଇଁ ବିପଦକୁ ଆମନ୍ତ୍ରଣ କରୁଥିବା ବେଳେ ପରୋକ୍ଷରେ ଅନ୍ୟଜଣଙ୍କୁ ମଧ୍ୟ ବିପଦ ମଧ୍ୟକୁ ଟାଣି ଆଣୁଛନ୍ତି। ତେଣୁ ରାସ୍ତାରେ ଏଭଳି ବିପଦପୂର୍ଣ୍ଣ ଭାବେ କେହି ଗାଡ଼ି ଚଲାଇଲେ ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଶ୍ରୀଜଗନ୍ନାଥଙ୍କ ଉପରେ ନିର୍ମାଣ ହେବ ଆଉ ଏକ ସିନେମା

ଭୁବନେଶ୍ୱର, (ସବ୍ୟୁ): 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣର ଯୋଜନା ହୋଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଲୋକକଥାକୁ ନେଇ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନାମ 'ମାଳତୀ' ରଖାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜାଣିବାକୁ ମିଳିଛି। ଏହି ଫିଲ୍ମର ପ୍ରଯୋଜକ ପୁରୀର। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମା ପାଇଁ ପ୍ରେରଣା ଦେଇଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କର ଆଶୀର୍ବାଦ ଭିକ୍ଷା କରିବା ସହିତ ତାଙ୍କର ଆଗାମୀ ଫିଲ୍ମ ପାଇଁ ଗୁରୁଜୀ ଗୋଟିଏ ଗୀତ ଲେଖିବାକୁ ମଧ୍ୟ ସେ ଅନୁରୋଧ କରିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ବିପୁଳ ସଫଳତା ଲାଭ କରିବା ପଛରେ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦ ରହିଥିବା ଏହାର ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନି ସାମଲ ଗଣମାଧ୍ୟମକୁ କହିଥିଲେ। ଏ ସମ୍ପର୍କରେ ଗୁରୁଜୀଙ୍କ କହିଛନ୍ତି ଯେ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ଓଡ଼ିଶାର ଇତିହାସ ଏବଂ ଅସ୍ମିତା ଉପରେ କୌଣସି ବି କାର୍ଯ୍ୟ ତାଙ୍କୁ ଭଲ ଲାଗେ। 'ଶ୍ରୀଜଗନ୍ନାଥଙ୍କ ନବକଳେବ ର' ସିନେମାଟି ଏହା ଉପରେ ଆଧାରିତ ହୋଇଥିବାରୁ ସେ ଏଥିରେ ସଂଶ୍ଳିଷ୍ଟ ହେଲେ। ଏଭଳି ମୁଭି ତାଙ୍କର ପସନ୍ଦ ବୋଲି ଗୁରୁଜୀ କହିଛନ୍ତି।

"ଜଗନ୍ନାଥ ସଂସ୍କୃତି ଆମର ମାଟି ସହିତ ଜଡ଼ିତ। ପ୍ରତ୍ୟେକ ଓଡ଼ିଆ ଜନ୍ମରୁ ଜଗନ୍ନାଥଙ୍କର ଭକ୍ତ' ବୋଲି ଗୁରୁଜୀ କହିଛନ୍ତି। ଚଳିତବର୍ଷ ଗୁରୁଜୀଙ୍କ ମାର୍ଗଦର୍ଶନରେ ଗୁରୁଗ୍ରାମରେ ନୂଆଦିଲ୍ଲୀର ସବୁଠାରୁ ବଡ଼ ରଥ ତିଆରି ହୋଇଥିବାବେଳେ ଗୁରୁଜୀଙ୍କ ପ୍ରେରଣାରେ ଦିଲ୍ଲୀ, ନୋଇଡ଼ା ପ୍ରଭୃତି ଏକାଧିକ ସ୍ଥାନ ସହ ଯୁକ୍ତରାଷ୍ଟ୍ର ଆମେରିକାର ଡଲାସ ଓ ହଷ୍ଟନରେ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ନିକଟରେ ଉତ୍ତରପ୍ରଦେଶର ବରେଲିଠାରେ ଗୁରୁଜୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମନ୍ଦିର ସ୍ଥାପନ କରିଥିବାବେଳେ ଲକ୍ଷ୍ମୌଠାରେ ମଧ୍ୟ ଗୁରୁଜୀଙ୍କ ପ୍ରେରଣାରେ ଏକ ମନ୍ଦିର ପ୍ରତିଷ୍ଠା ହେବାକୁ ଯାଉଛି।

# ଚାଷୀ ପଞ୍ଜିକରଣ ଅବଧି ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଉ : କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରୀୟ ଥିବାରୁ ଚାଷୀ ଚାଷ କାର୍ଯ୍ୟରେ ସମ୍ପୂର୍ଣ୍ଣ ବ୍ୟସ୍ତ । ଖରିଫ୍ ଅମଳ ଧାନକୁ ମଣ୍ଡିରେ ଦେବାକୁ ଟୋକନ ପାଇଁ ଇ-କେଓ୍ୱାଇସି କରିବାକୁ ବାଧ ବୋଲି ସରକାର ଘୋଷଣା କରିଛନ୍ତି । ଏହି ବ୍ୟବସ୍ଥାରେ ଏବେ ଚାଷୀ ଘୋର ଆଶଙ୍କାରେ । କାରଣ ସୋସାଇଟିଠାରୁ ଆରମ୍ଭ କରି ବ୍ଲକ, ତହସିଲ ପର୍ଯ୍ୟନ୍ତ କୌଣସି ବ୍ୟବସ୍ଥା ଠିକ୍ ଭାବରେ ଚାଲୁନାହିଁ । ଅଧିକାଂଶ ସମୟରେ ଇଂଟରନେଟରେ ଲିଙ୍କ ରହୁନାହିଁ । ଏହାଦ୍ୱାରା ଚାଷୀ ପଞ୍ଜିକରଣ ଧିମେଇ ଚାଲିଛି । ସବୁସ୍ଥାନରେ କର୍ମଚାରୀର ଅଭାବ । ଚାଷୀ ବିଭିନ୍ନ ମୌଜାରେ ଥିବା ଅଲଗା ଅଲଗା ସୋସାଇଟକୁ ଯାଇ ତା'ର ଧାନ ବିକିବାପାଇଁ ଇ-କେଓ୍ୱାଇସି କରିବା କଷ୍ଟ । ସରକାର ଚଳିତବର୍ଷ ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ ନିୟମକୁ ବଦଳାଇ ପୂର୍ବବର୍ଷ ତୁଳନାରେ ଅଧିକ ଦସ୍ତାବିଜ୍ ମଗାଉଛନ୍ତି । ବିଶେଷ କରି ଇ-କେଓ୍ୱାଇସି ଦାଖଲ ବେଳକୁ ଜଟିଳ ସମସ୍ୟା ସୃଷ୍ଟି ହେଉଛି । ବର୍ତ୍ତମାନ ପଟା ସଂଶୋଧନ କରିବା ଚାଷୀଙ୍କ ପାଇଁ ଏବେ କାଠିକର ପାଠ । ଅଧିକାଂଶ ଜମିର ପଟା ମୃତ ବ୍ୟକ୍ତିଙ୍କ ନାମରେ ଥିବାରୁ ଏହାର ସତ୍ୱାଧିକାରୀଙ୍କ ପ୍ରମାଣପତ୍ର ସଂଗ୍ରହ କରିବାରେ ବିଳମ୍ବ ହେଉଛି । ପରିବାରର ଅନ୍ୟ ସଦସ୍ୟଙ୍କୁ ଏକାଠି କରି ଆର.ଆଇ. ଅନୁମୋଦନ ରିପୋର୍ଟ ଆଣିବା କଷ୍ଟ । ଭୂଲେଖ ରେକର୍ଡ ଅପଲୋଡ଼ କରିବାରେ ବହୁ ଅସୁବିଧା । ଯାହା ଫଳରେ ଅଦ୍ୟାବଧି ଲକ୍ଷ ଲକ୍ଷ ଚାଷୀ ଖରିଫ୍ ଧାନ ବିକିବାକୁ ସେମାନଙ୍କ ନାମ ପଞ୍ଜିକରଣ କରି ପାରୁନାହାନ୍ତି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଏକ ପ୍ରେସ ଇସ୍ତାହାରରେ ଅଭିଯୋଗ କରିଛନ୍ତି । କଂଗ୍ରେସ ପକ୍ଷରୁ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ବିଭିନ୍ନ ଜିଲ୍ଲାର ଚାଷୀଙ୍କଠାରୁ ପ୍ରତ୍ୟକ୍ଷ ଅଭିଯୋଗ ଜାଣିବା ପରେ ଏହାର ଆଶୁ ନିରାକରଣ ଓ ଖରିଫ୍ ଧାନ କ୍ରୟ ଚାଷୀ ପଞ୍ଜିକରଣ ସମୟସୀମା ଅଗଷ୍ଟ ୨୦ ପରିବର୍ତ୍ତେ ସେପେଟମ୍ବର ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି ଏବଂ ଧାନ କ୍ରୟ ପାଇଁ ନାମ ପଞ୍ଜିରଣ ବ୍ୟବସ୍ଥାର ସରଳୀକରଣ, ଆବଶ୍ୟକ ସ୍ଥଳେ କେବଳ ଆଧାର କାର୍ଡ଼ ମାଧ୍ୟମରେ ଚଳିତ ବର୍ଷ ନାମ ପଞ୍ଜିକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ସରକାରଙ୍କ ନିକଟରେ ଦୃଢ଼ ଦାବୀ କରିଛନ୍ତି । ଯଦି ସରକାର ତୁରନ୍ତ ଏହି ଦିଗରେ ବିହିତ ପଦକ୍ଷେପ ଗ୍ରହଣ ନ କରିନ୍ତି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କିଷାନ କଂଗ୍ରେସ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯିବ ବୋଲି ରାଷ୍ଟ୍ରୀୟ ସଂଯୋଜକ ଶ୍ରୀ ପଟ୍ଟନାୟକ ଓ ଚାଷୀନେତା ସାନନ୍ଦ ମିଶ୍ର, ସୁବାଷ ରାଉତ, ଉମେଶ ସାହୁ, ସନରାଜ ଗଣ୍ଡ, ଭବାନୀ ସଙ୍କର ତ୍ରିପାଠୀ, ପି. ଦେବେନ୍ଦ୍ର କୁମର ରାଓ, ରଘୁନାଥ ପଲିଆ, ପଦ୍ମ ଚରଣ ସାହୁ, ବୃନ୍ଦାବନ ଖଟେଇ, ଧ୍ରୁବ ଚରଣ ପରିଡ଼ା, ନରେନ୍ଦ୍ର ପଣ୍ଡା, ସ୍ୱପ୍ନେଶ୍ୱର ପୃଷ୍ଟି, ଦୟାସାଗର ମେଣ୍ଡଲୀ, ଗୋବିନ୍ଦ ପଟେଲ, ପ୍ରଶନ୍ନ ପାଲ, ଦାଶରଥି ସାହୁ, ନୂତନ ତ୍ରିପାଠୀ, ଗୋବିନ୍ଦ ମିଶ୍ର, ନିରଞ୍ଜନ ବେହେରା, ଜୟନ୍ତ ମହାପାତ୍ର, ଦୀପକ ଦାସ ପ୍ରମୁଖ ଦୃଢ଼ ଦାବୀ କରିଛନ୍ତି ।

# ଶାରୀରିକ ସମ୍ପର୍କ ପରେ ବିବାହ ପାଇଁ ରାଜି ନହେବାରୁ ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଶାରୀରିକ ସମ୍ପର୍କ ପରେ ବିବାହ ପାଇଁ ରାଜି ନହେବାରୁ ଜଣେ ଯୁବକକୁ ମହିଳା ଥାନା ପୋଲିସ ଗିରଫ କରିଛି । ଯୁବତୀଙ୍କୁ ହୋଟେଲକୁ ଡାକି ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କଠାରୁ କିଛି ଟଙ୍କା ମଧ୍ୟ ନେଇଥିବା ଯୁବତୀ ଅଭିଯୋଗରେ ଦର୍ଶାଇଛନ୍ତି ।

୩ବର୍ଷ ତଳେ ଅଭିଯୋଗକାରୀଙ୍କ ସହ ଅଭିଯୁକ୍ତ ଯୁବକଙ୍କ ସହ ପରିଚୟ ହୋଇଥିଲା । ପରସ୍ପର ମୋବାଇଲ ନମ୍ବର ଆଦାନ ପ୍ରଦାନ କରି ନିୟମିତ ଭାବେ ଯୋଗାଯୋଗରେ ଥିଲେ । କିଛିଦିନ ପରେ ଅଭିଯୁକ୍ତ ଭୁବନେଶ୍ୱରର ଏକ ହୋଟେଲକୁ ଆସିବାକୁ ଯୁବତୀଙ୍କୁ କହିଥିଲା । ଯୁବକଙ୍କ କଥା ରକ୍ଷାକରି ଅଭିଯୋଗକାରିଣୀ ହୋଟେଲକୁ ଆସିଥିଲେ । ହୋଟେଲରେ ଅଭିଯୋଗକାରିଣୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । କେବଳ ଶାରୀରିକ ସମ୍ପର୍କ ନୁହେଁ, ତାଙ୍କଠାରୁ କିଛି ଟଙ୍କା ମଧ୍ୟ ନେଇଥିଲା ବୋଲି ପୀଡ଼ିତା ଅଭିଯୋଗ କରିଥିଲେ ।

ମାର୍ଚ୍ଚ ୨୭ ତାରିଖ ଦିନ ଅଭିଯୁକ୍ତ ଯୁବକ ଯୁବତୀଙ୍କୁ ପୁନର୍ବାର ହୋଟେଲକୁ ଆସିବାକୁ ଡାକିଥିଲା । ଅଭିଯୋଗକାରିଣୀ ସେହି ହୋଟେଲକୁ ଯାଇ ପହଞ୍ଚିବା ପରେ ଅଭିଯୁକ୍ତ ଯୁବକ ତାଙ୍କୁ ଟଙ୍କା ମାଗିଥିଲା । ଟଙ୍କା ଦେବାକୁ ପୀଡ଼ିତା ମନା କରିଥିଲେ । ବିବାହ ସମ୍ପର୍କରେ ପଚାରିବାରୁ ଉଭୟଙ୍କ ମଧ୍ୟରେ କଳିଝଗଡ଼ା ହୋଇଥିଲା । ଉପାୟଶୂନ୍ୟ ହୋଇ ପୀଡ଼ିତା ଯୁବତୀ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିଥିଲେ । ତାଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରିୟାଂଶୁ ଜେନା (୨୪)ଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ପ୍ରିୟାଂଶୁ ଘର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱର ଧଉଳି ଅଞ୍ଚଳରେ ଏବେ ରହୁଥିବା ପୋଲିସ କହିଛି ।

# ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି

ପୁରୀ, (ସବ୍ୟୁ) : ପୁରୀ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣୀ ସୋମବାର ପୂର୍ବାହ୍ନରେ କୃଷ୍ଣ ପ୍ରସାଦ ବ୍ଲକ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଜିଲ୍ଲାପାଳ ଦିବ୍ୟ ରଞ୍ଜନ ପରିଡା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ମୋଟ ୭୭ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇ ଥିଲା । ସେଥିରୁ ୫୩ ଗୋଟି ବ୍ୟକ୍ତି ଗତ, ୨୦ ଗୋଟି ଗ୍ରାମ ସମ୍ବନ୍ଧୀୟ ଓ ୪ଗୋଟି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ସମ୍ପର୍କରେ ରହିଥିଲା ।ତତକ୍ଷଣାତ ୨ ଗୋଟିର ସମାଧାନ କରାଯାଇଥିଲା ।ଅନ୍ୟ ଅଭିଯୋଗ ଗୁଡିକର ଆଇନ ଅନୁସାରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗ ମାନଙ୍କୁ ପ୍ରେରଣ କରାଯାଇଥିଲା। ଏହି ଶୁଣାଣୀରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ଅତିରିକ୍ତ ଏସପି ସୌମ୍ୟ



ରଞ୍ଜନ ମଲ୍ଲିକ, କୃଷ୍ଣ ପସାଦ ବିଡ଼ିଓ ଅମୀୟ କୁମାର ପଣ୍ଡା ,ଭାରପ୍ରାପ୍ତ ତହସିଲଦାର ବିକାଶ ସେଠୀ, ଭାରପ୍ରାପ୍ତ ଅଭିଯୋଗ ଶୁଣାଣୀ ଅଧିକାରୀ ପଞ୍ଚାନନ ପରିଜା ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।ଅଗଷ୍ଟ ମାସ ୪ ତାରିଖରେ ଜିଲ୍ଲା ସଦର ମହକୁମା ଠାରେ, ୧୧ ତାରିଖରେ ବ୍ରହ୍ମଗିରି ବ୍ଲକ ସମ୍ମିଳନୀ କକ୍ଷରେ, ୧୮ ତାରିଖରେ ସତ୍ୟବାଦୀ ବ୍ଲକ ସମ୍ମିଳନୀ କକ୍ଷରେ ଓ ଅଗଷ୍ଟ ୨୫ ତାରିଖରେ ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଦିବା ୧୦ ଘଟିକା ସମୟରେ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ ବୋଲି ଅଭିଯୋଗ ପ୍ରକୋଷ୍ଠ ସୂତ୍ରରୁ ପ୍ରକାଶ।

# କ୍ୟାପିଟାଲ ହାଇସ୍କୁଲ ୮୩ ବ୍ୟାଚ ଛାତ୍ରଙ୍କ ଦ୍ୱାରା ବୃକ୍ଷ ରୋପଣ




ଭୁବନେଶ୍ୱର (ସବ୍ୟୁ): କ୍ୟାପିଟାଲ ହାଇସ୍କୁଲ୍ ର ୮୩ ମସିହା ପୁରାତନ ଛାତ୍ର ମାନଙ୍କ ଦ୍ୱାରା ଗଠିତ ସିଏଚ୍ଏସ୍ ୮୩ ୱେଲଫ୍ୟାୟାର ସୋସାଇଟ୍ ଦ୍ୱାରା ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ବୃକ୍ଷ ରୋପଣ ଅଭିଯାନ କରାଯାଇଥିଲା । ଏଥିରେ କ୍ୟାପିଟାଲ ହାଇସ୍କୁଲ୍ ସହିତ ଭୌମ ନଗର ପ୍ରାଥମିକ ବିଦ୍ୟାଳୟ, ଖାରବେଳ ନଗର ପ୍ରାଥମିକ ବିଦ୍ୟାଳୟ ଏବଂ ମଦନ ପୁର ନିକଟସ୍ଥ ଦେଉଳିଆ ପାଟଣା ଠାରେ କାମ୍ୟା ଫୁଡ୍ ର ମିଳିତ ସହଯୋଗ ରେ ପ୍ରାୟ ୧୨୦ ଟି ଫଳ ଗଛ ରୋପଣ କରାଯାଇଛି। ବିଶ୍ୱ ପରିବେଶ ଓ ଉତ୍ତାପ ବୃଦ୍ଧି କୁ ପତିହତ କରି ପରିବେଶ କୁ ନିୟନ୍ତ୍ରଣ କୁ ଆଣିବା ପାଇଁ ଆଗାମୀଦିନରେ ଏହା ଚାଲୁ ରଖିବା ସହିତ ବିଭିନ୍ନ ବ୍ୟକ୍ତି ବିଶେଷ, ସଂଗଠନ କୁ ଏଥିରେ ସାମିଲ ହେବାପାଇଁ ସଂଗଠନ ତରଫରୁ ନିମନ୍ତ୍ରଣ କରାଯାଉଛି ।

## ଫେମିନା ୱିମେନ୍ ଆଚିଭର୍ସ, ଓଡ଼ିଶା ୨୦୨୫ ସମ୍ମାନ

# ସୋଆର ମହିଳା ୱାର୍କଫୋର୍ସକୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସମ୍ମାନ ପ୍ରଦାନ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ଓ ଏହାରଅଗ୍ରଣୀ ଭୂମିକା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ମହିଳା ୱର୍କଫୋର୍ସକୁ ଫେମିନା ୱିମେନ୍ ଆଚିଭର୍ସ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି। ଶନିବାର ଭାରତର ଅଗ୍ରଣୀ ମହିଳା ଭିତିକ ପ୍ରତ୍ରିକା ଫେମିନା ପକ୍ଷରୁ ଆୟୋଜିତ ଫେମିନା ଆଚିଭର୍ସ ଆୱାର୍ଡ ସମ୍ମାନ, ଓଡ଼ିଶା ୨୦୨୫ ସମ୍ମାନ ପ୍ରଦାନ ଉତ୍ସବରେ ସୋଆର ମହିଳା ୱର୍କଫୋର୍ସକୁ ଦୁଇଟି ସମ୍ମାନ ପ୍ରଦାନ କରାଯାଇଛି।

ଶିକ୍ଷା କ୍ଷେତ୍ରରେ ଉତ୍କର୍ଷ ନେତୃତ୍ୱ ନେଇ ସୋଆର ୱିମେନ୍ ୱର୍କଫୋର୍ସକୁ 'ଏକ୍ସିଲେନ୍ସ ଇନ୍ ଏଜୁକେସ୍ନାଲ ଲିଡରସିପ୍' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ସୋଆର ଉପକୁଳପତି ପ୍ରଫେସର ନୀତା ମହାନ୍ତି, କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର




ସଂଘମିତ୍ରା ମିଶ୍ର, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍ସେସ୍‌ର ଡିନ୍ ପ୍ରଫେସର ରୁଚି ଭୂୟାଁ, ସମ୍ ନର୍ସିଂ କଲେଜର ନିର୍ଦ୍ଦେଶିକା ପ୍ରଫେସର ପ୍ରଭାତି ତ୍ରିପାଠୀ, ଡିନ୍ ପ୍ରଫେସର ସସ୍ମିତା ଦାସ, ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସେସ୍ ବିଭାଗର ମୁଖ୍ୟ ପ୍ରଫେସର ଦେବାହୁତି ମିଶ୍ର, ଆଡିସ୍ନାଲ୍ ଡିନ୍ (ଷ୍ଟୁଡେଂଟସ ଆଫେୟାର୍ସ) ଆଇଟିଇଆର, ପ୍ରଫେସର ରେଣୁ ଶର୍ମା ଓ ଜାଗୋର ସେଂଟର ପ୍ରଫେସର ଅନୀତା ପଣ୍ଡା ଏହି ସମ୍ମାନ ଗ୍ରହଣ କରିଥିଲେ। ସେହିପରି ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉତ୍କର୍ଷତା ନେଇ ସୋଆ ଗ୍ରୁପ୍ ଅଫ୍ ହସ୍ପିଟାଲ୍ସର ମହିଳା ଶାଖାକୁ 'ଆଉଟଷ୍ଟାଣ୍ଡିଙ୍ଗ କଂଟ୍ରିବ୍ୟୁସନ୍ ଟୁ ୱିମେନ୍ ଏମ୍ପାୱାରମେଂଟ ଇନ୍ ଏଜୁକେସନ ଆଣ୍ଡ ହେଲ୍ଥ କେୟାର' ସମ୍ମାନ ପ୍ରଦାନ କରାଯାଇଛି।

ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା, କଳା, ସାହିତ୍ୟ, ବିଜ୍ଞାନ, ଗବେଷଣା, ବ୍ୟବସାୟ, କ୍ରୀଡ଼ା, ଫ୍ୟାଶନ୍, ସାମାଜିକ ନେତୃତ୍ୱ, ସମାଜ ସେବା, ଚଳଚ୍ଚିତ୍ର, ସାମ୍ବାଦିକତା, ସଂଗୀତ ଓ ନୃତ୍ୟ କ୍ଷେତ୍ରରେ ଉତ୍କର୍ଷତା ହାସଲ କରିଥିବା ପ୍ରାୟ ୨୫ ଜଣ ମହିଳାଙ୍କୁ ଫେମିନା ଆଚିଭର୍ସ ସମ୍ମାନ ପ୍ରଦାନ କରାଯାଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭୁବନେଶ୍ୱରର ମେୟର ଶ୍ରୀମତି ସୁଲୋଚନା ଦାସ, ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଏସ୍.ଏନ୍.ଏମ୍ ଗ୍ରୁପ୍‌ର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ଜ୍ୟାକ୍ ଅଲିଭଲ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଜର୍ଷୀ ଦାସ, ନିର୍ଦ୍ଦେଶିକା ଶ୍ରୀମତି ତପତି ଦାସ, ଫେମିନାର ମ୍ୟାନେଜିଂ ଏଡିଟର ପ୍ରିମ୍‌ରୋଜ ମଂଟେରିଓ ଡି'ସୁଜା ତଥା ଟାଇମ୍ସ ଗ୍ରୁପର ଆସିଷ୍ଟାଂଟ ଭାଇସ୍ ପ୍ରେସିଡେଂଟ ତଥା ରିଜିଓନାଲ୍ ହେଡ୍ (ଇଷ୍ଟ) ବିମାନ ଦତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବଲିଉଡ୍ ଅଭିନେତା ଅମୋଲ୍ ପରାଶର ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ୱିମେନ୍ ଆଚିଭର୍ସଙ୍କୁ ଅନ୍ୟ ଅତିଥି ମାନଙ୍କ ସହ ସମ୍ମାନିତ କରିଥିଲେ।

## ଗଜପତି ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା

# ଗର୍ଭବତୀଙ୍କୁ ଷ୍ଟ୍ରେଚରରେ ଦେଢ଼ କି.ମି ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ



ପାରଳାଖେମୁଣ୍ଡି, (ସବ୍ୟୁ) : ଗଜପତି ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା ଦେଖା ଦେଇଛି । ରାସ୍ତାର ଦୁରାବସ୍ଥା ଯୋଗୁଁ ଗାଁକୁ ଯାଇପାରିଲାନି ଆମ୍ବୁଲାନ୍ସ । ଗାଁ ଠାରୁ ପ୍ରାୟ ଦେଢ଼ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରଖି ଚାଲି ଚାଲି ଯାଇ ଗର୍ଭବତୀ ମହିଳାଙ୍କୁ ଷ୍ଟ୍ରେଚରରେ ବୋହି ଆଣିଲେ ଆମ୍ବୁଲାନ୍ସ କର୍ମଚାରୀ । ଏଭଳି ଘଟଣା ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ମୋହନା ବ୍ଲକ ମହାକୂପା ଗାଁରେ । ଶନିବାର ମଧ୍ୟାହ୍ନରେ ଗାଁର ମଥୁରା ଶବରଙ୍କ ପତ୍ନୀ ରଶ୍ମିତା ଶବରଙ୍କ ପ୍ରସବଜନିତ ଯନ୍ତ୍ରଣା ହୋଇଥିଲା । ପରିବାର ଲୋକେ ଓ ଆଶା କର୍ମୀ ୧୦୮ ଆମ୍ବୁଲାନ୍ସକୁ ଫୋନ କରିଥିଲେ । ତେବେ ବର୍ଷାରେ ରାସ୍ତାର ଅବସ୍ଥା ଅତ୍ୟନ୍ତ କଦର୍ଯ୍ୟ ହୋଇପଡିଥିବା ଯୋଗୁଁ ଗାଁ ଠାରୁ ଦେଢ଼ କିଲୋମିଟର ଦୂରରେ ଆମ୍ବୁଲାନ୍ସ ରହିଯାଇଥିଲା । ବାଧ୍ୟ ହୋଇ ଆମ୍ବୁଲାନ୍ସ ଫାର୍ମାସିଷ୍ଟ ବିଦ୍ୟାଧର ସାହୁ, ଡ୍ରାଇଭର ସୁନୀଲ ମଣ୍ଡଳ ଓ ସହଯୋଗୀ ଜୟାବ ଦଳବେହେରା ଚାଲି ଚାଲି ଯାଇଥିଲେ ମହାକୂପା ଗାଁକୁ । ପରିବାର ଲୋକଙ୍କ ସହାୟତାରେ ଷ୍ଟ୍ରେଚରରେ ଗର୍ଭବତୀଙ୍କୁ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ପ୍ରାୟ ଦେଢ଼ କିଲୋମିଟର ବୋହି ଆଣିଥିଲେ ଆମ୍ବୁଲାନ୍ସ କର୍ମଚାରୀ । ଏହାପରେ ଚନ୍ଦ୍ରଗିରି ମେଡିକାଲରେ ଭର୍ତ୍ତି କରିଥିଲେ । ସେଠାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ ରଶ୍ମିତା । ଉଭୟ ମା ଓ ଶିଶୁ ସୁସ୍ଥ ଅଛନ୍ତି । ଆମ୍ବୁଲାନ୍ସ କର୍ମଚାରୀମାନେ ମହାନତାର ପରିଚୟ ଦେଇ ଗର୍ଭବତୀ ରଶ୍ମିତାଙ୍କୁ ବୋହି ଆଣିଥିବା ଯୋଗୁଁ ଅଞ୍ଚଳବାସୀ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଗୋପାଳପୁର ବେଳାଭୂମି ଗଣ ବଳାତ୍କାର ମାମଲା

# ୪୩ ଦିନରେ ଚାର୍ଜସିଟ୍ ଦାଖଲ କଲା କ୍ରାଇମବ୍ରାଞ୍ଚ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମିରେ ଯୁବତୀଙ୍କୁ ଗଣବଳାତ୍କାର ମାମଲା ୪୩ ଦିନରେ ଚାର୍ଜସିଟ୍ ଦାଖଲ କରିଛି କ୍ରାଇମବ୍ରାଞ୍ଚ । ସୋମବାର କ୍ରାଇମବ୍ରାଞ୍ଚ ସ୍ୱତନ୍ତ୍ର ଟିମ୍ ବ୍ରହ୍ମପୁର ସିଏସ୍ଇ ଅଫିସରେ ପହଞ୍ଚିଥିଲେ । ସିଏସ୍ଆଇଙ୍କ ଜରିଆରେ କ୍ରାଇମବ୍ରାଞ୍ଚ ୫୭୪ ପୃଷ୍ଠାର ଚାର୍ଜସିଟ୍ ବ୍ରହ୍ମପୁର ଜେଏମ୍ଏଫ୍ସି (ଗ୍ରାମାଞ୍ଚଳ) କୋର୍ଟରେ ଦାଖଲ କରିଛନ୍ତି । ଚାର୍ଜସିଟ୍ ପରେ ଏହି ମାମଲାର ଚାର୍ଜଫ୍ରେମ ହେବ ଏବଂ ଶୀଘ୍ର ବିଚାରଣା ଆରମ୍ଭ ହେବ ବୋଲି ଜଣାପଡିଛି । କ୍ରାଇମବ୍ରାଞ୍ଚ ଏହି ମାମଲାରେ ୪ଜଣ ନାବାଳକ ସହ ୧୦ଜଣଙ୍କୁ ଅଭିଯୁକ୍ତ ଦର୍ଶାଇଥିଲା । ଦାଖଲ କରିଥିବା ଚାର୍ଜସିଟ୍‌ରେ ଜଣେ ସାବାଳକଙ୍କୁ ବାଦ୍ ଦିଆଯାଇଥିବା ଜଣାପଡିଛି । ତେବେ ଏନେଇ କ୍ରାଇମ୍‌ବ୍ରାଞ୍ଚ ମୁହଁ ଖୋଲୁନଥିବା ବେଳେ କାହାକୁ ଓ କାହିଁକି ବାଦ୍ ଦିଆଯାଇଛି ତାହା ପରବର୍ତ୍ତୀ ସମୟରେ ଜଣାପଡିବ । ଅଭିଯୁକ୍ତଙ୍କ ଠାରୁ ଜବତ ହୋଇଥିବା ବିଭିନ୍ନ ସାମଗ୍ରୀ ଏବଂ ସାଇଣ୍ଟିଫିକ୍ ପରୀକ୍ଷା କରିଥିବା ବିଭିନ୍ନ ନମୁନାର ରିପୋର୍ଟ ମଧ୍ୟ ଏଥିରେ ସଂଲଗ୍ନ କରାଯାଇଥିବା ଜଣାପଡିଛି । ୨୦୨୫ ଜୁନ୍ ୧୫ ତାରିଖରେ ପୁରୁଷବନ୍ଧୁଙ୍କ ସହ ଗୋପାଳପୁର ବେଳାଭୂମି ବୁଲିବାକୁ ଯାଇଥିବା ଯୁବତୀଙ୍କୁ ୧୦ଜଣ ଅଭିଯୁକ୍ତ ବଳାତ୍କାର କରିଥିଲେ । ଘଟଣାର ପରଦିନ ଗୋପାଳପୁର ପୁଲିସ ମୁଖ୍ୟ ଅଭିଯୁକ୍ତ ପୁରୁଷୋତ୍ତମପୁର ଥାନା ହୁଣ୍ଡତ ଗ୍ରାମର ପ୍ରମୋଦ ନାୟକ, ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ବାବୁରାଓ ଦଳାଇ, ବେଳଗାଁ ଥାନା ପାଟପୁର ଗ୍ରାମର କୁନାଲ ପ୍ରଧାନ, ହିଞ୍ଜିଳି ଥାନା ବୁରୁପଡ଼ା ଗ୍ରାମର ଲକ୍ଷ୍ମଣ ପ୍ରଧାନ ଓ ଶିକିରି ଗ୍ରାମର ଦୀପକ ତରାଇଙ୍କୁ କୋର୍ଟ ଚାଲାଣ କରିଥିଲା ଏବଂ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା । ସଙ୍ଗେ ସଙ୍ଗେ ଏହି ମାମଲାକୁ କ୍ରାଇମ୍ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ ସରକାର । ବର୍ତ୍ତମାନ ଅଭିଯୁକ୍ତମାନେ ବିଚାରବିଭାଗୀୟ ହାଜତରେ ଥିବା ବେଳେ ଚାର୍ଜସିଟ୍ ଦାଖଲ ହୋଇଛି । ଯୁବତୀ (ଯୁକ୍ତ ତିନି ଛାତ୍ରୀ) ଓ ତାଙ୍କ ପୁରୁଷବନ୍ଧୁ ଘଟଣାଦିନ ସନ୍ଧ୍ୟା ପ୍ରାୟ ୬ଟା ୩୦ରେ ସେମାନେ ପାନ୍ଥନିବାସ ପଛ ଏକ ନିର୍ଜନ ସ୍ଥାନରେ ବସିଥିଲେ । ରାତି ପ୍ରାୟ ୮ଟାରେ ଅଭିଯୁକ୍ତମାନେ ଆସି ଯୁବତୀ ଓ ତାଙ୍କ ପୁରୁଷବନ୍ଧୁଙ୍କ ଭିଡ଼ିଓ କରି ଘର ଲୋକଙ୍କୁ ପଠାଇ ଦେବେ କହି ବ୍ଲାକ୍‌ମେଲିଂ କଲେ ଏବଂ ପୁରୁଷବନ୍ଧୁଙ୍କୁ ମାଡ଼ ମାରି ଯୁବତୀଙ୍କୁ ବଳାତ୍କାର କରିଥିଲେ । ସମ୍ବେଦଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚକୁ ଏହା ହସ୍ତାନ୍ତର କରାଯାଇଥିଲା ।

# ଅପହରଣ ଧମକ, ମାଲିକ ଗିରଫ

ଭଞ୍ଜନଗର, (ସବ୍ୟୁ): କାମ କରୁଥିବା ଶ୍ରମିକଙ୍କୁ ଅପହରଣ କରି ଲକ୍ଷାଧିକ ଟଙ୍କା ମାଗିବା ସହ ହତ୍ୟା ଧମକ ଅଭିଯୋଗରେ ମାଲିକ ଗିରଫ ହୋଇଛି । ୨୭ତାରିଖରେ ତାରସିଂ ଗ୍ରାମର ଯୁବରାଜ ନାୟକଙ୍କ ପତ୍ନୀ ପ୍ରତୀମା ନାୟକ ତାରସିଂ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଭୁବନେଶ୍ୱର କଳିଙ୍ଗନଗର ଅଞ୍ଚଳର ମନୋଜ କୁମାର ସାହୁ, ନିଜ ମାଲିକାନାରେ ଥିବା ଲୀଲା ଫାଉଣ୍ଡେସନରେ ତାଙ୍କ ସ୍ୱାମୀ ଯୁବରାଜ ନାୟକ କାମ କରୁଥିଲେ ଏବଂ କିଛି ଦିନ ପୂର୍ବେ ସେ ନିଜ ଗ୍ରାମ ତାରସିଂ କୁ ଫେରିଥିଲେ । ମାଲିକ ମନୋଜ କୁମାର ତାଙ୍କ ସ୍ୱାମୀଙ୍କୁ ଭୁବନେଶ୍ୱର କର୍ମକ୍ଷେତ୍ରକୁ ଫେରି ଆସିବାକୁ ଫୋନରେ କହିଥିଲେ ଏବଂ ଯଦି ସେ ନଆସନ୍ତି ତେବେ ତାଙ୍କୁ ଅପହରଣ କରିବାକୁ ଧମକ ମଧ୍ୟ ଦେଇଥିଲେ । ଗତ ୨୬ତାରିଖ ରାତି ପ୍ରାୟ ସାଢେ ଦଶଟା ସମୟରେ, ଅଭିଯୋଗକାରୀଙ୍କ ସ୍ୱାମୀ ଯୁବରାଜ ଏବଂ ଅନ୍ୟ ଜଣେ ଗ୍ରାମବାସୀ ପରମେଶ୍ୱର ନାଏକ ତାଙ୍କ ଗାଁର ଆରମ୍ଭରେ ଠିଆ ହୋଇଥିଲେ । ସେହି ସମୟରେ ୨ଜଣ ଅଜଣା ବ୍ୟକ୍ତି ଏକ ବାଇକ୍‌ରେ ଆସି ଉଭୟଙ୍କୁ ଅପହରଣ କରି ନେଇଥିଲେ । ଏହା ପରେ ଗରୁଡପଥର ଗ୍ରାମର ଏକ ମୋଡ଼ ନିକଟରେ ସେମାନେ ପରମେଶ୍ୱର ନାଏକଙ୍କୁ ଛାଡି ଯୁବରାଜଙ୍କୁ ଏକ କାରରେ ନେଇ ଯାଇଥିଲେ । ପରମେଶ୍ୱର ନାଏକଙ୍କୁ ଏସମ୍ପର୍କରେ କାହାକୁ ନ କହିବାକୁ ଧମକ ଦେଇ କହିଥିଲେ ଯଦି କାହାରିକୁ କହିବ ତାହେଲେ ସେମାନେ ଯୁବରାଜ ନାଏକଙ୍କୁ ହତ୍ୟା କରିବେ । ଏହା ପରେ ଅଭିଯୋଗକାରୀ ପ୍ରତିମା ନାଏକଙ୍କ ବଡ଼ ଭାଇ ଦିଲୀପ ନାଏକ ମନୋଜ ସାହୁଙ୍କୁ ଏସମ୍ପର୍କରେ ଫୋନରେ ଜଣାଇବା ପରେ ମାଲିକ ମନୋଜ କହିଥିଲେ ଯେ ଯଦି ସେମାନେ ଦେଢ଼ ଲକ୍ଷ ଟଙ୍କା ଦିଅନ୍ତି ତେବେ ସେମାନେ ଯୁବରାଜ ନାଏକଙ୍କୁ ଛାଡିଦେବେ । ଅଭିଯୋଗ ଆଧାରରେ ତାରସିଂ ମାମଲା ରୁଜୁ କରିଥିଲା ପୋଲିସ । ଅଭିଯୁକ୍ତ ମନୋଜ କୁମାର ସାହୁ ଓରଫ ସୁନୀଲ (୩୬) ସ୍ୱୀକାର କରିଛନ୍ତି ଯେ, ସେ ପୀଡିତ ଜୁବରାଜ ନାୟକଙ୍କୁ ତାରାସିଂରୁ ଭୁବନେଶ୍ୱର ଅପହରଣ କରିବା ପାଇଁ ବାଇକ୍ ଓ ମହିନ୍ଦ୍ରା ସ୍କୋର୍ପିଓ ବ୍ୟବହାର କରିଥିଲେ । ଗିରଫ ହୋଇଥିବା ବ୍ୟକ୍ତି ଅଭିଯୁକ୍ତ ମନୋଜ କୁମାର ସାହୁଙ୍କ ଠାରୁ ଗୋଟିଏ ପରିଚୟ ପତ୍ର, ଦୁଇଟି ମୋବାଇଲ୍ ଫୋନ୍ ଜବତ ହୋଇଥିବା ବେଳେ ଏଥିରେ ସମ୍ପୃକ୍ତ ଅନ୍ୟ ୨ଜଣଙ୍କ ବିଷୟରେ ସୂଚନା ଦେଇଛନ୍ତି । ପୀଡିତ ଯୁବରାଜ ନାଏକଙ୍କୁ ଆଜି ଭୁବନେଶ୍ୱରରୁ ଉଦ୍ଧାର କରାଯାଇଛି ବୋଲି ତାର ସିଂ ଥାନା ଅଧିକାରୀ ଶୁଭଲକ୍ଷ୍ମୀ ପୂଜାରୀ କହିଛନ୍ତି ।

## ଉତ୍କଳ ସାମ୍ବାଦିକ ମୟୂରଭଞ୍ଜ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

# ସ୍ୱାସ୍ଥ୍ୟବୀମା ରାଶିକୁ ୧୦ଲକ୍ଷ ଟଙ୍କା ବୃଦ୍ଧି ଓ ୧୫ ହଜାର ଟଙ୍କା ପେନସନ୍ ପ୍ରଦାନ

ବାରିପଦା, (ସବ୍ୟୁ) : ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କହିଲେ ସାମ୍ବାଦିକ ମାନଙ୍କୁ ବୁଝାଏ ଦେଶର ବିକାଶ ଦିଗରେ ସାମ୍ବାଦିକଙ୍କ ଅବଦାନ ଅତୁଳନୀୟ ଅଟେ । ସମାଜରେ ଲୋକଙ୍କୁ ଦିଗଦର୍ଶନ ଦେବା ସହ ଅନେକ କ୍ଷେତ୍ରରେ ଘଟୁଥିବା ସମସ୍ୟାର ସମାଧାନ ପାଇଁ ସରକାରଙ୍କୁ ସଚେତନ କରୁଥିବା ସାମ୍ବାଦିକ ଆଜି ଅସୁରକ୍ଷିତ । ଅନେକ ସମୟରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଜୀବନରୁ ମାରିଦେବା ଭଳି ଖବର ଗଣମାଧ୍ୟମରେ ପ୍ରକାଶିତ ହେଉଥିବାବେଳେ ସରକାର ସାମ୍ବାଦିକ ମାନଙ୍କ ସୁରକ୍ଷା ପ୍ରତି ସଜାଗ ହେଉନଥିବା ଅତି ଦୁଃଖର ବିଷୟ । ଅନ୍ୟ ରାଜ୍ୟରେ ସାମ୍ବାଦିକ ମାନଙ୍କୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଥିବା ବେଳେ ଓଡ଼ିଶାର ସାମ୍ବାଦିକ ମାନଙ୍କୁ ବର୍ଷବର୍ଷ ଧରି ଅଣଦେଖା କରି ଆସୁଛନ୍ତି ସରକାର । ବିଭିନ୍ନ ସମୟରେ ବିଭିନ୍ନ ସଙ୍ଗଠନ ସରକାରଙ୍କୁ ଅନେକ ଦାବି ଜଣାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଏହି ପରିପ୍ରେକ୍ଷୀରେ ଆଜି ସାରା ଓଡ଼ିଶା ସାମ୍ବାଦିକ ମାନଙ୍କ ସୁରକ୍ଷା ଆଇନ, ପେନସନ ଓ ବିଭିନ୍ନ ଦାବି ନେଇ ସରକାରଙ୍କ ଦ୍ୱାରସ୍ଥ ହୋଇଛି ଉତ୍କଳ ସାମ୍ବାଦିକ ସଂଘ । ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୂତି ଭୂଷଣ କରଙ୍କ ନିର୍ଦ୍ଦେଶ କ୍ରମେ ମୟୂରଭଞ୍ଜ ଶାଖା ସଭାପତି ସୌମ୍ୟ ରଞ୍ଜନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୟୂରଭଞ୍ଜ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ସାମ୍ବାଦିକ ସମର୍ଥନ ଜଣାଇଥିଲେ । ଆସନ୍ତା ୨୦୨୫-୨୬ ବର୍ଷ ପାଇଁ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନା ନବୀକରଣ ନିମିତ୍ତ ପ୍ରକ୍ରିୟା ଆରମ୍ଭ ହେବାକୁ ଯାଉଛି । ପ୍ରକାଶଯୋଗ୍ୟଯେ ଉକ୍ତ ଯୋଜନାରେ ପ୍ରତିବର୍ଷ ହାରାହାରି ୬୦୦ରୁ ଉର୍ଦ୍ଧ୍ୱର୍ ହିତାଧିକାରୀ ଉପକୃତ ହେଉଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରଚଳିତ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଅଧିକ ହିତାଧିକାରୀମୁଖୀ କରିବା ପାଇଁ ସାମ୍ବାଦିକଙ୍କ ପିତାମାତା ଓ ୨୫ବର୍ଷରୁ ଉର୍ଦ୍ଧ୍ୱର୍ ଅବିବାହିତ ନିର୍ଭରଶୀଳ ସନ୍ତାନ ସନ୍ତତିଙ୍କୁ ଯୋଜନା ଅନ୍ତର୍ଭୁକ୍ତ କରାଯାଇ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶିକୁ ୧୦ଲକ୍ଷକୁ ବୃଦ୍ଧି କରାଯିବା ସହ ଆୟୁଷ୍ମାନ ଯୋଜନାରେ ସାମିଲ ଥିବା ହିତାଧିକାରୀଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରୁ ବାଦ ଦିଆଯିବା ନିଷ୍ପତ୍ତିର ପୁନର୍ବିଚାର କରି ଶ୍ରୀମନ୍ଦିର ସେବାୟତଙ୍କ ଢାଞ୍ଚାରେ ସାମ୍ବାଦିକଙ୍କ କଲ୍ୟାଣାର୍ଥେ ଉଭୟ ଯୋଜନାର (ଆୟୁଷ୍ମାନ୍ ଭାରତ ଏବଂ ଗୋପାବନ୍ଧୁ ସ୍ୱାସ୍ଥ୍ୟ ବୀମା) ସୁବିଧା ଉପଲବ୍ଧ ରହୁ । ଅନ୍ୟପକ୍ଷରେ ଦେଶର ୧୮ ଗୋଟି ରାଜ୍ୟ ଭଳି ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ମାସିକ ଅନ୍ୟୁନ ୧୫ହଜାର ଟଙ୍କା ପେନସନ ପ୍ରଦାନ ସହ ବୃତ୍ତିଗତ ସୁରକ୍ଷା ପ୍ରଦାନାର୍ଥେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ କରାଯାଉ । ଅତଏବ ସାମ୍ବାଦିକ ମାନଙ୍କ ନ୍ୟାର୍ଯ୍ୟ ଦାବି ପରୀପ୍ରେକ୍ଷୀରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ଉପସ୍ଥାପିତ ଉପରୋକ୍ତ ବିଷୟରେ ସହୃଦୟତା ପୂର୍ବକ ବିଚାର କରି, ରାଜ୍ୟର ହଜାର ହଜାର ସାମ୍ବାଦିକଙ୍କୁ ସାମାଜିକ ଓ ଅର୍ଥନୈତିକ ଦୃଢ଼ତା ଦେବାରେ ଆପଣ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନୁରୋଧ କରିଛି ସଂଘ । ଦାବି ଉପସ୍ଥାପନ ସମୟରେ ସାମ୍ବାଦିକ ଦୋଳଗୋବିନ୍ଦ ବାରିକ, ଲକି ଜେନା, ଦିନେଶ ସେଠୀ, ଭକ୍ତି ପଣ୍ଡା, ରାଜ କିଶୋର ବାରିକ, ଲଳିତ ବାରିକ, ସୁମିତ ନାଏକ ଓ ଚାନ୍ଦରାଇ ହାଁସଦା ପ୍ରମୁଖଙ୍କ ସହ ଅନେକ ସାମ୍ବାଦିକ ଉପସ୍ଥିତ ଥିଲେ ।



# ବ୍ରହ୍ମପୁରରେ ଜିଲ୍ଲାପାଳଙ୍କ ମିଳିତ ଜନ ଶୁଣାଣି



ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଗଞ୍ଜାମ ନୂତନ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଆଜି କାର୍ଯ୍ୟରେ ଯୋଗଦାନ କରି ୧୧୨ଟି ଅଭିଯୋଗ ଶୁଣିଥିଲେ । ଏହି ଅଭିଯୋଗ ଶୁଣାଣିରେ ବ୍ରହ୍ମପୁର ଏସପି ଡ଼ ଶର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ବ୍ରହ୍ମପୁର ଭାରପ୍ରାପ୍ତ ଉପ ଜିଲ୍ଲାପାଳ ତଥା ଛତ୍ରପୁର ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଂସଦା ଉପସ୍ଥିତ ରହି ଅଭିଯୋଗ ଶୁଣାଣି କରିଥିଲେ । ଆଜିର ଅଭିଯୋଗ ଗୁଡ଼ିକ ମୁଖ୍ୟତଃ ସ୍ୱାସ୍ଥ୍ୟ, ଶିକ୍ଷା, ଭତା, ଜମି, ଶ୍ରମିକ କାର୍ଡ, ରାସନ କାର୍ଡ ଇତ୍ୟାଦି ଉପରେ ସମୁଦାୟ ୧୧୨ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୯୫ଟି ଓ ଗ୍ରାମ ଭିତିକ ସମସ୍ୟା ୮ଟି ରହିଥିବାବେଳେ ୫ଟି ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା । ରେଡକ୍ରସ ତରଫରୁ ୪ଜଣଙ୍କୁ ୧୨୦୦୦ ଟଙ୍କା ସହାୟତା ରାଶି ଚେକ ଦ୍ୱାରା ପ୍ରଦାନ କରାଯାଇଥିଲା । ଜିଲ୍ଲାପାଳ କୀର୍ତ୍ତି ଭାସନ ଆଜି କାର୍ଯ୍ୟରେ ଯୋଗ ଦାନ କରିଥିବା ହେତୁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଗଞ୍ଜାମ ଜିଲ୍ଲାର ଉନ୍ନତି ଓ ସରକାରଙ୍କ ବିଭିନ୍ନ ଯୋଜନା ଲୋକ ଲୋଚନକୁ ପହଞ୍ଚାଇବାରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସମସ୍ତେ ମିଳିମିଶି କାମ କରିବା ବୋଲି କହିଥିଲେ । ଏହି ଶୁଣାଣିରେ କନିସି ତହସିଲଦାର କବିରାଜ ପ୍ରଧାନଙ୍କ ସମେତ ଜିଲ୍ଲା ସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ବିଡ଼ିଓ ଓ ତହସିଲଦାର ଉପସ୍ଥିତ ରହିଥିଲେ ।

## ହୃଦ୍‌ଘାତରେ ପର୍ଯ୍ୟଟକଙ୍କ ମୃତ୍ୟୁ

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମି ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକଙ୍କ ହୃଦଘାତରେ ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତକ ଜଣଙ୍କ ପଶ୍ଚିମବଙ୍ଗ ହୁଗୁଳି ଜିଲା ପାଣ୍ଡୁଆ ଥାନା ଅନ୍ତର୍ଗତ କମଟାଇ ଗ୍ରାମର ଅନିମେଶ ଦାସ(୫୧) । ମେଡିକାଲ ଫାଣ୍ଡି ପୋଲିସ ମୃତଦେହ ଜବତ କରି ୪୨୨/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ଘଟଣାରୁ ପ୍ରକାଶ ଯେ, ଅନିମେଶ ଦାସ ତାଙ୍କ ପରିବାର ସହ ଗତ ୨୬ ରେ ଗୋପାଳପୁର ଆସିଥିଲେ । ସେମାନେ ସେଠାରେ ଏକ ହୋଟେଲରେ ରହୁଥିଲେ । ସେମାନେ ସନ୍ଧ୍ୟାରେ ବେଳାଭୂମିରେ ବୁଲୁଥିବା ବେଳେ ହଠାତ ସେ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କୁ ଏମେକେସିଜି ମେଡିକାଲ ନିଆଯାଇଥିଲା ହେଲେ ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ ।

## ଏମ୍‌ଏସସିବି ବିଶ୍ୱବିଦ୍ୟାଳୟରେ କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ରଙ୍କ କାର୍ଯ୍ୟରେ ଯୋଗଦାନ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ପ୍ରଫେସର ବିଧୁଭୂଷଣ ମିଶ୍ର ଭାରପ୍ରାପ୍ତ କୁଳପତି ଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ମିଶ୍ରଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା । ସର୍ବପ୍ରଥମେ କୁଳପତି ପ୍ରଫେସର ମିଶ୍ର ପୂଣ୍ୟଶ୍ଳୋକ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ, କୁଳସଚିବ ସୁଶ୍ରୀ ସୁମିତା ସିଂ, ବିତ୍ତ ନିୟନ୍ତ୍ରକ ଶୁକଦେବ ତରେଇ ଓ ଅନ୍ୟ କର୍ମକର୍ତ୍ତାଗଣ ପୁଷ୍ପଗୁଚ୍ଛ ଦେଇ କୁଳପତି ପ୍ରଫେସର ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘ ତରଫରୁ ସଭାପତି ପ୍ରଫେସର ଏମ୍. ହିମବିନ୍ଦୁ ଓ ଅନ୍ୟ ଅଧ୍ୟାପକ ଅଧ୍ୟାପିକା ମାନେ ମଧ୍ୟ ପୁଷ୍ପଗୁଚ୍ଛ ଦେଇ ପ୍ରଫେସର ମିଶ୍ରଙ୍କୁ ସ୍ୱାଗତ କରିଥିଲେ । ତାପରେ କୁଳପତି କ୍ୟାମ୍ପସ ପରିଭ୍ରମଣ କରିବା ସହ ଅଧ୍ୟାପକ ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀଙ୍କ ସହ ଭାବ ବିନିମୟ କରି ନିଜ ବକ୍ତବ୍ୟରେ ଗତ ୧୦ବର୍ଷ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟ ଅଭୁତ ପୂର୍ବ ଉନ୍ନତି ସାଧନ କରିଛି ବୋଲି କହିବା ସହ ଆଗାମୀ ଦିନରେ ଏହି ଉନ୍ନତିର ଧାରାକୁ ବଜାୟ ରଖିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ଗଞ୍ଜେଇ ବିକ୍ରି : ଅଭିଯୁକ୍ତଙ୍କୁ ନେଲା ହରିୟାଣା ପୋଲିସ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲା ମୋହନା ଥାନା ପୁଇପଡ ଗାଁରୁ ଜଣେ ଗଞ୍ଜେଇ ଅଭିଯୁକ୍ତଙ୍କୁ ହରିୟାଣା ପୁଲିସ ଗିରଫ କରିନେଇଛି । ଗଞ୍ଜେଇ ଅଭିଯୁକ୍ତ ଜଣକ ସେହି ଗାଁର ସୁବିତ କୁମାର ନାୟକ(୪୨) । ଗିରଫ ପରେ ମୋହନା କୋର୍ଟରେ ହାଜର କରି ପୋଲିସ ହରିଆଣା ନେଇଯାଇଛି । ଗତ ୨୩ ତାରିଖ ଦିନ ହରିଆଣାର ଜିନ ଗାଁରୁ ୨୪ କିଲୋ ଗଞ୍ଜେଇ ଜବତ ସହ ହରିୟାଣାର ବର୍ଥା ଗାଁର ରିତିକ କୁମାର (୨୩)କୁ ପୋଲିସ ଗିରଫ କରିଥିଲା । ଉକ୍ତ ଗଞ୍ଜେଇର ମୂଲ୍ୟ ତିନି ଲକ୍ଷ ଟଙ୍କା । ତଦନ୍ତ ପରେ ଗିରଫ ରିତିକର ସୂଚନା ଆଧାରରେ ହରିୟାଣା ପୁଲିସର ୪ ଜଣିଆ ଟିମ ମୋହନାରେ ପହଞ୍ଚିଥିଲେ । ମୋହନା ଥାନା ପୁଲିସ ସହାୟତାରେ ପୁଇପଡ ଗାଁରେ ପହଞ୍ଚି ସୁବିତକୁ ଗିରଫ କରିଛି ହରିଆଣା ପୁଲିସ । ସୁବିତ ଗଞ୍ଜେଇ ନେଇ ଛତ୍ରପୁର ରେଳ ଷ୍ଟେସନକୁ ଯାଇଥିଲା । ସେଠାରୁ ରିତିକ ଗଞ୍ଜେଇ ନେଇ ହରିଆଣା ଯାଇଥିଲା ବୋଲି ହରିୟାଣା ପୁଲିସ ଏସଆଇ ବିନୋଦ କୁମାର କହିଛନ୍ତି ।

## ବିଜେପି ପକ୍ଷରୁ ବଡସାହି ଓ କପ୍ତିପଦା ମଣ୍ଡଳର ସଭାପତିଙ୍କ ନାମ ଘୋଷିତ

ବାରିପଦା, (ସବ୍ୟୁ) : ବିଜେପି ପକ୍ଷରୁ ରାଜ୍ୟ ସଭାପତି ମନମହୋନ ସାମଲଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ ୨ଟି ମଣ୍ଡଳର ସଭାପତି ଯଥା ବଡସାହି ମଣ୍ଡଳ ପାଇଁ ଭବାନୀ ଶଙ୍କର ସାହୁ ଓ କପ୍ତିପଦା ପାଇଁ ସୁମନ୍ତ ରାହୁଲଙ୍କ ନାମ ଘୋଷଣା କରିଛନ୍ତି। ଏନେଇ ବିଜେପି ମୟୂରଭଞ୍ଜ ପୂର୍ବ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରବୀନ୍ କୁମାର ପାତ୍ର ପ୍ରେସ ବିବୃତ୍ତି ମାଧ୍ୟମରେ ସୂଚନା ଦେଇଛନ୍ତି।

## କନ୍ଧମାଳର ନୂତନ ଜିଲ୍ଲାପାଳ ଭାବେ ଶ୍ରୀବେଦ ଭୂଷଣଙ୍କ ଦାୟିତ୍ୱ ଗ୍ରହଣ

ଫୁଲବାଣୀ, (ସବ୍ୟୁ): କନ୍ଧମାଳ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବରେ ଶ୍ରୀବେଦ ଭୂଷଣ ଆଜି ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତ । ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ, ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମକର୍ତ୍ତାମାନେ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇବା ସହିତ ନିଜ ନିଜ ବିଭାଗରେ ଚାଲିଥିବା କାର୍ଯ୍ୟକ୍ରମ ମାନ ଜିଲ୍ଲାପାଳ ମହୋଦୟଙ୍କୁ ଅବଗତ କରାଇବା ସହିତ ଆଲୋଚନା କରିଥିଲେ । ଅପରାହ୍ନରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପୋଲାବୁରୁଡି ପଞ୍ଚାୟତର ଅଟାଶାମ୍ଭୁ ଗ୍ରାମରେ ଥିବା ଆଇଟିଡିଏର ଡ୍ରାଗନ୍ ଫଳ ବଗିଚାକୁ ଯାଇଥିଲେ । ସେଠାରେ ଡବ୍ଲୁଏସଏଚସି ସଦସ୍ୟ ଏବଂ ସ୍ଥାନୀୟ ପିଆରଆଇ ସଦସ୍ୟମାନଙ୍କ ସହିତ ବଗିଚା ଏବଂ ଜୀବିକା ସମ୍ବନ୍ଧୀୟ କାର୍ଯ୍ୟକଳାପ ବିଷୟରେ ଆଲୋଚନା କରିଥିଲେ । ପରେ ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ପୋଲାବୁରୁଡି ପଞ୍ଚାୟତର ନେଡିପଦର ଗ୍ରାମରେ ମନୋରେଗା ଅଧୀନରେ ନିର୍ମୀତ ୨ଟି ଚେକ୍ ଡ୍ୟାମ୍ ପରିଦର୍ଶନ କରିଥିଲେ । ଫିରିଙ୍ଗିଆ ବ୍ଲକର କାସିନିପଦର ପଞ୍ଚାୟତର ଥିବା ସ୍ୱାସ୍ଥ୍ୟ ସବ୍ ସେଣ୍ଟର ପରିଦର୍ଶନ କରିଥିଲେ ଏବଂ ପିଏଚ୍‌ଓଙ୍କ ସହିତ ଆଇଏମଆର, ଏମ୍‌ଏମ୍‌ଆର, ଅନୁଷ୍ଠାନିକ ପ୍ରସବ ବିଷୟରେ ଆଲୋଚନା କରିଥିଲେ । କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଫୁଲବାଣୀ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତର ଏବଂ ପାରାମେଡିକାଲ୍ କର୍ମଚାରୀଙ୍କ ସହିତ କଥାବାର୍ତ୍ତା କରିଥିଲେ । ଫୁଲବାଣୀ ଡିଆରଟି ଆଇନ ସେବା କର୍ତ୍ତୃପକ୍ଷଙ୍କ ଦ୍ୱାରା ଆୟୋଜିତ ପୋଷ ଏବଂ ଏସସି ଏସଟି ଅତ୍ୟାଚାର ଆଇନ ଉପରେ ସଚେତନତା ଶିବିରରେ ଯୋଗ ଦେଇଥିଲେ ।

# ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ "ଚରକାୟତନ' ଉଦ୍‌ଘାଟିତ




କଟକ, (ସ୍ୱପ୍ର): ଆୟୁର୍ବେଦ ହେଉଛି ଭାରତର ଗର୍ବ ଓ ପରିଚୟ । ତେବେ ଯୋଗ ପରି ଏହାର ସମ୍ପୂର୍ଣ୍ଣ ସ୍ୱୀକୃତି ଆବଶ୍ୟକ । ଏଥିସହ କୃତ୍ରିମ ବୁଦ୍ଧିମତ୍ତା ସାହାଯ୍ୟରେ ବିଶ୍ୱବିଖ୍ୟାତ ଚରକ ସଂହିତାର ପ୍ରଚାର ପ୍ରସାର ସମ୍ଭବ । ସୋମବାର ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଛଅ ଦିନିଆ ଆୟୁର୍ବେଦ ସମ୍ମିଳନୀ "ଚରକାୟତନ'ର ଉଦ୍‌ଘାଟନୀ ଉତ୍ସବରେ କିଛି ଏହିପରି କହିଛନ୍ତି ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କର । ୬ ଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ଚରକ ସଂହିତା ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସର୍ବଭାରତୀୟ ଆୟୁର୍ବେଦ ଉଦଘାଟନୀ ଉତ୍ସବରେ ଶ୍ରୀ ଶ୍ରୀ କଲେଜଅଫ୍ ଆୟୁର୍ବେଦିକ ସାଇନ୍ସ ଆଣ୍ଡ ରିସର୍ଚ୍ଚ ହସ୍ପିଟାଲ କର୍ତ୍ତୃପକ୍ଷଙ୍କର ତିନିଟି ପୁସ୍ତକ ଉନ୍ମୋଚିତ ହୋଇଥିଲା । "ଚରକାୟତନ' ସମ୍ମିଳନୀରେ ପ୍ରାୟ ଦେଢ଼ଶହରୁ ଉର୍ଦ୍ଧ୍ୱର୍ ଅଂଶଗ୍ରହଣକାରୀ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି । ଆସନ୍ତା ଅଗଷ୍ଟ ୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସମ୍ମିଳନୀରେ ଆୟୁର୍ବେଦ ଛାତ୍ରଛାତ୍ରୀ ଚରକ ସଂହିତାର ତଥ୍ୟ ସମ୍ବଳିତ ଅଧ୍ୟୟନ ଓ ପର୍ଯ୍ୟବେକ୍ଷଣ କରାଯିବାର କାର୍ଯ୍ୟକ୍ରମ ରହିଛି । କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ପକ୍ଷରୁ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠ ଦ୍ୱାରା "ଚରକାୟତନ' ଆୟୋଜିତ ହେଉଥିବା ବେଳେ ଏଥିରେ ସର୍ବଭାରତୀୟ ଆୟୁର୍ବେଦ କଂଗ୍ରେସର ସଭାପତି ପଦ୍ମଭୂଷଣ ଦେବେନ୍ଦ୍ର ତ୍ରିଗୁଣାଙ୍କ ସହ ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ନିର୍ଦ୍ଦେଶିକା ଡ. ବନ୍ଦନା ସିରୋହା, କେନ୍ଦ୍ର ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଉପନିର୍ଦ୍ଦେଶକ ସତ୍ୟଜିତ ପାଲ୍, ନ୍ୟାସନାଲ କମିଶନ ଫର୍ ଇଣ୍ଡିଆନ୍ ସିଷ୍ଟମ୍ ଅଫ୍ ମେଡିସିନ୍ସ (ଏନସିଆଇଏସ୍ଏମ୍) ର ଅଧ୍ୟକ୍ଷ ଡ. ବି. ଏଲ୍. ମେହେରା, ସେଣ୍ଟ୍ରାଲ କାଉନସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ସିସିଆରଏସ୍) ର ଡାଇରେକଫର ଜେନେରାଲ୍ ରବିନାରାୟଣ ଆଚାର୍ଯ୍ୟ, ଶ୍ରୀଶ୍ରୀ ତ%୦ର ପରିଚାଳନା ନିର୍ଦ୍ଦେଶକ ଅରବିନ୍ଦ ବର୍ଚ୍ଚସ୍ୱୀ, ରାଷ୍ଟ୍ରୀୟ ଆୟୁର୍ବେଦ ବିଦ୍ୟାପୀଠର ଗଭର୍ଣ୍ଣିଂ ବଡି ସଦସ୍ୟ ଡ. ମନୋଜ ନେସାରୀ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ସଭାପତି ଡ. ରଜିତା କୁଲକର୍ଣ୍ଣୀଙ୍କ ସମେତ ବହୁ ଦିଗ୍‌ଦର୍ଶୀ ଯୋଗ ଦେଇଛନ୍ତି । ସୁରୁଖୁରୁରେ ସମ୍ମିଳନୀଟିର ସମାପନ ନିମନ୍ତେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ନିରବଚ୍ଛିନ୍ନ ପ୍ରୟାସକୁ କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ, ବିଭାଗୀୟ ଡିନ୍ ଡ. ପ୍ରଦୀପ ପଣ୍ଡା, ଡେପୁଟି ଡିନ୍ ଡ. ଦୁର୍ଗାପ୍ରସାଦ ଦାଶ ପ୍ରମୁଖ ସାଧୁବାଦ ଦେଇଛନ୍ତି । ଏହି ଅବସରରେ ସମଗ୍ର ବିଶ୍ୱରେ ଏକ ନିରାମୟ ସମାଜ ଗଠନ ସହ ଚଳିତ ଶତାବ୍ଦୀରେ ଯୋଗ ଭଳି ଆୟୁର୍ବେଦକୁ ମଧ୍ୟ ଉପଯୁକ୍ତ ମାନ୍ୟତା ମିଳିବ ବୋଲି ମତ ପ୍ରକାଶ ପାଇଛି ।

## କେନ୍ଦୁ କାଠ ଗଣ୍ଡି ଜବତ, ଜଣେ ଗିରଫ

ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ଅନ୍ତର୍ଗତ ସୁଲିଆ ଗାଁ ନିକଟରୁ କେନ୍ଦୁ କାଠ ଚୋରା ଚାଲାଣ ହେଉଥିବା ଖବର ପାଇ ପଦ୍ମପୁର ରେଞ୍ଜର ରଂଜିତ ସିଂବାବୁଙ୍କ ନେତୃତ୍ୱରେ ବନ ବିଭାଗର ଗୋଟିଏ ଟିମ ଚଢାଉ କରିଥିଲେ । ଚଢାଉରେ ଅଭିଯୁକ୍ତ ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଟେଙ୍ଗରାପଦରର ଶିବ ସାହୁ ଠାରୁ ଗୋଟିଏ ନମ୍ବର ବିହିନ ଟ୍ରାକ୍ଟର, ୧୦ ଖଣ୍ଡ କେନ୍ଦୁ କାଠ ଗଣ୍ଡି ଜବତ ହୋଇଛି । ଜବତ କାଠ ଗଣ୍ଡିର ଆନୁମାନିକ ମୂଲ୍ୟ ୩୫ହଜାର ଟଙ୍କାହେବ ବୋଲି ସୂଚନା ମିଳିଛି । ପଦ୍ମପୁର ରେଂଜ କେଶ ନମ୍ବର ୨୪/୨୦୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ପଦ୍ମପୁର ରେଂଜର ସୂଚନା ଦେଇଛନ୍ତି । ଏହି ଚଢାଉରେ ଅନ୍ୟ ମାନଙ୍କ ମଧ୍ୟରେ ଫରେଷ୍ଟର ସରୋଜ କୁମାର ସାହୁ, ଫରେଷ୍ଟର ପଦ୍ମିନୀ ଭୋଇ, ମନ ଠେଠୁଆ, କୃଷ୍ଣ ବଡଗୁଛିଆ ସମେତ ଅନ୍ୟ କର୍ମଚାରୀ ପ୍ରମୁଖ ସାମିଲ ଥିଲେ ।

## ପତ୍ନୀହନ୍ତା ସ୍ୱାମୀ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଅଇଁଠାପାଲି ଥାନା ପୋଲିସ ଏକ ପତ୍ନୀହନ୍ତା ସ୍ୱାମୀକୁ ଗିରଫ କରିଛି । ଏନେଇ ଏକ ମାମଲା ରୁଜୁ କରି ଶବକୁ ଜବତ କରିଛି । ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ସୂଚନାଯୋଗ୍ୟ, ଅଇଁଠାପାଲି ଥାନା ଅନ୍ତର୍ଗତ କରମଟୋଲି କେନାଲ ପଡାରେ ସ୍ୱାମୀ ଲରେନ୍ସ ମୁଣ୍ଡା(୪୫) ପରିବାର ସହ ଭଡାଘରେ ରହୁଥିଲେ । ତେବେ ପାରିବାରିକ କଳହ ଯୋଗୁଁ ସେ ସ୍ତ୍ରୀ କୁଳମଣି ମୁଣ୍ଡା(୫୦)ଙ୍କୁ ଠେଙ୍ଗାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀକୁ ଗିରଫ କରିଛି । ଏଥିସହ ଘଟଣା ସମ୍ପର୍କରେ ପଚରାଉଚରା କରୁଥିବା ଜଣାପଡିଛି ।

## ସୀମାନ୍ତରେ ବ୍ୟାନର ଓ ପୋଷ୍ଟର ମାରିଲେ ମାଓବାଦୀ ସହିଦ ସ୍ତମ୍ଭକୁ ଧ୍ୱଂଶ କଲେ ଯବାନ

ମାଲକାନଗିରି,(ସବ୍ୟୁ): ସୋମବାର ଠାରୁ ଆରମ୍ଭ ହୋଇଛି ମାଓବାଦୀଙ୍କ ସହିଦ ସପ୍ତାହ। ମାଲକାନଗିରି ଜିଲ୍ଲାରେ ପୁଲିସ ପକ୍ଷରୁ ହାଇଅଲର୍ଟ ଜାରି କରାଯାଇଛି। ସୀମାନ୍ତରେ ଡିଭିଏଫ,ଏସଓଜି ଯବାନ ସର୍ଚ୍ଚ ଅପରେସନ କରୁଛନ୍ତି। ଏଥିସହ ଜିଲ୍ଲାରେ ରହିଥିବା ପ୍ରାୟ ୩୦ଟି ବିଏସଏଫ କମ୍ପାନି ମଧ୍ୟ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବା ସହ କୁମ୍ବିଂକୁ ଜୋରଦାର କରୁଛନ୍ତି। ମାଓବାଦୀ ଯେପରି କୌଣସି ଗାଁରେ ସହିଦ ଦିବସ ପାଳନ ନକରିବେ ସେଥିପ୍ରତି ଦୃଷ୍ଟି ଦିଆଯାଉଛି। ସେହିପରି ଗୁଇନ୍ଦାକୁ ମଧ୍ୟ ଅଲର୍ଟ କରାଯାଇଛ। କୌଣସି ସୂଚନା ପାଇବା ପରେ ଯବାନ ସେହି ଅଞ୍ଚଳକୁ ଗସ୍ତ କରିବେ ବୋଲି କୁହାଯାଇଛି। ସୀମାନ୍ତ ଆନ୍ଧ୍ରପ୍ରଦେଶର ଗାଁ ଗୁଡିକରେ ମାଓ ପୋଷ୍ଟର ଏବଂ ବ୍ୟାନର ମାରି ସହିଦ ଦିବସ ପାଳନ କରିବାକୁ ଆହ୍ୱାନ କରିଛନ୍ତି।ପୋଷ୍ଟରରେ ଗାଁ ଗାଁରେ ସହିଦଙ୍କ ସ୍ମୃତିଚାରଣ କରିବାକୁ ଆହ୍ୱାନ କରାଯାଇଛି। ସରକାର ଯେତେ ଦମନ କଲେ ମଧ୍ୟ ସଂଗଠନ ମରିବ ନାହିଁ ବୋଲି ମାଓ ନେତା କହୁଛନ୍ତି। ଆଜି ବି ମାଓବାଦୀ ପାର୍ଟି ବଞ୍ଚିଛି ଓ ଆଗକୁ ମଧ୍ୟ ବଞ୍ଚିଥିବ ବୋଲି କୁହାଯାଇଛି। ଯାହାକୁ ନେଇ ପୁଲିସ ଆହୁରି ତତ୍ପରତା ଦେଖାଇଛି। ସୀମାନ୍ତ ଛତିଶଗଡରେ ଡିଆରଜି, ଏସଟିଏଫ ,ସିଆରପିଏଫ, କୋବ୍ରା, ବିଏସଏଫ ଯବାନ ସମସ୍ତ ବସ୍ତର ଏବଂ ନକ୍ସଲ ପ୍ରଭାବିତ ଅଞ୍ଚଳକୁ ଘେରି ରହିଛନ୍ତି। ଦନ୍ତେୱାଡା ଅଞ୍ଚଳରେ ମାଓବାଦୀ ନିର୍ମାଣ କରିଥିବା ସହିଦସ୍ତମ୍ଭକୁ ଯବାନ ଧ୍ୱଂସ କରିଦେଇଛନ୍ତି। ଲଗାତାର ଅପରେସନରେ ନକ୍ସଲ ଭୟଭିତ ହୋଇ ସଂଗଠନ ଛାଡୁଥିବା ମଧ୍ୟ ଦେଖିବାକୁ ମିଳିଛି। ଅନ୍ୟଦିଗରେ ଏନକାଉଣ୍ଟରରେ ମଧ୍ୟ ମାଓବାଦୀ ମୃତ୍ୟୁ ଜାରି ରହିଛି। ଆଉ ୭ ମାସ ମଧ୍ୟରେ ମାଓବାଦୀ ନିଶ୍ଚିତ ଭାବେ ଦମନ ହେବେ ବୋଲି ପୁଲିସ ଯୁକ୍ତି ବାଢିଛି। ଯେଉଁମାନେ ବି ସଂଗଠନରେ ରହି ନିର୍ଯାତିତ ହେଉଛନ୍ତି ତୁରନ୍ତ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହେଲେ ସମସ୍ତ ସହଯୋଗ କରାଯିବ ବୋଲି କୁହାଯାଇଛି। ପ୍ରଥମ ଦିନରେ ସେଭଳି କୌଣସି ଅଘଟଣ ଘଟିନଥିବା ଦେଖିବାକୁ ମିଳିଛି। ମାଓବାଦୀ ମଧ୍ୟ ଦୁର୍ଗମ ଗାଁରେ ସହିଦ ଦିବସ ପାଳନ ପାଇଁ ଜୋରସୋରରେ ପ୍ରୟାସ କରୁଥିବା ସୂଚନା ମିଳିଛି।

## ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପୁରୁଣା କୋଠାକୁ ସିଏଚସି ଡାକ୍ତରଖାନା ଦାବୀ

ଦେବଗଡ,(ସବ୍ୟୁ) : ଦେବଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚଳିତମାସ ୧୧ ତାରିଖ ଠାରୁ ନୂତନ କୋଠାକୁ ସ୍ଥାନାନ୍ତରିତ ହୋଇଛି। ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ଦେବଗଡ ସହର ଠାର ୬ କିଲୋମିଟର ଦୂର ରେ ନିର୍ମିତ ହୋଇଥିବା ବେଳେ ସେଠାକୁ ଯାତାୟାତ ସୁବିଧା ନାହିଁ। ସାଧାରଣ ଲୋକ ଉକ୍ତ ଚିକିତ୍ସା ପାଇଁ ସେଠାକୁ ଯିବା ପାଇଁ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଜିଲ୍ଲା ନାଗରିକ କମିଟି ପକ୍ଷରୁ ସ୍ଥାନୀୟ ସେଣ୍ଟର ଫର କଲଚର ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆବଶ୍ୟକ ଡାକ୍ତର ଓ ଅନ୍ୟାନ୍ୟ କର୍ମଚାରୀ ବ୍ୟବସ୍ଥା ସହ ଆନୁଷଙ୍ଗିକ ବ୍ୟବସ୍ଥା କରିବା ପାଇଁ ଆଲୋଚନା କରାଯାଇଥିଲା। ସେହିଭଳି ସହର ମଧ୍ୟ ଭାଗରେ ରହିଥିବା ପୁରୁଣା କୋଠାକୁ ସିଏଚସି ଡାକ୍ତରଖାନା ଘୋଷଣା କରି ୨୪ଘଣ୍ଟିଆ ଚିକିତ୍ସା ସେବା ଯୋଗାଇ ଦେବାପାଇଁ ସରକାରଙ୍କ ଠାରେ ଦାବି ଉପସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ଦେବଗଡ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ବିଜେପି ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, କଂଗ୍ରେସ ଜିଲ୍ଲା ସଂଯୋଜକ ସେମ ହେମରମଙ୍କ ସହ ସହରର ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ଥିଲେ।

## ଭିତରେ ଯୁଗ୍ମ ଜନ ଶୁଣାଣୀ, ବାହାରେ ଠେଲା ପେଲା

ତରଭା,(ସବ୍ୟୁ): ସୋମବାର ତରଭା ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ବ୍ଲକ ସଭା ଗୃହରେ ଚାଲିଥିବାବେଳେ ବାହାରେ ଧାନ କିଣାକୁ ନେଇ ମରାଡୁଗୋଛା ପେକ୍ସ ଅଧିନସ୍ଥ ଚାଷୀଙ୍କ ଦ୍ୱାରା ଜିଲ୍ଲା ଯୋଗାଣ ସହକାରୀ ଅଧିକାରୀ ରେବତିସ୍ ନାଏକ ଓ ସମବାୟ ବିଭାଗର ସହକାରୀ ନିବନ୍ଧକ ପାନୁ ଚରଣ ସାହୁଙ୍କୁ ଉତ୍ୟକ୍ତ ଚାଷୀ ମାନେ ଧସ୍ତାଧସ୍ତି କରିବା ଭଳି ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଥିଲା । ପରେ ନୂତନ ଜିଲ୍ଲାପାଳ ଡ. ନୃପରାଜ୍ ସାହୁଙ୍କୁ ଭେଟି ଚାଷୀମାନେ ଧାନକିଣାରେ ଅନିୟମିତତା ଏବଂ ଧାନ ବିକ୍ରିର ପ୍ରାପ୍ୟ ମୂଲ୍ୟ ଏଯାବତ୍ ପାଇନଥିବା ନେଇ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେବା ପରେ ଅସନ୍ତୋଷ ଚାଷୀ ମାନେ ଆନ୍ଦୋଳନରୁ ଓହରିଥିଲେ ।

# ଅବ୍ୟବସ୍ଥା ଘେରରେ ଆମପାଣି ଜନଜାତି ଆବସିକ ବିଦ୍ୟାଳୟ



କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଆମପାଣି ଠାରେ ଥିବା ଆଦିବାସୀ ଜନଜାତି ଆବସିକ ବିଦ୍ୟାଳୟକୁ କୋକସରା ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକ୍ଷକ ଡ଼. ହିମାଞ୍ଚଳ ମାଝୀ ଓ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ପରିଦର୍ଶନ କରିବା ସହ ଆବାସିକ ବିଦ୍ୟାଳୟର ଭିତ୍ତିଭୂମି ଓ ଛାତ୍ରଛାତ୍ରୀଙ୍କ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ । ତେବେ ପରିଦର୍ଶନ ବେଳେ ବିଦ୍ୟାଳୟରେ ଅନେକ ଅବ୍ୟବସ୍ଥା ଏବଂ ଆନୁସଙ୍ଗିକ ଭିତ୍ତିଭୂମିରେ ଅନେକ ଅନିୟମିତତା ଥିବା ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ମତେ ଆମପାଣି ପଞ୍ଚାୟତ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏଠିକାର ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଜନଜାତି ଆବସିକ ବିଦ୍ୟାଳୟ ରହିଛି। ଏହି ବିଦ୍ୟାଳୟରେ ବ୍ଲକ ର ଅନେକ ପଞ୍ଚାୟତ ର ଆଦିବାସୀ ଜନଜାତିର ଛାତ୍ରଛାତ୍ରୀ ମାନେ ହଷ୍ଟେଲରେ ରହି ପାଠ ପଢୁଛନ୍ତି। ଆବସିକ ବିଦ୍ୟାଳୟରେ ଛାତ୍ରୀ ହଷ୍ଟେଲରେ ୧୨୦ ଜଣ ଓ ଛାତ୍ର ହଷ୍ଟେଲରେ ୩୦୦ ଜଣ ଛାତ୍ର ରହୁଥିବା ସୂଚନା ମିଳିଛି। ତେବେ ଏହି ଆଦିବାସୀ ଆବସିକ ବିଦ୍ୟାଳୟ ରେ ନାନା ସମସ୍ୟା ଦେଇ ଛାତ୍ରଛାତ୍ରୀ ମାନେ ରହୁଥିବା ନେଇ ଅଭିଯୋଗ କରିଛନ୍ତି। କୋକସରା ବିଡ଼ିଓ ଡ଼. ମାଝୀ ଓ ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ବିଦ୍ୟାଳୟ ପରିଦର୍ଶନ ସମୟରେ ଛାତ୍ରଛାତ୍ରୀଙ୍କ ପାଇଁ ରହିଥିବା ହଷ୍ଟେଲର ଶୌଚାଳୟ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଥିବା ଓ ଅଧିକାଂଶ ଶୌଚାଳୟ ବ୍ୟବହାର ଉପଯୋଗୀ ନଥିବା, ଛାତ୍ରଛାତ୍ରୀଙ୍କ ରହିବା କୋଠରୀରେ ଅଧିକାଂଶ ଲାଇଟ ଓ ଫ୍ୟାନ ଅଚଳ ହୋଇ ପଡ଼ିଥିବା ବେଳେ ଛାତ୍ରଛାତ୍ରୀ ରହୁଥିବା କୋଠରୀର ଟାଇଲ ଦବି ଯାଇଥିବା, ଖଟରେ ମଶାରୀ ବାନ୍ଧିବା ପାଇଁ କାଠ ଖମ୍ବ ଲାଗିଥିବା ଓ ବର୍ଷାରେ ପାଣି ଝରୁଥିବା,ଖାଦ୍ୟ ପ୍ରସ୍ତୁତ ହେଉଥିବା ରୋଷେଇ ଘର ଓ ଖାଇବା ସ୍ଥାନ ରେ ସ୍ୱଚ୍ଛତା ନଥିବା ପରିଦର୍ଶନ କରି ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଡ଼ିଓ ଓ ଉପାଧ୍ୟକ୍ଷ ଙ୍କ ପରିଦର୍ଶନ ସମୟରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁ ଅନୁପସ୍ଥିତ ଥିବାରୁ ଅନ୍ୟ ସହକାରୀ ଶିକ୍ଷକ ଓ କର୍ମଚାରୀ ଙ୍କ ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଦ୍ୟାଳୟର ଦୁରାବସ୍ଥା ନେଇ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସାହୁଙ୍କୁ ଫୋନ ଯୋଗେ ସମ୍ପର୍କ କରିବାରୁ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଅବାନ୍ତର ଯୁକ୍ତି କରିଥିଲେ। ଏଥିରୁ ଜଣାପଡ଼େ ପ୍ରଧାନ ଶିକ୍ଷକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ରହିବା, ଖାଇବା,ସେବାଯତ୍ନ ନେବାରେ କେତେ ଯତ୍ନଶୀଳ। ପ୍ରଧାନ ଶିକ୍ଷକଙ୍କ ବ୍ୟବହାରରେ ଛାତ୍ରଛାତ୍ରୀ ମାନେ ମଧ୍ୟ ଅସନ୍ତୋଷ ପ୍ରକାଶ କରିଥିବା ନେଇ ପରିଦର୍ଶନ ଯାଇଥିବା ବ୍ଲକ ଉପାଧ୍ୟକ୍ଷ ଶ୍ରୀ ଅଗ୍ରୱାଲ ପ୍ରକାଶ କରିଛନ୍ତିଛ ଅନ୍ୟପଟେ ଏନେଇ ପରିଦର୍ଶନ ଯାଇଥିବା କୋକସରା ବିଡ଼ିଓ ଡ଼. ମାଝୀ ଙ୍କ ପ୍ରତିକ୍ରିୟା ନେବାରୁ ବିଦ୍ୟାଳୟର ସମସ୍ୟାକୁ ମୁଁ ନିଜେ ଦେଖିଛି ଓ ବିଦ୍ୟାଳୟରେ ରହିଥିବା ସମସ୍ୟା ସମ୍ପର୍କରେ ମୁଁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କ ସହ ଆଲୋଚନା କରିଛି। ଆବସିକ ବିଦ୍ୟାଳୟ ହଷ୍ଟେଲରେ ରହୁଥିବା ଅନ୍ତେବାସୀ ଛାତ୍ରଛାତ୍ରୀଙ୍କ ରହିଥିବା ବିଭିନ୍ନ ସମସ୍ୟା ରେ ସୁଧାର ଓ ଆନୁସଙ୍ଗିକ ଭିତ୍ତିଭୂମି ବିକାଶ ନେଇ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି।

## ଅଜଣା ଜ୍ୱର : ଘର ଘର ବୁଲି ରକ୍ତ ନମୂନା ସଂଗ୍ରହ କରୁଛନ୍ତି ଡ଼ାକ୍ତରୀ ଦଳ

କୋରାପୁଟ,(ସବ୍ୟୁ): କୋରାପୁଟ ବ୍ଲକ ଅନ୍ତର୍ଗତ ମୋହନପଡା ଗାଁରେ ଅଜଣା ରୋଗର ଆତଙ୍କ। ଗାଁର ସବୁ ଘରେ ପରିବାରର ମହିଳା, ପୁରୁଷ ଓ ପିଲାମାନେ ମଧ୍ୟ ଏହି ଅଜଣା ଜ୍ୱରରେ ପୀଡିତ ଥିବା ଜଣାପଡିଛି । ଏଥିରୁ କୁନି କୁନି ଶିଶୁମାନେ ମଧ୍ୟ ବାଦ ପଡି ନାହାଁନ୍ତି ବୋଲି ଗାଁ ଲୋକେ କହିଛନ୍ତି। ଗ୍ରାମର ଦୁଇଟି ୱାର୍ଡରେ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଘର ସହ ୬ଟି ସାହି ରହିଛି। ସବୁ ସାହିରେ ଏହି ଅଜଣା ରୋଗରେ ଶତାଧିକ ପରିବାର ଆକ୍ରାନ୍ତ ହୋଇଛନ୍ତି। କୋରାପୁଟ ବ୍ଲକ ପଦ୍ମପୁର ପଂଚାୟତର ଦୁଇ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ଦୁଇଟି ଅଙ୍ଗନବାଡି କେନ୍ଦ୍ର ସହ ଆଶା କର୍ମୀ ରହିଛନ୍ତି। ଆଶା କର୍ମୀ ଫୁଲମଣି ଖିଲଙ୍କ କହିବା କଥା ଆଜିକୁ ପ୍ରାୟ ପାଞ୍ଚଦିନ ଧରି ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ ଗାଁକୁ ଆସି ଘରକୁ ଘର ବୁଲି ଦେଖିଛନ୍ତି। ପ୍ରାୟ ଲୋକଙ୍କର ରକ୍ତ ନମୁନା ନେଇଛନ୍ତି। କୋରାପୁଟ କି ଜୟପୁରରେ ଏ ପରୀକ୍ଷା ହୋଇ ପାରିଲା ନାହିଁ ତେଣୁ ନମୁନା ଭୁବନେଶ୍ୱର ଯାଇଛି, କିନ୍ତୁ ରିପୋର୍ଟ ଆସିନାହିଁ । ଏହି ରୋଗର ଲକ୍ଷଣ ପ୍ରଥମେ ଗୋଡ଼ହାତ ଫୁଲିଯାଇ ଜ୍ୱର ଓ ପରେ ହାତ ଆଙ୍ଗୁଠି ଏବଂ ଗୋଡ଼ ହାତ ଗଣ୍ଠି ଗୁଡିକ ଯନ୍ତ୍ରଣା ହେଉଛି। ଏଥିରେ ବୟସ୍କ ବ୍ୟକ୍ତିମାନେ ଚାଲିପାରୁ ନ ଥିବା ଦେଖିବାକୁ ମିଳିଛି। ଏହି ରୋଗରେ ପ୍ରାୟ ଲୋକ ଆକ୍ରାନ୍ତ ହୋଇଥିବା ଜଣାଯାଇଛି। ବୟସ୍କ ମହିଳା ପୁରୁଷ, ଯୁବତୀ ଯୁବକ ଏମିତିକି ପିଲାଛୁଆମାନେ ଆକ୍ରାନ୍ତ ହୋଇ ଆଜକୁ ପ୍ରାୟ ୧ ମାସରୁ ଉର୍ଦ୍ଧ୍ୱ ସମୟ ଯନ୍ତ୍ରଣା ଭୋଗୁଥିବା ଆକ୍ରାନ୍ତମାନେ କହିଛନ୍ତ।

ଡାକ୍ତର ଟିମ ଯାହା ଔଷଧ ଦେଉଛନ୍ତି ତାହା ଖାଇଲେ କିଛି ସମୟ ପାଇଁ ଉପଶମ ହେଉଛି। ପରେ ଯେମିତିକି ସେମିତି ଅବସ୍ଥା ହେଉଥିବା ସେ କହିଛନ୍ତି। କିଛି ଘଣ୍ଟା ଯନ୍ତ୍ରଣାରୁ ଉପଶମ ମିଳୁଛି, ପରେ ପୁଣି ଯନ୍ତ୍ରଣା ହେଉଛି। ପ୍ରାୟ ଲୋକ ଜ୍ୱରରେ ପୀଡିତ ରହିବା ସହ ଗୋଡ଼ ଓ ଗଣ୍ଠି ଭୀଷଣ ଫୁଲିଯାଇ ଯନ୍ତ୍ରଣା ହେଉଛି। ଏ ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗର ସିଡ଼ିଏମଓ ଙ୍କୁ ପଚାରିବାରୁ ସେ କହିଛନ୍ତି, ମିଳିଥିବା ରିପୋର୍ଟ କହୁଛି,ଏହା ଚିକେନ ଗୁନିଆ । ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମୋହନପଡା ଗାଁରେ ଏକ ଟିମ ପହଞ୍ଚି ଆକ୍ରାନ୍ତଙ୍କ ଚିକିତ୍ସା ଜାରି ରଖିଛନ୍ତି । ଅନ୍ୟପଟେ ସ୍ୱାସ୍ଥ୍ୟ ବିଭାଗର ଅଫିସର ଇନଚାର୍ଜ କହିଛନ୍ତି, ଆଗରୁ ଏହି ଜ୍ୱର ନଥିଲା। ଏବେ ଏବେ ବାହାରୁଛି, ଏହା ଦିନ ବେଳେ ମଶା କାମୁଡ଼ିବାରୁ ହୁଏ । ତେବେ ପ୍ରକୃତ କାରଣ ଜାଣିବା ପାଇଁ ବିଭିନ୍ନ ନମୁନା ସଂଗ୍ରହ ଚାଲିଛି। କୋରାପୁଟ ଜିଲାରେ ବିଗତ କିଛି ବର୍ଷ ହେଲା ଏହି ଜ୍ୱର ଦେଖାଯାଇନଥିଲା । ଏବେ ପୁଣି ବିଭିନ୍ନ ଗାଁରେ ଆତଙ୍କ ପ୍ରକାଶ ପାଇଥିବା କୁହାଯାଉଛି।

## ଗଣେଶ ମେଳା କମିଟିର ନୂତନ ସଭାପତି ନିର୍ବାଚନ

ଦେବଗଡ ,(ସବ୍ୟୁ): ଦେବଗଡ ଜିଲ୍ଲାର ପ୍ରସିଦ୍ଧ ସାର୍ବଜନୀନ ଗଣେଶ ମେଳା କମିଟିର ନୂତନ ସଭାପତି ଭାବେ ରାଜକିଶୋର ଦାଶ ନିର୍ବାଚିତ ହୋଇଛନ୍ତି। ପୂର୍ବରୁ ଦୁଇଥର ବୈଠକ ବସି ଦୁଇଟି କମିଟି ଗଠନ ହୋଇଥିବା ବେଳେ କେଉଁ କମିଟି ଚଳିତବର୍ଷ ପୂଜା କରିବେ ତାକୁ ନେଇ



ବିବାଦ ଦେଖାଦେଇଥିଲା। ବହୁ ବାଦବିବାଦ ପରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ନିର୍ଦ୍ଦେଶ ଅନୁଯାଇ ସୋମବାର ଦେବଗଡ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଉପ ଜିଲ୍ଲାପାଳ ପରୀକ୍ଷିତ ସାହୁଙ୍କ ଉପସ୍ଥିତିରେ ସାର୍ବଜନୀନ ଗଣେଶ ମେଳା କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବହୁ ଆଲୋଚନା ପରେ ଦୁଇଜଣ ପ୍ରାର୍ଥୀଙ୍କ ମଧ୍ୟରେ ନିର୍ବାଚନ ହେବାକୁ ଘୋଷଣା କରାଯାଇଥିଲା। ସାର୍ବଜନୀନ ଗଣେଶ ମେଳା କମିଟିର ପଞ୍ଜିକୃତ ସଦସ୍ୟ ମାନେ ଭୋଟରେ ଅଂଶଗ୍ରହଣ କରିଥିଲେ। ରାଜକିଶୋର ଦାଶ ମୋଟ ୪୯ ଗୋଟି ଭୋଟ ପାଇଥିବାବେଳେ ତାଙ୍କର ପ୍ରତିଦ୍ୱନ୍ଦୀ ସତ୍ୟ ନାରାୟଣ ପାଣୀ ୪୪ ଗୋଟି ଭୋଟ ପାଇଥିଲେ। ତିନୋଟି ଭୋଟ ନାକଚ ହୋଇଥିଲା। ଦେବଗଡ ସାର୍ବଜନୀନ ଗଣେଶ ପୂଜାର ବିଶେଷତ୍ୱ ହେଉଛି ସାରା ସହରବାସୀ ଦୈନିକ ବଜାର ନିକଟରେ ଥିବା ଗଣେଶ ମଣ୍ଡପ ଠାରେ ଗୋଟିଏ ସ୍ଥାନରେ ଧୂମଧାମରେ ପାଳନ କରିଥାନ୍ତି। ୧୦ଦିନ ବ୍ୟାପୀ ସାରା ଜିଲ୍ଲା ଉତ୍ସବମୁଖର ହୋଇଥାଏ।

## ରାୟଗଡ଼ା ନୂତନ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଯୋଗଦାନ

ରାୟଗଡା,(ସବ୍ୟୁ): ରାୟଗଡାରେ ନୂତନ ଜିଲାପାଳ ଭାବେ ଆଶୁତୋଷ କୁଲକର୍ଣ୍ଣି (ଆଇଏଏସ) ସୋମବାର ପୂର୍ବାହ୍ନରେ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ବିଦାୟୀ ଜିଲ୍ଲାପାଳଙ୍କ ପାରୁଲ ପଟାୱାରୀଙ୍କ ଠାରୁ ରବିବାର ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିହାର ରଞ୍ଜନ କହଁରଙ୍କୁ



ଦାୟିତ୍ୱଦେଇ ଚାଲିଯାଇଥିଲେ । ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳଙ୍କ ଠାରୁ ଆଶୁତୋଷ କୁଲକର୍ଣ୍ଣି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନୂତନ ଦାୟିତ୍ୱ ଗ୍ରହଣ କରିଥିଲେ । ଦାୟିତ୍ୱ ଗ୍ରହଣ କରିବାପରେ ନୂତନ ଜିଲ୍ଲାପାଳଙ୍କୁ ବିଭିନ୍ନ ବିଭାଗୀୟ ଅଧିକାରୀ ମାନେ ,ବିଭିନ୍ନ ସଂଗଠନର କର୍ମକର୍ତ୍ତା, କର୍ମଚାରୀ ସଂଘର କର୍ମକର୍ତ୍ତା ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସ୍ୱାଗତ କରିଥିଲେ । ଏହା ସହିତ ବିଧାୟକ କାଡ୍ରାକା ଆପାଲାସ୍ୱାମି , କଂଗ୍ରେସ ସଭାପତି ଦୁର୍ଗା ପ୍ରସାଦ ପଣ୍ଡା, ସୁନିଲ ପଣ୍ଡା ନୂତନ ଜିଲ୍ଲାପାଳଙ୍କୁ ସ୍ୱାଗତ କରିବା ସହ ଜିଲ୍ଲାରେ ଥିବା ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ । ଗତ ୧୧ମାସ ଧରି ଜିଲ୍ଲାରେ ବିକାଶ ହୋଇନାହିଁ । ବିକାଶ କାର୍ଯ୍ୟରେ ଆମର ସହଯୋଗ ରହିବ ବୋଲି କହିଛନ୍ତି । ଏନେଇ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସରକାରଙ୍କ ବିଭିନ୍ନ ଯୋଜନାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ସହିତ ଦୁର୍ନୀତି ମୁକ୍ତ ଜିଲ୍ଲା କାରାଯିବ ବୋଲି ପ୍ରକାଶ କରିଥିଲେ ଜିଲ୍ଲାପାଳ ।

## ଜନନୀ ଯନ୍ତ୍ରଣା : ୨କିମି ଭାରରେ ବୁହାହେଲେ ଗର୍ଭବତୀ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁରରେ ଜନନୀ ଯନ୍ତ୍ରଣା । ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ୨କିମି ଭାରରେ ବୁହାହେଲେ ଗର୍ଭବତୀ । ମେଡିକାଲରେ ପହଞ୍ଚିବା ପରେ ଯାଆଁଳା ସନ୍ତାନଙ୍କୁ ଜନ୍ମ ଦେଲେ ମହିଳା । ଏଭଳି ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି ତେନ୍ତୁଳିଖୁଣ୍ଟି ବ୍ଲକର ବରଡ଼ାଯୋଡ଼ି ଗାଁରେ । ଦୁର୍ଗମ ବରଡ଼ାଯୋଡ଼ି ଗାଁର ଲଛମନ ଜାନିଙ୍କ ପତ୍ନୀ ସୁନିତାଙ୍କୁ ପ୍ରସବ ବେଦନା ଆରମ୍ଭ ହୋଇଥିଲା। ପରିବାର ଲୋକ ସ୍ଥାନୀୟ ଆଶାକର୍ମୀଙ୍କୁ ଯୋଗାଯୋଗ କରିଥିଲେ । ଆଶାକର୍ମୀ ତୁରନ୍ତ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ ।ଖବର ପାଇ ଆମ୍ବୁଲାନ୍ସ ବରଡ଼ାଯୋଡ଼ି ଅଭିମୁଖେ ବାହାରିଥିଲା । କିନ୍ତୁ ପକ୍କା ରାସ୍ତା ନଥିବାରୁ ଗାଁଠାରୁ ପ୍ରାୟ ୨କିମି ଦୂର ଡାଇକ୍-୧ ଗାଁରେ ଆମ୍ବୁଲାନ୍ସ ଅଟକି ଯାଇଥିଲା। ଏହି ଖବର ପାଇ ଆଶାକର୍ମୀ, ଗ୍ରାମବାସୀ ଓ ପରିବାର ଲୋକ ସୁନିତାଙ୍କୁ ଜଙ୍ଗଲିଆ ରାସ୍ତା ଦେଇ ୨ କିମି ଭାରରେ ବୋହି ଆମ୍ବୁଲାନ୍ସ ନିକଟରେ ପହଞ୍ଚିଥିଲେ । ପରେ ଆମ୍ବୁଲାନ୍ସ ଯୋଗେ ସୁନିତାଙ୍କୁ ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଅପରାହ୍ନରେ ସୁନିତା ଯାଆଁଳା ସନ୍ତାନ ଜନ୍ମ ଦେଇଥିବା ସୂଚନା ମିଳିଛି ।

## ଦାଦନ ଯାଇ ଫେରିଲା ଯୁବକଙ୍କ ମୃତଦେହ

ମ.ରାମପୁର,(ସବ୍ୟୁ): ଦାଦନ ରୋକିବାରେ କଳାହାଣ୍ଡି ଜିଲ୍ଲା ପ୍ରଶାସନ ବିଫଳ ହୋଇଛି। କଳାହାଣ୍ଡି ଜିଲ୍ଲା ମ.ରାମପୁର ବ୍ଲକ୍ ମାଣିକେରା ଗ୍ରାମ ପଞ୍ଚାୟତ ଟାପରେଙ୍ଗ ଗ୍ରାମର ଜମଧର ନାଗଙ୍କ ପୁଅ ଥମାସ ନାଗ (୨୪) ପରିବାରର ଜଣେ ମାତ୍ର ରୋଜଗାରିଆ ପୁଅ। ମା'ଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବାରୁ ବହୁତ ଟଙ୍କା ଦରକାର ହେଲା। ଗାଁରେ କୌଣସି କାମଧନ୍ଧା ନପାଇ ପାଇବାରୁ ବାହାର ରାଜ୍ୟ ତାମିଲନାଡୁକୁ ଦାଦନ ଖଟିବାକୁ ଯିବାପାଇଁ ସେ ବାଧ ହେଲେ ।ସେଠାରେ ତାଙ୍କ ଦେହ କୌଣସି କାରଣରୁ ଅସୁସ୍ଥ ହୋଇଥିଲା ଏବଂ ଡାକ୍ତରଖାନାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଯାଇଛି। ତେବେ ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ୱଷ୍ଟ ଜଣା ପଡ଼ିନାହିଁ । ଅନ୍ୟପଟେ ତାମିଲନାଡୁରୁ ତାଙ୍କ ମୃତଦେହ ରବିବାର ଗାଆଁକୁ ଫେରିଛି। ତାମିଲନାଡୁରୁ ଆମ୍ବୁଲାନ୍ସ ଯୋଗେ ମୃତଦେହ ଅଣାଯାଇଛି। ଯୁବକ ଥମାସଙ୍କ ଏମିତି ଅକାଳ ବିୟୋଗରେ ସାଙ୍ଗସାଥି ବନ୍ଧୁ ପରିଜନ ସହ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି ।ରୋଜଗାରକ୍ଷମ ପୁଅକୁ ହରାଇ ପରିବାର ଏବେ ଚିନ୍ତାରେ ଭାଙ୍ଗି ପଡ଼ିଛନ୍ତି। କେଉଁଠୁ ଆସିବ ବୃଦ୍ଧ ମା ବାପା ଙ୍କ ଚିକିତ୍ସା ଟଙ୍କା ପଇସା ଏଥିପ୍ରତି ଜିଲ୍ଲା ପ୍ରଶାସନ ଆର୍ଥିକ ସାହାଯ୍ୟ କରିବା ପାଇଁ ଅଞ୍ଚବାସୀ ବୁଦ୍ଧିଜୀବୀ ଦାବି କରୁଛନ୍ତି।

## ରେଞ୍ଜରଙ୍କ ଦୁର୍ବ୍ୟବହାର ଅଭିଯୋଗ

ରାୟଗଡା,(ସବ୍ୟୁ): କାଶିପୁର ରେଞ୍ଜର ଏବଂ ଫରେଷ୍ଟର ନାମରେ ସାଙ୍ଘାତିକ ଅଭିଯୋଗ। ନିଜ କର୍ମଚାରୀଙ୍କୁ ଜାତିଆଣ ଭେଦଭାବ ସହ କମ୍ବିଂ ବେଳେ ପାରା କର୍ମଚାରୀ ହାତରେ ଦୁଇ ଦୁଇଟି ମୋବାଇଲ ଧରି ପାହାଡ଼ ବୁଲାଇବା , ପାରା କର୍ମଚାରୀଙ୍କୁ କାର୍ଯ୍ୟ ସ୍ଥଳରେ ଦୁର୍ଘଟଣା ହେବା ପରେ ସହଯୋଗ ନକରି ଜଙ୍ଗଲରୁ ବାହାରି ଯିବା, ନିଜ ଘରେ କାମ କରାଇବା ଭଳି ଡିଏଫଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ପାରା କର୍ମଚାରୀ। ରାୟଗଡା ଜିଲ୍ଲା କାଶିପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ ଦାୟିତ୍ୱ ଗ୍ରହଣ କରିବା ଠାରୁ ପାରା ଫରେଷ୍ଟର ଉପରେ ନିର୍ଯାତନା କରୁଛନ୍ତି। ପ୍ରତ୍ୟେକ ଦିନ କାର୍ଯ୍ୟରୁ ବାହାର କରି ଦିଆଯିବ ବୋଲି ଭୟଭୀତ କରାଇବା ଭଳି ଅଭିଯୋଗ କରିଛନ୍ତି। ଗତ ୨୦୧୮ ମସିହାରେ ସରକାରଙ୍କ ନିୟମ କରାଯାଇଛି ବନ କର୍ମଚାରୀ ମାନେ କଣ କାମ କରୁଛନ୍ତି ତାହା ତାଙ୍କ ମୋବାଇଲ ଦ୍ୱାରା ରାଜ୍ୟ ସରକାର ଜାଣି ପାରିବେ । କିନ୍ତୁ ଫରେଷ୍ଟର ଏବଂ ଗାର୍ଡମାନଙ୍କ ମୋବାଇଲ ପାରା କର୍ମଚାରୀଙ୍କ ଧରାଇ ପାହାଡ଼ ଉପରେ ଟ୍ରାକିଂ କରାଯାଉଛି। ଯଦ୍ୱାରା ଫରେଷ୍ଟର ଏବଂ ଗାର୍ଡଙ୍କ ଦୈନିକ ଉପସ୍ଥାନ ହେବ। ମାଣ୍ଡିବିଶି ବନପାଳ ସୁରେଶ ମିଶ୍ର ଦଳିତ ଜାତିକୁ ଘୃଣା କରି ଜାତିଆଣ ଭେଦଭାବ କରାଇ ପାରା କର୍ମଚାରୀଙ୍କ ମଧ୍ୟରେ ଫାଟ ସୃଷ୍ଟି କରାଯାଉଥିବା ଭଳି ଅଭିଯୋଗ ହେଉଛି । କାଶିପୁର ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ କରାଇ ଶ୍ରମିକଙ୍କ ମଜୁରୀ ଦିଆଯାଉନାହିଁ । ପାରା କର୍ମଚାରୀଙ୍କୁ ସରକାରୀ ବାବୁ ନିଜ ଘରେ କାମ କରାଇବା ସହିତ ବିଭାଗୀୟ ନିର୍ମାଣ କାର୍ଯ୍ୟ କରିବା ପାଇଁ ବାଧ କରାଇବା ଭଳି ଅଭିଯୋଗ ଧରି ଆସିଲେ ପାରା କର୍ମଚାରୀ। ଡିଏଫଓ ଆନ୍ନା ସାହେବ ସମସ୍ତ ଅଭିଯୋଗ ଶୁଣିଥିଲେ । ଏହାର ତଦନ୍ତ ନିଜେ କରିବି କହିବା ସହ କେବଳ ମୋବାଇଲ ଦୁଇଟି ଧରାଇ ଟ୍ରାକିଂ କରି କମ୍ବିଂ କରିବା ଏବଂ ଜାତିଆଣ ଅଭିଯୋଗ ବହୁତ ସାଙ୍ଘାତିକ । ଏହାର ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହି ଅଭିଯୋଗ ଦେବା ସମୟରେ ଜ୍ୟୋତିରାମ ଗୌଡ଼, ମନୁ ଗଇରି କରୁଣାକର ନାୟକ, ଲିଙ୍ଗରାଜ ପୂଜାରୀଙ୍କ ସମେତ ୮ ଜଣ ଆସି ଅଭିଯୋଗ କରିଥିଲେ।

## ଝାରସୁଗୁଡ଼ା ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ




ଝାରସୁଗୁଡା,(ସବ୍ୟୁ):ସୋମବାର ଅପରାହ୍ନରେ ଝାରସୁଗୁଡ଼ାର ନୂତନ ଜିଲ୍ଲାପାଳ ଭାବେ କୁନାଲ ମୋତିରାମ ଚୱାନ କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ନୂତନ ଜିଲ୍ଲାପାଳ ତଥା ଜିଲ୍ଲା ହକି ଆସୋସିଏସନର ସଭାପତି ଶ୍ରୀ ଚହ୍ୱାନଙ୍କୁ ସ୍ୱାଗତ କରଥିଲେ । ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ସଦସ୍ୟ ସିମନ ବରୁଆ, ପ୍ରଜ୍ଜଳ ପଟେଲ, ଅଶ୍ୱିନୀ ପାଣ୍ଡେ, ଅଭିଶେକ ଲାଟ, ବିଜୟ ବେହେରା, କ୍ଲେମେଣ୍ଟ ରୋନାଡ ଓ ହକି ଆସୋସିଏସନର ଓଡିଶାର ଉପ-ସଭାପତି ଜୀବନ ମହାନ୍ତି ପ୍ରମୁଖ ସାମିଲ ଥିଲେ ।

# ଚାକିରି କରାଇଦେବା ନାମରେ ଠକେଇ ଅଭିଯୋଗ : ପ୍ରଧାନ ଶିକ୍ଷକ ସମେତ ୨ ଗିରଫ

ସିନାପାଲି, (ସବ୍ୟୁ): ସିନାପାଲି ଅଞ୍ଚଳର ଜଣେ ଯୁବତୀ ଓ ୨ଜଣ ଯୁବକ ଚାକିରି ଆଶାରେ ଠକାମିର ଶିକାର ହୋଇଥିବା ବେଳେ ସିନାପାଲି ଥାନାର ଦ୍ୱାରସ୍ଥ ହୋଇଛନ୍ତି। ତାଙ୍କ ଅଭିଯୋଗ ପରେ ସିନାପାଲି ପୋଲିସ ଥାନାରେ ମାମଲା ରୁଜୁକରି ସିନାପାଲି ପୋଲିସ ତତ୍ପରତା ଦେଖାଇ ଜଣେ ପ୍ରଧାନ ଶିକ୍ଷକ ସହ ୨ଜଣକୁ ଗିରଫ କରି କୋର୍ଟ୍ ଚାଲାଣ କରିଥିବା ବେଳେ ଜଣେ ଫେରାର୍ ଥିବା ଜଣାପଡିଛି। ସୂଚନା ଅନୁସାରେ ସିନାପାଲି ଥାନା ସଦର ଗ୍ରାମର ପ୍ରବୀଣ ମେହେର (୩୫) ଓ ପ୍ରଭାତ ମେହେର (୨୭) ଙ୍କୁ ଜଣେ ପ୍ରଧାନ ଶିକ୍ଷକ ବେଦାନ୍ତ କମ୍ପାନୀରେ ଚାକିରି କରାଇଦେବି ବୋଲି କହି ୬ଲକ୍ଷ ୫୦ହଜାର ଟଙ୍କା ଠକେଇ କରିଥିଲେ। ଅଭିଯୋଗକାରୀ ମଧ୍ୟ ପ୍ରଧାନ ଶିକ୍ଷକଙ୍କ କଥାରେ ପଡି ଚାକିରି ଆଶାରେ ଟଙ୍କା ଦେଇଥିଲେ। ଗିରଫ ଅଭିଯୁକ୍ତ ପ୍ରଧାନ ଶିକ୍ଷକ ହେଲେ କଳାହାଣ୍ଡି ଜିଲ୍ଲା ବିଶ୍ୱନାଥପୁର ଥାନା ଗନ୍ଧପାରି ଗ୍ରାମର ଦିଲିପ ମହାରଣା (୪୦)। ଅଭିଯୁକ୍ତ ଜଣକ ଡଙ୍ଗାଯୋର ସରକାରୀ ୟୁପି ସ୍କୁଲରେ ପ୍ରଧାନ ଶିକ୍ଷକ ଥିବା ଜଣାପଡିଛି। ପ୍ରବିଣ ଗତ ୨୩ ତାରିଖ ସିନାପାଲି ଥାନାରେ ଅଭିଯୋଗ କଲାପରେ ସିନାପାଲି ଥାନାରେ କେସ୍ ନମ୍ବର ୨୦୬/୨୫ ରେ ଏକ ମାମଲା ରୁଜୁ କରାଗଲା। ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସିନାପାଲି ପୋଲିସ ତଦନ୍ତ ଅଧିକାରୀ ଭାବେ ଏସଆଇ କେତନ ଧରୁଆଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ରାୟଗଡ଼ା ଜିଲ୍ଲା ଆମ୍ବୱାଦୋଲା ଗ୍ରାମରେ ଚଢାଉ କରି ଅଭିଯୁକ୍ତ ପ୍ରଧାନ ଶିକ୍ଷକ ଙ୍କୁ ଗିରଫ କରିଥିଲା। ସେଠାରୁ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ସିନାପାଲି ପୋଲିସ ଗତ ରବିବାର ଦିନ କୋର୍ଟ୍ ଚାଲାଣ କରିଛି। ଅଭିଯୁକ୍ତ ଜଣକ ପ୍ରବୀଣ ଠାରୁ ୪ଲକ୍ଷ ଓ ପ୍ରଭାତ ଠାରୁ ୨ଲକ୍ଷ ୫୦ହଜାର ଟଙ୍କା ଠକେଇ କରିଥିବା ସୁଚନା ମିଳିଛି। ସେହିପରି ସିନାପାଲି ଥାନା ଅଧିନ କସେଇପାଣି ଗ୍ରାମର ହିରାବତି ନିଆଲ (୨୯) ୨ଲକ୍ଷ ୮୦ ହଜାର ଟଙ୍କା ଠକେଇର ଶିକାର ହୋଇଥିବା ବେଳେ ସେମଧ ସିନାପାଲି ଥାନା ରେ ଅଭିଯୋଗ କରିଛନ୍ତି। ସେହି ଅଭିଯୋଗ ଅନୁସାରେ ସିନାପାଲି ପୋଲିସ ଥାନାରେ କେସ୍ ନମ୍ବର ୧୮୮/୨୫ ଅନୁସାରେ ଏକ ମାମଲା ରୁଜୁ କରାଗଲା। ସେଠୁ ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ସିନାପାଲି ପୋଲିସ ତଦନ୍ତ ଅଧିକାରୀ ଭାବେ ଏସଆଇ ସହଦେବ ଯୋଶୀଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ହାତିବନ୍ଧାରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ହେଲେ ବୋଡେନ ଥାନା ଅଲାଭଟା ଗ୍ରାମର କର୍ଣ୍ଣ ତାଣ୍ତି (୩୦)। ଏଥିରେ ୨ଜଣ ଅଭିଯୁକ୍ତ ସାମିଲ ଥିବା ବେଳେ ଜଣେ ଖଡିଆଳ ଥାନା ଡୁଆଝର ଗ୍ରାମର କୌଶିକ ମେହେର (୩୦) ଫେରାର୍ ହୋଇ ଯାଇଛି। ଏହି ଅଭିଯୁକ୍ତଙ୍କ ନାମରେ ବୋଡେନ ଥାନାରେ ମଧ୍ୟ ମାମଲା ରୁଜୁ ହୋଇଛି। ପ୍ରାପ୍ତ ଖବର ଅନୁସାରେ ହୀରାବତିଙ୍କୁ ଉଦ୍ୟାନ ବିଭାଗରେ ଆସିଷ୍ଟାଣ୍ଟ ପଦବିରେ ଚାକିରି କରାଇଦେବା କହି ଅଭିଯୁକ୍ତ ଦୁଇ ଜଣ ଠକେଇ କରିଥିଲା। ଏବଂ ମେଲ ମାଧ୍ୟମରେ ନିଯୁକ୍ତି ଚିଠି ମଧ୍ୟ ଯୁବତୀଙ୍କୁ ଯୋଗଦାନ କରିବାକୁ ପଠାଇଥିଲା। ହେଲେ ସେହି ନିଯୁକ୍ତି ଲେଟର ନକଲି ବାହାରିଥିଲା। ଅଭିଯୁକ୍ତ କର୍ଣ୍ଣ ତାଣ୍ଡିଙ୍କୁ ପୋଲିସ କୋର୍ଟ୍ ଚାଲାଣ କରିଥିବା ଥାନାଧିକାରୀ ଶ୍ରୀମତୀ ପ୍ରଧାନ ସୁଚନା ଦେଇଛନ୍ତି। ଏଭଳି ଚାକିରି ଆଶାରେ ଯୁବକ ଯୁବତୀ ଠକାମୀର ଶିକାର ହେଉଥିବା ବେଳେ ସିନାପାଲି ପୋଲିସ ତରଫରୁ ସତର୍କ ରହିବାକୁ ସଚେତନ ପ୍ରକାଶ ପାଇଛି।ଏହି ଉଭୟ ପୋଲିସ ଟିମ୍ ରେ ସିନାପାଲି ପୋଲିସ କର୍ମଚାରୀ ସାମିଲ ଥିଲେ।

## ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳ,ଡ.ନୃପରାଜ ସାହୁଙ୍କ ଯୋଗଦାନ



ସୋନପୁର,(ସବ୍ୟୁ):ସୁବର୍ଣ୍ଣପୁର ଜିଲ୍ଲାପାଳ ଭାବେ ଡ. ନୃପରାଜ ସାହୁ ସୋମବାର ପୂର୍ବାହ୍ନରେ ଯୋଗଦାନ ପୂର୍ବକ କାର୍ଯ୍ୟାଭାର ଗ୍ରହଣ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଅତିରିକ୍ତ ଜିଲ୍ଲାପାଳ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ- ତଥା ନିର୍ବାହୀ ଅଧିକାରୀଅଶ୍ୱିନୀ କୁମାର ମେହେରଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ଓ ସାମ୍ବାଦିକ ପ୍ରମୁଖ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟରେ ସ୍ୱାଗତ କରିଥିଲେ । ପରେ ପରେ ନୂତନ ଜିଲ୍ଲାପାଳ, ସୁବର୍ଣ୍ଣପୁର ତରଭା ପଞ୍ଚାୟତ ସମିତିରେ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରିଥିଲେ ।

## ଆମ୍ବୁଲାନ୍ସ ଚକ ଫାଟିଲା : ଛଟପଟ ହେଲେ ଗୁରୁତର ରୋଗୀ



ପଦ୍ମପୁର, (ସବ୍ୟୁ): ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବା ସମୟରେ ଫାଟିଲା ଆମ୍ବୁଲାନ୍ସ ଚକ । ଦୀର୍ଘ ସମୟ ମରାମତି ପରେ ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେଲା ଆମ୍ବୁଲାନ୍ସ । ପଦ୍ମପୁର ଉପଖଣ୍ଡ ପାଇକମାଳ ଥାନା ସାଲେପାଲି ଠାରେ ଜଣେ ଶାନ୍ତି ସୁନା(୬୦) ନାମକ ମହିଳା ରାସ୍ତାରେ ଯାଉଥିବା ସମୟରେ ଟ୍ରକ ଧକ୍କା ଦେବା ଫଳରେ ମହିଳା ଜଣକ ଗୁରୁତର ହୋଇପଡିଲେ । ତାଙ୍କୁ ଡାକ୍ତରଖାନା ନେବା ପାଇଁ ୧୦୮କୁ ଫୋନ କରିଥିଲେ ଓ ଆମ୍ବୁଲାନ୍ସ ଆସି ତାଙ୍କୁ ପଦ୍ମପୁର ଡାକ୍ତରଖାନା ନେବା ସମୟରେ ସଦାନନ୍ଦପୁର ଛକ ନିକଟରେ ଆମ୍ବୁଲାନ୍ସର ପଛ ଚକ ଫାଟି ଯାଇଥିଲା । ଦୀର୍ଘ ସମୟ ଧରି ଆମ୍ବୁଲାନ୍ସ ଡ୍ରାଇଭର ଚକ ସଜାଡିବା ପରେ ପୁଣି ପଦ୍ମପୁର ଅଭିମୁଖେ ଆମ୍ବୁଲାନ୍ସ ଯାଇଥିଲା ।

ତେବେ ଯେତିକି ସମୟ ଆମ୍ବୁଲାନ୍ସ ଅଟକି ରହିଥିଲା ସେତିକି ସମୟ ଗୁରୁତର ମହିଳା ଜଣକ ବହୁ କଷ୍ଟ ଅନୁଭବ କରିଥିଲେ । ତେବେ ଆମ୍ବୁଲାନ୍ସ ଗୁଡିକ ପୂର୍ବରୁ କାହିଁକି ଯାଞ୍ଚ ହେଉନି । ଜଣେ ରୋଗୀ ଗୁରୁତର ଥିବା ସମୟରେ ଆମ୍ବୁଲାନ୍ସ ଦୀର୍ଘ ସମୟ ଅଚଳ ହୋଇ ରାସ୍ତାରେ ଅଟକିବା ଦ୍ୱାରା ରୋଗୀଙ୍କ ଜୀବନ ପ୍ରତି ବିପଦ ରହୁଛି ।

## ଜିଲ୍ଲାପାଳ,ଏସପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସାଲୱାର ଓ ଏସପି ଅଭିଳାଷ ଜି ଉପସ୍ଥିତ ରହି ମୋଟ ୪୪ଟି ଅଭିଯୋଗର ଶୁଣାଣୀ କରିଥିଲେ। ଆବାସ ଯୋଜନା ବାବଦ ବକେୟା ମନରେଗା ଓ ବୋନସ ଅର୍ଥ ମିଳିନଥିବା ମୁରିବାହାଲର ରମେଶ ନାଗ, ହୁତାଶନ ପଧାନ, ଯଦୁ ନାଗ ପ୍ରମୁଖ ହିତାଧିକାରୀ ଅଭିଯୋଗ କରିଥିଲେ। ଜଙ୍ଗଲ ଜମି ଅଧିକାର ଆଇନ ଅନ୍ତର୍ଗତ ପେରୁଆମାଲ ଓ ଦାଢ଼ିଆପଦର ଗ୍ରାମବାସୀ ବାସସ୍ଥଳୀ ଓ ବସତିର ତଦନ୍ତ କରି ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ। କୁମ୍ଭାରୀ ଗ୍ରାମର ମାଁ ମାହେଶ୍ୱରୀ ପାଣି ପଞ୍ଚାୟତ(୧)ରେ ଲାଗିଥିବା ଟ୍ରାନସଫରମର, ମୋଟର ଓ ବିଦ୍ୟୁତ୍ ସରଞ୍ଜାମ ପୋଡ଼ିବାର ୭ମାସ ବିତିଯାଇଥିଲେ ମଧ୍ୟ ଏହାର ମରାମତି ନ ହେବାରୁ ୫୦ଏକର ଜମି ଶୁଖିଲା ପଡ଼ିଥିବା ଚାଷୀ କୁମାର ଚନ୍ଦ୍ର ଖମାରୀ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ।

ଏହାର ତୁରନ୍ତ ମରାମତି କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ମୁରିବାହାଲ ପଞ୍ଚାୟତକୁ ଲୋୟର ଇନ୍ଦ୍ର ଜଳସେଚନ ଯୋଜନାରେ ସାମିଲ କରିବା ପାଇଁ ସମିତି ସଭ୍ୟ ଚକ୍ରଧର ହେର୍ଣ୍ଣା,ଚାଷୀ ବାଳକୃଷ୍ଣ ବଘାର,କିଶୋର ରଣା ପ୍ରମୁଖ ଲିଖିତ ଅଭିଯୋଗ କରିଥିଲେ। ଶିବିରରେ ବଲାଙ୍ଗିରର ନୂତନ ସିଇଓ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣିସେନ ସୁନା, ଟିଟିଲାଗଡର ନୂତନ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ,କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି, ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଛତିଶଗଡ଼ ଛାଡ଼ି ଲାଲ ବାହିନୀ ଓଡ଼ିଶା ମୁହାଁ

ନୂଆପଡ଼ା, (ସବ୍ୟୁ): କେନ୍ଦ୍ର ସରକାରଙ୍କ ମାଓବାଦୀ ଦମନକୁ କଡାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଫଳରେ ଛତିଶଗଡ଼ରେ ମାଓ ବିରୋଧି ଅପରେସନ ଜୋରଦାର ହୋଇଛି । ଏଣୁ ପ୍ରାଣ ବିକଳରେ ବଡ଼ ବଡ଼ କ୍ୟାଡ଼ର ମାଓବାଦୀମାନେ ଓଡ଼ିଶା ମୁହାଁ ହେଉଛନ୍ତି। ନୂଆପଡ଼ା ଜିଲ୍ଲା ସୀମାନ୍ତ ଅଞ୍ଚଳରେ ଟପ୍ କ୍ୟାଡ଼ର ମାଓବାଦୀ ବାଳକୃଷ୍ଣ ଓ ପ୍ରମୋଦ ବୁଲୁଥିବା ପୁଲିସ ଗୁଇନ୍ଦାକୁ ସୂଚନା ମିଳିଛି । ଜାନୁୟାରୀ ୩ରେ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଇନ୍ଦାଗାଁ ଥାନା କଣ୍ଡେଶର ଓ ନାଗେଶ ଗାଁ ମଧ୍ୟସ୍ଥ ସୋରନାମାଲ ଜଙ୍ଗଲରେ ଛତିଶଗଡ଼ ପୁଲିସ ଓ ନୂଆପଡ଼ା ଏସଓଜି ଟିମ କମ୍ବିଂ ଅପରେସନ କରି ତିନି ଜଣ ମାଓବାଦୀ ନିହତ କରିବା ସହ ପାଞ୍ଚ ଟି ବନ୍ଧୁକ ଓ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଥିଲେ। ଜାନୁୟାରୀ ୨୪ ରେ ନୂଆପଡ଼ା ସୀମାନ୍ତରୁ ୫ କିମି ଦୂର ଗରିଆବନ୍ଧ ଜିଲ୍ଲା ମେନପୁର ଥାନା କୁହ୍ଲାଡିଘାଟ ସଂରକ୍ଷିତ ଜଙ୍ଗଲର ଭାଲୁଡ଼ିଗ୍ଗୀ ଗାଁ ନିକଟରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ସୁରକ୍ଷା ବାହିନୀ ଗୁଳିରେ ୩୦ ମାଓବାଦୀ ନିହତ ହୋଇଥିଲେ ।



ମାର୍ଚ୍ଚ ୩ ରେ ସୀମାନ୍ତ ମେନପୁର ଥାନା ପଣ୍ଡ୍ରିପାଣି ମାଓକ୍ୟାମ୍ପରୁ ନଗଦ ୮ଲକ୍ଷ ସହ ବିପୁଳ ବିସ୍ଫୋରକ ଜବତ ହୋଇଥିଲା । ସେହିଦିନ ବୋଡ଼େନ ଥାନା ପାଟଦର୍ହା ଜଙ୍ଗଲରୁ ଏକ ଦେଶୀ ବନ୍ଧୁକ ସହ ବିପୁଳ ମାଓ ସାମଗ୍ରୀ ଜବତ କରିଥିଲେ । ମଇ ୩ରେ ସୀମାନ୍ତ ଗରିଆବନ୍ଧ ଜିଲ୍ଲା ଶୋଭା ଥାନା ମୋତିପାନି ରକ୍ଷାପଥର ଅମାଡ଼ ଜଙ୍ଗଲରେ ବିଜାପୁର ଜିଲ୍ଲା ଗଙ୍ଗାଲୁର ଥାନା କାକକୋରମା ଗାଁର ବସ୍ତର ଡିଭିଜନ କମିଟି ସଦସ୍ୟ ମାଓବାଦୀ ଆୟାତୁ ଓରଫ ଯୋଗେଶ କୋର୍ଷାଙ୍କୁ ସୁରକ୍ଷା ବିହିନୀ ଏନକାଉଣ୍ଟର କରିଥିଲା । ଏସଏଲଆର ବନ୍ଧୁକ, ୪ଟି ରକେଟ ଲଞ୍ଚର, ୱାକିଟକି ଜବତ କରିଥିଲା । ମଇ ୧୪ ରେ ସୁନାବେଡ଼ା ଅଭୟାରଣ୍ୟ ଜଳମଡ଼େଇ ସଂରକ୍ଷିତ ଜଙ୍ଗଲରେ ମାଓକ୍ୟାମ୍ପରୁ ବିପୁଳ ମାଓ ସାମଗ୍ରୀ ଜବତ କରିଥିଲେ । ଚଳିତ ମାସ ୮ ଜୁଲାଇ ଓ ୨୫ ଜୁଲାଇ ୨୦୨୫ ରେ ଦୁଇ ଥର ମାଓ କ୍ୟାମ୍ପ ଠାବ ହୋଇଛି। ସିନାପାଲି ଥାନା ଝାରବନ୍ଧ ନାରାୟଣ ଡୁଙ୍ଗୁରୀ ସଂରକ୍ଷିତ ଜଙ୍ଗଲରେ ଡିଭିଏଫ ଯବାନମାନେ ମାଓକ୍ୟାମ୍ପରୁ ଆଇଇଡ଼ି, ଡିଟୋନେଟର, ୨୦ଟି ଜିଲୋଟିନ ଭଳି ବିପୁଳ ବିସ୍ଫୋରକ ଜବତ କରିଥିଲେ । ପୁନଃ ୨୫ ଜୁଲାଇ ୨୦୨୫ ଚଳିତ ମାସ କାଠଫେର–ଛତାପାନି ଜଙ୍ଗଲରେ ମାଓ କ୍ୟାମ୍ପ ଠାବ କରି ବିପୁଳ ବିସ୍ଫୋରକ ଓ ଗୁଳି ଗୋଳା ସହ ମାଓ କ୍ୟାମ୍ପ ରେ ବ୍ୟବହୃତ ସାମଗ୍ରୀକୁ ଜବ୍ କରାଯାଇଛି। ଛତିଶଗଡ଼ରେ ମାଓ ବିରୋଧି ଅଭିଯାନ ପରେ ଲାଲବାହିନୀ ପ୍ରାଣ ବିକଳରେ ଛିନ୍ନଛତ୍ର ହେଉଛନ୍ତି । ଆତ୍ମଗୋପନ ପାଇଁ ସୀମାନ୍ତ ନୂଆପଡ଼ା ଜିଲ୍ଲାକୁ ଅନୁପ୍ରବେଶ କରୁଛନ୍ତି ଛ ସେମାନେ ସୁନାବେଡ଼ା ଅଭୟାରଣ୍ୟର ଘଞ୍ଚ ଜଙ୍ଗଲକୁ ସୁରକ୍ଷିତ ସ୍ଥାନ ବାଛିଛନ୍ତି । ଏବେ ନିୟମିତ ବ୍ୟବଧାନରେ ମାଓକ୍ୟାମ୍ପ ଠାବ ହେଉଥିବାରୁ ସୀମାନ୍ତ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ହେଉଛନ୍ତି । ନିଜ ସଂଗଠନକୁ ମଜବୁ କରିବା ପାଇଁ ସଜାଡ଼ିବାକୁ ଉଦ୍ୟମ କରୁଛନ୍ତି । ବର୍ଷାଋତୁରେ ଗଛଡ଼ାଳ ଓ ଲଟାବୁଦାରେ ମାଓବାଦୀଙ୍କୁ ଲୁଚିବାକୁ ସୁବିଧା ହେଉଛି ।

ଏବେ ସୀମାନ୍ତ ଉଦନ୍ତୀ ସୀତା ନଦୀ ଅଭୟାରଣ୍ୟ ଅଞ୍ଚଳରେ ଟପ କ୍ୟାଡ଼ର ମାଓବାଦୀ ବାଳକୃଷ୍ଣ ଓରଫ ଆଲନା ଓ ରାଜ୍ୟ କ୍ୟାଡ଼ର ଏସିଏମ ସଦସ୍ୟ ପ୍ରମୋଦ ଓରଫ ପାଣ୍ଡୁ ବୁଲୁଥିବା ପୁଲିସକୁ ଗୁଇନ୍ଦା ସୂତ୍ରରୁ ସୂଚନା ମିଳିଥିବା ଏସପି ଜିଆର ରାଘବେନ୍ଦ୍ର ପ୍ରକାଶ କରିଛନ୍ତି । ମାଓ ସଂଗଠନ ଧିରେ ଧିରେ ଦୁର୍ବଳ ହେଉଥିବାରୁ କୌଣସି ବଡ଼ ଆକ୍ରମଣ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି ।

ଅନ୍ୟପକ୍ଷେ ସୀମାନ୍ତରେ ଉଭୟ ରାଜ୍ୟ ପୁଲିସ ଓ ସୁରକ୍ଷା ବାହିନୀ ଘନଘନ କମ୍ବିଂ ଅପରେସନ ହେତୁ ମାଓବାଦୀଙ୍କୁ ବି ଭୟ ରହୁଛି । ତେବେ ସୀମାନ୍ତରେ ବାରମ୍ବାର ମାଓ କ୍ୟାମ୍ପରୁ ବିସ୍ଫୋରକ ସାମଗ୍ରୀ ଜବତ ହେବା ପୁଲିସକୁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ନୂଆପଡ଼ା ଜିଲ୍ଲା ପୋଲିସ ବେଳ ହୁଁ ସାବଧାନ ହୋଇ ତାଙ୍କ ଗତିବିଧି ଉପରେ ତୀକ୍ଷଣ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି କୌଣସି ଅଘଟଣ ପୂର୍ବରୁ ସଜାଗ ରହିଥିବା କଥା ବୋଲି ସାଧାରଣ ରେ ଆଲୋଚନା ହେଉଛି। ନୂଆପଡ଼ା ଜିଲ୍ଲା ପୋଲିସ ଡିଭିଏଫ, ଏସଓଜି ଓ ସିଆରପିଏଫ ଯବାନଙ୍କ ତୁହାକୁ ତୁହା କୁମ୍ବିଂ ଅପରେସନ ଫଳରେ ମାଓ ଗତିବିଧି ଉପରେ ଜିଲ୍ଲାରେ ଅଙ୍କୁଶ ଲାଗିଛି।

### ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ

## ପ୍ରଦେଶ କିସାନ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ଜିଲ୍ଲା କଂଗ୍ରେସ ଭବନ ଠାରେ ଜିଲ୍ଲା ସଂଯୋଜକ ଜଳନ୍ଧର ନାଏକଙ୍କ ସଭାପତିତ୍ୱରେ ଓଡିଶା ପ୍ରଦେଶ କିସାନ କଂଗ୍ରେସର ସଭାପତି ଅଭୟ ସାହୁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଅରୁଣ ଜେନା, ଶିତିକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇ ଥିଲେ । କୃଷକ ମାନେହେଲେ ଦେଶର ମେରୁଦଣ୍ଡ । ଓଡ଼ିଶାରେ ନବେ ପ୍ରତିଶତ ଚାଷୀ, ଆଉ ସେମାନଙ୍କ ସମସ୍ୟା ଅନେକ । ଏଣୁ ଓଡ଼ିଶାରେ କୃଷକ ମାନଙ୍କୁ ଏକଜୁଟ କରାଯାଇ ତିନି ଗୋଟି ଦାବିକୁ ଆଧାର କରି ଆନ୍ଦୋଳନ କରାଯିବ ।ସେଗୁଡିକ ହେଲା ରାଜ୍ୟ ସରକାରଙ୍କ ଗାଇଡଲାଇନ ଅନୁସାରେ ଚାଷୀ ଠାରୁ ଧାର୍ଯ୍ୟ ୧୩ କ୍ୱିଣ୍ଟାଲ ଧାନ ବାହାରେ ବଳକା ଧାନକୁ ସରକାର କିଣିବେ । ପ୍ରତେକ ଚାଷୀକୁ ୫୫ବର୍ଷ ବୟସରେ ୧୦ ହଜାର ଟଙ୍କା ପେନସନ ଯୋଗାଇଦେବା । ଚାଷୀର ପରିବାରର ସମସ୍ତ ବ୍ୟକ୍ତି ବୀମା ଯୋଗାଇଦେବେ । ଜିଲ୍ଲାର ସମସ୍ତ ବ୍ଲକ ସଭାପତି, କିସାନ କଂଗ୍ରେସ ବ୍ଲକ ସଭାପତିଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ ।

## ବାମରା ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି ଶିବିର



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ କାର୍ଯ୍ୟାଳୟ ଠାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଏହି ଅବସରରେ ମୋଟ ୯୦ଟି ଆବେଦନ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ଓ ୨୦ଟି ଗ୍ରାମ୍ୟ ସମସ୍ୟା ଭିତ୍ତିକ ରହିଥିଲା । ତେବେ ୬ଟି ଅଭିଯୋଗର ସମାଧାନ କରାଯାଇଥିଲା । ଏଥିସହ ଜଣେ ବ୍ୟକ୍ତିଙ୍କୁ ରେଡକ୍ରସ ପକ୍ଷରୁ ୧୦ହଜାର ଟଙ୍କା ଓ ଅନ୍ୟ ଜଣଙ୍କୁ ସିଏମ୍ଆରଏଫ୍ ପାଣ୍ଠିରୁ ୧୫ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା ।

ସେହିପରି ୧୦ଜଣ ହିତାଧିକାରୀଙ୍କୁ ରାସନ କାର୍ଡ, ୫ଜଣଙ୍କୁ ଭତ୍ତା ଓ ୧୬ଜଣଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଇଥିଲା । ଏଥିରେ ଅତିରିକ୍ତ ଏସ୍‌ପି ପ୍ରକାଶ ଟପ୍ପୋ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାଶ, ଏସ୍‌ଡିଏମ୍‌ଓ ସୁବୋଧ କୁମାର ନାୟକ, ଆଇଟିଡିଏ ପିଏ ହେମ ସାଗର ଭୋଇ, ବ୍ଲକ ଅଧ୍ୟକ୍ଷା ପିଙ୍କି ଧୁରିଆ, ବାମରା ବିଡିଓ ପୁଷ୍ପକ ପ୍ରଧାନ ଓ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ ।

## କାର ଧକ୍କାରେ ଦୁଇ ମୃତ

ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଥାନା ଅନ୍ତର୍ଗତ ୨୬ ନମ୍ବର ଜାତୀୟ ରାଜପଥ ଫଣ୍ଡାଗୁଡା ଛକ ଠାରେ ଏକ କାର ଦୁଇ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଦୁଇ ଜଣ ହେଲେ ବୋରିଗୁମ୍ମା ସହରର ରହିତେଶ୍ୱର ବେହେରା (୫୫) ଓ ଅନ୍ୟ ଜଣ ହେଲେ ଫଣ୍ଡାଗୁଡା ଗ୍ରାମର ଗୋପାଳ ହରିଜନ(୫୭)। ଘଟଣାରୁ ପ୍ରକାଶ ଯେ ରହିତେଶ୍ୱର ଓ ଗୋପାଳ ଦୁହେଁ ଜମି ସମ୍ବନ୍ଧୀୟ କାର୍ଯ୍ୟରେ ଫଣ୍ଡାଗୁଡା ଛକ ରାସ୍ତା ପାର୍ଶ୍ୱରେ ଠିଆ ହୋଇଥିବା ବେଳେ ଜୟପୁର ପଟୁ ଦ୍ରୁତ ଗତିରେ ବୋରିଗୁମ୍ମା ଆସୁଥିବା ଏକ ଏର୍ଟିଗା କାର (ଓଡ଼ି–୧୦ ୱାଇ ୬୯୮୪) ଧକ୍କା ଦେଇଥିଲା। ଫଳରେ ଦୁହେଁ କାର ଧକ୍କାରେ ଛିଟିକି ହୋଇ କିଛି ଦୂରରେ ପଡିଯାଇଥିଲେ। ଘଟଣା ସ୍ଥଳରେ ଦୁହେଁ ମୃତ୍ୟୁ ହୋଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ଦୁର୍ଘଟଣା ପରେ କାର ଚାଳକ ଘଟଣା ସ୍ଥଳରୁ ଫେରାର ଥିବା ଜଣାପଡିଛି। ଖବର ପାଇ ବୋରିଗୁମ୍ମା ପୋଲିସ ତୁରନ୍ତ ଘଟଣା ସ୍ଥଳକୁ ଯାଇଥିଲେ। ମୃତ ରହିତେଶ୍ୱର ବେହେରାଙ୍କ ଦାଦା ପୁଅ ଭାଇ ଗୋରୀ ଶଙ୍କର ବେହେରା ଥାନାରେ ଦୁଇ ଜଣଙ୍କ ସଡକ ଦୁର୍ଘଟଣାରେ ମୃତ ନେଇ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା କେସ ନମ୍ବର–୧୫୬/୨୦୨୫ ରୁଜୁ କରିବା ସହ କାର ଚାଳକକୁ ଖୁବଶୀଘ୍ର ଧରାଯିବ ବୋଲି ଥାନା ଆଇଆଇସି ଶ୍ୱେତପଦ୍ମା ସେଠ ସୂଚନା ଦେଇଛନ୍ତି। ତଦନ୍ତକାରୀ ଅଧିକାରୀ ଏଏସଆଇ ସସ୍ମିତା ନାୟକ ଘଟଣାର ଅଧିକ ତଦନ୍ତ କରୁଥିବା ଜଣାପଡ଼ିଛି ।

### ବେଟି ବଚାଓ ବେଟି ପଢାଓ ଯୋଜନା ନେଇ ସମନ୍ୱୟ ବୈଠକ

## ପ୍ରସ୍ତୁତ ହେଲା ବାର୍ଷିକ କାର୍ଯ୍ୟ ଖସଡ଼ା

ବରଗଡ଼, (ସବ୍ୟୁ): ବରଗଡ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବେଟି ବଚାଓ ବେଟି ପଢାଓ ଯୋଜନା ସମ୍ବନ୍ଧରେ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଆୟୋଜିତ ହୋଇଯାଇଛି । ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମହିଳା ବିଭାଗର ଅଧିକାରୀ ଶିଶୁ ଶ୍ରମିକ, କନ୍ୟାଭ୍ରୂଣ ହତ୍ୟା ଏବଂ ବାଲ୍ୟ ବିବାହ ଭଳି ମହିଳା ଓ ଶିଶୁ ସମ୍ବନ୍ଧୀୟ ସାମାଜିକ ସମସ୍ୟା, ଶିଶୁ କନ୍ୟା ଜନ୍ମ ପୂର୍ବରୁ ଏବଂ ପରେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା, ଲିଙ୍ଗଗତ ବୈଷମତାର କାରଣ ଏବଂ ଭାରତ, ଓଡିଶା ତଥା ବରଗଡ଼ ଜିଲ୍ଲାର କନ୍ୟା ଶିଶୁର ସ୍ଥିତି ଏବଂ ଲିଙ୍ଗଗତ ଅନୁପାତ, ଶିଶୁ ଅଧିକାର ନିମିତ୍ତ ବିଭିନ୍ନ ଆଇନ ବ୍ୟବସ୍ଥା, ଶିଶୁ କନ୍ୟାର ବିକାଶ ପାଇଁ ଉକ୍ତ ଯୋଜନାର କରର୍ଯ୍ୟକାରିତା, ପ୍ରସଙ୍ଗିକତା ଏବଂ ମୁଖ୍ୟ ଲକ୍ଷ୍ୟ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ଏତଦବ୍ୟତୀତ ଏହି ଯୋଜନାର ବର୍ତ୍ତମାନ ଅବସ୍ଥା, ଅଗ୍ରଗତି ଓ ଭବିଷ୍ୟତ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିବା ସହ ଜିଲ୍ଲାରେ ସାମୁହିକ ସଚେତନତା ପାଇଁ ବାର୍ଷିକ କାର୍ଯ୍ୟ ଖସଡା ପ୍ରସ୍ତୁତି କରାଯାଇଥିଲା। ସଭାରେ ଜିଲ୍ଲାପାଳ ଶ୍ରୀ ଗୋୟଲ ବେଟି ବଚାଓ ବେଟି ପଢାଓ ଯୋଜନାକୁ ଜିଲ୍ଲାର ସଫଳ କରିବା ପାଇଁ ସମସ୍ତଙ୍କ ମଧ୍ୟରେ ଅନ୍ତର୍ବିଭାଗୀୟ ସମନ୍ୱୟ ବଢ଼ାଇବା ଉପରେ ଗୁରୁତ୍ୱ ଦେଇ କହିଥିଲେ ଯେ, ଯୋଜନାର ମୂଳ ଲକ୍ଷ୍ୟ ହେଉଛି ଜଣେ କନ୍ୟା ଶିଶୁଙ୍କୁ ଜନ୍ମରୁ ଆରମ୍ଭ କରି ଶିକ୍ଷା ଓ ସମ୍ମାନ ଦେବା ପର୍ଯ୍ୟନ୍ତ ସୁରକ୍ଷିତ ଏବଂ ସୁସ୍ଥ ପରିବେଶ ସୃଷ୍ଟି କରିବା। ତେଣୁ ପ୍ରତ୍ୟେକ ବିଭାଗ ନିଜ ନିଜ କାର୍ଯ୍ୟ ସଠିକ ଭାବେ ତୁଲାଇବା ଅତ୍ୟନ୍ତ ଆବଶ୍ୟକ। ପୁନର୍ବାର ଜିଲ୍ଲାପାଳ ମହାଶୟ ନିର୍ଦ୍ଦେଶ ଦେଇଛନ୍ତି ଯେ, ସମସ୍ତ ବ୍ଲକ ଓ ନଗର ସ୍ତରରେ ସଚେତନତା କାର୍ଯ୍ୟକ୍ରମ, ଛାତ୍ରୀମାନେ ପାଇଁ ଉତ୍ସାହବର୍ଦ୍ଧକ ପୁରସ୍କାର, ଓ ସ୍ୱାସ୍ଥ୍ୟ–ଶିକ୍ଷା ସମ୍ବନ୍ଧୀୟ ସେବା ସୁନିଶ୍ଚିତ କରିବା ପାଇଁ ସମସ୍ତ ବିଭାଗ ବିଶେଷ ପଦକ୍ଷେପ ନେବେ ଏବଂ ଏହି ଯୋଜନାକୁ ତୃଣମୂଳ ସ୍ତରରେ ଏକ ଅନ୍ଦୋଳନର ଆକାର ଦେବା ପାଇଁ ସଂଘଟିତ ହୋଇ କାର୍ଯ୍ୟ କରିବେ ।

## ପଟପରପାଲି–ଭେରା ଅଣ୍ଡର ବ୍ରିଜ ପ୍ରତି ଦୃଷ୍ଟି ପଡୁ

ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ସଦର ମହକୁମା ଠାରୁ ୫ କିଲୋମିଟର ଦୂରରେ ଅବସ୍ଥିତ ପୂର୍ବତଟ ରେଳ ଜୋନ ଅଧିନ ସମ୍ବଲପୁର ରେଳ ଡିଭିଜନ ଅନ୍ତର୍ଗତ ରାୟପୁର – ବିଶାଖାପାଟଣା ରେଳ ଲାଇନର (ଖରିଆର ରୋଡ ଓ ନୂଆପଡ଼ା ରେଳ ଷ୍ଟେସନ୍ ମଧ୍ୟ) ଭେରା – ପଟପରପାଲି ରେଳ ଭୂତଳ ପୋଲ (ଅଣ୍ଡର ବ୍ରିଜ) ଲୋକଙ୍କ ଗମନାଗମନର ସୁବିଧା ପାଇଁ ଏହା ନିର୍ମାଣ ହୋଇଥିଲା । କିନ୍ତୁ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଥିବା ବେଳେ ସମ୍ପୂର୍ଣ୍ଣ କଂକ୍ରିଟ ନଷ୍ଟ ହୋଇ ରାସ୍ତାରେ ଦେଖାଯାଉଛି ଲୁହା ଛଡ଼। ଏପରି ବିପଦଜନକ ରାସ୍ତା ଟି ନୂଆପଡ଼ା ରେଳ ଷ୍ଟେସନରୁ ପଟପରପାଲି ପାଖରେ ଦେଖିବାକୁ ମିଳିଛି।

ଏହି ରାସ୍ତାଟି ବ୍ୟସ୍ତବହୁଳ ହୋଇଥିବା ବେଳେ ୫ଟି ପଞ୍ଚାୟତର ଲୋକ ସଦର ବ୍ଲକ୍ ଓ ଜିଲ୍ଲା ମୁଖ୍ୟାଳୟ ଆସିବା ପାଇଁ ମୁଖ୍ୟ ରାସ୍ତା ଅଟେ। ସୂଚନାଯୋଗ୍ୟ ଯେ ନୂଆପଡ଼ା ରେଳ ଷ୍ଟେସନରୁ ପ୍ରାୟ ଚାରି କିଲୋମିଟର ଦୂରରେ ଏହି ଭୂତଳ ପୋଲଟିରେ ପ୍ରତିଦିନ ଶହଶହ ଲୋକ ଯିବାଆସିବା କରିଥାନ୍ତି। ପୂର୍ବରୁ ଫାଟକ ବିହୀନ ଏହି ରେଳ ରାସ୍ତାରେ ଗୁଡ଼ାଏ ଦୁର୍ଘଟଣା ଘଟୁଥିଲା ଓ ଅଧିକାଂଶ ସମୟରେ ରେଳ ପାଇଁ ଲୋକଙ୍କ ସମୟ ନଷ୍ଟ ହେଉଥିଲା। ସ୍ଥାନୀୟ ଲୋକଙ୍କ ଦାବିରେ ଏଠି ଭୂତଳ ପୋଲ ନିର୍ମାଣ ହେଲା । କିନ୍ତୁ ରେଳ ବିଭାଗର ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବ ଓ ଭୁଲ ନିର୍ମାଣ ଢାଞ୍ଚା ଯୋଗୁଁ ଅସରାଏ ବର୍ଷା ହେଲେ ଆଣ୍ଠୁଏ ପାଣି ଜମୁଥିବା ବେଳେ ସମ୍ପୂର୍ଣ୍ଣ ଭାବରେ ରାସ୍ତାଟି ନଷ୍ଟ ହୋଇଯାଇଛି। ସବୁ ବେଳେ ପାଣି ଜମୁଥିବା ହେତୁ ଶିଉଳି କାଦୁଅ ରହୁଛି। ଫଳରେ ଲୋକଙ୍କ ଚଳପ୍ରଚଳରେ ବାଧାପ୍ରାପ୍ତ ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଶହଶହ ଲୋକ ଏବଂ ସ୍କୁଲ କଲେଜର ଛାତ୍ରଛାତ୍ରୀ ,ମୋ ବସ୍ ସମେତ ଯାନବାହାନ ଚଳାଚଳ କରୁଥିବାରୁ ରେଳ ବିଭାଗ ପୋଲର ଜମା ପାଣି ନିଷ୍କାସନ ସହ ପୋଲ ପାଖ ରାସ୍ତାର ସ୍ଥାୟୀ ମରାମତି କରିବା ପାଇଁ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି। ଏହାର ନିର୍ମାଣ କେବଳ ରେଳ ବିଭାଗ ଦ୍ୱାରା ହେଉଥିବାରୁ ଜିଲ୍ଲା ପ୍ରଶାସନ ରେଳ ବିଭାଗକୁ ଦୃଷ୍ଟି ଆକର୍ଷଣ କରିବାପାଇଁ ସମସ୍ତେ ଅନୁରୋଧ କରିଛନ୍ତି।

## ନାବାଳିକା ଦୁଷ୍କର୍ମ ଅଭିଯୋଗରେ ଜଣେ ଗିରଫ

କୋରାପୁଟ,(ସବ୍ୟୁ), କୋରାପୁଟ ସହରରେ ଜନୈକା ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଜଣେ ବ୍ୟକ୍ତି ଗିରଫ ହୋଇ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି ।କୋରାପୁଟ ସହରର ଏକ ସାହିର ନାବାଳିକା ଗତ ୨୬ ତାରିଖ ରାତ୍ରିରେ ଅପହରଣ କରାଯାଇଥିବା ନେଇ ଗତ ୨୭ ତାରିଖ ଦିନ କୋରାପୁଟ ଟାଉନ ଥାନାରେ ଏତଲା ପ୍ରଦାନ କରିଥିଲେ। କୋରାପୁଟ ଟାଉନ୍ ଥାନାର ସବ ଇନ୍ସପେକ୍ଟର ରଞ୍ଜିତ ମିଶ୍ରଙ୍କ ନେତୃତ୍ୱରେ ତଦନ୍ତ କରାଯାଇ ଅପହୃତ ନାବାଳିକାକୁ ଉଦ୍ଧାର କରାଯିବା ସହ ଦୋଷୀ ସୁଶିଲ ହରିଜନକୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ପାତ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଏକ କାର ଭିତରେ ନାବାଳିକାକୁ ରାତ୍ରୀ ରଖି ଦୁଷ୍କର୍ମ କରିଥିଲା । ବ୍ୟବହୃତ କାରଟିକୁ ପୋଲିସ ଜବତ କରିଛି।



ଶିଶୁ ବିକ୍ରି ଅଭିଯୋଗର ତଥ୍ୟ ଅନୁସନ୍ଧାନ କରିବା ପାଇଁ
ପିସିସିର ୬ ଜଣିଆ କମିଟି ଟିଟିଲାଗଡ଼ ନିକଟ ସଂପୃକ୍ତ ଗ୍ରାମରେ ପହଞ୍ଚି ତଥ୍ୟ ସଂଗ୍ରହ କରୁଛନ୍ତି ।

## ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ଡେବ୍ରିଗଡ ଅଭୟାରଣ୍ୟକୁ ସବୁଜ ସଙ୍କେତ

ସମ୍ବଲପୁର,(ସବ୍ୟୁ): ହୀରାକୁଦ ବନ୍ୟପ୍ରାଣୀ ଡିଭିଜନ ଅନ୍ତର୍ଗତ ଡେବ୍ରିଗଡ ଅଭୟାରଣ୍ୟରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ସବୁଜ ସଙ୍କେତ ମିଳିଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ(ଏନ୍‌ଟିସିଏ) ପକ୍ଷରୁ ଏହି ସଙ୍କେତ ଦିଆଯାଇଛି । ଏଥିପାଇଁ ରାଜ୍ୟ ସରକାର ଏକ ୩ଜଣିଆ ବିଶେଷଜ୍ଞ କମିଟି ଗଠନ କରିଛନ୍ତି । ଏହି କମିଟିରେ ଏନ୍‌ଟିସିଏର ପୂର୍ବତନ ସଭ୍ୟ ସଚିବ ଅନୁପ ନାୟକ ମୁଖ୍ୟ ଅଛନ୍ତି । ସେହିପରି ଭାରତୀୟ ବନ୍ୟପ୍ରାଣୀ ସଂସ୍ଥାନର ବିଶେଷଜ୍ଞ ବିଭାଶ ପାଣ୍ଡବ, ପ୍ରାଣୀ ବିଜ୍ଞାନ ପ୍ରଫେସର ହେମ କୁମାର ନାୟକ ସଦସ୍ୟ ଅଛନ୍ତି । ଫଳରେ ପ୍ରକଳ୍ପଟି ଆଉ ପାଦେ ଆଗେଇଛି । ଶିମିଳିପାଳ ଓ ସାତକୋଶିଆ ପରେ ଏହା ରାଜ୍ୟର ୩ୟ ଏହି ଧରଣର ପ୍ରକଳ୍ପ ହେବାକୁ ଯାଉଛି । ରାଜ୍ୟ ସରକାର ଗଠନ କରିଥିବା ବିଶେଷଜ୍ଞ କମିଟି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ପାଇଁ ବୈଜ୍ଞାନିକ ପଦ୍ଧତିରେ ଆକଳନ, ତୃଣମୂଳ ସ୍ତରରେ ପ୍ରକଳ୍ପର ସୀମା ନିର୍ଦ୍ଧାରଣକୁ ଚୂଡାନ୍ତ କରିବେ । ଏହାପରେ ପ୍ରକଳ୍ପ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବ । ଏହି ଅଭ୍ୟୟାରଣ୍ୟ ୮୦୪.୫୧ବର୍ଗ କିଲୋମିଟରରେ ପରିବ୍ୟାପ୍ତ ଅଟେ । ଏହାର କୋର ଜୋନ କୁହାଯାଉଥିବା ଅଞ୍ଚଳ ୩୫୩.୮୧ବର୍ଗକିଲୋମିଟର ଅଟେ । ଯେଉଁଥିରେ କୌଣସି ଜନବସତି ନାହିଁ । ଏଠାରେ ପୂର୍ବରୁ ଥିବା ଜନବସତିକୁ ମାର୍ଚ୍ଚ ୨୦୨୨ରେ ଅନ୍ୟତ୍ର ବନ୍ଦୋବସ୍ତ କରାଯାଇଛି । ଏଥିପାଇଁ ରାଜସ୍ୱ ଓ ବନ ବିଭାଗ ପକ୍ଷରୁ ଗ୍ରାମସଭା କରାଯାଇଥିଲା । ତେବେ ପ୍ରକଳ୍ପର ଚୂଡାନ୍ତ ବିଜ୍ଞପ୍ତି ପୂର୍ବରୁ ଅନୁରୂପ ନିୟମ ଅନୁସରଣ କରାଯିବ ବୋଲି କୁହାଯାଉଛି । ଏହି ଅଭୟାରଣ୍ୟକୁ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କରିବା ପାଇଁ ୨୦୧୮ରୁ ପ୍ରସ୍ତାବ ରହିଛି । ଏଥିପାଇଁ ଏନ୍‌ଟିସିଏ ୨୦୧୮–୧୯ରେ ରାଜ୍ୟ ସରକାରଙ୍କୁ କେତେକ ସ୍ପଷ୍ଟିକରଣ ମାଗିଥିଲେ । କୋର– ବଫର ଜୋନ୍ ନିର୍ଦ୍ଧାରଣ ଓ ସେଥିରେ ଥିବା ଧାର୍ମିକ ସ୍ଥଳୀ , ଗୋଷ୍ଠୀଗତ ଅଧିକାର ଏବଂ ବସତି ନେଇ ତଥ୍ୟ ଦେବାକୁ କୁହାଯାଇଥିଲା । ତେବେ ୨୮ଜୁନ୍, ୨୦୨୨ରେ ବନ୍ୟପ୍ରାଣୀ ଡିଭିଜନ ପ୍ରକଳ୍ପର ଜମି ଓ ପରିସୀମା ନେଇ ତଥ୍ୟ ରଖିଥିଲେ । ୧୦ଫେବୃଆରୀ, ୨୦୨୩ରେ ଏନ୍‌ଟିସିଏର ସପ୍ତଦଶ ବୈଷୟିକ କମିଟି ମିଟିଂରେ ପ୍ରସ୍ତାବିତ ପ୍ରକଳ୍ପକୁ ମଞ୍ଜୁର କରାଯାଇଥିବା ଜଣାପଡିଛି । କେନ୍ଦ୍ର ଓ ପୂର୍ବ ଭାରତର ଭୌଗଳିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଡେବ୍ରିଗଡ ଅଭୟାରଣ୍ୟର ପରିବେଶ, ପ୍ରକୃତି ଓ ବନ୍ୟପ୍ରାଣୀଙ୍କ ପାଇଁ ସହାୟକ ହେଉଛି ।



ଏହା ନୂଆପଡାର ସୁନାବେଡା ଏବଂ ଛତିଶଗଡର ଉଦନ୍ତୀ– ସୀତାନଦୀ ପ୍ରକଳ୍ପ ସହ ସଂଯୋଗ ସେତୁ ଅଟେ । ସମ୍ବଲପୁର, ରେଢାଖୋଲ, ଆଠମଲ୍ଲିକ, ଅନୁଗୁଳ ଦେଇ ଏହା ସାତକୋଶିଆ ପ୍ରକଳ୍ପ ସହ ସଂଯୋଗ କରୁଛି । ୨୦୨୨ରେ ଡେବ୍ରିଗଡ ଅଭୟାରଣ୍ୟକୁ ଏକ ଶାବକ ବାଘ ଆସିଥିଲା । ୧ ଡିସେମ୍ବର, ୨୦୨୨ରେ ଏକ ମହାବଳ ବାଘକୁ ପର୍ଯ୍ୟଟକ ମାନେ ଦେଖିଥିଲେ। ଏଠାରେ ବାଘ, ଗୟଳ, ହାତୀ, ହରିଣ, ସମ୍ବର, ବାରହା, ଗଣ୍ଡା ଗୟଳ, ଭାଲୁ ଓ ଅସଂଖ୍ୟ ପ୍ରଜାତିର ପକ୍ଷୀ, ସରୀସୃପ ରହିଛନ୍ତି । ଭିତରେ ଏକାଧିକ ଗୁମ୍ଫା ଓ ଝରଣା ଥିବାବେଳେ ହୀରାକୁଦ ନଦୀବନ୍ଧ ତଟରେ ୧୦୦କିଲୋମିଟର କୂଳରୁ ଅନାବନା ଲଟାବୁଦା ଅପସାରଣ କରାଯାଇ ଘାସ ଗାଲିଚାର ବ୍ୟବସ୍ଥା କରାଯାଇଛି ।

## କାଦୁଅ ରାସ୍ତାରେ ଧାନ ରୋଇ ପ୍ରତିବାଦ

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ୍ ଗାଦବାକତ୍ରା ପଞ୍ଚାୟତ ଆଦିବାସୀଗୁଡା ଗ୍ରାମରେ ସାହି ରାସ୍ତାରେ ଧାନ ରୋଇ ଭଲ ରାସ୍ତା ପାଇଁ ଗ୍ରାମର ମହିଳା ପ୍ରତିବାଦ କରିଛନ୍ତି । ଦୀର୍ଘଦିନ ହୋଇ ଏହି ରାସ୍ତା ଶୋଚନୀୟ ଭାବେ ପଡି ରହିଛି । ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ଧ୍ୟାନ ନ ଦେବାରୁ ବାଧ ହୋଇ ଧାନ ରୋଇ ପ୍ରତିବାଦ ଜଣାଇଛନ୍ତି ।

କାଦୁଅ ରାସ୍ତା ଥିବାରୁ ଆମ୍ବୁଲାନ୍ସ ଯାଇ ପାରୁ ନ ଥିବାବେଳେ ରୋଗୀ ଟ୍ରାକ୍ଟର କିମ୍ବା ଭାରରେ ବୁହା ହୋଉଛନ୍ତି ବୋଲି ଗ୍ରାମବାସୀ କହିଛନ୍ତି । ସାହିରେ ଏକ ପକ୍କା ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ପ୍ରାୟ ୩୦ ବର୍ଷ ହେବ ବସତି ସ୍ଥାପନ ହୋଇଛି । କାଦୁଅ ଥିବାରୁ ଗ୍ରାମରେ ଯାଇ ପାରୁନି ଆମ୍ବୁଲାନ୍ସ । ବର୍ଷା ଋତୁ ଆସିଲେ ଗ୍ରାମବାସୀଙ୍କ ଦୁଃଖ ଅଧିକ ବଢିଯାଏ କାରଣ କାଦୁଅ ରାସ୍ତାରେ କେମିତି ଯିବେ ଏହା ଚିନ୍ତାରେ ରୁହନ୍ତି । ମେଡିକାଲ ନେବାକୁ ହେଲେ ଟ୍ରାକ୍ଟର କିମ୍ବା ଭାରରେ ବୁହା ହୋଉଥିବା କହିଛନ୍ତି । ରବିବାର ଦିନ ଗ୍ରାମର ଜଣେ ରୋଗୀଙ୍କୁ ଟ୍ରାକ୍ଟର ଯୋଗେ ମେଡିକାଲ ନେଇଥିବା କହିଛନ୍ତି ଗ୍ରାମବାସୀ। ମେଡିକାଲ ନେବାକୁ ଗୋଟିଏ କିମି ବୋହିକି ନେବାକୁ ପଡୁଛି ବୋଲି କହିଛନ୍ତି ଗ୍ରାମବାସୀ । ଏତେ ପରିମାଣରେ କାଦୁଅ ରହିଛି ଯେ, ଚାଲିବା କଷ୍ଟ ହେଉଥିବା ବେଳେ ଯାନବାହାନ ଯିବା ସମ୍ଭବ ନାହିଁ । ଫଳରେ ଗ୍ରାମରେ ଆମ୍ବୁଲାନ୍ସ ଯିବା ସମ୍ଭବ ନାହିଁ । ଟ୍ରାକ୍ଟର ଯୋଗେ କିପରି ରୋଗୀଙ୍କୁ ଅଣା ଯାଇଛି । ଗର୍ଭବତୀ ହୋଉକି ଯେକୌଣସି ରୋଗରେ ପୀଡିତ ହେଲେ ମଧ୍ୟ ବୋହିକି ନେଇ ଗାଦବାକତ୍ରା ଆଣି ପରେ ମେଡିକାଲ ନେଉଛନ୍ତି । ଗ୍ରାମରୁ ସଦର ପଞ୍ଚାୟତ ଗାଦବାକୋତ୍ରା ଯିବାକୁ ଏକ କିମି ଦୂର ରହିଛି ଯାହାକି କାଦୁଅ ଭରା ରାସ୍ତା ଥିବାରୁ ଯିବାଆସିବା ବହୁତ କଷ୍ଟ ହୋଉଛନ୍ତି ।

ଛାତ୍ରଛାତ୍ରୀମାନେ ସ୍କୁଲ ଆସିବାକୁ ହେଲେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି । ସାହି ରାସ୍ତା ଅତି ଶୋଚନୀୟ ହୋଇ ପଡିରହିଛି ଫଳରେ ଧାନ ରୋଇ ପ୍ରତିବାଦ ଜଣାଇଛନ୍ତି । ଗ୍ରାମର ଦୁଃଖ ବୁଝିବାକୁ କୌଣସି ପ୍ରଶାସନିକ ଅଧିକାରୀଙ୍କ ପାଦ ପଡି ନାହିଁ । ଶୀଘ୍ର ପ୍ରଶାସନ ଏହି ଗାଁ ପ୍ରତି ଧ୍ୟାନ ଦେଇ ସାହିରେ ଏକ ପକ୍କା ରାସ୍ତା ନିର୍ମାଣ କରିବା ସହ ସଦର ପଞ୍ଚାୟତ ଯିବା ରାସ୍ତାକୁ ପିଚୁ ରାସ୍ତା ନିର୍ମାଣ କରୁବାକୁ ଗ୍ରାମବାସୀ ଦାବି କରିଛନ୍ତି ।

(ଶ୍ରୀମଭଗବଦ୍ ଗୀତା ୧୮/୦୧)
-ମୋକ୍ଷ ଯୋଗ-
(ଶ୍ରୀଭଗବାନୁବାଚ )

**ସନ୍ନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।**
**ତ୍ୟାଗସ୍ୟ ଚ ହୃଷୀକେଶ ! ପୃଥକ୍ କେଶିନିଷୂଦନ ।।୧।।**

(ଅତ୍ର ଚ ''ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ'', ''ସନ୍ୟାସଂ ଯୋଗମୁକ୍ତାତ୍ମା'', ଇତ୍ୟାଦିଷୁ କର୍ମାଦିଷୁ କର୍ମସନ୍ୟାସ ଉପଦିଷ୍ଟଃ ତଥା ''ତ୍ୟକ୍ତ୍ୱା କର୍ମଫଳାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।'' ''ସର୍ବକର୍ମଫଳତ୍ୟାଗଂ ତତଃ କୁରୁ ଯତାତ୍ମବାନ୍'' ଇତ୍ୟାଦିଷୁ ଚ ଫଳମାତ୍ରତ୍ୟାଗେନ କର୍ମାନୁଷ୍ଠାନମୁପଦିଷ୍ଟଂ ନ ଚ ପରସ୍ପରବିରୁଦ୍ଧଂ ସର୍ବଜ୍ଞଃ ପରମକାରୁଣିକୋ ଭଗବାନ୍ ଉପଦିଶେତ୍, ଅତଃ କର୍ମସନ୍ୟାସସ୍ୟ ତଦନୁଷ୍ଠାନସ୍ୟ ଚ ଅବିରୋଧ ପ୍ରକାରଂ ଜିଜ୍ଞାସୁଃ) ।। ୧।।

# ବିରୋଧୀ ଦଳର ଏପରି ଆଚରଣ ସ୍ପୃହଣୀୟ ନୁହେଁ

ଏହି ୨୮ ତାରିଖ (୨୦୨୫ ଜୁଲାଇ)ରେ ଲୋକସଭାରେ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା କରିବାକୁ ସଂସଦର ବିରୋଧୀ ଦଳର ଦାବିକୁ କେନ୍ଦ୍ର ସରକାର ଅଗ୍ରାହ୍ୟ କରି ନଥିଲେ । ଲୋକସଭାରେ ୨୮ ତାରିଖରେ ଓ ରାଜ୍ୟସଭାରେ ୨୯ ତାରିଖରେ ଏହା ଉପରେ ଆଲାଚନା ହେବା ପାଇଁ ସ୍ଥିର ହୋଇଥିଲା । ମାତ୍ର ୨୮ ତାରିଖରେ ଲୋକସଭାରେ ଏହି ଆଲୋଚନା ଆରମ୍ଭ ପୂର୍ବରୁ ବିରୋଧୀ ଦଳ ପ୍ରଶ୍ନୋତ୍ତର କାଳରେ ଏପରି ହଟ୍ଟଗୋଳ ଆରମ୍ଭ କରିଥିଲେ ଯେ ଲୋକସଭାର ଅଧିବେଶନକୁ ପ୍ରଥମେ କିଛି ସମୟ ପାଇଁ ମୁଲତବୀ ରଖିବାକୁ ବାଚସ୍ପତି ଶ୍ରୀ ଓମ୍ ପ୍ରକାଶ ବିର୍ଲା ବାଧ୍ୟ ହୋଇଥିଲେ । ସଂସଦରେ ହେଉ ବା ବିଧାନସଭାରେ ହେଉ ପ୍ରଶ୍ନୋତ୍ତର କାଳ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ବିରୋଧୀ ଦଳ ପ୍ରଶ୍ନୋତ୍ତର କାଳକୁ ଭଣ୍ଡୁର କରିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆଦୌ ଉଚିତ ନୁହେଁ । ଉଭୟ ବିରୋଧୀ ଓ ଶାସକ ଦଳ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା କରିଥା'ନ୍ତେ । ଫଳରେ ଅନେକ ବିଷୟ ସ୍ପଷ୍ଟ ହୋଇ ପାରିଥା'ନ୍ତା । ମାତ୍ର ଏହି ଆଲୋଚନା ଆରମ୍ଭ ହେବା ପୂର୍ବରୁ ତାହାକୁ ବାଧା ଦିଆଗଲା । ଲୋକସଭାର ବାଚସ୍ପତି ଶ୍ରୀ ବିର୍ଲା ବିରୋଧୀ ଦଳକୁ ତାଗିଦ କରି ଦେଇଛନ୍ତି ଯେ ସଦନ କେବଳ ବିରୋଧୀ ଦଳଙ୍କର ନୁହେଁ, ୧୪୦ କୋଟି ଭାରତୀୟଙ୍କର ଏ ସଦନ । ସେମାନଙ୍କ ସମ୍ମାନକୁ ଚାହିଁ ବିରୋଧୀ ଦଳ ଅନ୍ତତଃ ଏପରି ହଟ୍ଟଗୋଳ ନ କରୁ ।

ସଂସଦର ସମୟ ଖୁବ୍ ମୂଲ୍ୟବାନ । ସଂସଦର ଆଲୋଚନା ସମୟରେ ସରକାର ଉତ୍ତର ଦିଅନ୍ତି, ପ୍ରଧାନମନ୍ତ୍ରୀ ବା ଅନ୍ୟ ମନ୍ତ୍ରିମାନଙ୍କ ଜରିଆରେ । ସଂସଦୀୟ ବ୍ୟାପାର ମନ୍ତ୍ରୀ ଶ୍ରୀ କିରଣ ରିଜୁ ମଧ୍ୟ ଆଜି ସଂସଦର ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗଣମାଧ୍ୟମକୁ ବିବୃତି ଦେଇ କହିଛନ୍ତି ଯେ ବିରୋଧୀ ଦଳ 'ଅପରେସନ ସିନ୍ଦୂର' ଉପରେ ଆଲୋଚନା ସମୟରେ କେନ୍ଦ୍ର ସରକାରଙ୍କୁ ସହଯୋଗ କରନ୍ତୁ ଓ ପାକିସ୍ତାନର ଭାଷା ନ କୁହନ୍ତୁ ।

ପାର୍ଲିଆମେଣ୍ଟ ଅଧିବେଶନ ଆରମ୍ଭ ହେବା ପୂର୍ବରୁ 'ଅପରେସନ ସିନ୍ଦୂର' ଆଲୋଚନା ଦିନକ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଥିଲେ ଯେ ପାକିସ୍ତାନରେ ଆତଙ୍କବାଦୀଙ୍କ ଆଡ୍ଡାସ୍ଥଳ ଉପରେ ଆକ୍ରମଣ ଯଥାର୍ଥ ଥିଲା ଏବଂ ସେମାନେ ଆଡ୍ଡାସ୍ଥଳକୁ ଯେପରି ନିରାପତ୍ତାର ଭୂସ୍ୱର୍ଗ ବୋଲି ଭାବୁଥିଲେ, ତାହା ସେପରି ହୋଇ ପାରିଲା ନାହିଁ । ସେ ମଧ୍ୟ କହିଥିଲେ ଯେ ଜାତୀୟ ନିରାପତ୍ତାକୁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି । 'ଅପରେସନ ସିନ୍ଦୂର' ଏକ ନୂଆ ଜାଗରଣ ସୃଷ୍ଟି କରିଛି ଏବଂ ସମସ୍ତଙ୍କୁ ଆତ୍ମବିଶ୍ୱାସ ଦେଇପାରିଛି । 'ଅପରେସନ ସିନ୍ଦୂର' ସମୟରେ ସାରା ବିଶ୍ୱ ଦେଖିଲା ଭାରତ ତାହାର ସାର୍ବଭୌମତ୍ୱର ସୁରକ୍ଷା ଲାଗି କିପରି ଦୃଢ଼ ପଦକ୍ଷେପ ନେଇପାରିଛି । ଭାରତରେ ଆତଙ୍କବାଦୀମାନେ ନିରାପତ୍ତାର ଭୂସ୍ୱର୍ଗ ଭାବି ଯେପରି କାର୍ଯ୍ୟ କରୁଥିଲେ, ସେମାନଙ୍କୁ ଠିକଣା ଜବାବ ଦିଆଯାଇ ପାରିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ।

ସାରା ଭାରତର ଅଧିକାଂଶ ସଚେତନ ନାଗରିକ ସଂସଦରେ ହେବାକୁ ଥିବା ଆଲୋଚନା ଦେଖିବାକୁ ଓ ଶୁଣିବାକୁ ଆଗ୍ରହ ପ୍ରକାଶ କରିଥିବାବେଳେ, ଜନସାଧାରଣଙ୍କ ବିଶ୍ୱାସକୁ ଭଙ୍ଗ କରି ଭାରତର କଂଗ୍ରେସ ସମେତ ଇଣ୍ଡିମେଣ୍ଟର ବିରୋଧୀ ଦଳମାନେ କିଛି ଭଲ କାମ କରିନାହାନ୍ତି । ସେମାନେ ନିଜ ନିଜର କର୍ତ୍ତବ୍ୟ ପ୍ରତି ଅବହେଳା ପ୍ରଦର୍ଶନ କରୁଛନ୍ତି ।

ଲୋକସଭାରେ ଏହି 'ଅପରେସନ ସିନ୍ଦୂର' ଉପରେ ଯେଉଁ ଆଲୋଚନା ଅପରାହ୍ନରେ ହୋଇଥିଲା, ସେତେବେଳେ ପ୍ରତିରକ୍ଷାମନ୍ତ୍ରୀ ଶ୍ରୀ ରାଜନାଥ ସିଂ 'ଅପରେସନ ସିନ୍ଦୂର' ସପକ୍ଷରେ ବହୁତ ଗୁରୁତ୍ୱପୂର୍ଣ୍ଣ କଥା କହିଥିଲେ । ସେ କହିଥିଲେ ଯେ ହନୁମାନ ଯେପରି ଲଙ୍କା ଯାଇ ଅସୁରମାନଙ୍କୁ ଦମନ କରିଥିଲେ, ଭାରତର ପ୍ରତିରକ୍ଷା ବାହିନୀ ସେହିପରି ଆତଙ୍କବାଦୀମାନଙ୍କୁ ଧ୍ୱଂସ କରିଥିଲେ । କାରଣ ପାକିସ୍ତାନର ଆତଙ୍କବାଦୀମାନେ ପ୍ରହଲଗାମରେ ଗତ ଏପ୍ରିଲ ୨୨ରେ ଆସି ଆମ ମାଆ ଓ ଭଉଣୀଙ୍କ ମଥାରୁ ସିନ୍ଦୂର ଲିଭାଇ ଦେଇଥିଲେ । ପ୍ରଧାନମନ୍ତ୍ରୀଙ୍କର ଏହି 'ଅପରେସନ ସିନ୍ଦୂର' ଆତଙ୍କବାଦୀଙ୍କୁ ଠିକଣା ଜବାବ ଦେଇଛି ବୋଲି ସଂସଦରେ ସେ ଉତ୍ତର ରଖିଥିଲେ । ଆତଙ୍କବାଦୀଙ୍କୁ ଦମନ କରିବା କ୍ଷେତ୍ରରେ ଭାରତ ସଫଳ ହୋଇଥିଲେ ମଧ୍ୟ ବିରୋଧୀ ଦଳ ଏହାକୁ ସୈନ୍ୟବାହିନୀର ଦକ୍ଷତା ବୋଲି କହି ପ୍ରଶଂସା କରି ଆସୁଥିଲେ ମଧ୍ୟ ଆଜି ଲୋକସଭାରେ 'ଅପରେସନ ସିନ୍ଦୂର' ଆଲୋଚନାବେଳେ ତାହାକୁ ସଫଳ କରିବାକୁ ଉଦ୍ୟମ କରି ନଥିବା ଅତ୍ୟନ୍ତ ଦୁଃଖଦାୟକ କଥା ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଆମର ପ୍ରକୃତ ପରିଚୟ



**ଡ. ନିରଞ୍ଜନ ସାହୁ**

କେବେ କେହି କୌଣସି ଦପ୍ତରକୁ ଗଲେ ସେଠାକାର ପିଅନ ଖଣ୍ଡିଏ କାଗଜଟୁକୁରା ବଢ଼େଇ ଦେଇ କହନ୍ତି ଆପଣ ନାଁ ଓ ପରିଚୟ ଲେଖି ଦିଅନ୍ତୁ ଆଉ ସାର୍‌ଙ୍କୁ ସେଇଟି ଦିଆଯିବ, ସେ ଚାହିଁଲେ ଆପଣଙ୍କୁ ଡାକିବେ । ଅନେକ ସରକାରୀ କିମ୍ବା କମ୍ପାନୀ ପଦସ୍ଥ ଅଧିକାରୀମାନେ ସର୍ବସାଧାରଣଙ୍କ ପାଇ ନିର୍ଦ୍ଧାରିତ କାଗଜ ଟୁକୁରାରେ ନାଁ ନ ଲେଖି ସେମାନେ ନେଇଥିବା ତାଙ୍କର ପରିଚୟ ପତ୍ର ବଢ଼େଇ ଦିଅନ୍ତି । କେତେକ ସେଥିରେ ନିଜର ନାଁ ସହିତ ତାଙ୍କର ଶିକ୍ଷାଗତ ଯୋଗ୍ୟତା ଲେଖୁଥିବା ବେଳେ ଆଉ କେହି ତାଙ୍କର ପଦବୀ ବା ଅଭିଜ୍ଞତା ବିଷୟରେ ଲେଖିଥାନ୍ତି ।

ବେଳେବେଳେ ସନ୍ଦେହ ହୁଏ ସତରେ ଆମର ପରିଚୟ କ'ଣ ? ଏଇ ପରିବର୍ତ୍ତନଶୀଳ ପୃଥିବୀରେ କୌଣସି ପରିଚିତି ସ୍ଥାୟୀ ନୁହେଁ, ତେବେ ପରିଚୟକୁ ନେଇ କାହିଁକି ଏତେ ବ୍ୟଗ୍ରତା !

ଜଣେ ଯେତେବେଳେ ନିଜ ବିଷୟରେ ପରିଚୟ ଦେବାକୁ ଯାଆନ୍ତି, ସେତେବେଳେ ତାଙ୍କର ଭଲ ଗୁଣଗୁଡ଼ିକୁ ଏପରି ଦେଖାନ୍ତି - ମାଇକ୍ରୋସ୍କୋପ ତଳେ ଥିବା ଛୋଟ ଛୋଟ ଜୀବାଣୁମାନେ ଯେମିତି ବହୁଗୁଣିତ ହୋଇଯାଆନ୍ତି ଠିକ୍ ସେଇମିତି । ପ୍ରଖ୍ୟାତ ଲେଖକ ମାର୍କ ଟ୍ୱାଏନଙ୍କ ଭାଷାରେ-ପ୍ରତ୍ୟେକ ମଣିଷ ଜଣେ ଜଣେ ଚନ୍ଦ୍ରଟିଏ ପରି ଆଉ ସେମାନଙ୍କର ଗୋଟିଏ ଅନାଲୋକିତ ଅଞ୍ଚଳ ରହିଛି ଯାହା ସେ କାହାରିକୁ ଦେଖାଇବାକୁ ଚାହାନ୍ତି ନାହିଁ । ଏଇ ଦୁଇଟି ପରସ୍ପର ବିରୋଧୀ ଦିଗକୁ ଆପଣ ଯଦି ଅନୁସନ୍ଧାନପୂର୍ବକ ନିରୀକ୍ଷଣ କରିବେ, ତାହେଲେ ଅନୁଭବ କରିପାରିବେ ଯେ ପରିଚୟ ବ୍ୟାଖ୍ୟାନମାନେ ସତରେ କେତେ ପକ୍ଷପାତପୂର୍ଣ୍ଣ ବିବରଣୀ ।

ଆଜିକାଲି କ୍ଷମତାଶାଳୀ ବ୍ୟକ୍ତିମାନଙ୍କୁ ଆଉ ଆଗପରି ନିଜର ପରିଚୟ ଦେବାକୁ ପଡୁନାହିଁ । ସେମାନଙ୍କ ଦ୍ୱାରା ନିୟୋଜିତ କିମ୍ବା ପ୍ରାୟୋଜିତ ବ୍ୟକ୍ତି ବା ଅନୁଷ୍ଠାନମାନଙ୍କ ଉପରେ ସେଇ ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ସେମାନେ ଶବ୍ଦ ଚାତୁରୀରେ ଏପରି ପରିଚୟ ଦିଅନ୍ତି ତାହା ଶୋତୃମଣ୍ଡଳୀ ଭିତରେ କେତେବେଳେ ସୃଷ୍ଟି କରେ ପ୍ରେରଣା, କଦବା ଭ୍ରୁକୁଞ୍ଚନ । ଥରେ ଜଣେ ସାହିତ୍ୟିକ ଗୋଟିଏ ସଭାରେ ଯୋଗ ଦେଇଥିବା ବେଳେ ତାଙ୍କର ପରିଚୟ ପ୍ରଦାନ କରୁଥିବା ବ୍ୟକ୍ତିଜଣକ କହିପକେଇଲେ ଆମର ଅତିଥିଙ୍କ ପରି କବି କ୍ୱଚିତ ମହୀମଣ୍ଡଳରେ ଜନ୍ମନିଅନ୍ତି - ସାହିତ୍ୟିକ ଜଣକ ଜୀବନରେ କେବେ କବିତା ଲେଖିନଥିଲେ । ତାଙ୍କର ମାନସିକ ଭାରସାମ୍ୟ କିପରି ହୋଇଥିବ ଅନୁମେୟ । ଆଜିକାଲି ବହୁ ସାହିତ୍ୟ ସଭାରେ ସୁଦୃଶ୍ୟ ଫଟୋ ସମ୍ବଳିତ ମାନପତ୍ରମାନ ବହୁ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ଏକ ଧାରାରେ ପରିଣତ ହୋଇଛି । ଯଦି ଆପଣ କେବେ ନିଜେ ତାକୁ ପାଠ କରିବେ ତାହେଲେ ଲଜ୍ଜାରେ ଅବନତ ହୋଇପଡ଼ିବେ ।

ଜନ୍ମ ହେଲା ବେଳେ ଗୋଟିଏ ଶିଶୁର ପରିଚୟ କହିଲେ ବୁଝାଯାଏ କିଏ ତା'ର ପିତାମାତା-ମାତ୍ର ସେଇ ଶିଶୁଟି ବଡ଼ ହେଲେ କ୍ରମେ ତା'ର ଚରିତ୍ରର ବିକାଶ ବା ଅବକ୍ଷୟ ଘଟେ ଏବଂ କ୍ରମେ ସେ ନିଜର ଏକ ପରିଚୟ ସୃଷ୍ଟି କରେ ନିଜର ଗୁଣ ବା ଅବଗୁଣ ଯୋଗୁଁ । ପିଲାଟି ବଡ଼ ହେଲେ ଯଦି ଭଲ ପଦବୀରେ ଅଭିଷିକ୍ତ ହୁଏ କିମ୍ବା ତା'ର ବ୍ୟକ୍ତିତ୍ୱ ଯଦି ଆକର୍ଷଣୀୟ ହୁଏ କ୍ରମେ ବୁଢ଼ା ହୋଇ ଆସୁଥିବା ବାପା ମାଆ ପୁଅର ପରିଚୟରେ ପରିଚିତ ହୁଅନ୍ତି । ବିଶିଷ୍ଟ ହିନ୍ଦୀ ସାହିତ୍ୟ ଜଗତର ତାରକା ଓ କବି ଡକ୍ଟର ହରିବଂଶ ରାୟ ବଚ୍ଚନ ତାଙ୍କର ଏକ କବିତାରେ ଲେଖିଛନ୍ତି- 'ମୋର ଆଉ ନିଜର କିଛି ପରିଚୟ ନାହିଁ, ମୁଁ କାଳେ କେବଳ ଅମିତାଭର ବାପା' । ଅମିତାଭ ବଚ୍ଚନ ଲୋକପ୍ରିୟ ଅଭିନେତା ହେଲେ ବୋଲି ତାଙ୍କ ବାପାଙ୍କର ଦୁଃଖ ନ ଥାଇପାରେ । ହେଲେ ଯଦି କୌଣସି ବ୍ୟକ୍ତିଙ୍କର ପୁଅ ଝିଅ କିଛି ଅପକର୍ମ କରି ନିନ୍ଦିତ ହୁଅନ୍ତି, ସେ ପିତାମାତା କେତେ ଦୁଃଖରେ ରହୁଥିବେ, ଏହା ପୁତ୍ର କନ୍ୟାଙ୍କର ଦାୟିତ୍ୱ ନୁହେଁ କି ?

> **ଥରେ ଜଣେ ସାହିତ୍ୟିକ ଗୋଟିଏ ସଭାରେ ଯୋଗ ଦେଇଥିବା ବେଳେ ତାଙ୍କର ପରିଚୟ ପ୍ରଦାନ କରୁଥିବା ବ୍ୟକ୍ତିଜଣକ କହିପକେଇଲେ ଆମର ଅତିଥିଙ୍କ ପରି କବି କ୍ୱଚିତ ମହୀମଣ୍ଡଳରେ ଜନ୍ମନିଅନ୍ତି - ସାହିତ୍ୟିକ ଜଣକ ଜୀବନରେ କେବେ କବିତା ଲେଖିନଥିଲେ । ତାଙ୍କର ମାନସିକ ଭାରସାମ୍ୟ କିପରି ହୋଇଥିବ ଅନୁମେୟ । ଆଜିକାଲି ବହୁ ସାହିତ୍ୟ ସଭାରେ ସୁଦୃଶ୍ୟ ଫଟୋ ସମ୍ବଳିତ ମାନପତ୍ରମାନ ବହୁ ବ୍ୟକ୍ତିଙ୍କୁ ପ୍ରଦାନ କରାଯାଉଥିବା ଏକ ଧାରାରେ ପରିଣତ ହୋଇଛି । ଯଦି ଆପଣ କେବେ ନିଜେ ତାକୁ ପାଠ କରିବେ ତାହେଲେ ଲଜ୍ଜାରେ ଅବନତ ହୋଇପଡ଼ିବେ ।**

**ଜଣେ ବନ୍ଧୁ ତାଙ୍କର ଦୁଃଖ ବଖାଣୁଥିଲେ ଏକ ଅନୌପଚାରିକ କଥାବାର୍ତ୍ତାରେ । ସେ ଏକଦା ଥିଲେ ଜଣେ ରାଜନେତା ମାତ୍ର ନିରହଂକାର । ଗତ କୋଡ଼ିଏ ବର୍ଷରୁ ଅଧିକ କାଳ ହେଲା କ୍ଷମତା ରାଜନୀତିଠାରୁ ଦୂରରେ ରହିଛନ୍ତି ମାତ୍ର ଜନସେବାରେ ଜଡ଼ିତ । ସେ ହୃଦ୍‌ରୋଗ ପୀଡ଼ିତ ବନ୍ଧୁ ଲୋକଙ୍କୁ ପୁଟ୍ଟପର୍ତ୍ତି ଠାରେ ଥିବା ସାଇବାବା ହସ୍‌ପିଟାଲକୁ ନେଇ ସେଠାରେ ବିନା ପଇସାରେ ଅସ୍ତ୍ରୋପଚାର କରାଇବାରେ ସାହାଯ୍ୟ କରନ୍ତି ।** ଥରେ ଜଣେ ନୂଆ ଡାକ୍ତର ତାଙ୍କୁ ସନ୍ଦେହ କଲେ ଜଣେ ଦଲାଲ ଭାବି- ତାଙ୍କୁ ପୋଲିସକୁ ହସ୍ତାନ୍ତର କଲେ ପୋଲିସ ତାଙ୍କୁ ପଚାରିଲେ ତାଙ୍କର ପରିଚୟ... ସେ କହିଲେ- 'ମୁଁ ଜଣେ ସାମାଜିକ କର୍ମୀ ।' ପୁଲିସ ତାଙ୍କୁ ହାଜତରେ ପୂରାଇଲେ - ତାଙ୍କର ଠିକଣା ନେଇ ଖବର ନେଲେ ଓଡ଼ିଶା ପୁଲିସଠାରୁ - ଖବର ମିଳିଲା ଯେ ସେ ଜଣେ ନିଃସ୍ୱାର୍ଥପର ସେବକ ଏବଂ ଜଣେ ପୂର୍ବତନ ବ୍ଲକ୍ ଚେୟାରମ୍ୟାନ - ଅଗତ୍ୟା ପୁଟପର୍ତ୍ତୀ ପୋଲିସ ତାଙ୍କୁ ବନ୍ଧନମୁକ୍ତ କଲେ ।

ପ୍ରଶ୍ନ ଉଠୁଛି- କ'ଣ ଜଣେ ସାଧାରଣ ସେବକର ପରିଚୟ ? ସମାଜରେ ଅନେକ କର୍ମୀ ଅଛନ୍ତି ଯେଉଁମାନେ ଭଲ କାମ ବି କରନ୍ତି - ମାତ୍ର ବହୁ ଭାଗ ସ୍ୱାର୍ଥକୈନ୍ଦ୍ରିକ ଓ କ୍ଷମତାକୈନ୍ଦ୍ରିକ ହୋଇଥିବାରୁ ଲୋକଙ୍କର ଦୃଷ୍ଟିକୋଣ ତାଙ୍କ ପ୍ରତି ଅଲଗା । ସେବାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ କାମ ସତରେ କିଛି ନାହିଁ-ମାତ୍ର ସେବକ ଜଣେ ଅବହେଳିତ ଚରିତ୍ର-ସମାଜସେବୀ କିମ୍ବା ସାହିତ୍ୟ ସେବା କହିଲେ ଲୋକେ ଭିତରେ ଭିତରେ ନାକ ଟେକନ୍ତି-ମାତ୍ର ସମାଜର ପରିବର୍ତ୍ତନ ତାଙ୍କ ଛଡ଼ା ଆଉ କେତେଜଣଙ୍କ ଦ୍ୱାରା ବା ହୁଏ?

ସମାଜର କିଛି ବିଶିଷ୍ଟ ଲୋକଙ୍କୁ ତାଙ୍କର ଯୋଗଦାନ ପାଇଁ ଶାସକମାନେ ବିଭିନ୍ନ ପଦବୀ ଅଜାଡ଼ି ଦିଅନ୍ତି - ବ୍ରିଟିଶ ଶାସନ କାଳରେ କିଛି ଲୋକଙ୍କୁ ରାୟବାହାଦୁର, ରାୟ ସାହେବ କିମ୍ବା ନାଇଟ୍ (ସାର୍) ଉପାଧି ଦିଆଯାଉଥିଲା । ଆଜିକାଲି ସେଇ ସ୍ଥାନ ନେଇଛି ପଦ୍ମଶ୍ରୀ ବା ପଦ୍ମଭୂଷଣ ପରି ମାନ୍ୟତା ।

ସେଇ ଏକା ଲୋକ ଥରେ ପଦ୍ମଶ୍ରୀ ଯୋଡ଼ିଗଲେ ସମାଜରେ ଅଧିକ ଗୁରୁତ୍ୱପୂର୍ଣ୍ଣ ମନେ ହୁଅନ୍ତି ମାତ୍ର ସେଇ ପଦବୀ ପାଇବା ପୂର୍ବରୁ ତାଙ୍କର ଯେଉଁ ସାଧନା ଓ ସଂଗ୍ରାମ ତାହା କେତେ ଯନ୍ତ୍ରଣାପୂର୍ଣ୍ଣ ସେକଥା ସେତେବେଳେ ଅନ୍ୟ କେହି ଜାଣି ନ ଥାନ୍ତି । ତା'ର ଅର୍ଥ ବୋଧହୁଏ ଏଇଆ ଜଣେ ଲୋକଙ୍କର ନିଜସ୍ୱ ପରିଚୟ ସୃଷ୍ଟି ହେଲେ ସେ ବିଜ୍ଞାପିତ ହୋଇଯାନ୍ତି-ତାଙ୍କୁ ସଭାସମିତିରେ ମୁଖ୍ୟ ଅତିଥିର ଆସିନ ମିଳେ, ଖବରକାଗଜ ତାଙ୍କର ଜୟଗାନରେ ଶତମୁଖ ହୋଇ ପଡ଼ନ୍ତି, ମାତ୍ର ସେମାନଙ୍କ ସଂଗ୍ରାମ ଆଉ ସଂଘର୍ଷର ଦିନରେ ସେମାନେ ଥାଆନ୍ତି ଉପେକ୍ଷିତ ଓ ଅଜ୍ଞାତ ।

ବାସ୍ତବରେ ପରିଚୟ ସୃଷ୍ଟି କେବେ ହୁଏନାହିଁ କାହାଙ୍କର ଡିଗ୍ରୀ ବା ଉପାଧିରୁ କିମ୍ବା କିଏ କ'ଣ ପଦବୀ ହାସଲ କରିଛନ୍ତି- ପରନ୍ତୁ ଜଣକ ପ୍ରକୃତ ପରିଚୟ ହେଉଛି ତାଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱ । ଯାହା ତାଙ୍କୁ ସମସ୍ତ ବିପଦ ଓ ଅବଜ୍ଞା ସତ୍ତ୍ୱେ ନିଜ କାମରେ ଆଗେଇ ଯିବାକୁ ପ୍ରେରଣା ଯୋଗାଏ- ସେଇ ସଂକଳ୍ପ ଯାହା ବାରମ୍ବାର ପରାଜିତ ହେବା ସତ୍ତ୍ୱେ ବି ପରାଜୟ ସ୍ୱୀକାର ନ କରିବାକୁ ପ୍ରବର୍ତ୍ତାଏ ।

**ଆଜିକାଲିର ଦୁନିଆଁରେ ମିଛ ପରିଚୟ ଦେଇ ବହୁଲୋକ ଅନ୍ୟକୁ ଠକୁଛନ୍ତି । ସେମାନଙ୍କର ଠାଣି, ତାଙ୍କର ଚଳଣିରୁ ଫୁଟି ଉଠୁଥାଏ ଗୋଟେ ରକମର ସଂଭ୍ରାନ୍ତ୍ୟ ଯେ ଅନେକ ତାଙ୍କୁ ସନ୍ଦେହ କରନ୍ତି ନାହିଁ ଏବଂ ଶେଷରେ ତାଙ୍କ କବଳରେ ପଡ଼ନ୍ତି । କିଏ ପୋଲିସ ପୋଷାକ ପିନ୍ଧି ନିଜକୁ ପୋଲିସ ଅଧିକାରୀ ଭାବରେ ପରିଚିତ କରାଏ କିଏ ଉଚ୍ଚ ଅଧିକାରୀଙ୍କ ଖାସ୍ ଲୋକ ଭାବରେ ଦେଖେଇ ହୁଏ** - ସାଦାସିଧା ଲୋକେ ଶିକାର ହୁଅନ୍ତି ଛଳନାର- ଯେ ସମ୍ପର୍କରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କାଳିନ୍ଦୀ ବେହେରାଙ୍କର ଏକ ଅନୁଭୂତି ବେଶ ମନଛୁଆଁ । ଅଧ୍ୟାପନାରୁ ରାଜନୀତିକୁ ଆସିଥିଲେ ବି ପୂର୍ବତନ ଛାତ୍ରମାନଙ୍କୁ ସବୁବେଳେ ସାହାଯ୍ୟ କରିବାକୁ ପ୍ରସ୍ତୁତ ଥିଲେ ଶ୍ରୀଯୁକ୍ତ ବେହେରା । ଛାତ୍ର ଶିକ୍ଷକର ସମ୍ପର୍କ କେତେ ପବିତ୍ର ଆପଣ ଭାବି ପାରୁଥିବେ- ନିଜକୁ ତାଙ୍କର ପୂର୍ବତନ ଛାତ୍ର ଭାବରେ ପରିଚିତ କରେଇ ମନ୍ତ୍ରୀଙ୍କ ଠାରୁ ବହୁ ସୁବିଧା ହାସଲ କଲେ କେତେଜଣ । ବାରମ୍ବାର ସେମାନେ ଆସିବାରୁ ତାଙ୍କର ସନ୍ଦେହ ହେଲା- ସେ ସେଇ ତଥାକଥିତ ପୂର୍ବତନ ଛାତ୍ରଙ୍କ ବିଷୟରେ ଅନୁସନ୍ଧାନ କରିବାକୁ ନିଜର ବ୍ୟକ୍ତିଗତ ସଚିବଙ୍କୁ ଦାୟିତ୍ୱ ଦେଲେ ମନ୍ତ୍ରୀ ମହୋଦୟ - ଅନୁସନ୍ଧାନରୁ ଜଣାଗଲା ସେମାନେ କେବେବି ମନ୍ତ୍ରୀଙ୍କର ଛାତ୍ର ନ ଥିଲେ । ଯଦି ପୁରାତନ କଥାକୁ ବାରମ୍ବାର ମନେପକେଇ କିମ୍ବା ତୃତୀୟ ପକ୍ଷଙ୍କ ସ୍ମୃତି ଜାଗ୍ରତ କରାଇ କେହି ଆପଣଙ୍କ ଠାରୁ ଅନୁଚିତ ସୁବିଧା ହାସଲ କରିବାକୁ ଚାହୁଁଛନ୍ତି ତାଙ୍କ ପ୍ରତି ସତର୍କ ରହିବା ନିମନ୍ତେ ଦରକାର । ତାଙ୍କ ସହିତ ପରିଚୟ ପର୍ବକୁ କୌଶଳରେ ସମାପ୍ତ କରିବା ବୁଦ୍ଧିମାନର କାର୍ଯ୍ୟ ।

**ମୋ- ୯୪୩୮୪୨୯୧୧**
**(ଲେଖକ ଭାରତୀୟ ପ୍ରଶାସନିକ ସେବାର ପୂର୍ବତନ ଅଧିକାରୀ ଓ ଜଣେ କଥାଶିଳ୍ପୀ)**

# ଚିତ୍ରକଳା ଓ ଜନଜାତିଙ୍କ କଳାକୃତି



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ମାନବର ଅଭିବ୍ୟକ୍ତି ପାଇଁ ଯେତେ ପ୍ରକାର ମାଧ୍ୟମ ରହିଛି, ଚିତ୍ରକଳା ସେଥିମଧ୍ୟରୁ ଅନ୍ୟତମ । ପ୍ରାଗୈତିହାସିକ ଯୁଗରୁ ଅଲତାମୀରା ଗହ୍ୱରର ଚିତ୍ରଣ ଏବଂ ଫ୍ରାନ୍ସର ଲସକସ୍ ଗହ୍ୱର ଚିତ୍ରଣ ପୂର୍ବରୁ ଆଦିମ ମାନବର ଅନ୍ୟ କୌଣସି ପ୍ରକାର ଚିତ୍ରାଙ୍କନର ସନ୍ଧାନ ମିଳେ ନାହିଁ । ଏଥିରୁ ପ୍ରମାଣିତ ହୁଏ ଯେ ଗହ୍ୱର ମଧ୍ୟସ୍ଥିତ ରେଖା ଓ ବର୍ଣ୍ଣର ଏହି ସହଜ ପରିପ୍ରକାଶ ଚିତ୍ରାଙ୍କନ ହିଁ ଭାଷାହୀନ ମାନବର ପ୍ରଥମ ଅଭିବ୍ୟକ୍ତି ।

ଭାରତୀୟ ଶିଳ୍ପୀମାନେ ଧର୍ମ ଓ ଦର୍ଶନର ସମିଶ୍ରଣରେ ଯେଉଁ ଉନ୍ନତ ଚିତ୍ର, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ସୃଷ୍ଟି କରିଛନ୍ତି, ସେଥିରେ ଭାବ ପ୍ରକାଶ ସ୍ପଷ୍ଟ ପରିଲକ୍ଷିତ ହୁଏ । ଭାରତୀୟ ଚିତ୍ରକଳାରେ ରଚନା ଶୈଳୀ, ରେଖାଙ୍କନର ଚାତୁରୀ, ଲାଳିତ୍ୟ ବର୍ଣ୍ଣ ସଂଯୋଗ ଓ ଗୁଣାତ୍ମକ ପ୍ରକାଶ ସମସ୍ତଙ୍କୁ ଆକୃଷ୍ଟ କରିଥାଏ । ଭାରତୀୟ ସମାଜରେ ଅତି ପ୍ରାଚୀନ କାଳରୁ ଚିତ୍ରର ପ୍ରଚଳନ ଥିଲା । କାବ୍ୟ ଓ ପୁରାଣମାନଙ୍କରେ ମଧ୍ୟ ଏହା ସୂଚନା ମିଳେ । ପ୍ରାଗୈତିହାସିକ ଯୁଗର କେତେକ ରେଖା ଚିତ୍ରର ସନ୍ଧାନ ଭାରତରେ ମିଳିଛି । ଏଥିରେ ଆଦିମାନବର ଦୈନନ୍ଦିନ ଘଟଣାବଳୀର କେତେକ ସୂଚନା ଦୃଷ୍ଟିକୁ ଆସେ । ଚିତ୍ରାଙ୍କନ ଯୁଗ ଯୁଗ ବ୍ୟାପୀ ଭାରତରେ ପ୍ରଚଳିତ ହୋଇ ଏକ ଉଚ୍ଚମାନର କଳା ପରମ୍ପରା ସୃଷ୍ଟି କରିବାରେ ସହାୟକ ହୋଇଛି ।

ଭାରତର କଳା ଐତିହ୍ୟ କେବଳ ପ୍ରାଚୀନତା ଦୃଷ୍ଟିରୁ ନୁହେଁ ଏହାର ଆଧ୍ୟାତ୍ମିକତା ଦୃଷ୍ଟିରୁ ସୁଦୂର ପ୍ରସାରୀ । ଉତ୍କଳରେ ମଧ୍ୟ ରେଖା ଓ ବର୍ଣ୍ଣଦ୍ୱାରା ଚିତ୍ରାଙ୍କନ ପ୍ରଚଳିତ ଥିବାର ଦୃଷ୍ଟିକୁ ଆସେ । ପ୍ରାଗୈତିହାସିକ ଯୁଗରୁ ଗୁମ୍ଫାମାନଙ୍କରେ ଥିବା ପ୍ରସ୍ତର ଉପରେ ଅଙ୍କିତ ଚିତ୍ର ଅଦ୍ୟାବଧି ଉନ୍ନତ କଳା ପରମ୍ପରାର ସୂଚନା ଦିଏ । ତନ୍ମଧ୍ୟରୁ ସୁନ୍ଦରଗଡ଼ ଜିଲ୍ଲାର ମାଣିକଯୋଡ଼ା, ଉଷାକୋଠି, କଳାହାଣ୍ଡି ଜିଲ୍ଲାର ଉଲ୍ଲାପଗଡ଼ ଓ ବିକ୍ରମ ଖୋଲ ଅନ୍ୟତମ । ଏହି ଗୁମ୍ଫା ଚିତ୍ରର କାଳ ସଠିକ ଭାବେ ନିରୂପଣ କରାଯାଇ ନଥିଲେ ମଧ୍ୟ ତତ୍କାଳୀନ ସାମାଜିକ ଅବସ୍ଥାର କେତେକ ଚିତ୍ର ଦର୍ଶକମାନଙ୍କୁ ଅଭିଭୂତ କରିଥାଏ । ଏହାର ଜ୍ୟାମିତିକ ରେଖା ଓ ବର୍ଣ୍ଣର ରଚନା ମାଧ୍ୟମରେ ଭାବର ପ୍ରକାଶ ଶିଳ୍ପୀର ଅନ୍ତର୍ନିହିତ ଆବେଗର ସୂଚନା ଦେଇଥାଏ ।

ହିନ୍ଦୁଧର୍ମର ଆରାଧ୍ୟ ଦେବତା ବିଶ୍ୱବିଖ୍ୟାତ ପ୍ରଭୁ ଜଗନ୍ନାଥଙ୍କ ପ୍ରତୀକ ଆଦିବାସୀ ସଂସ୍କୃତିର ମୂଳ ପିଣ୍ଡ ବୋଲି ପୃଥିବୀର ଅନେକ କଳା ଐତିହାସିକ ଏବଂ ଚିନ୍ତାଶୀଳ ସାଂସ୍କୃତିକ ବ୍ୟକ୍ତିଗଣ ସ୍ୱୀକାର କରିଛନ୍ତି । ଶିଳ୍ପୀଗଣ କାଠ, ପଥର, ବିଭିନ୍ନ ଧାତୁ ତଥା ପଟ୍ଟଚିତ୍ର କାରିଗରମାନେ ଦେଉଳର କାନ୍ଥ, କନା ଓ ପଟ୍ଟିରେ ଆଦିବାସୀମାନେ ତାଙ୍କର ପାରମ୍ପରିକ ଶୈଳୀରେ ବିଭିନ୍ନ ପ୍ରାକୃତିକ ରଙ୍ଗ ସାହାଯ୍ୟରେ ତଥା ଏବର ଆଧୁନିକ ଯୁଗର ଶିଳ୍ପୀ ଓ ଭାସ୍କରମାନେ ଏହି ମହାନ ସଂସ୍କୃତିକୁ ବିଭିନ୍ନ ପଦ୍ଧତିରେ ଚିତ୍ରିତ କରିଛନ୍ତି । ବହୁକାଳରୁ ଏହି ଆଦିବାସୀ ସଂସ୍କୃତି ସହିତ ବିଦ୍ୟାପତି, ଲଳିତା, ଇନ୍ଦ୍ରଦ୍ୟୁମ୍ନ ଏବଂ ଶବର ରାଜା ବିଶ୍ୱାବସୁଙ୍କ ସମ୍ପର୍କ ଜନଜୀବନରେ ନିବିଡ଼ ସମ୍ପର୍କ ରଖି କାଳଜୟୀ ହୋଇଛନ୍ତି ।

ଆଦିବାସୀମାନଙ୍କର ପୂଜ୍ୟ ଦେବତା ନୀଳମାଧବ ଆମ ଜାତି, ଧର୍ମ ନିର୍ବିଶେଷରେ ଗୃହୀତ ଧର୍ମଦେବତା ରୂପରେ ମଧ୍ୟ ପୂଜିତ । ଏହାର ଚିତ୍ରଣ ଶୈଳୀ ସରଳ ଓ ବକ୍ରରେଖା ସହିତ ଶ୍ୱେତ, ହରିଦ୍ରା, ଲାଲ ଓ କୃଷ୍ଣବର୍ଣ୍ଣର ବିଲେପନ ହିଁ ଶତ ଶତବର୍ଷ ଧରି ପ୍ରଚଳିତ ହୋଇ ଆସୁଛି । ଚିତ୍ରକଳା ମାଧ୍ୟମରେ କାନ୍ଥ, କବାଟ, ଭୂମି, ଘର ସମ୍ମୁଖରେ ପଥର ଦେହରେ ନାନା ପ୍ରକାର ଲୋକକଳା ଅଙ୍କନ କରି ଭୂତ, ପ୍ରେତମାନଙ୍କ ଭୟରୁ ରକ୍ଷା ପାଇଁ ଓ ପୂର୍ବ ପୁରୁଷମାନଙ୍କ ପୂଜା ଉଦ୍ଦେଶ୍ୟରେ ଚିତ୍ର ଅଙ୍କନ କରିବା ପାଇଁ ସେମାନେ ବିଶେଷ ଆଗ୍ରହ ଦେଖାଇଥାନ୍ତି । ଭାରତ ବର୍ଷର ଅନ୍ୟତମ ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ଶାନ୍ତିନିକେତନର ରାମଜୀଙ୍କର ବେକ ଏହି ଆଦିବାସୀ ସଂସ୍କୃତିରେ ବିଶେଷ ଭାବେ ଅନୁପ୍ରାଣିତ ହୋଇ ଏକ ବିଶାଳ ବ୍ରୋଞ୍ଜ ମୂର୍ତ୍ତି 'ସାନ୍ତାଳ ପରିବାର' ନିର୍ମାଣ କରିଛନ୍ତି । ଠିକ ସେହିପରି ଶିଳ୍ପାଚାର୍ଯ୍ୟ ଗୁରୁ ନନ୍ଦଲାଲ ବୋଷଙ୍କ ଅସଂଖ୍ୟ ଚିତ୍ର ମଧ୍ୟରୁ 'ସାନ୍ତାଳଙ୍କ ଶସ୍ୟ ଅମଳର ନୃତ୍ୟ' ଚିତ୍ରଟି ଏକ ଅନବଦ୍ୟ ସୃଷ୍ଟି କହିଲେ ଅତ୍ୟୁକ୍ତି ହେବନାହିଁ ।

ଓଡ଼ିଶାର ପ୍ରଖ୍ୟାତ ଶିଳ୍ପୀ ସ୍ୱର୍ଗତ ଗୋପାଳ କାନୁନଗୋଙ୍କ 'ନବ ବସନ୍ତ' ଜଳରଙ୍ଗର ଚିତ୍ରଟି ଆଦିବାସୀ ରମଣୀ ପ୍ରାପ୍ତ ଯୌବନା ପସ୍ଫୁଟିତ ପୁଷ୍ପକୁ ନିଜ ଗଭାରେ ଖୋସୁଥିବା ଦୃଶ୍ୟଟି ପରମ ଉପଭୋଗ୍ୟ । ଦୂରେ ଶାଳବଣ, ବୃକ୍ଷଲତା ଅନ୍ତରାଳରେ ଉଦୟ ହୋଇଥିବା ସୂର୍ଯ୍ୟରଶ୍ମୀ ସତେ ଯେପରି ଦେହରେ ବିଛାଡ଼ି ହୋଇ ଏକ ଜୀବନ୍ତ ଚିତ୍ର ଉଭା ହୋଇଛି । ଠିକ୍ ସେହିପରି ସ୍ୱର୍ଗତ ଶିଳ୍ପୀ ପୂର୍ଣ୍ଣଚନ୍ଦ୍ର ସିଂହଙ୍କ ଦ୍ୱାରା ଚିତ୍ରିତ 'ବନଫୁଲ'ରେ ଦୁଇ ରୂପ ଯୌବନରେ ଭରି ଯାଇଥିବା ଆଦିବାସୀ ଯୁବତୀ ନିଜ ନିଜର ଗୋପନ କଥାରେ ମଜି ଯାଇଛନ୍ତି । ଏହିପରି ଓଡ଼ିଶାର ଅନେକ ବିଶିଷ୍ଟ ଚିତ୍ରକରମାନେ ସେମାନଙ୍କ ନିହାଣ ମୁନ ଓ ତୁଳା ରଙ୍ଗ ମାଧ୍ୟମରେ ସୃଜନଶୀଳତାର ପରାକାଷ୍ଠା ଦେଖାଇଛନ୍ତି ।

ଓଡ଼ିଶାର ଆଧୁନିକ ଚିତ୍ରଶିଳ୍ପୀମାନଙ୍କ ମଧ୍ୟରେ ଡକ୍ଟର ଦୀନନାଥ ପାଠୀଙ୍କ 'ଫସଲ ଅମଳର ସଙ୍ଗୀତ' ଓ ଶିବ ପାଣିଗ୍ରାହୀଙ୍କ ଅନେକ ସାଙ୍କେତିକ ଧର୍ମୀ ଆଦିବାସୀ ତୈଳଚିତ୍ର ଯଥାକ୍ରମେ କଲକାତା ଏକାଡ଼େମୀ ଅଫ ଫାଇନ ଆର୍ଟସ ଏବଂ ଓଡ଼ିଶା ଲଳିତକଳା ଏକାଡ଼େମୀର ବାର୍ଷିକ ଚିତ୍ରକଳା ପ୍ରଦର୍ଶନୀରେ ପୁରସ୍କୃତ ଓ ପ୍ରଦର୍ଶିତ ହୋଇଛି । ସେହିପରି ଗ୍ରାଫିକ ପ୍ରିସ ମାଧ୍ୟମରେ ବରିଷ୍ଠ ଶିଳ୍ପୀ ରାମହରି ଜେନା, ଅଧ୍ୟାପକ ଡି.ଏନ୍. ରାଓ, ଏକ୍ରେଲିକ ରଙ୍ଗ ମାଧ୍ୟମରେ ଆଦିବାସୀ ଲୋକକଳାକୁ ଶିଳ୍ପୀ କାଶୀନାଥ ଜେନା ଚିତ୍ରିତ କରିଛନ୍ତି । ଆଦିବାସୀ ସଂସ୍କୃତି ଉପରେ ଓଡ଼ିଶାରେ ଅନେକ ଚିତ୍ରକଳା ପ୍ରଦର୍ଶନୀ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ ଆଲୋଚନା, ସେମିନାର ମଧ୍ୟ ଅନୁଷ୍ଠିତ ହୋଇଯାଇଛି ।

ସୁଇଜରଲ୍ୟାଣ୍ଡର ଡକ୍ଟର ଏବାର ହାଡ଼ ଫିସର ଓ ଡକ୍ଟର ଦୀନନାଥ ପାଠୀଙ୍କ ମିଳିତ ଉଦ୍ୟମରେ ଉଚ୍ଚକୋଟୀର ଐତିହାସିକ ଗବେଷଣା ବିବରଣୀ ସହ ରଙ୍ଗୀନ ପୁସ୍ତକ ପ୍ରକାଶ ପାଇଛି । ବିଶିଷ୍ଟ କବି ଡକ୍ଟର ସୀତାକାନ୍ତ ମହାପାତ୍ରଙ୍କ ଆଦିବାସୀମାନଙ୍କ ଉପରେ କବିତା ଓ ବିଶିଷ୍ଟ ଚିନ୍ତାଶୀଳ ସମାଜସେବା 'ଦି ୟୁନିଭର୍ସ'ର ପ୍ରାଣପ୍ରତିଷ୍ଠାତା ସ୍ୱର୍ଗୀୟ ଗିରିଜା ଭୂଷଣ ପଟ୍ଟନାୟକଙ୍କ ଦ୍ୱାରା ପ୍ରକାଶିତ ଆଦିବାସୀ ସଂସ୍କୃତିରେ ସାହିତ୍ୟ, ଭାସ୍କର୍ଯ୍ୟ, ଚିତ୍ରକଳା ଉପରେ ପୃଥିବୀର ବିଶିଷ୍ଟ ଲେଖକଙ୍କ ସନ୍ନିବେଶିତ ଏକ ଗ୍ରନ୍ଥ ଅମୂଲ୍ୟ ସମ୍ପଦ ହୋଇ ରହିବ ।

ସେହିପରି ଭୁବନେଶ୍ୱରଠାରେ ୱାର୍କିଂ ଆର୍ଟିଷ୍ଟସ୍ ଏସୋସିଏସନ ଦ୍ୱାରା 'ଆଦିବାସୀ ସଂସ୍କୃତି' ଉପରେ ଜାତୀୟ ସେମିନାର ଓ ଆଲୋଚନାଚକ୍ର ନିୟମିତ ଅନୁଷ୍ଠିତ ହୋଇଥାଏ । ଜନଜାତି ଜୀବନର ଏହି ଅମୃତମୟ ଚିତ୍ରକଳା କଳା କ୍ଷେତ୍ରରେ ନୂତନ ସୃଜନର ସ୍ରୋତ ପ୍ରବାହିତ କରିବା ସହ ଅନେକ ଯଶସ୍ୱୀ କଳା ପ୍ରତିଭା, ଲୋକକଳା ସହ ଜନଜାତି, ଉତ୍କଳର ଆଦିବାସୀ ପରମ୍ପରାର ମନମୁଗ୍ଧ କଳାକୃତି ଯୁଗେ ଯୁଗେ ସ୍ମରଣୀୟ ।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା,**
**କନ୍ଧମାଳ, ମୋ-୯୪୩୭୨୪୨୩୧୭**

## ସମ୍ପାଦକଙ୍କୁ ପତ୍ର

# ସମ୍ପାଦକୀୟ ବେଶ୍ ଉପାଦେୟ

*ମହାଶୟ,*

ମୁଁ ଆପଣଙ୍କ ସଂପାଦକୀୟ ରୀତିମତ ପାଠ କରିଆସୁଛି । ଆପଣଙ୍କ ସଂପାଦକୀୟଗୁଡ଼ିକ ବେଶ୍ ଉପାଦେୟ । ବାଲେଶ୍ୱର ପରି ଏକ ସଂସ୍କୃତିପୂର୍ଣ୍ଣ ସହରରେ ଘଟୁଥିବା ଘଟଣାବଳୀକୁ ନେଇ ଆପଣ ଦୁଃଖର ସହ କ୍ଷୋଭ ପ୍ରକାଶ କରିଛନ୍ତି ।

ଆମ ସମାଜ ଧୀରେ ଧୀରେ ନୈତିକତା ର ଆଧାରକୁ ବର୍ଜନ କରି ପଶ୍ଚିମୀ ଚିନ୍ତା ଧାରା, ବେଶଭୂଷା, ଆଚାର ବ୍ୟବହାର, ବିବାହ ନିଷ୍ପତ୍ତି ଓ ଷ୍ଟାଇଲ,ଏପରିକି ଖାଦ୍ୟ ଓ ପାନୀୟକୁ ଗ୍ରହଣ କରିବାକୁ ପସନ୍ଦ କରୁଛି ।

ଆମର ଜୀବନ ଶୈଳୀରେ ଆଧୁନିକତା ଅନେକ ପରିବର୍ତ୍ତନ ଆଣିବାର ପ୍ରୟାସ କରିଛି ।

ଆମର ପରବର୍ତ୍ତୀ ଜେନେରେସନ ଆଧୁନିକତା ଦ୍ୱାରା କିଛିମାତ୍ରାରେ ପ୍ରଭାବିତ ହୋଇ ଥିଲା । କିନ୍ତୁ ସଂପ୍ରତି ସମାଜ ଉଗ୍ର ଆଧୁନିକତାକୁ ଆପଣାଇ ନେବା ଦ୍ୱାରା ଏ ସବୁ ଅବକ୍ଷୟ ଦେଖିବାକୁ ମିଳୁଛି । ଶିକ୍ଷିତ ଓ ସଚେତନ ଲୋକେ ଏ ବିଷୟକୁ ଗୁରୁତର ଭାବେ ଚିନ୍ତା କରି କି ପ୍ରତିକାର କରିବେ, ସେ ବିଷୟରେ ବିଚାର ବିମର୍ଷ କରନ୍ତୁ । ଶେଷରେ ଲେଖୁଛି ମହାପ୍ରଭୁ ସଂସାରକୁ ରକ୍ଷା କରନ୍ତୁ ।

**ମାନସ ଦାସ,କଟକ**

ସମ୍ପାଦକଙ୍କୁ ପତ୍ର, ପାଠକଙ୍କ ଏକାନ୍ତ ନିଜସ୍ୱ ମତାମତ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
(ଏହି ସ୍ଥାନରେ ସ୍ଥାନିତ କରିବା ପାଇଁ ପାଠକମାନେ ଆପଣା ମତାମତ ନିମ୍ନ ଇ-ମେଲ୍‌ରେ ସମ୍ପୂର୍ଣ୍ଣ ଠିକଣା ଏବଂ ମୋବାଇଲ ନମ୍ବର ସହ ପଠାଇପାରିବେ)
samayaeditorial2021@gmail.com

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂସଦରେ...

ପ୍ରତିନିଧିତ୍ୱ କରୁନାହାଁନ୍ତି। ପ୍ରଶ୍ନ ହେବା ଦରକାର ଭାରତ ଆତଙ୍କବାଦୀ ଠିକଣା ନଷ୍ଟ କରିଛି କି ? ଏହାର ଉତ୍ତର ହେବ ହଁ । ଅପରେସନ୍ ସିନ୍ଦୂର ସଫଳ କି ନାହିଁ ତାହା ପ୍ରଶ୍ନ ହେବା ଉଚିତ୍ । ଯେ କୌଣସି ପରୀକ୍ଷାର ଫଳାଫଳ ଗୁରୁତ୍ୱପୂର୍ଣ୍ଣ । ପିଲା ପରୀକ୍ଷାରେ ଭଲ ନମ୍ବର ପାଉଛି ତେବେ ତାଙ୍କ ନମ୍ବର ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ହେବା ଉଚିତ୍ । କେତେ ପେନ୍ସିଲ ଭାଙ୍ଗିଲା, କଲମ ହଜିଗଲା ତାହା ଚିନ୍ତା କରିବା ଆବଶ୍ୟକ ନୁହେଁ । ଅପରେସନ୍ ସିନ୍ଦୂର ସମୟରେ ୨୨ ମିନିଟ୍‌ରେ ୯ ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରାଯାଇଥିଲା । ପାକିସ୍ତାନ ଏହାର ଜବାବରେ ଶହ ଶହ ଡ୍ରୋନ୍ ଆକ୍ରମଣ କରିଥିଲା । ଏହାର ଜବାବ ଦେଇ ଭାରତ ପାକିସ୍ତାନର ନୂରଖାନ୍ ଏୟାରବେସ୍ ସମେତ ୧୧ ପ୍ରମୁଖ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରିଥିଲା । ଭାରତର କ୍ଷତି ସହିବାକୁ ପାକିସ୍ତାନ ଯୁଦ୍ଧ ବିରତି ପାଇଁ ଆଗେଇ ଆସିଥିଲା । ମେ ୧୦ରେ ଭାରତୀୟ ବାୟୁସେନା ପାକିସ୍ତାନର ଏକାଧିକ ଏୟାରଫିଲ୍ଡକୁ ଟାର୍ଗେଟ କରିଥିଲା । ପାକିସ୍ତାନ ହାର ମାନିବା ପରେ ଉତ୍ତେଜନା ହ୍ରାସ ପାଇଁ ପ୍ରସ୍ତାବ ଦେଇଥିଲା । ସେମାନେ ଆମର ଡିଜିଏମ୍‌ଓଙ୍କ ସହ କଥା ହେଲେ ଓ ଯୁଦ୍ଧ ବନ୍ଦ କରିବାକୁ ଅନୁରୋଧ କରିଥିଲେ । ଏହି ପ୍ରସ୍ତାବକୁ ଆମେ ଗ୍ରହଣ କରିଥିଲୁ । ଯଦି ଆମକୁ ଦୁଃସାହସ ଦେଖାଇବ ତାହାର ଫଳ ଭୋଗିବ ବୋଲି ଶ୍ରୀ ସିଂହ କହିଥିଲେ ।

ବିରୋଧୀଙ୍କ ପକ୍ଷରୁ ପକ୍ଷ ରଖି କଂଗ୍ରେସ ସାଂସଦ ଶ୍ରୀ ଗୋଗୋଇ କହିଥିଲେ ଯେ ପହଲଗାମ୍‌କୁ ଆତଙ୍କବାଦୀ ଆସିଲେ କୁଆଡୁ ତାହା ଉଲ୍ଲେଖ କଲେ ନାହିଁ । ସିଡିଏସ୍ ଅନିଲ ଚୌହାନ ଏକ ସାକ୍ଷାତକାରରେ କହିଥିଲେ ଯେ ପ୍ରାରମ୍ଭିକ ଭାବେ ଭାରତର କ୍ଷତି ହୋଇଥିଲା । ଯଦି ସରକାର ସ୍ୱଚ୍ଛତାର ସହ କାର୍ଯ୍ୟ କରୁଛନ୍ତି ତେବେ ସରକାର ପହଲଗାମ୍ ଆକ୍ରମଣର ୧୦୦ ଦିନ ପରେ ବି ସମସ୍ତ ଆତଙ୍କବାଦୀଙ୍କୁ କାହିଁକି ଧରିପାରିଲେ ନାହିଁ ? ଆମେ ଜାଣିବାକୁ ଚାହୁଁଛୁ ଯେ ଆମର କେତେ ଫାଇଟର ଜେଟ୍ ଖସିଛି । ଏହା ଲୋକଙ୍କ ନୁହେଁ, ଆମ ଯବାନଙ୍କ ମଧ୍ୟ ଜଣାଇବା ଆବଶ୍ୟକ । ପହଲଗାମ୍ ଆକ୍ରମଣରେ ଯେଉଁ ସୁରକ୍ଷା ତ୍ରୁଟି ହେଲା ତାହାର ଉତ୍ତରଦାୟିତ୍ୱ ସ୍ୱରାଷ୍ଟ୍ର ମନ୍ତ୍ରୀ ନିଅନ୍ତୁ । ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍ ୨୬ ଥର କହିଛନ୍ତି ଯେ ସେ ବାଣିଜ୍ୟ ଚାପ ପକାଇ ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ କଲେ । ପ୍ରଧାନମନ୍ତ୍ରୀ ଉରୀ ପୋଷ୍ଟ ଓ ପୁଲୱାମା ଆକ୍ରମଣ ପରେ ଯେଉଁ ସର୍ଜିକାଲ୍ ଷ୍ଟ୍ରାଇକ୍ କରିଥିଲେ ତାହାର ଆତଙ୍କ ଘଟଣା ପାଳି ମାରିଲୁ ବୋଲି କହିଥିଲେ । ଏବେ ଫେରି ମନ୍ତବ୍ୟ ଦିଅନ୍ତୁ । ଅପରେସନ୍ ସିନ୍ଦୂର ଅସମ୍ପୂର୍ଣ୍ଣ ରହିଛି ବୋଲି କୁହାଯାଉଛି । ତେଣୁ ଏହା ସଫଳ କିଭଳି ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି ।

## କମୁଛି...

ଅନୁକୂଳ ହେଲେ ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆକାଶ ମାର୍ଗରୁ ବନ୍ୟାଞ୍ଚଳ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ପ୍ରାୟ ସବୁ ନଦୀରେ ଜଳସ୍ତର କମିଛି । ତଳିଆ ଅଞ୍ଚଳରୁ ପାଣି ଛାଡିବା ପାଇଁ ସମୟ ଲାଗିବ । ସେତେ ଦିନ ପର୍ଯ୍ୟନ୍ତ ଲୋକେ ରିଲିଫ ସେଣ୍ଟରରେ ଅଛନ୍ତି, ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେବା ପାଇଁ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ରବିବାର ସୁବର୍ଣ୍ଣରେଖା ରାଜଘାଟ ଠାରେ ବନ୍ୟା ଜଳ ବୃଦ୍ଧି ପାଇ ବିପଦ ସଙ୍କେତ ୧୦.୩୬ ମିଟର ଉର୍ଦ୍ଧ୍ୱରେ ପ୍ରବାହିତ ହୋଇ ରାତି ୧୧ଟା ପର୍ଯ୍ୟନ୍ତ ୧୧.୨୫ ମିଟର ରେ ସ୍ଥିର ରହିବା ପରେ ୧୨ଟା ପରେ ବନ୍ୟା ଜଳ ହ୍ରାସ ପାଇ ସକାଳ ସୁଦ୍ଧା ଖବର ଲେଖା ବେଳକୁ ୱାଟର ସୂଚନା ୯.୪୫ ମିଟର ତଳେ ପ୍ରବାହିତ ହେଉଛି । ଝାଡ଼ଖଣ୍ଡରେ ଥିବା ଗାଲୁ ଜଳାଧାର ସମସ୍ତ ଗେଟ ବନ୍ଦ ଯୋଗୁଁ ରାଜଘାଟରେ ଜଳସ୍ତର ହ୍ରାସ ପାଉଛି । ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ବ୍ଲକର ତଳିଆ ଅଞ୍ଚଳରେ ବନ୍ୟାଜଳ ବୃଦ୍ଧି ପାଇ ଗ୍ରାମ ସ୍ଥିତି ବିଗିଡ଼ିଛି । ଭୋଗରାଇ ବ୍ଲକ ଅନ୍ତର୍ଗତ ନଦୀକୂଳିଆ ଗାଁ ମନୁକରଣ, ଖଇରାବାଡିଆ, ଜୁହ୍ନା ବାଉଁଶ ଖଣ୍ଡା, କୁମ୍ଭାରଗଡ ଗରଗାଁ, ନାନକାର, ଠାକୁର ଭରିଗା, ପଲସେଇ, ଚିରକୁଲା, ନାଳପୁରା, ଜୁଣ୍ଡିଆ, ଗୁଜଡ଼ିଆ, ନାଛିଦା, ବାରବାଟିଆ, ବଂଶଦା, ପୁରୁଷୋତ୍ତମପୁର, ରାମଚେଉରା, ପୁଟିଣା, ଦକ୍ଷିଣ ନାରବଣୀ, ଚନ୍ଦ୍ର ପାରୁଳିଆ, କଟିସାହି, ଦାଉଦା, ରାମଚନ୍ଦ୍ରପୁର, ମଧୁପୁର, କୁଲିଦା, ମାହାଡିଆ, ଉପୁଳା ପ୍ରଭୃତି ଗାଁଗୁଡ଼ିକ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଛି । ଗୋଟିଏ ଗାଁରୁ ଅନ୍ୟ ଗାଁକୁ ଯିବାକୁ ହେଲେ ଡଙ୍ଗା ସାହାରା ନେବାକୁ ପଡୁଛି ।

ସେହିଭଳି ଆଖୁଆପଦା-ନୁଆଖିଆ ୨୦ନମ୍ବର ଜାତୀୟ ରାଜପଥର ବୋଡକ ନିକଟରେ ବୈତରଣୀ ନଦୀକୂଳ ଖାଇବାକୁ ୮ଫୁଟ ଉଚ୍ଚରେ ବନ୍ୟାପାଣି ପ୍ରବାହିତ ହେଉଥିଲା । ସୋମବାର ପାଣି କମିବାରୁ ଯାତାୟାତ ଧୀରେ ଧୀରେ ସ୍ୱାଭାବିକ ହେଉଛି । ସେହିଭଳି ୨୦ନମ୍ବର ଜାତୀୟ ରାଜପଥ ମୁଆଁ ଘୋଷରା ଠାରେ ବନ୍ୟାପାଣି ପ୍ରବାହିତ ଯୋଗୁ ଧାନକଣ୍ଟା-ଆରଡି ରାସ୍ତାର ସବସ୍ଥାନ କେନ୍ଦ୍ର ଠାରେ ବନ୍ୟାପାଣି ୭ ଫୁଟ ଉଚ୍ଚରେ ପ୍ରବାହିତ ହେଉଛି । ଏପରିକି ଶହଶହ ଏକର ଚାଷଜମି ଜଳମଗ୍ନ ହୋଇ ରହିଛି । ସେହିପରି ବୈତରଣୀ ଆରଡି ପାଠ ଠାରେ ସାଲନ୍ଦୀ ନଦୀରେ ମିଶିଥିବାରୁ ଉଭୟ ନଦୀ ଉଛୁଳା ରହିବା ସହ ଅନେକ ତଳିଆ ଅଞ୍ଚଳ ବନ୍ୟା ଘେରରେ ରହିଥିବା ବେଳେ ନଦୀକୂଳ ବୋହରା ଓ ବୋଡକ କିଛି ସାହିରେ ବନ୍ୟାପାଣି ପଶିଛି । ଏଣେ ରାଜ୍ୟ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ସହ ଏକ ୪ଜଣିଆ ଟିମ୍ ବୈତରଣୀ ନଦୀର ଖାତିଏବାନ୍ଧ ଓ ବୋଡକ ଆଦି ସ୍ଥାନ ବୁଲି ଦେଖୁଛନ୍ତି ।

ସୁବର୍ଣ୍ଣରେଖାର ଉଭୟପାର୍ଶ୍ୱରେ ଥିବା ଶତାଧିକ ପାଣି ନିଷ୍କାସନ ସ୍ଲୁଇସ ଗେଟ ଦୁର୍ବଳ ରହିଥିବାର ସେଚ ବିଭାଗ ପକ୍ଷରୁ ସୂଚନା ମିଳିଛି । ବନ୍ୟା ମୁକାବିଲା ପାଇଁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍ପିଆରସି ମନାଷ ଅଗ୍ରୱାଲ ଉପଜିଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ, ଭୁଉତର ନାୟକ, ହେମନ୍ତ ସିଂ ସାର ୪ ବ୍ଲକର ବିଡ଼ିଓ, ତହସିଲଦାର ଓ ସେଚ ବିଭାଗର ଅଧିକାରୀମାନେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳରେ ଡେରା ପକାଇ ଶନ୍ୟ ମୂଲ୍ୟ ଉପରେ ଗୁରୁତ୍ୱ ଦେଉଛନ୍ତି । ବିପନ୍ନଙ୍କ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍, ବିଶୁଦ୍ଧ ପାନୀୟ ଜଳ, ଗୋଖାଦ୍ୟ ଯୋଗାଇ ଦେବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିପନ୍ନମାନଙ୍କୁ ଉଦ୍ଧାର ପାଇଁ ସ୍ପିଡି ବୋଟ ଯୋଗାଇ ଦିଆଯାଇଛି । ବନ୍ୟା ଘେରରେ ଥିବା ବିଭିନ୍ନ ସ୍ଥାନରେ ହଜାର ହଜାର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ ଯୋଗାଣାଧିକାରୀ ଓ କର୍ମଚାରୀମାନେ କର୍ତ୍ତବ୍ୟର ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲ୍ଲାପାଳ ସତର୍କ କରାଇଛନ୍ତି । ଭୋଗରାଇ ବିଧାୟକ ଗୌତମ ବୁଦ୍ଧ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବସ୍ତା ବିଧାୟିକା ସୁବାସିନୀ ଜେନା ବନ୍ୟା ଘେରରେ ଥିବା ବିପନ୍ନଙ୍କ ଅବସ୍ଥା ପଚାରି ବୁଝି ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇଦେବାକୁ ରାଜ୍ୟ ସରକାର ଓ ପ୍ରଶାସନ ଠାରେ ଦାବି ରଖିଛନ୍ତି । ଅଦ୍ୟାବଧି ୫୦ ହଜାର ୫ ଶହ ଗ୍ରାମ ବିଶୁଦ୍ଧ ପାନୀୟ ଜଳ ବୋତଲ ସହ ୪ଟି ଭ୍ରାମ୍ୟମାଣ ଜଳ ଟାଙ୍କି ବନ୍ୟାଞ୍ଚଳରେ ବଣ୍ଟନ ହେଉଥିବାର ସହକାରୀ ଯନ୍ତ୍ରୀ ହରପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି ।

## ୯୧% ଅଭିଯୋଗର...

ଉପସ୍ଥିତ ସମ୍ପୃକ୍ତ ବିଭାଗର ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳର ୯ ଜଣ ବରିଷ୍ଠ ମନ୍ତ୍ରୀ ଆଜି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବ ସ୍ତରୀୟ ଅଧିକାରୀମାନେ ମଧ ଉପସ୍ଥିତ ରହି ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ।

ଆଜି ସକାଳଠାରୁ ଅଭିଯୋଗ ପ୍ରକୋଷ୍ଠରେ ଭିଡ ଲାଗିରହିଥିଲା। ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଭାବେ ଭେଟି, ନିଜର ସମସ୍ୟା ଶୁଣାଇ ଆତ୍ମସନ୍ତୋଷର ସହ ଲୋକମାନେ ଫେରୁଥାନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନା ଭରା କଥା ଅଭିଯୋଗ ନେଇ ଆସିଥିବା ଲୋକମାନଙ୍କୁ ଗଭୀର ଭାବେ ପ୍ରଭାବିତ କରୁଥିଲା ଏବଂ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଝଲସି ଉଠୁଥିଲା। ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୂରାରୋଗ୍ୟରେ ପୀଡ଼ିତ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଉଛି। ଏଥି ନିମନ୍ତେ ବରିଷ୍ଠ ଡାକ୍ତରୀ ଟିମ୍ ମଧ ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ରହୁଛନ୍ତି। ଆଜି ଏହି ସିଷ୍ଟମରେ ଚିକିତ୍ସା ଖର୍ଚ୍ଚ ବାବଦକୁ ୩ ଜଣଙ୍କୁ ଚିକିତ୍ସା ସହାୟତା ରାଶି ଯୋଗାଇ ଦିଆଯାଇଛି। ଚଳିତ ବର୍ଷ ଆରମ୍ଭରୁ ଆଜି ସୁଦ୍ଧା ସିଙ୍ଗିଲ ୱିଣ୍ଡୋ ସିଷ୍ଟମରେ ୫୧ ଜଣଙ୍କୁ ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ ଯେ, ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଦ୍ୱାଦଶ ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୧,୫୧୬ଟି ଅଭିଯୋଗ ମଧ୍ୟରୁ ୧୦,୫୦୨ଟି ଅଭିଯୋଗର ସମାଧାନ କରାଯାଇଛି । ଯାହା ଶତକଡ଼ା ୯୧ ପ୍ରତିଶତ ଅଟେ । ବକେୟା ଅଭିଯୋଗଗୁଡ଼ିକ ପ୍ରୋସେସରେ ରହିଛି ।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୁତି ଭୁଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଏବଂ ଅନ୍ୟ ବିଭାଗ ଗୁଡ଼ିକର ସଚିବ ସ୍ତରୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଅଭିଯୋଗ ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ ।

## ମା' କୋଳକୁ...

ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ବ୍ଲକ୍ ଅନ୍ତଗତ ଭାଲେଗାଁ ପଞ୍ଚାୟତର ବାଗଡ଼େର ଗାଁର ନୀଳ ରଣାଙ୍କ ପୂର୍ବରୁ ୩ ଟି ଝିଅ ଅଛନ୍ତି । ଚତୁର୍ଥ ସନ୍ତାନଟି ପୁଣି ଝିଅ ହେବା ସହ ତା'ଭରଣପୋଷଣ କରିବା କଷ୍ଟକର ହୋଇପଡ଼ିଛି । ତେଣୁ ଶିଶୁକନ୍ୟାଟିକୁ ବିକ୍ରି କରିଦେଇଥିବା ସ୍ୱୀକାର କରିଛନ୍ତି ବାପା ମା' । ବଲାଙ୍ଗିର ଜିଲ୍ଲା ଟିଟିଲାଗଡ ବ୍ଲକ୍ ଅନ୍ତଗତ ଭାଲେଗାଁ ପଞ୍ଚାୟତର ବାଗଡେର୍ ଗାଁର ନଳ ରଣା ଏବଂ ତାଙ୍କ ସ୍ତ୍ରୀ କନକ ଗତ ମାସ ୨୦ ତାରିଖରେ ତାଙ୍କ ଘରେ ଏକ ଶିଶୁ କନ୍ୟା ଜନ୍ମ ନେଇଥିଲା । ସେମାନେ ଉଭୟ କନ୍ୟା ଶିଶୁର ପାଳନ ପୋଷଣ କରିପାରୁନଥିଲେ । ଫଳରେ ଜୁଲାଇ ୨୭ ତାରିଖ ରବିବାର ଦିନ ସାତ ଦିନର ନବଜାତ ଶିଶୁ କନ୍ୟାକୁ ମାତ୍ର ୨୦ ହଜାର ଟଙ୍କାରେ ବିକ୍ରି କରିଦେଇଥିଲେ ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । ରଣା ପରିବାର ପାଖରେ ରହିବା ପାଇଁ ଭଲ ଘର ନାହିଁ । ଝାଟିମାଟି ଘରେ ଦୁଇଓଳି ଦିମୁଠା ଦାନା ପାଇଁ ସଂଘର୍ଷ କରୁଛି ଏହି ରଣା ପରିବାର । ଏଭଳି ସ୍ଥିତିରେ ଥିବା ପରିବାରର ନାଁ ରାସନକାର୍ଡ ତାଲିକାରୁ ବି କଟିଯାଇଛି । ଗରିବଙ୍କ ପାଇଁ ମାଳମାଳ ଯୋଜନା ହେଉଛି । ହେଲେ ଏଠି ମାତ୍ର ୨୦ ହଜାର ଟଙ୍କାରେ ଶିଶୁବିକ୍ରି ହେଉଛି । ଏହାଠୁ ଲଜ୍ଜାଜନକ ଘଟଣା ଆଉ କ'ଣ ହୋଇପାରେ । ନଳ ଓ ତାଙ୍କ ସ୍ତ୍ରୀ ପ୍ରତି ବର୍ଷ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥାନ୍ତି । ପ୍ରଶାସନ ବିଗତ ୮ମାସ ହେଲା ତାଙ୍କ ରାସନ୍ କାର୍ଡ ଥିବା ସତ୍ତ୍ୱେ ଚାଉଳ ଦେଉନଥିଲେ । ସେମାନେ ରହୁଥିବା ଘରର ଅବସ୍ଥା ଅତି ସଙ୍ଗୀନ ଥିବା ବେଳେ ତାଙ୍କୁ ଖଣ୍ଡେ ପ୍ରଧାନମନ୍ତ୍ରୀ ଆବାସ ଘର ମିଳିନାହିଁ । ଏପରିକି ସେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୌଣସି ଯୋଜନାରେ ସାମିଲ ନାହାନ୍ତି । ସେମାନଙ୍କୁ ରାସନ୍ କାର୍ଡ ଯାଞ୍ଚ କରିବାକୁ କେହି ନ ଆସିବାରୁ ସେମାନେ ନିରୁତ୍ତର ରହିବା ସହ ପରେ ଭାଲେଗାଁ ପଞ୍ଚାୟତ ଜିଆରଏସ ପାଖରେ ଥିବା କହିଥିଲେ । ରବିବାର ରାତିରେ ପ୍ରଶାସନ ପକ୍ଷରୁ ତାଙ୍କୁ ମାତ୍ର ୨୫କେଜି ଚାଉଳ ଦେଇ ଯାଇଥିବା ସେମାନେ କହିଥିଲେ । କେବଳ ରଣା ପରିବାର ନୁହେଁ ବରଂ ସେହି ଗାଁରେ ଅନ୍ୟମାନଙ୍କୁ ମଧ ଆବାସ ଯୋଜନାରେ ଘର , ଖାଦ୍ୟ ସୁରକ୍ଷା ଆଇନରେ ରାସନ୍ କାର୍ଡ ମିଳିନଥିବା ସେମାନେ ଅଭିଯୋଗ କହିଛନ୍ତି । ରାଜ୍ୟର ୩୦ଟି ଦାଦନ୍ ପ୍ରବଣ ବ୍ଲକ ମାନଙ୍କ ମଧ୍ୟରେ ଟିଟିଲାଗଡ ବ୍ଲକ୍ ମଧ ରହିଛି । ଏଥିସହ ଟିଟିଲାଗଡ ଉପଖଣ୍ଡରେ ଅନାହାର ମୃତ୍ୟୁ ଓ ଛୁଆବିକ୍ରି ଅଭିଯୋଗ ହେଉଛି । ବିଗତ ୨୦୦୨ ମସିହାରେ ବିଜେଡି ବିଜେପି ମେଣ୍ଟ ସରକାର ଥିବା ସମୟରେ ବଡ଼ଗମଡ଼ା ଗାଁରେ ପ୍ରେମଶିଳା ଭୋଇଙ୍କ ଅନାହାର ମୃତ୍ୟୁ ହୋଇଥିଲା । ତାଙ୍କ ଦୁଇଟି ଛୁଆ ଜେମା ଆଉ ପ୍ୟାରୀଙ୍କୁ ଗୋଟିଏ ଏନଜିଓ ଫରିଦାବାଦକୁ ନେଇକି ଯାଇଥିବା ବେଳେ ଏପର୍ଯ୍ୟନ୍ତ ଫେରିନାହାନ୍ତି ।

## ବିଷ୍ଣୁପଦ...

ବିରୋଧିରେ ରୁଜୁ ହୋଇଥିବା ଏଫଆଇଆରକୁ ରଦ୍ଦ କରିବା ସହ ତଦନ୍ତକୁ ବନ୍ଦ କରିବା ଲାଗି ଶ୍ରୀ ସେଠୀ ପ୍ରାର୍ଥନା କରିଥିଲେ। ହାଇକୋର୍ଟ ଗତ ଜୁନ୍ ୨୦ ତାରିଖରେ ଏହି ଆବେଦନକୁ ଖାରଜ କରି ଦେଇଥିଲେ । ଏହି ଆବେଦନ ଖାରଜ ହୋଇଯିବା ଫଳରେ ଶ୍ରୀ ସେଠୀଙ୍କ ଗିରଫଦାରୀ ଆଶଙ୍କା ବଢ଼ିଯାଇଥିଲା। ଫଳରେ ଆବେଦନକାରୀ ଆଗୁଆ ଜାମିନ୍ ଆବେଦନ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏଥିରେ ମଧ ଶ୍ରୀ ସେଠୀଙ୍କୁ ଅଦାଲତରୁ ନିରାଶ ହେବାକୁ ପଡ଼ିଛି। ବିଷ୍ଣୁପଦ ସେଠୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦେବାଶିଷ ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ୟୁପି...

ଏହା ଉପରେ ରୋକ୍ ଲଗାଇବା ଲାଗି ତଦନ୍ତକାରୀ ସଂସ୍ଥାକୁ ସ୍ୱତନ୍ତ୍ର କ୍ଷମତା ପ୍ରଦାନ କରାଯିବା ଉଚିତ୍। ଅପରାଧୀଙ୍କ ସମ୍ପତ୍ତି ଜବତ କରିବା ଓ ଅଭ୍ୟାସଗତ ଅପରାଧୀଙ୍କ ଉପରେ ପ୍ରତିରୋଧ କରାଯାଇପାରିବ। ତ୍ୱରିତ ବିଚାର ଲାଗି ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ହେଲେ ଭଲ ଫଳ ମିଳିବ। ପୋଲିସ ଗୁଇନ୍ଦା ବିଭାଗ ଓ ରାଜସ୍ୱ କର୍ତ୍ତୃପକ୍ଷଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯାଇପାରିବ। ଶୀଘ୍ର ବିଚାର କରାଯିବା ସହ ଦୋଷୀକୁ ସାବ୍ୟସ୍ତ କରିବା, ଦୀର୍ଘକାଳୀନ ଅପରାଧ ସାମ୍ରାଜ୍ୟ ଉପରେ ରୋକ୍ ଲଗାଯାଇପାରିବ। ମହାରାଷ୍ଟ୍ର ସଂଗଠିତ ଅପରାଧ ନିୟନ୍ତ୍ରଣ ଆଇନ୍, ତାମିଲନାଡୁର ଗୁଣ୍ଡା ଆଇନ୍ ଗ୍ୟାଙ୍ଗ ଓ ହିଂସା ଅପରାଧ ରୋକିବାରେ ସକରାତ୍ମକ ପ୍ରଭାବ ଦେଖାଇଛି। ଓଡ଼ିଶାରେ ଏହି ଆଇନ୍ ପ୍ରଣୟନ ହେଲେ ଏକ ପରିବର୍ତ୍ତନକାରୀ ଭୂମିକା ଗ୍ରହଣ ହେବ। ଅପରାଧୀ ନେଟ୍‌ୱାର୍କକୁ ପ୍ରଭାବଶାଳୀ ଭାବେ ଭାଙ୍ଗିବା, ବେଆଇନ୍ ସମ୍ପତ୍ତି ଜବତ କରିବା ଓ ଶୀଘ୍ର ନ୍ୟାୟ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ଆଇନ୍‌ଗତ ସମର୍ଥନ ସହ ଆଇନ୍ ପ୍ରବର୍ତ୍ତନକାରୀଙ୍କୁ ସଶକ୍ତ କରିବ।

## ୮୦ ଦଶକର...

ରବି ମଛଖଣ୍ଡଙ୍କ ମଧ୍ୟସ୍ଥତାରେ ବରଗଡ଼ ଜିଲ୍ଲା ପାଇକ ମାଳ ଗାଁ ର ସଞ୍ଜୟ ଗୁର୍ଲ୍ଲା, ଏବଂ ତାଙ୍କ ସ୍ତ୍ରୀ ସୁରଭି ଗୁର୍ଲ୍ଲା ଙ୍କୁ ନିଜ ସାତ ଦିନର ଶିଶୁ କନ୍ୟାକୁ ଟେକି ଦେଇଥିଲା । ବାଗଡୋର ଗାଁକୁ ସୋମବାର କଂଗ୍ରେସର ଏକ ଉଚ୍ଚ ସ୍ତରୀୟ ତଦନ୍ତକାରି ଟିମ ଯାଇ ପରିବାର ସହ ଦୀର୍ଘ ସମୟ ଧରି ଆଲୋଚନା କରିବା ପରେ ଟିଟିଲାଗଡ଼ ପୂର୍ତ୍ତ ଡାକ ବଙ୍ଗଳାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ । ତଦନ୍ତ କାରି ଟିମର ମୁଖ୍ୟ ରାଜ୍ୟ ମିଡ଼ିଆ କମିଟି ଅଧ୍ୟକ୍ଷ ଅରବିନ୍ଦ ଦାସ, ସାମ୍ବାଦିକ ସମ୍ମିଳନୀରେ ଘଟଣା କୁନେଇ କ୍ଷୋଭ ପ୍ରକାଶ କରିବା ସହ ସମସ୍ତ ସରକାରୀ ଯୋଜନାରୁ ନିଲ ରଣା ଏବଂ ତାଙ୍କ ପରିବାର ବାଦ ପଡ଼ିଥିବା ନେଇ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଉପରେ ବର୍ଷିଥିଲେ । ଘଟଣାକୁ ତିନି ଦିନ ବିତିବାକୁ ଯାଉଥିଲେ ମଧ ରାଜ୍ୟ ସରକାର ନିଲ ରଣା ପରିବାର ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପରିବର୍ତ୍ତେ ନୀରବ ରହିବା ସହ ମାତ୍ର ୨୫ କେଜି ଚାଉଳ ଯୋଗାଇ ଦେବା ହିଁ ଘଟଣାର ସତ୍ୟତା ରହିଥିବା କଂଗ୍ରେସ ଅଭିଯୋଗ କରିବା ସହ କିଭଳି ଭାବରେ ମା ର ଅନିଚ୍ଛା ସେ‰ ବାପା ନିଲ ରଣା ଶିଶୁ କନ୍ୟା କୁ ଅନ୍ୟ ହାତରେ ଟେକିଦେଲେ ତାହାର ଏକ ଭିଡିଓ ଫୁଟେଜ ମଧ ସାମ୍ବାଦିକ ସମ୍ମିଳନୀରେ ପ୍ରଦର୍ଶିତ କରିଥିଲେ । ଏହି ଘଟଣାରେ ସାମିଲ ଥିବା ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ଉପରେ ଆଇନ ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଦରିଦ୍ରତା ଦୂରୀ କରଣ ନେଇ ଆବଶ୍ୟକ ଯୋଜନା କରିବକୁ ରାଜ୍ୟ ସରକାରଙ୍କୁ ଆହ୍ୱାନ ଦେଇଛି କଂଗ୍ରେସ । ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ସନ୍ତୋଷ ସିଂ ସାଲୁଜା, କଂଗ୍ରେସ ନେତା ଘାସିରାମ ମାଝୀ, ଦୌପଦୀ ମାଝୀ,ପୂର୍ବତନ ବିଧାୟକ ଭାରତ ବେମାଲ, ଯୁବ ନେତା ବୀରେନ୍ଦ୍ର ବାଗ, ଯୁବ କଂଗ୍ରେସ ସଭାପତି ବଲାଙ୍ଗିର,ଗଣେଶ ସାହୁ ସମେତ ଜ୍ୟୋତ୍ସ୍ନା ରାଣୀ ବର୍ଗତି, ସୁରଜ ବେହେରା, ଦେବା ନନ୍ଦ ସାହୁ, ଡ଼ମ୍ବରୁଧର ଛତ୍ରିଆ,ପ୍ରମୁଖ ଉପସ୍ଥିତ ଥିଲେ ।

## ବଦଳିବ...

ଓଡ଼ିଶା ରଖିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ୟୁନିଫର୍ମ ରଙ୍ଗରେ ପରିବର୍ତ୍ତନ ହୋଇନାହିଁ। ଛାତ୍ରଛାତ୍ରୀଙ୍କ ଟ୍ରାକ୍ ପ୍ୟାଣ୍ଟ ନୀଳ ରଙ୍ଗ ରହିଥିବାବେଳେ ସାର୍ଟର ରଙ୍ଗ ସବୁଜ, ହଳଦୀ, ନାଲି, ନୀଳ ରହିଛି। ଟୋପିର ରଙ୍ଗ ଧଳା ରହିବ ଓ ସେଥିରେ ସ୍ଲୋଗାନ ସହ ଲୋଗୋ ଲାଗିବ। ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧୀନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ପାଇଁ ଜଣଙ୍କ ପିଛା ୫୦୦ ଟଙ୍କା ଖର୍ଚ୍ଚ ହେବ। ୨୦୦ ଟଙ୍କାରେ ଗୋଟିଏ ହଳ ଜୋତା, ଦୁଇ ହଳ ମୋଜା, ୧୨୫ ଟଙ୍କାରେ ଟି-ସାର୍ଟ, ୧୨୫ ଟଙ୍କାରେ ଟ୍ରାକ୍ ପ୍ୟାଣ୍ଟ, ୩୦ ଟଙ୍କାରେ ଟୋପି, ୨୦ ଟଙ୍କାରେ ପରିଚୟପତ୍ର ଦିଆଯିବ। ସମଗ୍ର ଶିକ୍ଷା, ପିଏମ୍‌ଶ୍ରୀ, ଗଙ୍ଗାଧର ଶିକ୍ଷା ମାନଙ୍କ ଯୋଜନାରୁ ଏହି ଅର୍ଥ ଖର୍ଚ୍ଚ ହେବ। ଜାତାର ରଙ୍ଗ କଳା ଓ ମୋଜାର ରଙ୍ଗ କଳା ରହିବ। ୧୦୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟରେ ଦୁଇଟି ରଙ୍ଗର ଟି-ସାର୍ଟ ଓ ୧୦୦ରୁ ଅଧିକ ପିଲା ଥିବା ସ୍କୁଲରେ ୪ ରଙ୍ଗର ଟି-ସାର୍ଟ ଚୟନ କରିବା ପାଇଁ ଓପେସା ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଅଗଷ୍ଟ...

ଫଳରେ ଦିନ ସମୟରେ ପ୍ରବଳ ଗୁଳିଗୁଳି ସହିତ ଆର୍ଦ୍ରତା ବଢ଼ିପାରେ ଆସନ୍ତାକାଲି(ମଙ୍ଗଳବାର) ଓ ବୁଧବାର ଦୁଇଦିନ ଧରି ବିଭିନ୍ନ ଜିଲ୍ଲାର ସ୍ଥାନେ ସ୍ଥାନେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହୋଇପାରେ । ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ବର୍ଷା ହେବାର ସମ୍ଭାବନା ରହିଛି ।

**LOST**

By virtue of an affidavit before the Notary Public, Jatani, I Subasa Kumar Pati, S/o- Sudarsan Pati, resident of At: Chintapalli, Po-Bahadalapur, Ps: Jajpur, Dist: Jajpur, Odisha, Pin-755009 declare by this affidavit No.519 Dt.24/07/2025. That, the **Original ROR** of my Plot No.-2201/13293 under Khata No.-1330/7266, Mouza: Pandra, Unit-38, BBSR has been lost somewhere while i was shifting my house Satyavihar area, BBSR. But by several search I could not able to trace it out. If anyone found it please **contact: 9937231974.** This affidavit is required to be produced before the concerned authority for information and taking necessary action.

**AFFIDAVIT**

By virtue of an affidavit sworn before Notary Public, Kendrapara, dated 31/05/2025 I, Satya Narayan Rath, S/o Late Jagabandhu Rath, Vill-Bishok, Po-Jahangar, PS-Derabish, Dist-Kendrapare, Pin-754208 declare that I have changed my daughter's name from Dharithee Rath to Dharitree Rath. Henceforth, she shall be known as Dharitree Rath for all purposes.

Sd/- Satya Narayan Rath

**AFFIDAVIT**

By virtue of an affidavit sworn before Notary Public, Kendrapara, dated 25/07/2025 I, Minati Malik, W/o Subal Malik, Vill-Kapaleswar, Po-Kapaleswar, PS-Kendrapara Sadar, Dist-Kendrapara, Pin-754211 declare that I have changed my daughter's name from Swuvagini Malik to Soubhagini Malik. Henceforth, she shall be known as Soubhagini Malik for all purposes.

**Sd/- Minati Malik**

**PARADIP PORT AUTHORITY**
**e-TENDER CALL NOTICE**
**No:EM/PED/TECH-II/2025/631, dt.25.07.2025**
Name of the Work "Comprehensive Annual Maintenance Contract of Air Conditioners, Refrigerators, Water Coolers, and other cooling units for a period of Two (02) Years". Estimated cost: **Rs.1,09,90,522/-.** Last date & time of submission of bid: **dt.17.08.2025 upto 18:00 Hrs.** Refer our website for details: https://eprocure.gov.in/eprocure/app.
**Sd/- Executive Engineer (PED-III)**
**PPA/PR/29/2025-2026 dtd.28.07.2025**

**TO WHOM IT MAY CONCERN**
Ritarani Patnaik
Address not known
Your flat is canceled as no documents available with us. We contacted your brother, Sh Dhiren Patnaik, regarding registration of sale agreement of his flats, who replyed us that the flats shall be registered when Registration shall be allowed by the Hon'ble Orissa High Court withdrawing the stay on registration. By that time the pending Certificate Case No.23/2025 (under section-6) and Issue No.30 dated 21.03.2025 are issued an order and cease the power for registration by any Director of Mahodadhi Devlopers Pvt Ltd, Bhubaneswar. We are appearing before Hon'ble Court of Sub Collector-cum-Certificate Officer to give 150 days time period to keep our stand. Under the above circumstances, we are forced to refund your deposited money against your flat no.503, fifth floor in Tulasi Vihar, Phase-II, Puri. We are issued any letter to you as we have niether address nor agreement. Hence we communicated through various odia daily to draw your attention and receive your Demand Draft/Cheques from our office with a short period as our office is going to be close.
Managing Director,
Mahodadhi Devlopers Pvt Ltd
Bhubaneswar.

**ଦ.ପୂ. ରେଳପଥ-ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର/ଟିଆରଡି/ଖଡ଼ଗପୁର-୭୨୧୩୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ପ୍ରତିଟି ଆଉଟମର ସୂଚିତ ତାରିଖର ୧୫.୦୦ ଘଣ୍ଟା ପୂର୍ବରୁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଏବଂ ୧୫.୩୦ ଘଣ୍ଟା ଖୋଲାହେବ । କ୍ର.ନଂ. ଟେଣ୍ଡର ନୋଟିସ ନଂ. ଓ କାର୍ଯ୍ୟର ବିବରଣୀ ନିମ୍ନରେ ଦିଆଯାଉଛି : ୧. ଟିଆରଡି-କେଜିପି-ଓପ୍ନ-୨୦୨୫-୨୬-୧୪ ତାରିଖ ୨୫.୦୭.୨୦୨୫ । ମିଶନ ୩୦୦୦ ଏମ୍‌ଟି" – ଦ.ପୂ. ରେଳପଥ–ଖଡ଼ଗପୁର ଡିଭିଜନ–ସୁଦୃଢ଼ିକରଣ/ପୁନଃ ଉତ୍ଥାନ/ପୁନଃ ନିର୍ମାଣ/ବ୍ରିଜ ରିଗାର୍ଡିଂ ଘଟଶିଳା–ଦାଲଭୂମଗଡ଼ ଷ୍ଟେସନ ମଧ୍ୟରେ ୧ଟି ବ୍ରିଜ ନଂ. ୬୬ ଅପ୍ ସ୍ପାନ୍ (୧X୩୦.୫) ଏମ୍‌ଜି ରେ ୧୦୦ କେଏମପିଏଚ୍ ର ୨୫ ଆକ୍ସଲ ଲୋଡ଼ର ଫ୍ରେଟ୍ ଟ୍ରେନ୍ @ ପାଇଁ, ଖଡ଼ଗପୁର–ଟାଟାନଗର ସେକ୍ସନର କିମି ୨୧୧/୧୪–୧୭ ଠାରେ ଦାଲଭୂମଗଡ଼ ଘଟଶିଳା ଷ୍ଟେସନ ମଧ୍ୟରେ ବ୍ରିଜ ନଂ. ୬୬ ଡିଏନ ସ୍ପାନ୍ (୧X୩୦.୫ ଏମ୍‌ଜି) ଏବଂ ୨. ବ୍ରିଜ ନଂ. ୬୯ ଡିଏନ ସ୍ପାନ୍ . (୪X୧୮.୩) ଏମ୍‌ଜି ଘଟଶିଳା–ଦାଲଭୂମଗଡ଼ ଷ୍ଟେସନ ମଧ୍ୟରେ କିମି ୨୦୮/୨୦–୧୬ ଏବଂ ଝାଡ଼ଗ୍ରାମ–ସିଧ୍ୱନ୍ ଷ୍ଟେସନ ମଧ୍ୟରେ ବ୍ରିଜ ନଂ. ୯୪ ଅପ୍ ସ୍ପାନ୍ (୨X୧୮.୩ ଏମ୍‌ଜି) ଖଡ଼ଗପୁର–ଟାଟାନଗର ଷ୍ଟେସନର କିମି ୧୬୭ / ୧୧–୧୩ ଠାରେ । ଟେଣ୍ଡର ମୂଲ୍ୟ : ଟ. ୫୩,୮୫,୫୨୧.୫୦/–, ଇଏମଡି : ଟ. ୧,୦୨,୭୦୦/– । ୨. ଟିଆରଡି-କେଜିପି-ଓପ୍ନ-୨୦୨୫-୨୬-୧୫ ତାରିଖ ୨୫.୦୭.୨୦୨୫ । ୧. ଖଡ଼ଗପୁର ଡିଭିଜନର ୧୧ଟି ଏଲ୍‌ସି ଗେଟ୍‌ରେ ମେକାନିକାଲ ଲିଫ୍ଟିଂ ବ୍ୟାରିୟରକୁ ଇଲେକ୍ଟ୍ରିକାଲ ଲିଫ୍ଟିଂ ବ୍ୟାରିୟରରେ କନଭର୍ସନ କରିବା ଏବଂ ୨. କୋଲାଘାଟ ଓ ଡେଙ୍ଗୋଲ : ନୂଆ ଇଲେକଟ୍ରୋନିକ ଇଣ୍ଟରଲକିଂ ସହିତ ପୁରୁଣା ଏବଂ ପୁରୁଣାର ପରିବର୍ତ୍ତନ ଏବଂ ପ୍ୟାନେଲ୍/ଇଆଇ ଇଣ୍ଟରଲକିଂ ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ୩୦,୬୨,୮୧୨.୨୬, ଇଏମଡି : ଟ. ୬୧,୩୦୦/– । ୩. ଟିଆରଡି-କେଜିପି-ଓପ୍ନ-୨୦୨୫-୨୬-୧୬ ତାରିଖ ୨୫.୦୭.୨୦୨୫ । ଘଟଶିଳା–ଗାଲୁଡିହ ଷ୍ଟେସନ ମଧ୍ୟସ୍ଥ ବ୍ରିଜ ନଂ. ୫୬ ଅପ୍ ସ୍ପାନ୍ (୧X୩୦.୫) ଏମ୍‌ଜିରେ ୨୫ ଆକ୍ସଲ ଲୋଡ଼ର ଫ୍ରେଟ୍ ଟ୍ରେନ୍ @ ୧୦୦ କେଏମପିଏଚ୍ ରନିଂ ପାଇଁ ମିଶନ ଏମ୍‌ଟି"– ଦ.ପୂ. ରେଳପଥ – ଖଡ଼ଗପୁର ଡିଭିଜନ : ସୁଦୃଢ଼ିକରଣ / ପୁନଃ ଉତ୍ଥାନ/ ପୁନଃ ନିର୍ମାଣ/ବ୍ରିଜ ଗୁଡ଼ିକର ରିଗାର୍ଡିଂ, ଗାଲୁଡିହ – ଘଟଶିଳା ଷ୍ଟେସନ ମଧ୍ୟରେ କିମି ୨୨୧/୨୧–୨୩ ଏବଂ ବ୍ରିଜ ନଂ. ୫୬ ଡାଉନ୍ ସ୍ପାନ୍ (୧X୩୦.୫ ଏମ୍‌ଜି) ସ୍ପାନ ପାଇଁ ଖଡ଼ଗପୁର – ଟାଟାନଗର ସେକ୍ସନର କିମି ୨୨୧/୨୪–୨୨ରେ କାର୍ଯ୍ୟ ସମ୍ପାଦନ । ଟେଣ୍ଡର ମୂଲ୍ୟ : ଟ. ୨୯,୭୬,୪୬୭.୮୦ । ଇଏମଡି : ଟ. ୫୯,୫୦୦/– । ୪. ଟିଆରଡି-କେଜିପି-ଓପ୍ନ-୨୦୨୫-୨୬-୦୪ ଆରଡି ତାରିଖ ୨୫.୦୭.୨୦୨୫ । ୧. ବେଲଦା : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମିଟର ଓସାରର ଫୁଟ୍ ଓଭରବ୍ରିଜ (ଏଫ୍‌ଓବି) ବ୍ୟବସ୍ଥା, ୨. ଜଳେଶ୍ୱର : ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମିଟର ଓସାରର ଫୁଟ୍ ଓଭରବ୍ରିଜ (ଏଫ୍‌ଓବି) ବ୍ୟବସ୍ଥା, ୩. ଘଟଶିଳା ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମିଟର ଓସାରର ଫୁଟ ଓଭରବ୍ରିଜ (ଏଫ୍‌ଓବି) ବ୍ୟବସ୍ଥା, ୪.ଝାଡ଼ଗ୍ରାମ ଅମୃତ ଭାରତ ଷ୍ଟେସନ ଯୋଜନାରେ ୧୨.୦ ମି ଓସାରର ଫୁଟ ଓଭରବ୍ରିଜ (ଏଫ୍‌ଓବି) ବ୍ୟବସ୍ଥା । ଟେଣ୍ଡର ମୂଲ୍ୟ : ଟ. ୧,୪୪,୩୮,୫୧୧.୮୦ । ଇଏମଡି : ଟ. ୨,୨୨,୨୦୦/– । ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ : ପ୍ରତ୍ୟେକଟି ପାଇଁ ଶୂନ୍ୟ । ଖୋଲା ତାରିଖ : କ୍ର.ନଂ. ୧ ଓ ୨ ପାଇଁ ୧୯.୦୮.୨୦୨୫ ଏବଂ କ୍ର.ନଂ. ୩ ଓ ୪ ପାଇଁ ୨୧.୦୮.୨୦୨୫ । ସମାପ୍ତି ସମୟ : କ୍ର.ନଂ. ୧,୩ ଓ ୪ ପ୍ରତ୍ୟେକଟି ପାଇଁ ୧୨ ମାସ ଏବଂ କ୍ର.ନଂ. ୨ ପାଇଁ ୯ ମାସ । ଦାଖଲ ତାରିଖ : କ୍ର.ନଂ. ୧ ଓ ୨ ପାଇଁ ୧୯.୦୮.୨୦୨୫ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ ଏବଂ କ୍ର.ନଂ ୩ ଓ ୪ ପାଇଁ ୨୧.୦୮.୨୦୨୫ ଅପରାହ୍ନ ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ଇଚ୍ଛୁକ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ତଥ୍ୟ, ସ୍ପେସିଫିକେସନ ପାଇଁ ୱେବସାଇଟ www.ireps.gov.in କୁ ଦେଖିପାରିବେ ଏବଂ ସେମାନଙ୍କର ବିଡ୍ ଅନ୍‌ଲାଇନ ଦାଖଲ ହେବ । ଏହି ସବୁ କାର୍ଯ୍ୟ ପାଇଁ କୌଣସି କ୍ଷେତ୍ରରେ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ସୂଚନା : ଆଗ୍ରହୀ ବିଡରମାନେ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବାକୁ ନିୟମିତ ଭାବେ www.ireps.gov.in କୁ ଦେଖିପାରିବେ । (PR-444)

**IDBI BANK** — ବଉଳକଣି ଶାଖା (୨୧୪୧), ମହାକାଳପଡା, କେନ୍ଦ୍ରାପଡା, ପିନ୍-୭୫୪୨୨୪ — **ସୁନା ଅଳଙ୍କାର ନିଲାମ ନୋଟିସ୍**

ବ୍ୟାଙ୍କର ଋଣଗ୍ରହୀତା(ମାନ)ଙ୍କ ଠାରୁ ଋଣ ଆଦାୟ ଉଦ୍ଦେଶ୍ୟରେ ବ୍ୟାଙ୍କରେ ବନ୍ଧକ ଥିବା ନିମ୍ନଲିଖିତ ସ୍ୱର୍ଣ୍ଣ ଅଳଙ୍କାର ଗୁଡ଼ିକ ନିଲାମ ନିମନ୍ତେ ସର୍ବସାଧାରଣଙ୍କ ଠାରୁ ପ୍ରସ୍ତାବମାନ ଆହ୍ୱାନ କରାଯାଉଛି। ଆଇଡିବିଆଇ ବ୍ୟାଙ୍କ, ବଉଳକଣି ଶାଖା (୨୧୪୧) ପରିସର (ନିଲାମ ସ୍ଥାନ)ରେ ନିମ୍ନ ସାରଣୀ ଅନୁଯାୟୀ ନିଲାମ କାର୍ଯ୍ୟ ତା.୦୫.୦୮.୨୦୨୫ ରିଖ ପୂର୍ବାହ୍ନ ୧୧.୦୦ ଘଣ୍ଟା ଠାରୁ ଆରମ୍ଭ କରାଯିବ।

| ଆକାଉଣ୍ଟ ନଂ./ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସୁନା ଅଳଙ୍କାରଗୁଡ଼ିକର ବିବରଣୀ | ନେଟ୍ ଓଜନ ଗ୍ରାମରେ | ସଂରକ୍ଷିତ ମୂଲ୍ୟ | ଅମାନତ ଜମା |
|---|---|---|---|---|
| ୨୧୪୧୬୭୧୧୦୦୦୦୮୯୫୨ / ମାମାନି ମଣ୍ଡଳ, ସ୍ୱାମୀ: ତପନ ମଣ୍ଡଳ, ସା: ବେଟବେଲାରୀ ବଉଳକଣି, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପିନ୍-୭୫୪୨୨୪ | କ) ଚେନ୍ (୨ଟି) ସହିତ ୧ଟି ଲକେଟ୍ ଖ) ମୁଦି (୩ଟି) ସହିତ ୧ ଟି ଭଙ୍ଗା ଗ) କାନଫୁଲ (୬ଟି) | କ) ୮.୦୦ ଖ) ୪.୬୬ ଗ) ୬.୩୬ | କ) ଟ.୫୦,୫୬୦/- ଖ) ଟ.୨୯,୫୧୪/- ଗ) ଟ.୪୦,୨୫୮/- | କ) ଟ.୫,୦୫୬/- ଖ) ଟ.୨,୯୫୧/- ଗ) ଟ.୪,୦୨୬/- |

ବ୍ୟାଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଏବଂ ସର୍ତ୍ତାବଳୀ ଅନୁସାରେ ନିଲାମ ସମ୍ପନ୍ନ ହେବ ଯାହାର କପି (ନକଲ) ବଉଳକଣି ଶାଖା (୨୧୪୧) କାର୍ଯ୍ୟାଳୟର ନୋଟିସ୍ ବୋର୍ଡରେ ତା.୨୯.୦୭.୨୦୨୫ ରିଖ ରୁ ତା.୦୪.୦୮.୨୦୨୫ ରିଖ ପର୍ଯ୍ୟନ୍ତ ପ୍ରଦର୍ଶିତ ହେବ ଏବଂ ଆଗ୍ରହୀ ପକ୍ଷମାନେ ଏହାକୁ ଦେଖିପାରିବେ। ନିଲାମରେ ଅଂଶଗ୍ରହଣ କରୁଥିବା ବିଡରଙ୍କର ଉପରଲିଖିତ ବିକ୍ରୟର ନିୟମ ଏବଂ ସର୍ତ୍ତାବଳୀ ପୂର୍ଣ୍ଣ ଜ୍ଞାତସାରରେ ଅଛି ବୋଲି ବିବେଚନା କରାଯିବ। ପ୍ରସ୍ତାବ ଦାଖଲର ଅନ୍ତିମ ତାରିଖ ଏବଂ ସମୟ : ତା.୦୪.୦୮.୨୦୨୫ରିଖ ଅପରାହ୍ନ ୪.୦୦ ଘଣ୍ଟା।

ସ୍ଥାନ: ବଉଳକଣି, ତାରିଖ: ୨୯.୦୭.୨୦୨୫ — ଶାଖା ମୁଖ୍ୟ, ଆଇଡ଼ିବିଆଇ ବ୍ୟାଙ୍କ ଲି.

**GOVERNMENT OF ODISHA " OFFICE OF THE ADDITIONAL CHIEF ENGINEER**
**SALAPADA IRRIGATION CIRCLE, SALAPADA, KEONJHAR**
**BID INVITATION NO. SE (R and B) BLS-Divn-I-15/2025-26**
**E-mail-acesicsalapada@gmail.com**
**Bid Identification No. ACESIC-01/2025-26**
A-438
**'e' PROCUREMENT NOTICE**

| | | | |
|---|---|---|---|
| 1 | Nature of the works | : | River Embankment |
| 2 | No of works | : | 1 (One) |
| 3 | Value of works (Excluding GST) | : | Rs. 699.15 lakh |
| 4 | Period of Completion | : | 09 (Nine) Calendar Months. |
| 5 | Class of Contractor | : | A & Special |
| 6 | Procurement Officer | : | Additional Chief Engineer, Salapda Irrigation Circle, Salapada, Keonjhar - 758020 |
| 7 | Availability of tender for On-line bidding | : | From 11.00 hrs of 01.08.2025 to 18.08.2025 up to 17.00 hrs. |
| 8. | Date and time of opening of Technical Bid | : | 19.08.2025 at 11.00 hrs. |
| 9. | Date and opening of Financial Bid | : | After evaluation of Technical Bid |

Further details conditions can be seen fro the Govt. website **www.tendersorissa.gov.in**
**Sd/- Additional Chief Engineer, Salapada Irrigation Circle, Salapada, Keonjhar-758020**
**OIPR : 32468/11/0007/2526**

**OFFICE OF THE NOTIFIED AREA COUNCIL, KODALA**
**Odisha, Pin -761032, e-Mail: - nackodala@gmail.com**
**Lt. No. 2309 /Dev/ 2025** **Dated:- 23/07/2025**
C-758
**e- NOTICE**
**BID IDENTIFICATION No.KOD-NAC-07/2025-26**

**C-758 :** On behalf of the Kodala NAC, on-line e-tender Percentage Rate Bids in two bid system (Part-I-General & Technical Bid and Part-II-Price Bid or Financial Bid) invited by the Executive Officer, Kodala NAC from the intending and eligible class/category of bidders in conformity with the Detailed Tender Call Notice for execution or the works mentioned in the DTCN. Contractor; validly registered/empanelled under Kodala NAC are also eligible to participate for the works.
1. Name of the Work : Civil Works
2. Number of Work : 01 Nos.
3. Estimated cost : As per DTCN
4. Period of Completion : As per DTCN
5. Date and Time of availability of Bid Document in the Portal : From 10.00AM of Dt. 28/07/2025 to 5.00PM of Dt. 12/08/2025
6. Last date and time for receipt of Bid in the Portal : 5.00PM of Dt. 12/08/2025
7. The bid received online shall be opened on 11.00 AM of dtd. 13/08/2025
8. Name and Address of the Officer inviting Bid: Executive Officer, NAC, Kodala.
Further details can be seen from the Procurement Portal : **www.tendersorissa.gov.in**
**Sd/- Executive Officer, Kodala NAC, Dated : 23/07/2025**
**OIPR : 13203/11/0043/2526**

**Government of Odisha : "e" Procurement Notice** E-Mail ID : sepwdrgda1@gmail.com
**OFFICE OF THE SUPERINTENDING ENGINEER,**
**RAYAGADA(R&B) DIVISION NO -I, RAYAGADA**
B-339
**Bid Identification No: RC (RANDB) RGD 08 / 2025-2026 (Single Cover- Online tender)**
**File No .E-II-C8- 28/2025 No. 6712 Dated 23-07-2025**
1 No. of the works:- 02(Two) Building Work only
2. Estimated Cost: - Rs. 91.40 Lakh, & Rs. 99.50 Lakhs
3. Cost of document:-Rs 10,000/- for each work
4. Bid Security: - Rs.91,500/-, & Rs.99,600/-,
5. Class of Contractor :- 'B'-Class
6 The Bid documents will be available in the website **www.tendersodisha.gov.in from11.00 Hrs. of dated 01-08-2025 to 17.00 Hrs. of dated 14-08-2025 for online bidding.**
7. Last date/Time for receipt of bids in the portal: - Upto17.00Hrs.of **Dated 14-08-2025**
8. Bids received **"on-line"** shall be **opened at 17.30 Hours on dated 14-08-2025** in the office of the **Superintending Engineer, Rayagada (R&B) Division No-I.**
9. Further details can be seen from the e-Procurement portal: **"www.tendersodisha.gov.in"**
Any Addendum/Corrigendum/Cancellation of tender can also be seen in the said website only.
**Sd/- Superintending Engineer, Rayagada (R&B) Division No.-I**
**OIPR : 34040/11/0012/2526**

**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
**INVITATIONS FOR BIDS (IFB)**
E-mail ID. cebuildings_orissa@yahoo.co.in, cebuildings@rediffmail.com
Tel. -(0674)- 2391523
B-346
**File No-B-II-GA-(SP)-11/2023 Lr. No 29142 / Bhubaneswar 25th July, 2025**
**Invitation for Bids Bid Identification No. C.E.-(B) -19 / 2025-26**

| | | | |
|---|---|---|---|
| 1. | The Chief Engineer (Building)-I, Works Department on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade / Class registered with Central Government / MES / Railways for infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of work | : | CONSTRUCTION OF 60 SEATED EXECUTIVE HOSTEL IN GOPABANDHU ACADEM OF ADMINISTRATION, BHUBANESWAR ON TURNKEY BASIS. |
| 3. | No. of work | : | 01 No. |
| 4. | Bid Cost. | : | Rs. 10,000/- |
| 5. | Class of Contractor | : | Super Class |
| 6. | Availability of Bid Documents in the website | : | From dt.30.07.2025 to 5.30 P.M. of dt.19.08.2025 |
| 7. | Pre -bid meeting | : | Dt. 05.08.2025 at 11.30 A.M. |
| 8. | Last date of online submission of bid | : | Dt. 19.08.2025 up to 5.30 P.M. |
| 9. | Last dt. Of Submission of hardcopy (Cover-III). | : | Dt. 26.08.2025 up to 5.30 P.M. |
| 10. | Date of Opening of Bid | : | Dt. 29.08.2025 at 11.30 A.M. |
| 11. | The Bidders have to participate in ONLINE bidding only. Further detals can be seen from the website :https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | | |

**Sd/- CHIEF ENGINEER-(BUILDINGS)-I, ODISHA, BHUBANESWAR**
**OIPR : 34117/11/0124/2526**

**OFFICE OF THE PANCHAYAT SAMITI**
**KHAIRA, BALASORE**
**Email-ori-khaira@nic.in**
**INVITATION FOR BIDS THROUGH e-Procurement**
**Bid Identification No. PSKH-01 of 2025-26**
I-243
**Invitation for Bids**

| | | | |
|---|---|---|---|
| 1 | The BLOCK DEVELOPMENT OFFICER KHAIRA, BALASORE, on behalf of Governor of Odisha, invites percentage rate bids in single cover system in ONLINE MODE only, for Construction of Building work as detailed below. | | |
| 2 | Nature of work | : | Civil Works |
| 3 | No. of work | : | 10 Nos. (Project List enclosed) |
| 4 | Bid Cost. | : | 6,000/- |
| 5 | Class of Contractor | : | "B" "C & 'D' License (Project List enclosed) |
| 6 | Availability of Bid Documents in the website | : | From 10.00 AM of 30.07.2025 to 5.00 PM of 13.08.2025 |
| 7 | Date of Opening of Bid | : | Dt. 14.08.2025 at 11:00 AM. |
| 8 | The Bidders have to participate in ONLINE bidding only. Further details can be seen from the website : **https://tendersodisha.gov.in.** Any ddendum / corrigendum / cancellation of tender can also be seen in the said website only. | | |

**BLOCK DEVELOPMENT OFFICER, KHAIRA BLOCK.**

**Project List**

| Sl No | Name of work | Name of GP | Tender cost | Bid cost | EMD 1% | Class of Contractor |
|---|---|---|---|---|---|---|
| 1 | Construction Of Kupari Govt. High school ACR | Kupari | Rs. 14,35,502.87 | Rs. 6000.00 | Rs. 14355.00 | C&D |
| 2 | Construction Of Narendra Prashad Govt. High school ACR | Nandoor | Rs. 14,89,755.08 | Rs. 6000.00 | Rs. 14898.00 | C&D |
| 3 | Construction Of Govt. U.P school Begunia ACR | Manitri | Rs. 13,18,878.52 | Rs. 6000.00 | Rs. 13189.00 | C&D |
| 4 | Construction Of Govt. U.P school Sarkona ACR | Sarkona | Rs. 12,92,571.21 | Rs. 6000.00 | Rs. 12926.00 | C&D |

OIPR : 19131/11/0005/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୨୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବନାଏକ-୯୪୩୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୨୨୮ ।

### ଧାନ କିଣାରେ ଅନିୟମିତତା ନେଇ

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଶହ ଶହ ଚାଷୀ



ପୁରୀ (ସବ୍ୟୁ) : ଧାନ କିଣାରେ ଅନିୟମିତତା ନେଇ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି ଶହ ଶହ ଚାଷୀ । ସୋମବାର ଦିନ ଶହ ଶହ ଚାଷୀ ବ୍ରହ୍ମଗିରିରୁ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତାରେ ଟ୍ରାକ୍ଟର ଓ ମୁଣ୍ଡରେ ଧାନ ବସ୍ତା ଧରି ପହଞ୍ଚି ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା ବ୍ରହ୍ମଗିରିରୁ ପୁରୀ ପର୍ଯ୍ୟନ୍ତ ରାଜ ରାସ୍ତାରେ । ଚାଷୀ ମାନେ ରବି ଋତୁରେ ଧାନ ଟୋକନ ପାଇ ମଧ୍ୟ ୫୦ ପ୍ରତିଶତ ଚାଷୀ ଧାନ ବିକ୍ରୀ କରିପାରିନାହାନ୍ତି । ଫଳରେ ଧାନର ଅଭାବୀ ବିକ୍ରୀ ଦେଖାଦେଇଛି। ଆଜି ଶହ ଶହ ଟ୍ରାକ୍ଟର ଯୋଗେ ଚାଷୀ ମାନେ ବିଶାଳ ଶୋଭାଯାତ୍ରା ପୁରୀରେ ପହଞ୍ଚିଥିଲେ । ଶତାଧିକ ଚାଷୀ ବ୍ରହ୍ମଗିରି ଡ଼ାବା ଛକରୁ ବିଶାଳ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଘେରାଉ କରି ଥିଲେ । ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି ଦେବା ସହ କଟୁ ସମାଲୋଚନା ମୂଳକ ବକ୍ତବ୍ୟ ଦେଇ କଡ଼ା ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜେଡି ପକ୍ଷରୁ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ହଜାର ହଜାର ଚାଷୀଙ୍କ ସମସ୍ୟା ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ରାଜ୍ୟ ବିଜେଡି ଉପ ସଭାପତି ସଞ୍ଜୟ ଦାସ ବର୍ମାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ପୁରୀ ଜିଲ୍ଲାର ୭୦ ପ୍ରତିଶତ ଚାଷୀ । ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ କେବଳ ରବି ଚାଷ ହିଁ ହୋଇଥାଏ। ମୁଖ୍ୟମନ୍ତ୍ରୀ ଏବଂ ଖାଦ୍ୟ ଯୋଗାଣ ମନ୍ତ୍ରୀ ବ୍ରହ୍ମଗିରି ଗସ୍ତ ସମୟରେ ସମସ୍ତ ଚାଷୀଙ୍କ ଠାରୁ ନିର୍ଦ୍ଧାରିତ ସମୟରେ ଧାନ କିଣା ବୋଲି ପ୍ରତିଶ୍ରୁତି ଦେଇଥିଲେ । ଟୋକନ ପାଇ ମଧ୍ୟ ନିର୍ଦ୍ଧାରିତ ଅବଧି ସରିବା ପରେ କିନ୍ତୁ ୫୦ ପ୍ରତିଶତ ଚାଷୀଙ୍କ ଧାନ କିଣା ଯାଇ ନାହିଁ।ଏହାର ପ୍ରତିବାଦରେ ଆଜି ବିଜେଡ଼ି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇ ଦାବୀ ପତ୍ର ଦିଆଯାଇଛି। ପ୍ରଦାନ କରା ଯାଇ ଥିବା ଦାବୀ ପତ୍ର ଅନୁଯାୟୀ ଚାଷୀ ମାନଙ୍କ ପଞ୍ଜିକରଣ ମୁତାବକ ସମସ୍ତ ଧାନ କିଣାଯାଉ ନଚେତ୍ ନଚେତ୍ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ, ଖରିଫ ଧାନ କିଣିବା ପାଇଁ ନୂଆ ପଞ୍ଜିକରଣ ପଲିସିକୁ ବାତିଲ କରି ପୁରୁଣା ପଦ୍ଧତିରେ ଧାନ କ୍ରୟ , ବ୍ରହ୍ମଗିରିର ସମସ୍ତ ନଦୀ ଓ କେନାଲ ସଫେଇ ସହ ରାଜଦଳ ମୁକ୍ତ କରିବା ପାଇଁ ଦାବୀ ରଖାଯାଇଛି। ଏହି ନ୍ୟାର୍ଯ୍ୟ ଦାବୀ ଗୁଡ଼ିକ ତୁରନ୍ତ ପୂରଣ ନହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଚେତାବନୀ ଦିଆଯାଇଛି । ଏ ସମ୍ପର୍କରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି ଏଭଳି ଗୁରୁତର ଅଭିଯୋଗର ତଦନ୍ତ କରାଯିବ ।ସେହିପରି ବ୍ରହ୍ମଗିରିର ସମସ୍ତ ନଦୀ ଓ କେନାଲ ସଫେଇ ପାଇଁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯିବ।

### ଧଉଳି ଚାରୁକଳା ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ

# ତ୍ରିନାଥ ମହାନ୍ତିଙ୍କୁ ଶିଳ୍ପୀ ଶରତ ରଥ ସ୍ମୃତି ସମ୍ମାନ

ଭୁବନେଶ୍ୱର, (ସବ୍ୟୁ): ଶାନ୍ତିସ୍ତୁପ ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି ମହାବିଦ୍ୟାଳୟର ୩୧ ତମ ପ୍ରତିଷ୍ଠା ଦିବସ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ରୂପେ ଏକାମ୍ର ବିଧାୟକ ବାବୁ ସିଂ ଉଦ୍ଘାଟନ କରି ଖଲିକୋଟ ଚାରୁକଳା ମହାବିଦ୍ୟାଳୟର ମୁଦ୍ରଣ ବିଭାଗର ଅଧ୍ୟାପକ ତ୍ରିନାଥ ମହାନ୍ତିଙ୍କୁ ଚିତ୍ରଶିଳ୍ପୀ ଶରତ କୁମାର ରଥ ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ ।ଯେଉଁ ମାଟିରେ ଦିନେ ଚଣ୍ଡାଶୋକରୁ ଧର୍ମାଶୋକ ହୋଇଥିଲେ ଆଗାମୀ ଦିନରେ ସେହିପରି ଧଉଳି ଚାରୁକଳା ମହାବିଦ୍ୟାଳୟ ସାରା ଦୁନିଆକୁ କଳାର ବାର୍ତ୍ତା ପ୍ରଦାନ କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ରୂପେ ଖଲିକୋଟ ସରକାରୀ ଚାରୁକଳା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ପଞ୍ଚାନନ ସୁର୍ ଯୋଗଦେଇ ଓଡ଼ିଶାର କଳା ଓ ଐତିହ୍ୟ ଅତି ମହାନ ଏବଂ ଧଉଳି ଚାରୁକଳା ମହାବିଦ୍ୟାଳୟ ଏଦିଗରେ ଯତ୍ନର ସହ କାମ କରିଥାଏ ବୋଲି କହିଥିଲେ ଏବଂ ଗତ ୩୦ ବର୍ଷ ମଧ୍ୟରେ ଅନୁଷ୍ଠାନର ସୃଜନଶୀଳ ଦିଗ ଓ ଅଗ୍ରଗତି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଶିଳ୍ପୀ ଗୁରୁ ବିଜୟ କୁମାର ପରିଡ଼ା,ଧଉଳି ସରପଞ୍ଚ ଚନ୍ଦନ ମଲ୍ଲିକ ଓ ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପୀୟଦର୍ଶି ପ୍ରତ୍ୟୁଷ ରଥ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ କଳାକୃତିର ଭୂୟସୀ ପ୍ରଶଂସା କରିଥିଲେ ।କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର କାର୍ଯ୍ୟକାରୀ ସଭାପତି ପ୍ର. ଡ. ହୃଷୀକେଶ ମିଶ୍ର ଅଧ୍ୟକ୍ଷତା କରିଥିବା ବେଳେ ଅଧ୍ୟକ୍ଷ ଡ.ପଞ୍ଚାନନ ସାମଲ ଅତିଥି ପରିଚୟ ପ୍ରଦାନ ପୂର୍ବକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଅତିଥି ମାନଙ୍କ ଦ୍ୱାରା ମହାବିଦ୍ୟାଳୟର କୃତି ଛାତ୍ରଛାତ୍ରୀ ସ୍ମୃତିରଞ୍ଜନ ବେହେରା ଓ ସୋନାଲି ବିଶ୍ୱାଳଙ୍କୁ ଶିଳ୍ପୀ ଶରତ କୁମାର ରଥ (ଛାତ୍ର)ସ୍ମୃତି ସମ୍ମାନ ଏବଂ ଦୀପକ କୁମାର ଜେନା,ବୃନ୍ଦାବନ ପଣ୍ଡା ଓ ବର୍ଷା ରାଣୀ ଓଝାଙ୍କୁ ଅଧୀର କୁମାର ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା।



ମହାବିଦ୍ୟାଳୟର ଅଧ୍ୟାପିକା ୟାନିତ ପ୍ରିୟଦର୍ଶିନୀ ଓ ସୋଫିୟା ୟସ୍ମିନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଉପାଧ୍ୟକ୍ଷ ଚନ୍ଦନ କୁମାର ସାମଲ, ପ୍ରବୀର ଦଳାଇ,ରବୀନ୍ଦ୍ର ମହାରଣା ,କୃପାସିନ୍ଧୁ ବାରିକ,ଲକ୍ଷ୍ମୀଧର ସ୍ୱାଇଁ ଓ ବହୁ କଳା ଅନୁରାଗୀ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

# କୋଟାକ ମହିନ୍ଦ୍ରା ବ୍ୟାଙ୍କ କୋଟାକସଲିଟେଆର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): କୋଟାକ ମହିନ୍ଦ୍ରା ବ୍ୟାଙ୍କ କୋଟାକ ସଲିଟେଆର ଶୁଭାରମ୍ଭର ଘୋଷଣା କରିଛି, ଯାହାକି ଏକ ଅଗ୍ରଣୀ ବ୍ୟାଙ୍କିଙ୍ଗ ଉପସ୍ଥାପନା ଅତି ସ୍ୱତନ୍ତ୍ର ଭାବରେ ଭାରତର ପ୍ରକୃତ ଧର୍ଣ୍ଣାଢ଼୍ୟ ତାରକାରୁ କାର୍ଯ୍ୟକୁ ପ୍ରସ୍ତୁତ କରିପାରିଛି । ଏହା କେବଳ ଏକ ଉତ୍ପାଦନ ନୁହେଁ – ଏହା ମଧ୍ୟ ଏକ ସୁବିଧା ଅଟେ। ଏହା କେବଳ ଖାତାର ହିସାବ କୃତ ଅର୍ଥରାଶି ନୁହେଁ – ଏହାସମୁଦାୟ ସଂଚିତ ଅର୍ଥରାଶିର ସଂଯୋଗୀକରଣ ମୂଲ୍ୟ, ପୁଞ୍ଜିଲଗାଣ, ଋଣ, ବୀମା, ବ୍ୟାଙ୍କ ଦ୍ୱାରା ଡ଼ିମାଟ ଗ୍ରହଣକାରୀ ଅଫର ସହିତ ପରିବାରସ୍ତରରେ ଏହାକୁ ଗଣନା କରାଯାଏ । "ଭାରତର ଧର୍ଣ୍ଣାଢ଼୍ୟସେଗମେଂଟ ଦୃତଭାବରେବୃଦ୍ଧି ପାଉଛି, କିନ୍ତୁ ଏହାର ବ୍ୟାଙ୍କିଙ୍ଗ ଅଭିଜ୍ଞତା ଅବସ୍ଥିତିକୁ ରଖିପାରୁ ନାହିଁ," ମତବ୍ୟକ୍ତ କରିକହିଛନ୍ତି, ରୋହିତଭାସିନ, ସଭାପତି, ହେଡ଼ ଅଫ ଆଫ୍ଲୁଏଂଟ, ଏନଆରଆଇ ଆଣ୍ଡ ବିଜିନେଓ ବ୍ୟାଙ୍କିଙ୍ଗ ଆଣ୍ଡ ଚିଫ୍‌ମାର୍କେଟିଂଙ୍ଗ ଅଫିସର କୋଟାକମହିନ୍ଦ୍ରା ବ୍ୟାଙ୍କ। "ସେହି ଦୂରତା ପାଇଁ ସଲିଟେଆର ଆମର ଦାୟିତ୍ୱ ଅଟେ ଏହା କେବଳ ଉତ୍ପାଦ ନୁହେଁ – ଏହା ଏକ ପ୍ରସ୍ତାବନ ଅଟେ। ସଲିଟେଆର ସଫଳତା, ଲକ୍ଷ୍ୟକୁ ସମ୍ମାନ, ବ୍ୟାଙ୍କିଙ୍ଗ କ୍ଷେତ୍ର କାହାକୁ ନେଇ ପୁନଃକଳ୍ପନା କରିଥାଏ ସେସବୁକୁ ନିଶ୍ଚିତ ଭାବରେ ଅନୁଭବ କରିବା। ସଲିଟେଆର ଲାଭଦାୟ କରେ ଏକ ଗୁଚ୍ଛଠାରୁ ଅଧିକ ଅଟେ – ଏହା ପୁନଃ ପରିକଳ୍ପନାର ଏକ ଅଭିଜ୍ଞତା ଅଟେ ଯାହାକି ଗ୍ରାହକ ଏବଂ ସେମାନଙ୍କର ପରିବାରକୁ କେନ୍ଦ୍ରରେ ରଖିଥାଏ। ୮ କୋଟିଟଙ୍କାର ପ୍ରି-ଆପ୍ରୁଭଡ଼ କ୍ରେଡ଼ିଟଲାଇନ୍ସ ଯାହାକି ଗୃହଋଣ, ବ୍ୟକ୍ତିଗତ ଋଣ ଏବଂ କ୍ରେଡ଼ିଟ୍‌କାଡର୍ ମଧ୍ୟରେରହିଛି। ସେଗମେଂଟର ବିଶେଷ ସମାଧାନ ଯାହାକି ବେତନଭୋଗୀ ବୃତିଗତ ଏବଂ ଉଦ୍ୟୋଗୀମାନଙ୍କ ପାଇଁଉଦ୍ଦିଷ୍ଟ। ପରିବାର - ପ୍ରଥମ ବ୍ୟାଙ୍କିଙ୍ଗ ସହିତ ସଂଯୋଗୀକୃତ କ୍ରେଡ଼ିଟ ଲିମିଟସ ତଥା ସୁବିଧା ଗୁଡ଼ିକ ଉତ୍ସର୍ଗୀକୃତ ସମ୍ପର୍କସ୍ଥାପନ ଏବଂସେବା ଯାହାକିବାଧାହୀନ, ଉଚ୍ଚମାନରସ୍ପର୍ଶକାରୀସହାୟତା। ପାଇଁଉଦ୍ଦିଷ୍ଟ। ବ୍ୟାଙ୍କିଙ୍ଗ, ସମ୍ପତ୍ତି, ବୀମା ତଥା ଜୀବନଶୈଳୀ ମଧ୍ୟରେକୋଟାକରସର୍ବୋତମ ଅଭିଜ୍ଞତା। ସଲିଟେଆର ଅଭିଜ୍ଞତାର ଏକ ଅଂଶବିଶେଷ ଭାବରେକୋଟାକଏହିସଲିଟେଆରକ୍ରେଡ଼ିଟକାଡର୍‌ରଉପସ୍ଥାପନ କରିଛି ଯାହାକିକାର୍ଯ୍ୟକ୍ରମରନୈତିକତାକୁ ପ୍ରତିଫଳନ କରୁଛି।




### ବିଡାନାସୀ ବଡନାଳ କାର୍ଯ୍ୟ ତଦାରଖ କଲେ ବିଧାୟିକା ସୋଫିଆ



କଟକ(ସବ୍ୟୁ)ବିଧାୟିକା ସୋଫିଆ ଫିରଦୋସ ବିଡାନାସୀରେ ଚାଲୁଥିବା ବଡନାଳ ନିର୍ମାଣ କାର୍ଯ୍ୟର ତଦାରଖ ଓ ଅଗ୍ରଗତି ସଂପର୍କରେ ନାଳ କାମ ବୁଲି ଦେଖିଥିଲେ । ଖୁବଶୀଘ୍ର ନାଳ କାମ ଶେଷ କରିବାକୁ ବିଧାୟିକା ସୋଫିଆ ଉପସ୍ଥିତ ପଦାଧିକାରୀ ଓ ଯନ୍ତ୍ରୀ ଏବଂ କଣ୍ଟ୍ରାକ୍ଟରଙ୍କୁ ପରାମର୍ଶ ଦେଇଥିଲେ । ୱାର୍ଡ ଅଞ୍ଚଳରେ ଚାଲୁରହିଥିବା ସମସ୍ତ କାର୍ଯ୍ୟକୁ ତୁରନ୍ତ ଶେଷ କରିବାକୁ ବିଧାୟିକା ସୋଫିଆ ପରାମର୍ଶ ଦେଇଥିଲେ । ଏହି ଅବସରରେ କଟକ ମହାନଗର ନିଗମ ସିଟି ଇଞ୍ଜିନିୟର ଇଂ ଅତନୁ କୁମାର ସାମନ୍ତ, କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଇଂ. ସୁବାଷ ଚନ୍ଦ୍ର ସାହୁ, ୱାର୍ଡ ଜେଇ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଭାନୁ ସେନାପତି, ଟୁକୁନା ସେନାପତି,ସୁବାସ ଚନ୍ଦ୍ର ସାହୁ,ସତ୍ୟଶ୍ରୀ ବେହେରା,ଶିଶିର କୁମାର ନାୟକ,ବିବେକ ସାମନ୍ତରାୟ, ଜିତେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

### ଖଣିରେ ପୋଲିସର ଚଢ଼ାଉ: ଟ୍ରକ , ପାୱାର ଟିଲର ଜବତ

ନିରାକାରପୁର ,(ସବ୍ୟୁ) :ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଆଇଆଇସି ବିଶ୍ୱଜି ରାଉତରାୟଙ୍କ ନିର୍ଦ୍ଦେଶରେ ରବିବାର ବିଳମ୍ବିତ ରାତିରେ ପୋଲିସ ବୋଡଙ୍ଗରା ନିକଟରେ ବେଆଇନ ଖୋଲା ଯାଉଥିବା ଖଣି ଉପରେ ଚଢ଼ାଉ କରି ଗୋଟିଏ ପଥର ବୋଝେଇ ଟ୍ରକ ଓ ଏକ ପାଓ୍ୱାର ଟିଲର ଜବତ କରିଥିବା ଜଣାପଡିଛି । ପୋଲିସ ଚଢ଼ାଉ ବେଳେ ଖଣିରେ ଥିବା ମାଫିଆ ମାନେ ଓ ଅନ୍ୟ ଗାଡି ଗୁଡ଼ିକ ଫେରାର ହୋଇଯାଇଥିଲା ।

# ଖୋର୍ଦ୍ଧାରୋଡ଼ ରେଳମଣ୍ଡଳର ଡିଆରଏମ୍ ଭାବେ ଆଲୋକ ତ୍ରିପାଠୀଙ୍କ ଯୋଗଦାନ



ଜଟଣୀ, (ସବ୍ୟୁ) :୧୯୯୮ ବ୍ୟାଚ୍‌ର ଆଇଆରଟିଏସ ଅଫିସର ଆଲୋକ ତ୍ରିପାଠୀ ଖୋର୍ଦ୍ଧରୋଡ଼ ରେଳଡିଭିଜନ ନୂତନ ପ୍ରବନ୍ଧକ (ଡିଆରଏମ) ଭାବେ ଆଜି ଯୋଗ ଦେଇଛନ୍ତି। ଏଚ୍‌ଏସ୍ ବାଜୱାଙ୍କ ଠାରୁ ଶ୍ରୀ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିଥିଲେ। ଶ୍ରୀ ଏଚ୍‌ଏସ୍ ବାଜୱା ଖୋର୍ଦ୍ଧାରୋଡ଼ ଡିଭିଜନରେ ଉତ୍ସର୍ଗୀକୃତ ଏବଂ ପ୍ରତିବଦ୍ଧତାର ସହ ସେବା କରିଥିଲେ। ଏଠାରେ ନୂତନ ଡିଆର୍‌ଏମ୍ ଭାବେ ଆଲୋକ ତ୍ରିପାଠୀ ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ରେଲୱେ ବୋର୍ଡରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଫ୍ରେଟ ମାର୍କେଟିଂ) ଭାବେ କାର୍ଯ୍ୟ କରୁଥିଲେ। ଦୁଇଦଶନ୍ଧିରୁ ଅଧିକ ସମୟ ଧରି ବଳିଷ୍ଠ କ୍ୟାରିଅର ସହିତ ଭାରତୀୟ ରେଲୱେର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ପ୍ରଶାସନିକ ଓ ପରିଚାଳନା କ୍ଷେତ୍ରରେ ତାଙ୍କର ଦୀର୍ଘବର୍ଷର ଅଭିଜ୍ଞତା ରହିଛି। ନ୍ୟାସନାଲ ହାଇସ୍ପିଡ୍ ରେଲୱେ କର୍ପୋରେସନ୍ ଲିମିଟେଡ୍‌ର ଜେନେରାଲ ମ୍ୟାନେଜର, ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟରେ ବରିଷ୍ଠ ଅଧିକାରୀ ଭାବେ ଉଲ୍ଲେଖନୀୟ କାର୍ଯ୍ୟ ସଂପାଦନ କରିଛନ୍ତି। ଏଥିସହ ଅହମ୍ମଦାବାଦରେ ସହାୟକ ଅପରେସନ୍ ମ୍ୟାନେଜର, ଭଦୋଦରାରେ ଡିଭିଜନାଲ ଅପରେସନାଲ ମ୍ୟାନେଜର, ପଶ୍ଚିମ ରେଲୱେରେ ଏରିଆ ମ୍ୟାନେଜର ଏହିପରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ଜାନୁଆରୀ ୧୨ ୧୯୭୪ରେ ଜନ୍ମଗ୍ରହଣ କରିଥିବା ଶ୍ରୀ ତ୍ରିପାଠୀ ୨୦ ସେପ୍ଟେମ୍ବର ୧୯୯୯ରେ ଭାରତୀୟ ରେଳବାଇରେ ଯୋଗଦେଇଥିଲେ। ସେ ମେକାନିକାଲ୍ ଇଂଜିନିୟରିଂରେ ଏମ୍‌ଟେକ୍ ଡିଗ୍ରୀ ହାସଲ କରିଛନ୍ତି। ପୂର୍ବତଟ ରେଲୱେର ସବୁଠାରୁ ବ୍ୟସ୍ତତମ ଖୋର୍ଦ୍ଧାରୋଡ଼ ଡିଭିଜନରେ ପରିଚାଳନାଗତ ଦକ୍ଷତା, ଯାତ୍ରୀ ସୁବିଧା ଓ ପଣ୍ୟ ପରିବହନ ସେବାରେ ଆହୁରି ଉନ୍ନତି ଆଣିବା ନେଇ ଆଶା କରାଯାଉଛି।

# ଜିନ୍ଦଲ ଷ୍ଟେନଲେସ ଓ ଗତି ଶକ୍ତି ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ



ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଷ୍ଟେନଲେସ ଷ୍ଟିଲ ନିର୍ମାତା ଜିନ୍ଦଲ ଷ୍ଟେନଲେସ ଲିମିଟେଡ (ଜେଏସଏଲ) ଭଦୋଦରାର ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସଭି), ସହିତ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷର କରିଛି। ଗତି ଶକ୍ତି ବିଶ୍ୱବିଦ୍ୟାଳୟ (ଜିଏସଭି) ଭାରତ ସରକାରଙ୍କ ରେଳ ମବଣାଳୟ ଅଧୀନରେ କାର୍ଯ୍ୟ କରୁଥିବା ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, ଯାହା ସମଗ୍ର ପରିବହନ ଏବଂ ଲଜିଷ୍ଟିକ୍ସ କ୍ଷେତ୍ରକୁ ଅନ୍ତର୍ଭୁକ୍ତ କରିବାକୁ ନିର୍ଦ୍ଦେଶ ପାଇଛି । ଏହି ଏମଓୟୁ ଜିଏସଭିର ତୃତୀୟ ସମାବର୍ତନ ଉତ୍ସବ ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଜିନ୍ଦଲ ଷ୍ଟେନଲେସର ନିର୍ଦ୍ଦେଶକ, ବିଜୟ ଶର୍ମା ଏବଂ ଜିଏସଭିର କୁଳପତି, ପ୍ରଫେସର ମନୋଜ ଚୌଧୁରୀଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଛି, ଯେଉଁଥିରେ ମାନ୍ୟବର ରେଳ, ସୂଚନା ଓ ପ୍ରସାରଣ, ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଉପସ୍ଥିତ ଥିଲେ। ଜିନ୍ଦଲ ଷ୍ଟେନଲେସ ପାଇଁ, ଏହି ସହଯୋଗ ଭାରତରେ ଷ୍ଟେନଲେସ ଷ୍ଟିଲ ପ୍ରୟୋଗ ପାଇଁ ଏକ ସ୍ୱୟଂସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବା ନିମନ୍ତେ ଏହାର ବ୍ୟାପକ ପ୍ରତିବଦ୍ଧତାର ଏକ ଅଂଶ। ଏମଓୟୁ ଅନୁଯାୟୀ, ଜିନ୍ଦଲ ଷ୍ଟେନଲେସ ଏବଂ ଜିଏସଭି - ପରିବହନ, ଅବସଂରଚନା ଏବଂ ଲଜିଷ୍ଟିକ୍ସ କ୍ଷେତ୍ରରେ ଷ୍ଟେନଲେସ ଷ୍ଟିଲର ବ୍ୟବହାର ସମ୍ବନ୍ଧୀୟ ଗବେଷଣା, ଶିକ୍ଷାଦାନ ଏବଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହଯୋଗ କରିବେ।

# ୩୨୦ଗ୍ରାମ ବ୍ରାଉନସୁଗର ଜବତ; ମୁଖ୍ୟ ଅଭିଯୁକ୍ତ ସମେତ ୨ଗିରଫ

ଖୋର୍ଦ୍ଧା, (ସବ୍ୟୁ)ଖୋର୍ଦ୍ଧା ବ୍ରାଉନସୁଗାରର ହବ୍ ପାଲଟିଛି। କଲିକତା, ବାଲେଶ୍ୱର, ଜଳେଶ୍ୱର ପ୍ରଭୃତି ଗଳା ବାଟ ଦେଇ ଦୈନିକ ଲକ୍ଷାଧିକ ଟଙ୍କାର ବ୍ରାଉନସୁଗାର ଖୋର୍ଦ୍ଧାକୁ ଆସୁଛି। ଏଠାରୁ ପଡୋଶୀ ଜିଲା ସମେତ ଗ୍ରାମାଂଚଳକୁ ପଠାଯାଉଛି। ଯେତିକି ଧରାହେଉଛି, ସେତିକି ବଢିଚାଲିଛି। ଥମିବା ପରିବର୍ତେ କାୟା ବିସ୍ତାର କରିବାରେ ଲାଗିଛି ଏହି କାରବାର। ଏଥିରେ ରାକେଟ କାମ କରୁଛି। ଏମାନଙ୍କ ନେଟୱାକ ଚାରିଆଡେ ମାଡିଚାଲିଛି। କେଉଁଠୁ କେତେବେଳେ ଆସିବ, କେଉଁଠାକୁ ଯିବ, କାହା ପାଖକୁ ଯିବ, ସବୁ କିଛି ଗୁପ୍ତରେ ଚାଲିଛି। ପୋଲିସ ଡାଳେ ଡାଳେ ଗଲେ, ଏମାନେ ପତ୍ର ଦେଇ ଚାଲିଛନ୍ତି। ସ୍ୱଳ୍ପ ରୋଜଗାର ଲାଳସାରେ ଯୁବବର୍ଗ ଏଥିରେ ସଂପୃକ୍ତ ରହି ବିପଦଗାମୀ ହେଉଛନ୍ତି। ଚଢଉରୁ ବର୍ତିବା ଲାଗି ଏମାନେ ନାମୀଦାମୀ କାର ବ୍ୟବହାର କରୁଛନ୍ତି। ଫଳରେ ଧରାପଡିବାର ସମ୍ଭାବନା କମ୍। ହାଇ ପ୍ରୋଫାଇଲ ମାଧ୍ୟମରେ ଚାଲିଛି ଡିଲ୍। ତେବେ ଖୋର୍ଦ୍ଧା ଶିଳ୍ପାଂଚଳ ଥାନା ପୋଲିସକୁ ସଫଳତା ମିଳିଛି। ଟାଙ୍ଗିଆପଡା ଦ୍ୱାରୀଦେବୀଙ୍କ ମନ୍ଦିର ନିକଟରୁ ଚଢଉ କରି ପୁଲିସ ୩୨୦ ଗ୍ରାମ ବ୍ରାଉନସୁଗର ସମେତ ୨ଟି ମୋବାଇଲ, ୨ଟି ବାଇକ୍ କୁ ଜବତ କରିଛି। ଜବତ ବ୍ରାଉନସୁଗର ର ମୂଲ୍ୟ ୩୨ଲକ୍ଷ ହେବ। ଏହି ଘଟଣାରେ ପୁଲିସ ମୁଖ୍ୟ ଅଭିଯୁକ୍ତ ସମେତ ୨ଜଣଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ମୁଖ୍ୟ ଅଭିଯୁକ୍ତ ଆଦର୍ଶ ଥାନା ଅନ୍ତର୍ଗତ ଭାଲିଆବାଡି ଗ୍ରାମର ବିଶ୍ୱରଞ୍ଜନ ରାଉତରା (୨୨) ଏବଂ ଅନ୍ୟଜଣେ ଗୁରୁଜଙ୍ଗ ଗ୍ରାମର ବଳଭଦ୍ର ବେହେରା ଓରଫ ବଳିଆ (୩୨) ବୋଲି ଆଜି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ସାଗରିକା ନାଥ ସୂଚନା ଦେଇଛନ୍ତି।

### ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ୧୦.୭୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ

# ବିଦ୍ୟୁତ୍ ବିଲ୍‌ରେ ୭୨.୦୫ କୋଟି ଟଙ୍କା ରିହାତି ପ୍ରଦାନ

ଭୁବନେଶ୍ୱର (ସବ୍ୟୁ): ଉତ୍କୃଷ୍ଟ ଗ୍ରାହକ ସେବାର ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ପଶ୍ଚିମ ଓଡ଼ିଶା ବିଦ୍ୟୁତ୍ ବିତରଣ କମ୍ପାନୀ ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ଗତ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ପଶ୍ଚିମ ଓଡ଼ିଶାର ୧୦.୭୧ ଲକ୍ଷ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ମୋଟ ୭୨.୦୫ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଅଛି । ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗଙ୍କ ନିର୍ଦ୍ଦେଶ ଅନୁଯାୟୀ, ବିଦ୍ୟୁତ୍ ଉପଭୋକ୍ତାଙ୍କ ସୁରକ୍ଷା ଜମା ରାଶିର ସୁଧ ବାବଦକୁ ଏହି ରିହାତି ଗତ ଜୁନ ମାସର ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଅଛି ।

ପଶ୍ଚିମ ଓଡ଼ିଶାର ସମସ୍ତ ୯ଟି ଜିଲ୍ଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ଜୁନ ମାସର ବିଦ୍ୟୁତ୍ ବିଲରେ ଏହି ରିହାତି ପ୍ରଦାନ କରାଯାଇଅଛି । ତଥ୍ୟ ଅନୁଯାଇ, ସର୍ବାଧିକ ୨୫.୨୦ କୋଟି ଟଙ୍କାର ରିହାତି ଝାରସୁଗୁଡ଼ା ଜିଲ୍ଲାର ୧ ଲକ୍ଷ ୦୮ ହଜାର ୪୭୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ପ୍ରଦାନ କରାଯାଇଥିବା ବେଳେ ସୁନ୍ଦରଗଡରେ ୨୩.୮୨ କୋଟି ଟଙ୍କାର ରିହାତି ପ୍ରଦାନ କରାଯାଇଛି, ଯାହା ୨ ଲକ୍ଷ ୪୮ ହଜାର ୦୧୨ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଲାଭାନ୍ୱିତ କରିଅଛି । ସେହିପରି ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ୨୬ ହଜାର ୮୫୦ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୮.୮୨ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଥିବା ବେଳେ ବରଗଡ ଜିଲ୍ଲାର ୧ ଲକ୍ଷ ୮୭ ହଜାର ୧୯୫ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୭୦ କୋଟି ଟଙ୍କା ରିହାତି ମିଳିଛି ।

ସେହିପରି କଳାହାଣ୍ଡି ଜିଲ୍ଲାର ଏକ ଲକ୍ଷ ୧୭ ହଜାର ୧୮୮ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୮୮ କୋଟି ଟଙ୍କା, ବଲାଙ୍ଗିର ଜିଲ୍ଲାର ୧ ଲକ୍ଷ ୫୨ ହଜାର ୨୫୯ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୩.୨୭ କୋଟି ଟଙ୍କା, ସୋନପୁର ଜିଲ୍ଲାର ୪୮ ହଜାର ୯୭୬ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୭୦ କୋଟି ଟଙ୍କା, ନୂଆପଡ଼ା ଜିଲ୍ଲାର ୫୨ ହଜାର ୭୧୪ ଜଣ ବିଦ୍ୟୁତ୍ ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଲରେ ୧.୨୩ କୋଟି ଟଙ୍କା ରିହାତି ପ୍ରଦାନ କରାଯାଇଅଛି ।

### ଚାଷୀ ପଞ୍ଜୀକରଣ ବ୍ୟବସ୍ଥାରେ ସରଳୀକରଣ

# ଦଲାଲଙ୍କୁ ରୋକିବ ସରକାରଙ୍କ ଇ-କେୱାଇସି

ଭୁବନେଶ୍ୱର(ସବ୍ୟୁ): ଚାଷୀ ପଞ୍ଜୀକରଣରେ ଦଲାଲମାନଙ୍କୁ ରୋକିବାକୁ ସରକାର ଇ-କେୱାଇସି ବ୍ୟବସ୍ଥା କରିଛନ୍ତି । ଚାଷୀଙ୍କ ପାଇଁ ବ୍ୟବସ୍ଥାରେ ସରଳୀକରଣ ହୋଇଛି । ଆତ୍ମ ଘୋଷଣା ପତ୍ର ଦେବାକୁ ହେବ । ସେଥିପାଇଁ ଗତକାଲିଠୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଛି ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏହା କହିଛନ୍ତି । ମନ୍ତ୍ରୀ ଶ୍ରୀ ପାତ୍ର ପ୍ରତିକ୍ରିୟାରେ କହିଛନ୍ତି, କାହାକୁ ହଇରାଣ କରିବା ଉଦ୍ଦେଶ୍ୟ ନାହିଁ । ଯେଉଁଠି ଅଭିଯୋଗ ଆସିବ ଫର୍ମ ଗ୍ରହଣ ହେଉନି ବୋଲି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଭାଗ ଚାଷୀ ମଧ୍ୟ ମାଲିକଠୁ ଲେଖା ଆଣିବେ । ତାହେଲେ ତାଙ୍କର ମଧ୍ୟ ପଞ୍ଜୀକରଣ ହୋଇପାରିବ । ପ୍ରକୃତ ଚାଷୀକୁ ଚିହ୍ନିବା ଏବଂ ଦଲାଲଙ୍କୁ ରୋକିବାକୁ ଏହି ପଦକ୍ଷେପ ନିଆଯାଇଛି । ଚାଷୀଙ୍କ ସଂଖ୍ୟା କମାଇବା ଏକ ଭୁଲ୍ ଧାରଣା ରାଜନୈତିକ ଉଦ୍ଦେଶ୍ୟ ରଖି ବିରୋଧୀ ଅଭିଯୋଗ କରୁଛନ୍ତି ବୋଲି ଯୋଗାଣ ମନ୍ତ୍ରୀ କହିଛନ୍ତି ।

# ହାଇଟେକର ମ୍ୟାନେଜିଙ୍ଗ୍ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ସମ୍ମାନିତ

ଭୁବନେଶ୍ୱର (ସବ୍ୟୁ): 'ଦି ଇଣ୍ଟରଭ୍ୟୁ ଟାଇମ୍ସ' ପକ୍ଷରୁ ଜାତୀୟ ସିଇଓ କନକ୍ଲେଭ ଭୁବନେଶ୍ୱରର ଏକ ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅକଲ୍ୟାଣ୍ଟର ଭାରତର କନ୍ଟ୍ରୋଲ ଜେନେରାଲ ଡ. ମଦନ ମୋହନ ସେଠୀ ଉଦ୍‌ଘାଟନ କରିଥବାବେଳେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଡଃ ରବିନ୍ଦ୍ର ନାରାୟଣ ବେହେରା, ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ଓକାକ୍ ପରିଚାଳନା ନିର୍ଦ୍ଦେଶକ ମାନସ ରଞ୍ଜନ ପଣ୍ଡାଙ୍କ ସମେତ ଡି.ଜି ଡିଆରଡିଓ ଇ ଓ ସିଏସ୍ ଡ. ବି.କେ ଦାସ ଏବଂ ଡ. ପ୍ରବୀର ପାଲ୍ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରେରଣା ଦାୟୀ ପ୍ରଚାରକ ଭାବେ ଓଡିଶାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲର ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀଙ୍କୁ ସମ୍ମାନିତ କରାଯାଇଛି। ହାଇଟେକ୍ ଗ୍ରୁପ୍‌ର ସଦାସର୍ବଦା ଅନେକ ଗୁଡିଏ ସମାଜ ପାଇଁ ହିତ କାର୍ଯ୍ୟ ଲୋକ ଲୋଚନକୁ ଆସି ଏହା ସମସ୍ତଙ୍କର ଆଦୃତ ହେବାରେ ଲାଗିଛି ବୋଲି ମ୍ୟାନେଜିଙ୍ଗ ଟ୍ରଷ୍ଟି ଶୁରେଶ କୁମାର ପାଣିଗ୍ରାହୀ କହିଛନ୍ତି। ଏହି ଅବସରରେ ସ୍ୱାସ୍ଥ୍ୟ ଓ ଜୀବନଶୈଳୀ, ଦକ୍ଷତା ଓ ଶିକ୍ଷା, ପ୍ରଯୁକ୍ତି ବିଦ୍ୟା ଓ କୃତ୍ରିମ ବୁଦ୍ଧିମତ୍ତା, ଷ୍ଟାର୍ଟଅପ୍ ଭଳି ବିଭିନ୍ନ ପର୍ଯ୍ୟାୟରେ ସ୍ୱତନ୍ତ୍ର ଅତିଥିଙ୍କ ଉପସ୍ଥିତିରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା।



# ଥାଇଲାଣ୍ଡ – କାମ୍ବୋଡିଆ ନିଃସର୍ତ୍ତ ଯୁଦ୍ଧବିରତି

କ୍ୱାଲାଲୁମ୍ପୁର : ମାଲେସିଆର ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ସୋମବାର ଦିନ କହିଛନ୍ତି ଯେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୋମବାର ମଧ୍ୟରାତ୍ରିରୁ 'ତୁରନ୍ତ ଏବଂ ନିଃସର୍ତ୍ତ' ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି।

ଆସିଆନ (ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ସଂଘ) ଆଞ୍ଚଳିକ ଗୋଷ୍ଠୀର ମୁଖ୍ୟ ଭାବରେ ଅନୱର ଏହି ଆଲୋଚନାରରେ ଅଧ୍ୟକ୍ଷତା କରିଥିଲେ। ସେ କହିଛନ୍ତି ଯେ ସ୍ବାଭାବିକତା ଫେରାଇ ଆଣିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଉଭୟ ପକ୍ଷରେ ସହମତି ହୋଇଛି।



ସୀମାରେ ଥିବା ଏକ ହିନ୍ଦୁ ମନ୍ଦିର ପ୍ରିହ ଭିହାରକୁ ନେଇ ଗତ ଅନେକ ଦଶନ୍ଧି ଧରି ଥାଇଲାଣ୍ଡ ଓ କମ୍ବୋଡିଆ ମଧ୍ୟରେ ବିବାଦ ଚାଲିଆସିଛି ଛ ଗତ ସପ୍ତାହରେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୀମାରେ ଏକ ସୁଡଙ୍ଗରେ ବିସ୍ଫୋରଣରେ ପାଞ୍ଚ ଜଣ ଥାଇ ସୈନିକ ଆହତ ହେବା ପରେ ଦୁଇ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଅନୱର ଇବ୍ରାହିମ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି ଯେ କାମ୍ବୋଡିଆର ପ୍ରଧାନମନ୍ତ୍ରୀ ହୁନ୍ ମାନେଟ୍ ଏବଂ ଥାଇଲ୍ୟାଣ୍ଡର କାମଚଳା। ପ୍ରଧାନମନ୍ତ୍ରୀ ଫୁମଥାମ୍ ଭେଚାୟାଚାଇ ୨୮ ଜୁଲାଇ ମଧ୍ୟରାତ୍ରରୁ ତୁରନ୍ତ ଏବଂ ନିଃସର୍ତ୍ତ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତିଛ ହୁନ୍ ମାନେଟ୍ ଏବଂ ଫୁମଥାମ୍ ବୈଠକର ଫଳାଫଳକୁ ପ୍ରଶଂସା କରିଥିଲେ ଏବଂ ଏକ ସଂକ୍ଷିପ୍ତ ସାମ୍ବାଦିକ ସମ୍ମିଳନୀ ଶେଷ କରିବା ପରେ ହାତ ମିଳାଇଥିଲେ।

ସୀମାରେ ଥିବା ଏକ ହିନ୍ଦୁ ମନ୍ଦିର ପ୍ରିହ ଭିହାରକୁ ନେଇ ଗତ ଅନେକ ଦଶନ୍ଧି ଧରି ଥାଇଲାଣ୍ଡ ଓ କମ୍ବୋଡିଆ ମଧ୍ୟରେ ବିବାଦ ଚାଲିଆସିଛି । ଗତ ସପ୍ତାହରେ ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ସୀମାରେ ଏକ ସୁଡଙ୍ଗରେ ବିସ୍ଫୋରଣରେ ପାଞ୍ଚ ଜଣ ଥାଇ ସୈନିକ ଆହତ ହେବା ପରେ ଦୁଇ ଦେଶ ମଧ୍ୟରେ ବିବାଦ ଆରମ୍ଭ ହୋଇଥିଲା। ଥାଇଲ୍ୟାଣ୍ଡ ଏବଂ କାମ୍ବୋଡିଆ ମଧ୍ୟରେ ସଂଘର୍ଷରେ ଏପର୍ଯ୍ୟନ୍ତ ଅତି କମରେ ୩୫ ଜଣଙ୍କର ମୃତ୍ୟୁ ହୋଇଛି। ସଂଘର୍ଷ ଯୋଗୁଁ ୨ ଲକ୍ଷ ୬୦ ହଜାରରୁ ଅଧିକ ଲୋକ ।

# ଯୁଦ୍ଧବିରତି ପାଇଁ କେହି ମଧ୍ୟସ୍ଥତା କରିନଥିଲେ : ଜୟଶଙ୍କର

ନୂଆଦିଲ୍ଲୀ : ଲୋକସଭାରେ ଅପରେସନ ସିନ୍ଦୂର ଉପରେ ଆଲୋଚନା ଜାରି ରହିଛି। ଗୃହରେ ପ୍ରାରମ୍ଭିକ ହଟ୍ଟଗୋଳ ପରେ, ୧୬ ଘଣ୍ଟାର ବିତର୍କ ଆରମ୍ଭ ହୋଇଛି, ଯାହା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆରମ୍ଭ କରିଥିଲେ ଏବଂ କହିଥିଲେ ଯେ ଭାରତୀୟ ସେନା ପାକିସ୍ତାନୀ ସେନାକୁ କିପରି ମୁଣ୍ଡ ନଇଁବାକୁ ବାଧ୍ୟ କରିଥିଲା। ଏହା ପରେ, ଶାସକ ଦଳ ଏବଂ ବିରୋଧୀ ଦଳର ସାଂସଦମାନେ ସେମାନଙ୍କର ମତ ରଖିଥିଲେ। ପରେ, ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଭାରତ କ'ଣ ନିଷ୍ପତ୍ତି ନେଇଛି ସେ ବିଷୟରେ କହିଥିଲେ। ସେ କହିଥିଲେ ଯେ ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳତା ନୀତି ଅଛି। ଆମେ ତୁରନ୍ତ ବହୁତ କଠୋର ପଦକ୍ଷେପ ନେଇଥିଲୁ। ପାକିସ୍ତାନକୁ ବିଶ୍ୱ ସମ୍ମୁଖରେ ପର୍ଦ୍ଦାଫାସ କରାଯାଇଥିଲା। ସେ ଏହା ମଧ୍ୟ କହିଥିଲେ ଯେ କିପରି ୨୭ ରୁ ଅଧିକ ଦେଶରୁ ତୁରନ୍ତ ଫୋନ୍ କଲ୍ ଆସିଥିଲା। କିନ୍ତୁ ଯୁଦ୍ଧବିରତି ଲାଗି କୌଣସି ଦେଶ ମଧ୍ୟସ୍ଥତା କରିନଥିଲେ ବୋଲି ସେ କହିଥିଲେ ।ଏହା ପୂର୍ବରୁ, ଚିରାଗ ପାସୱାନଙ୍କ ଦଳର ସାଂସଦ ଶାମ୍ଭବୀ ଚୌଧୁରୀ କଂଗ୍ରେସକୁ ଚୁପ୍ କରାଇଥିଲେ। ସେ କହିଥିଲେ, କଂଗ୍ରେସ ନେତାମାନେ ବାରମ୍ବାର କହୁଛନ୍ତି ଯେ ୧୯୭୧ ରେ ଇନ୍ଦିରା ଗାନ୍ଧୀ ଏହା



କରିଥିଲେ, ଇନ୍ଦିରା ଗାନ୍ଧୀ ତାହା କରିଥିଲେ, କିନ୍ତୁ ସେମାନେ ବିହାରର ପୁଅ ଜଗଜୀବନ ରାମଙ୍କୁ କାହିଁକି ଭୁଲି ଯାଆନ୍ତିଛ ସେହି ଜଗଜୀବନ ରାମ ଯିଏ ସେତେବେଳେ ପ୍ରତିରକ୍ଷା ମନ୍ତ୍ରୀ ଥିଲେ। ଏହା ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ କଂଗ୍ରେସ ଦଳିତ ନେତାମାନଙ୍କ ସହିତ ସମସ୍ୟା ରଖିଛି।

## କେମିତି ଥିଲା ଅପରେସନ ମହାଦେବ

ନୂଆଦିଲ୍ଲୀ: ଜମ୍ମୁ କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ୯୭ ଦିନ ପରେ, ଭାରତୀୟ ସେନା ଶେଷରେ ଏକ ବଡ଼ ସଫଳତା ପାଇଛି। ସେନା 'ଅପରେସନ୍ ମହାଦେବ' ଅଧୀନରେ ପ୍ରତିଶୋଧ ନେଇ ତିନି ଜଣ ପାକିସ୍ତାନୀ ଆତଙ୍କବାଦୀଙ୍କୁ ସଫା କରିଛି। ଏନକାଉଣ୍ଟର ପରେ, ଆତଙ୍କବାଦୀଙ୍କଠାରୁ ଆମେରିକୀୟ ଏମ୪ କାର୍ବାଇନ୍, ଏକେ-୪୭ ରାଇଫଲ୍, ୧୭ ରାଇଫଲ୍ ଗ୍ରେନେଡ୍ ଏବଂ ଅନ୍ୟାନ୍ୟ ସନ୍ଦିଗ୍ଧ ସାମଗ୍ରୀ ଉଦ୍ଧାର କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଗୁଇନ୍ଦା ସୂଚନା ଆଧାରରେ ସକାଳେ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା।

ପହଲଗାମ ଆକ୍ରମଣର ୯୬ ଦିନ ପରେ ଆରମ୍ଭ ହୋଇଥିବା ଅପରେସନ୍ ମହାଦେବରେ ସେନା ପହଲଗାମ ଆକ୍ରମଣର ମାଷ୍ଟରମାଇଣ୍ଡ ତଥା ଲସ୍କର-ଏ-ତୈବା (ଏଲଇଟି)ର ଶୀର୍ଷ କମାଣ୍ଡର ହାସିମ ମୁସାକୁ ନିପାତ କରିବାରେ ସଫଳ ହୋଇଥିଲା। ତେବେ ଏହି ମିଶନ କିପରି ହୋଇଥିଲା ସେ ବାବଦରେ ଜାଣନ୍ତୁ ବାସ୍ତବରେ ଅପରେସନ ମହାଦେବ ପାଇଁ ସେନା ଡ୍ରୋନ୍, ଥର୍ମାଲ୍ ଇମେଜିଂ ଏବଂ ଗୁଇନ୍ଦା ରିପୋର୍ଟ ସାହାଯ୍ୟରେ ହାସିମର ସ୍ଥାନ ଟ୍ରାକ୍ କରିଥିଲା। ଲିଡୱାସ୍ ଜଙ୍ଗଲରେ ତାଙ୍କର ଉପସ୍ଥିତି ଚିହ୍ନଟ ହୋଇଥିଲା। ୨୮ ଜୁଲାଇ ୨୦୨୫ ସକାଳେ, ସେନା ଅଞ୍ଚଳକୁ ଘେରିଥିଲା। ହାସିମ୍ ଏବଂ ତାଙ୍କର ଦୁଇ ସାଥୀ ଗୁଳି ଚଳାଇବା ଆରମ୍ଭ କରିଥିଲେ, କିନ୍ତୁ ୬ ଘଣ୍ଟାର ଏନକାଉଣ୍ଟର ପରେ ତିନିଜଣ ନିହତ ହୋଇଥିଲେ। ଏନକାଉଣ୍ଟର ପରେ ଏକେ-୪୭, ଗ୍ରେନେଡ୍ ଏବଂ ଆଇଇଡି (ବମ୍) ଉଦ୍ଧାର କରାଯାଇଥିଲା। ହାସିମ୍ ଠାରୁ ପାକିସ୍ତାନୀ ପାସପୋର୍ଟ ଏବଂ ସାଟେଲାଇଟ୍ ଫୋନ୍ ମଧ୍ୟ ମିଳିଛି, ଯାହା ଆଇଏସଆଇ ସହିତ ସମ୍ପର୍କ ଦର୍ଶାଉଛି।

ସେନା ସ୍ୱଦେଶୀ ଡ୍ରୋନ୍ ଏବଂ ରାଡାର ବ୍ୟବହାର କରିଥିଲା, ଯାହା ଜଙ୍ଗଲରେ ଲୁଚି ରହିଥିବା ଆତଙ୍କବାଦୀଙ୍କୁ ଖୋଜିବାରେ ସହାୟକ ହୋଇଥିଲା। ରାତିରେ ମଧ୍ୟ ଡ୍ରୋନ୍ ଆତଙ୍କବାଦୀଙ୍କ ଗତିବିଧି ଉପରେ ନଜର ରଖିଥିଲା। ଥର୍ମାଲ୍ କ୍ୟାମେରା ସେମାନଙ୍କର ଉତ୍ତାପ ଚିହ୍ନଟ କରିଥିଲା। ଆଇଇଡି ନିଷ୍କ୍ରିୟ କରିବା ପାଇଁ ରୋବୋଟ୍ ବ୍ୟବହାର କରାଯାଇଥିଲା।

## ଭାରତ-ବ୍ରିଟେନ୍ ବାଣିଜ୍ୟ ଚୁକ୍ତିନାମା : କୃଷି କ୍ଷେତ୍ର ଉପରେ ପ୍ରଭାବ

ନୂଆଦିଲ୍ଲୀ : ଭାରତ-ୟୁକେ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ଭାରତୀୟ କୃଷକଙ୍କ ସ୍ୱାର୍ଥର ସୁରକ୍ଷା ସହିତ କୃଷି କ୍ଷେତ୍ରରେ ଅଭିବୃଦ୍ଧି ପାଇଁ ରଣନୈତିକ ସୁଯୋଗ ଅନୁସନ୍ଧାନ ଉପରେ ଧ୍ୟାନ ଦିଏ।


ଏହି ଚୁକ୍ତିନାମା ଭାରତ ପାଇଁ ଏକ ଐତିହାସିକ ସଫଳତା, ବିଶେଷକରି କୃଷି ଏବଂ ପ୍ରକ୍ରିୟାକୃତ ଖାଦ୍ୟ କ୍ଷେତ୍ର ପାଇଁ। ଏହି କ୍ଷେତ୍ରରେ ୯୫ ପ୍ରତିଶତରୁ ଅଧିକ ଭାରତୀୟ ଟାରିଫ୍ ରେଖା ଏବେ ୟୁକେ ବଜାରରେ ଶୂନ୍ୟ ଶୁଳ୍କ ପ୍ରବେଶରୁ ଲାଭ ପାଇବେ - ଆଗାମୀ ତିନି ବର୍ଷ ମଧ୍ୟରେ ଭାରତର କୃଷି-ରପ୍ତାନି ୫୦ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବାର ଆକଳନ କରାଯାଇଛି।

ଭାରତ-ୟୁକେ ସିଇଟିଏ ଭାରତୀୟ ଚାଷୀମାନଙ୍କୁ ୟୁକେ ବଜାରରେ ସେମାନଙ୍କର ଉତ୍ପାଦ ପାଇଁ ପ୍ରିମିୟମ୍ ମୂଲ୍ୟ ପାଇବାକୁ ଅନୁମତି ଦେବ, ଯାହା ସେମାନଙ୍କୁ ଜର୍ମାନୀ ଏବଂ ନେଦରଲ୍ୟାଣ୍ଡ ଭଳି ପ୍ରମୁଖ ଉଚ୍ଚ ରପ୍ତାନିକାରୀଙ୍କ ସହ ସମାନତା ପ୍ରଦାନ କରିବ, ଯେଉଁମାନେ ବର୍ତ୍ତମାନ ଶୂନ୍ୟ ଶୁଳ୍କ ଉପଭୋଗ କରନ୍ତି। ଭାରତ ଦ୍ୱାରା ଟାରିଫ୍ ରିହାତି ପରିସରରୁ ପ୍ରମୁଖ ଏବଂ ସମ୍ବେଦନଶୀଳ ଉତ୍ପାଦଗୁଡ଼ିକୁ ବାଦ ଦିଆଯାଇଛି। ସମ୍ବେଦନଶୀଳ ଦୁଗ୍ଧ କ୍ଷେତ୍ରରେ, ଟାରିଫ୍ ସୂଚୀର ସମ୍ପୂର୍ଣ୍ଣ ଅଧ୍ୟାୟ ୪, ଯାହା କ୍ଷୀର, ପନିର, ବଟର, ଡାଏରୀ ସ୍ପ୍ରେଡ୍, ଘିଅ ଇତ୍ୟାଦି ଡାଏରୀ ଉତ୍ପାଦ ସହିତ ଜଡିତ, ବାଦ ତାଲିକାରେ ଅଛି, ଯାହା ଦ୍ୱାରା ଆମର ଡାଏରୀ ଉତ୍ପାଦକମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଯୋଗାଇଥାଏ।

ଆଲକୋବେନ୍ କ୍ଷେତ୍ରରେ, ଭାରତ ଏହି ଉତ୍ପାଦଗୁଡ଼ିକର ଏକ ନିଟ୍ ଆମଦାନୀକାରୀ, କ୍ୟାଲେଣ୍ଡର ବର୍ଷ (CY) ୨୦୨୪ ରେ ୧.୧ ବିଲିୟନ ଆମେରିକୀୟ ଡଲାର ଆମଦାନୀ ଏବଂ ୩୬୯ ନିୟୁତ ଆମେରିକୀୟ ଡଲାର ରପ୍ତାନି ମୂଲ୍ୟ ସହିତ। ଯଦିଓ ୟୁକେ ହ୍ୱିସ୍କିକୁ ଶୁଳ୍କ ରିହାତି ଦିଆଯାଇଛି, ତଥାପି ଆଶା କରାଯାଉଛି ଯେ ଭାରତୀୟ ହ୍ୱିସ୍କି ଆମଦାନୀର ଏକ ବଡ଼ ଅଂଶ ଭାରତରେ ମିଶ୍ରିତ ହ୍ୱିସ୍କି ଉତ୍ପାଦନରେ ବ୍ୟବହୃତ ହେଉଥିବାରୁ ଭାରତୀୟ ହ୍ୱିସ୍କି ନିର୍ମାତାମାନେ ପ୍ରଭାବିତ ହେବେ ନାହିଁ, ଯାହା ଶସ୍ତା କଞ୍ଚାମାଲ ଯୋଗୁଁ ଉତ୍ପାଦନ ବୃଦ୍ଧି ପାଇବାକୁ ସ୍ଥିର ହୋଇଛି। ଏହା ଭାରତରୁ ବିଶ୍ୱକୁ ମିଶ୍ରିତ ହ୍ୱିସ୍କିର ରପ୍ତାନିକୁ ବୃଦ୍ଧି କରିବ, ଯାହା ଗତ ବର୍ଷ ତୁଳନାରେ ୩୪ ପ୍ରତିଶତ ସୁସ୍ଥ ଅଭିବୃଦ୍ଧି ରେକର୍ଡ କରିଛି। ଏହା ସହିତ, ଭାରତ କିଛି ବ୍ରିଟିଶ କୃଷି ଉତ୍ପାଦ, ଯେପରିକି କ୍ରାନବେରୀ, ଡୁରିଆନ୍, କିଛି ପ୍ରକାରର ମଶରୁମ୍, ଲିକ୍, ଲେଟୁସ୍, ଆର୍ଟିଚୋକ୍, ଇତ୍ୟାଦି ପାଇଁ ଉଦାରୀକରଣ କରିଛି, ଯାହା ଭାରତରେ ନଗଣ୍ୟ ପରିମାଣରେ ଉତ୍ପାଦିତ ହୁଏ। ସେଓ, ଅନାନସ, କମଳା, ଡାଳିମ୍ବ ଭଳି ସମ୍ବେଦନଶୀଳ ଜିନିଷଗୁଡ଼ିକୁ ମଧ୍ୟ ଶୁଳ୍କ ରିହାତିରୁ ବାଦ ଦିଆଯାଇଛି, ଯାହା ଦ୍ୱାରା ଆମର ଚାଷୀଙ୍କ ସ୍ୱାର୍ଥକୁ ସୁରକ୍ଷା ଦିଆଯାଇଛି। ମୁଖ୍ୟ କିମ୍ବା କଞ୍ଚା ଉତ୍ପାଦ ସହିତ ସିଧାସଳଖ ପ୍ରତିଯୋଗିତାକୁ ଏଡାଇବା ପାଇଁ ଉଦାରୀକରଣର ଧ୍ୟାନ ପ୍ରକ୍ରିୟାକୃତ କୃଷି ଉତ୍ପାଦ ଉପରେ ରହିଛି। କିଛି ଉଦାହରଣ ମଧ୍ୟରେ ଅନ୍ତର୍ଭୁକ୍ତ: ସଂରକ୍ଷିତ ଚେରି, ବ୍ରାଇନରେ ଆମ୍ବ ଖଣ୍ଡ, ଶୁଖିଲା ଆପ୍ରିକଟ୍, ପ୍ରୁନ୍, ଶୁଖିଲା ଆପଲ୍ ଭଳି ପ୍ରକ୍ରିୟାକୃତ ଖାଦ୍ୟ। ଏହି ଉତ୍ପାଦଗୁଡ଼ିକୁ ସବସିଡି ଦିଆଯାଇଛି ଅର୍ଥାତ୍ ୫୦% କିମ୍ବା ୧୦୦% ଏବଂ ୫ କିମ୍ବା ୧୦ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ ବନ୍ଦ କରାଯିବ। ଏହି ଲକ୍ଷ୍ୟଭିତ୍ତିକ ପଦ୍ଧତି ନିଶ୍ଚିତ କରେ ଯେ ଭାରତୀୟ କୃଷିର ଦୁର୍ବଳ ବର୍ଗଗୁଡ଼ିକ ସୁରକ୍ଷିତ ରହିବେ ଯେତେବେଳେ କିଛି, ରପ୍ତାନି-ପ୍ରସ୍ତୁତ କ୍ଷେତ୍ରଗୁଡ଼ିକ ବିଶ୍ୱ ସମନ୍ୱୟରୁ ଉପକୃତ ହେବେ। ଭାରତ-ୟୁକେ ଏଫ୍ଟିଏ ଏକ ବ୍ୟବହାରିକ ଏବଂ କୃଷକ-କେନ୍ଦ୍ରିକ ପଦ୍ଧତିକୁ ପ୍ରତିଫଳିତ କରେ। କୃଷିରେ ନୂତନ ରପ୍ତାନି ସୁଯୋଗ ଖୋଲିବା ସମୟରେ, ଏହା ଭାରତୀୟ କୃଷକମାନଙ୍କ ଉପରେ କୌଣସି ପ୍ରତିକୂଳ ପ୍ରଭାବକୁ ସତର୍କତାର ସହିତ ଏଡାଏ। ଚୁକ୍ତିନାମା ନିଶ୍ଚିତ କରେ ଯେ ଭାରତର ଖାଦ୍ୟ ସୁରକ୍ଷା, କୃଷକଙ୍କ ଜୀବିକା ଏବଂ ଗ୍ରାମୀଣ ଅର୍ଥନୀତି ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ ଆମେ କୃଷି କ୍ଷେତ୍ରରେ ପ୍ରତିଯୋଗିତାମୂଳକତା ଏବଂ ଆୟ ବୃଦ୍ଧି କରିବା ପାଇଁ ଆନ୍ତର୍ଜାତୀୟ ବାଣିଜ୍ୟକୁ ବ୍ୟବହାର କରୁଛୁ।

# ଅନ୍‌ଲାଇନ୍ ଠକେଇ : ମହିଳା ହରାଇଲେ ୭୭ ଲକ୍ଷ

ନୂଆଦିଲ୍ଲୀ : ଡାକ୍ତରଙ୍କ ଦ୍ୱାରା ଅନୁମତି ମିଳିଥିବା ଔଷଧ କିଣିବାକୁ ଯାଇ ସାଂଘାତିକ ସ୍ଥିତର ସମ୍ମୁଖୀନ ହୋଇଛନ୍ତି ଜଣେ ବୟସ୍କା ମହିଳା। ସେ ନିଦ ବଟିକା କିଣିବାକୁ ଚାହୁଁଥିବା ବେଳେ ତାଙ୍କୁ ସାଇବର ଠକମାନେ ନିଜ ଜାଲରେ ଫସାଇ ୭୭ ଲକ୍ଷ ଟଙ୍କା ଲୁଟ କରି ନେଇଛନ୍ତି। ୬୨ ବର୍ଷୀୟ ମହିଳା ଜଣଙ୍କ ନିଦ ବଟିକା କିଣିବା ପାଇଁ ବିଭିନ୍ନ ମେଡିସିନ ଷ୍ଟୋରର ୱେବସାଇଟକୁ ଇଣ୍ଟରନେଟରେ ଯାଞ୍ଚ କରିଥିଲେ। ଏହି ମେଡିସିନକୁ ସେ ନିଜର ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପ୍ରତି ମାସରେ ନିଅନ୍ତି। ଅନଲାଇନରେ ମହିଳା ଜଣଙ୍କ ମେଡିସିନ ଅର୍ଡର ଦେଇଥିଲେ ହେଁ ସେ ଏହାକୁ ଭୁଲି ଯାଇଥିଲେ। ଏସବୁ ଭିତରେ ଜଣେ ବ୍ୟକ୍ତି ନିଜକୁ ଏନିସିବିର ଅଧିକାରୀ ଭାବେ ପରିଚୟ ଦେଇ ମହିଳାଙ୍କୁ ଫୋନ କରିଥିଲା। ସେ ବେଆଇନ ଓ ନିଷିଦ୍ଧ ହୋଇଥିବା ମେଡିସିନ କିଣୁଥିବା ତଥାକଥିତ ଏନସିବି ଅଧିକାରୀ ଜଣଙ୍କ କହିଥିଲା। ଏହାଶୁଣି ଦିଲ୍ଲୀର ବସନ୍ତ କୁଞ୍ଜରେ ରହୁଥିବା ୬୨ ବର୍ଷୀୟ ପୂର୍ବତନ ଶିକ୍ଷୟିତ୍ରୀ ଜଣଙ୍କ ଆତଙ୍କିତ ହୋଇପଡ଼ିଥିଲେଛ ବ୍ୟାନ ହୋଇଥିବା ଔଷଧକୁ ମହିଳା ଜଣଙ୍କ ରାଜଧାନୀକୁ ସପ୍ଲାଏ କରୁଥିବା ଏନସିବି ଆଶଙ୍କା କରୁଥିବା ସାଇବର ଠକ ଜଣକ ସୂଚନା ଦେଇଥିଲା। ଏହାପରେ ମହିଳାଙ୍କୁ ଲୁଟ କରିବା ପାଇଁ ସେ ଦୁଇଟି ବିକଳ୍ପ ତାଙ୍କୁ ଦେଇଥିଲାଛ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବାକୁ କିଛି ଟଙ୍କା ପଠାଅ ନଚେତ ଗିରଫ ପରୱାନାର ସାମ୍ନା କର। ମହିଳା ଜଣଙ୍କ ଭୟରେ ତୁରନ୍ତ ୩ଟି ବ୍ୟାଙ୍କ ଆକାଉଣ୍ଟକୁ ୩ ଲକ୍ଷ ଟଙ୍କା ପଠାଇ ଦେଇଥିଲେ। ଘଟଣାର ୧୦ ଦିନ ପରେ ମହିଳାଙ୍କୁ ଆଉ ଗୋଟିଏ କଲ ଆସିଥିଲାଛ ଫୋନ କରିଥିବା ବ୍ୟକ୍ତି ମଧ୍ୟ ନିଜକୁ ଏନସିବି ଅଧିକାରୀ କହିଥିଲା। ହେଲେ ସେ ନିଜକୁ 'ଭଲ ପୁଲିସ୍' ଭାବେ ଚିତ୍ରଣ କରିଥିଲା। ମହିଳାଙ୍କୁ ସେ ବୁଝାସୁଝା କରିବା ସହ ସେ କୌଣସି ଦୋଷ କରି ନାହାନ୍ତି ଓ ତାଙ୍କ ଟଙ୍କା ଫେରି ଆସିବ ବୋଲି କହିଥିଲା। ମହିଳା ଜଣଙ୍କ ଏଥିରେ ବିଶ୍ୱାସ କରି ଯାଇଥିଲେ। ୨ ଦିନ ଭିତରେ ମହିଳାଙ୍କ ଆକାଉଣ୍ଟକୁ ୨୦ ହଜାର ଟଙ୍କା ମଧ୍ୟ ଫେରି ଆସିଥିଲା। 'ଭଲ ପୁଲିସ୍' ଜଣକ ମହିଳାଙ୍କ ବିଶ୍ୱାସ ଜିତି ନେଇଥିଲା। ଭଲ ପୁଲିସ୍ ସହ ୪ ଜଣ ଲୋକ ମହିଳାଙ୍କୁ ଗୋଟିଏ ଭିଡିଓ କଲ କରିଥିଲେ। ସେମାନେ ତାଙ୍କୁ ସ୍କ୍ରିନ ଶେୟାର କରିବା ସହ ବ୍ୟାଙ୍କ ଆକାଉଣ୍ଟ ଖୋଲିବାକୁ କହିଥିଲେଛ ଏହାପରେ ମହିଳାଙ୍କୁ ସମସ୍ତ ଟଙ୍କା ମିଳିବ ବୋଲି



ପ୍ରତିଶ୍ରୁତି ଦେଇଥିଲେ। ଭଲ ପୁଲିସକୁ ବିଶ୍ୱାସ କରି ମହିଳା ଜଣଙ୍କ ସେ ଦେଉଥିବା ନିର୍ଦ୍ଦେଶକୁ ପାଳନ କରି ଚାଲିଥିଲେ। ଶେଷରେ ମହିଳାଙ୍କ ବିନା ଜାଣତରେ ତାଙ୍କ ନେଟ ବ୍ୟାଙ୍କିଙ୍ଗ ଆସେସ୍କୁ ସେମାନେ ନେଇ ଯାଇଥିଲେ। ମହିଳା ଜଣଙ୍କ ଠକାମୀରେ ପଡ଼ିଥିବା ବୁଝିବା ଆଗରୁ ତାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୫ରୁ ୧୦ ଲକ୍ଷ ଟଙ୍କା ଲେଖାଏ କଟୁଥିବାର ମେସେଜ ପାଇଥିଲେ। ସେ ତୁରନ୍ତ ଭଲ ପୁଲିସ୍କୁ ଫୋନ କରିଥିଲେ ହେଁ, ତା'ର ମୋବାଇଲ ବନ୍ଦ ହୋଇଯାଇଥିଲା। ଏସବୁ ଭିତରେ ମହିଳାଙ୍କ ଆକାଉଣ୍ଟରୁ ୭୭ ଲକ୍ଷ ଟଙ୍କା ଲୁଟ ହୋଇ ସାରିଥିଲା। ଘଟଣାଟି ଗତବର୍ଷ ଅଗଷ୍ଟ ମାସର। ସେହିବର୍ଷ ସେପ୍ଟେମ୍ବର ୨୪ରେ ମହିଳା ଜଣଙ୍କ ଦିଲ୍ଲୀ ପୁଲିସ୍ର ସ୍ପେଶାଲ ୟୁନିର ଇଣ୍ଟଲିଜେନ୍ସ ଫ୍ୟୁଜନ ଓ ଷ୍ଟ୍ରାଟେଜିକ ଅପରେସନ (ଆଇଏଫଏସସିଓ)ରେ ଅଭିଯୋଗ କରିଥିଲେ। ଏସିପି ମନୋଜ କୁମାର ଓ ସବ ଇନସପେକ୍ଟର କମରବୀରଙ୍କ ନେତୃତ୍ୱରେ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ଦୀର୍ଘ ୯ ମାସର ତଦନ୍ତ ପରେ ୨୦୨୫ ମସିହା ଜୁନ ୨୪ରେ ପୁଲିସ୍ ଗୋଟିଏ ଲିଡ ପାଇଥିଲା ଓ ଅଖିଲେଶ ନାମକ ଜଣେ ଅଭିଯୁକ୍ତକୁ ଦିଲ୍ଲୀର ମୁଖାର୍ଜୀ ନଗର ସ୍ଥିତ ଭଡ଼ା ଫ୍ଲାଟରୁ ଗିରଫ କରିଥିଲା। ଜେରା ବେଳେ ଅଖିଲେଶ ପୀଡ଼ିତା ମହିଳାଙ୍କ ଆକାଉଣ୍ଟରୁ ଟଙ୍କା ଅନ୍ୟତ୍ର ପଠାଇଥିବା ସ୍ୱୀକାର କରିଥିଲା। ଏଥିରେ ତାକୁ ଅମଜାଦ, ଶାହିଦ ଓ ଶକୀଲ ନାମକ ଆଉ ୩ ଜଣ ସହଯୋଗ କରିଥିଲେ। ଜୁନ ୨୭ରେ ହରିୟାଣାର ପୁନହାନାରେ ରେଡ କରି ଅମଜାଦ ଓ ଶାହିଦକୁ ଗିରଫ କରିଥିଲେ। ଜେରା ବେଳେ ଅମଜାଦ କହିଥିଲା ଯେ ସେ ଓ ତା'ର ଶାଳକ ଶାହିଦ ବନ୍ଧୁ ଶକୀଲ ସହ ମିଶି ମହିଳାଙ୍କୁ ଭୟଭୀତ କରି ଟଙ୍କା ଲୁଟ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏହି ସମୟରେ ୪ର୍ଥ ଅଭିଯୁକ୍ତ ହମିଦ ନାଁ ସାମ୍ନାକୁ ଆସିଥିଲା। ଜୁଲାଇ ୧ରେ ପୁଲିସ୍ ରାଜସ୍ଥାନର ଦୀଗରେ ଥିବା ହମିଦର ଘରେ ରେଡ କରିଥିଲା। ସେଠାରୁ ହମିଦ ଓ ଶକୀଲକୁ ଗିରଫ କରାଯାଇଥିଲା।

## ଲାଲ ରେଖା ଅତିକ୍ରମ ମହଙ୍ଗା ପଡିଲା


ନୂଆଦିଲ୍ଲୀ: ସୋମବାର ଲୋକସଭାରେ ଅପରେସନ ସିନ୍ଦୂରକୁ ନେଇ ଏକ ସ୍ୱତନ୍ତ୍ର ବିତର୍କ ଆରମ୍ଭ ହୋଇଯାଇଛି। ଏହି ବିତର୍କ ଷୋହଳ ଘଣ୍ଟା ପାଇଁ ଜାରି ରହିବ। ବିରୋଧୀ ଦଳ ଅପରେସନ ସିନ୍ଦୂର ଉପରେ ବିତର୍କ ପାଇଁ ଲଗାତାର ଦାବି କରୁଥିଲେ, ଏବଂ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମଧ୍ୟ ଚାହୁଁଥିଲେ।

ତେବେ ବିତର୍କ ପୂର୍ବରୁ କେନ୍ଦ୍ର ମନ୍ତ୍ରୀ କିରଣ ରିଜିଜୁ ପାକିସ୍ତାନରେ ଆତଙ୍କ ଶିବିର ଉପରେ ଭାରତର କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ହିନ୍ଦୁ ପବିତ୍ର ଗ୍ରନ୍ଥ ରାମାୟଣକୁ ଉଦ୍ଧୃତ କରିଛନ୍ତି। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସୋମବାର (୨୮ ଜୁଲାଇ, ୨୦୨୫) ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟ କରି କହିଛନ୍ତି, ' ଯେତେବେଳେ ରାବଣ ଲକ୍ଷ୍ମଣ ରେଖା ଅତିକ୍ରମ କଲା, ଲଙ୍କା ଜଳିଗଲା। ସେହିପରି ଯେତେବେଳେ ପାକିସ୍ତାନ ଭାରତ ଦ୍ୱାରା ଟାଣିଥିବା ଲାଲ ରେଖା ଅତିକ୍ରମ କଲା, ଆତଙ୍କବାଦୀ ଶିବିରଗୁଡିକ ନିଆଁରେ ଜଳିପୋଡ଼ି ଧ୍ୱଂସ ହୋଇଗଲା।

ଏଥିସହିତ ଅପରେସନ ସିନ୍ଦୂରକୁ ନେଇ ସ୍ୱତନ୍ତ୍ର ବିତର୍କ ପୂର୍ବରୁ ଦିଲ୍ଲୀରେ କେନ୍ଦ୍ରମନ୍ତ୍ରୀ କଂଗ୍ରେସ ସମେତ ସମଗ୍ର ବିରୋଧୀଙ୍କୁ ସଂସଦରେ ଦେଶ ବିରୋଧୀ କଥା ନ କହିବାକୁ ଅନୁରୋଧ କରିଛନ୍ତି। କାରଣ ଦେଶ ବିରୋଧୀ ପ୍ରସଙ୍ଗ ଆମ ସେନାକୁ ଆଘାତ ପହଞ୍ଚାଇପାରେ। ଆମେ ଦାବିର ସହ କହି ପାରିବା ଅପରେସନ ସିନ୍ଦୂର ଭାରତର ପରିବର୍ତ୍ତିତ ଚେହେରାର ପ୍ରତୀକ ଅଟେ।

## ଆଖିବୁଜା ଗୁଳିମାଡ଼ : ୬ ଜଣଙ୍କ ଜୀବନ ଗଲା

ବ୍ୟାଙ୍କକ୍ : ଥାଇଲ୍ୟାଣ୍ଡର ରାଜଧାନୀ ବ୍ୟାଙ୍କକକୁ ଦୋହଲାଇ ଦେଇଛି ଭୟଙ୍କର ଗୁଳିମାଡ଼। କମ୍ବୋଡିଆ ଓ ଥାଇଲ୍ୟାଣ୍ଡ ଯୁଦ୍ଧ ଚାଲିଥିବା ବେଳେ ବ୍ୟାଙ୍କକର ଗୋଟିଏ ଜନଗହଳୀ ପୂର୍ଣ୍ଣ ମାର୍କେଟରେ ଆଖିବୁଜା ଗୁଳି ମାଡ଼ ହୋଇଛି। ଏଥିରେ ୬ ଜଣଙ୍କ ଜୀବନ ଯାଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ପୁଲିସର କହିବା କଥା ଯେ ଗୋଟିଏ ପ୍ରସିଦ୍ଧ ତାଜା ଖାଦ୍ୟ ବିକ୍ରି ହେଉଥିବା ବଜାରରେ ଏପରି ଗୁଳିମାଡ଼ ହୋଇଛି। ବ୍ୟାଙ୍କକର ବାଙ୍ଗ ସୁଇ ଜିଲ୍ଲାରେ ଏପରି ଘଟଣା ଘଟିଛି। ଏହାର ଡେପୁଟି ପୁଲିସ୍ ମୁଖ୍ୟ ଓରାପଟ ସୁକଥାଇ କହିଛନ୍ତି, ପୁଲିସ ଗୁଳିମାଡ଼ର ଉଦ୍ଦେଶ୍ୟକୁ ଜାଣିବା ପାଇଁ ଚେଷ୍ଟା କରୁଛି। ଏଯାଏ ଏହାକୁ ଗୋଟିଏ ସାମୂହିକ ଗୁଳିମାଡ଼ ଘଟଣା ଭାବେ ବିବେଚନା କରାଯାଉଛି। ଘଟଣା ପରେ ବନ୍ଧୁକଧାରୀ ଜଣକ ନିଜ ଜୀନବ ମଧ୍ୟ ନେଇ ଯାଇଥିବା ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି। ବର୍ତ୍ତମାନ ଘଟଣାର ତଦନ୍ତ ଚାଲିଛି।



ମୃତାହତଙ୍କ ମଧ୍ୟରେ ଆକ୍ରମଣକାରୀ ନିଜେ ରହିଥିବା ମେଟ୍ରୋପଲିଟାଣ୍ଟ ପୁଲିସ୍ ବ୍ୟୁରୋରର ଡେପୁଟି କମିଶନର ଚାରିନ ଗୋପାଟ୍ଟା କହିଛନ୍ତି। ଇରୱନ ଏମର୍ଜେନ୍ସି ମେଡିକାଲ ସେଣ୍ଟ ବ୍ୟାଙ୍କକର ହସ୍ପିଟାଲଗୁଡ଼ିକର ମନିଟର୍ସ କରେଛ ଏହି ସଂସ୍ଥା କହିଛି ଯେ କୃଷି ଜାତୀୟ ଉତ୍ପାଦ ଓ ସ୍ଥାନୀୟ ଖାଦ୍ୟ ବିକ୍ରି ହେଉଥିବା ଓର ଟୋ କୋ ମାର୍କେଟରେ ଗୁଳିମାଡ଼ ହୋଇଛି। ଏଥିରେ ୪ ଜଣ ସିକ୍ୟୁରିଟା ଗାର୍ଡ ଓ ଜଣେ ମହିଳା ପ୍ରାଣ ହରାଇଛନ୍ତି। ସେହିପରି ଆଖିବୁଜା ଗୁଳି ମାଡ଼ ପରେ ବନ୍ଧୁକଧାରୀ ଜଣକ ଆତ୍ମହତ୍ୟା କରିଛି।

ଓର ଟୋର କୋର ମାର୍କେଟି ଚାତୁଚକ ମାର୍କେଟର ଅତି ନିକଟସ୍ଥ ଅଞ୍ଚଳଛ ଏହି ସ୍ଥାନଟି ବ୍ୟାଙ୍କକର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନୀ ସ୍ଥଳ ଭାବେ ପରିଚିତ। ଅନ୍ୟପକ୍ଷରେ ସୀମାରେ ଥାଇଲ୍ୟାଣ୍ଡ ଓ କମ୍ବୋଡିଆ ଲଢେଇ ସହ ମାର୍କେଟ ଗୁଳିକାଣ୍ଡର କିଛି ଲିଙ୍କ ରହିଛି କି ନାହିଁ, ତା'ର ଯାଞ୍ଚ ପୁଲିସ୍ ପକ୍ଷରୁ କୁହାଯାଇଛି।

# ମାତୋଶ୍ରୀ'ରେ ରାଜ ଠାକରେଙ୍କୁ ନେଇ ଚର୍ଚ୍ଚା

ମୁମ୍ବାଇ : ସୋମବାର ଥିଲା ଉଦ୍ଧବ ଠାକରେଙ୍କ ଜନ୍ମଦିନ। ତାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପାଇଁ ରାଜ ଥାକରେ ସେଠାକୁ ଯାଇଥିଲେ। 'ମାତୋଶ୍ରୀ'ରେ ଦୁଇ ସଂପର୍କୀୟ ଭାଇ (ଉଦ୍ଧବ ଓ ରାଜ ଥାକରେ) ବାଲାସାହେବ ଠାକରେଙ୍କ ଫଟୋ ପାଖରେ ଛିଡ଼ା ହୋଇ ଫଟୋ ଉଠାଇଥିଲେ। ତା'ସହିତ ବାଲାସାହେବ ଠାକରେଙ୍କ ଚୌକିକୁ ପ୍ରଣାମ କରିଥିଲେ ରାଜ ଠାକରେ।

ଏହା ପୂର୍ବରୁ ଚଳିତ ମାସ ପ୍ରାରମ୍ଭରେ ଦୁଇ ଭାଇଙ୍କୁ ଗୋଟିଏ ଷ୍ଟେଜରେ ଦେଖିବାକୁ ମିଳିଥିବା ବେଳେ ଆଜି ରାଜ ଠାକରେ 'ମାତୋଶ୍ରୀ' ଆସି ଭାଇ ଉଦ୍ଧବ ଠାକରେଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇବା ପରେ ସେମାନଙ୍କ ମଧ୍ୟରେ ସଂପର୍କ ଧୀରେ ଧୀରେ ଭଲ ହେଉଥିବାର ସଙ୍କେତ ମିଳୁଛି ବୋଲି ରାଜନୀତିକ ସମୀକ୍ଷକମାନେ କହିଛନ୍ତି।



୨୦୧୨ରେ ବାଲାସାହେବ ଠାକରେଙ୍କ ଶେଷ ସମୟଗୁଡ଼ିକରେ କିଛି ଥର 'ମାତୋଶ୍ରୀ' ଯାଇଥିଲେ ରାଜ ଠାକରେଛ ତା'ପରେ ୨୦୧୯ରେ ଥରୁଟିଏ ରାଜ ଠାକରେ ସେଠାକୁ ଯାଇଥିଲେ। ସେଥର ପୁଅ ଅମିତ ଠାକରେଙ୍କ ବିବାହ ନିମନ୍ତେ ଭାଇ ଉଦ୍ଧବ ଠାକରେ ଓ ତାଙ୍କ ପରିବାରକୁ ନିମନ୍ତ୍ରଣ କରିବାକୁ ଅଳ୍ପ ସମୟ ପାଇଁ 'ମାତୋଶ୍ରୀ' ଯାଇଥିଲେ ରାଜ ଠାକରେ। ତା'ପରଠାରୁ ଆଉ 'ମାତୋଶ୍ରୀ'ରେ ପାଦ ପକାଇ ନଥିଲେ ରାଜ ଠାକରେ।

ଚଳିତ ମାସ ପ୍ରାରମ୍ଭରେ ମୁମ୍ବାଇରେ ଆୟୋଜିତ ଏକ ରାଲିରେ ଦୁଇ ଭାଇଙ୍କୁ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। ୨୦ ବର୍ଷ ପରେ ପ୍ରଥମ ଥର ପାଇଁ ଉଦ୍ଧବ ଓ ରାଜ ଠାକରେଙ୍କ ଗୋଟିଏ ମଞ୍ଚରେ ଦେଖିବାକୁ ମିଳିଥିଲା। 'ମରାଠୀ' ପରିଚୟ ପ୍ରସଙ୍ଗରେ ସେମାନେ ଏକାଠି ହୋଇଥିଲେ। 'ହିନ୍ଦୀ' ଜୋରଜବରଦସ୍ତ ଲଦି ଦିଆଯାଉଥିବା ଅଭିଯୋଗ ଆଣି ସେମାନେ ଏକାଠି ହୋଇଥିଲେ।ମୁମ୍ବାଇର ୱର୍ଲିରେ ଅନୁଷ୍ଠିତ ହୋଇଥିବା ଏହି ରାଲିରେ ଉଦ୍ଧବ କହିଥିଲେ, ଆମେ ଏଠାରେ ଏକାଠି ହୋଇଛୁ ଏକାଠି ରହିବା ପାଇଁ। ଆମେ ମରାଠୀକୁ ସୁରକ୍ଷା ଦେବାକୁ ଏକାଠି ହୋଇଛୁ। ଆମେ ଏକାଠି ହେବାର ଏହା ଏକ ଟ୍ରେଲର ବା ଆରମ୍ଭ ମାତ୍ର।

ଏହା ସହିତ ଆଗାମୀ ମୁମ୍ବାଇ ମହାନଗର ନିଗମ ନିର୍ବାଚନରେ ସେମାନେ ଏକାଠି ଲଢିବେ ବୋଲି ଉଦ୍ଧବ ଘୋଷଣା କରିଥିଲେ। ସେମାନେ ଦୁଇ ଭାଇ ଉଭୟ ମୁମ୍ବାଇ ଓ ମହାରାଷ୍ଟ୍ରକୁ ନିୟନ୍ତ୍ରଣ କରିବେ ବୋଲି ସେ କହିଥିଲେ। ୨୦୦୬ରେ ରାଜ ଠାକରେ ଶିବ ସେନାରୁ ବାହାରିଯାଇ ମହାରାଷ୍ଟ୍ର ନବନିର୍ମାଣ ସେନା (ଏମ୍ଏନ୍ଏସ୍) ଗଠନ କରିଥିଲେ। ସେହିଦିନଠାରୁ ଉଦ୍ଧବ ଠାକରେଙ୍କଠାରୁ ସେ ଉଭୟ ରାଜନୀତିକ ଓ ବ୍ୟକ୍ତିଗତ ଦୂରତା ବଜାୟ ରଖିଥିଲେ।

### ଇଂଲଣ୍ଡ ବିପକ୍ଷ ପଞ୍ଚମ ଟେଷ୍ଟ

# ଭାରତୀୟ ଦଳରେ ଜଗଦୀଶନ



ନୂଆଦିଲ୍ଲୀ : ଇଂଲଣ୍ଡ ବିପକ୍ଷ ୫ମ ଟେଷ୍ଟ ପାଇଁ ଭାରତୀୟ ସ୍କ୍ୱାଡରେ ସାମିଲ ହୋଇଛନ୍ତି ୱିକେଟ କିପର ବ୍ୟାଟର ଏନ ଜଗଦୀଶନ । ୪ର୍ଥ ଟେଷ୍ଟରେ ଆହତ ହୋଇଥିବା ଋଷଭ ପନ୍ତ ୫ମ ମ୍ୟାଚରୁ ବାଦ ପଡ଼ିଛନ୍ତି । ତାଙ୍କ ବଦଳରେ ଧ୍ରୁବ ଜୁରେଲ ୫ମ ଟେଷ୍ଟ ଖେଳିବା ଏକପ୍ରକାରର ନିଶ୍ଚିତ । କିନ୍ତୁ ଜୁରେଲଙ୍କ ବ୍ୟାକଅପ ପାଇଁ ଭାରତୀୟ ଟେଷ୍ଟ ଟିମରେ ପ୍ରଥମଥର ପାଇଁ ଏନ ଜଗଦୀଶନଙ୍କୁ ସାମିଲ କରାଯାଇଛି । ତାମିଲନାଡୁ ପାଇଁ ଖେଳୁଥିବା ଜଗଦୀଶନ ନିୟମିତ ଭଲ ପ୍ରଦର୍ଶନ କରୁଥିବାରୁ ତାଙ୍କୁ ପନ୍ତଙ୍କ ବଦଳ ଖେଳାଳି ଭାବେ ସ୍କ୍ୱାର୍ଡରେ ସୁଯୋଗ ମିଳିଛି ।ଘରୋଇ କ୍ରିକେଟର ଚର୍ଚ୍ଚିତ ଚେହେରା ହେଉଛନ୍ତି ଜଗଦୀଶନ । ସେ ତାମିଲନାଡୁ ପାଇଁ ନିୟମିତ କିଛି ବର୍ଷ ହେଲା ଘରୋଇ କ୍ରିକେଟ ଖେଳି ଆସୁଛନ୍ତି । ୧୯୯୫ ମସିହା ଡିସେମ୍ବର ୨୪ରେ କୋଏମ୍ବାଟୁରରେ ଜନ୍ମ ହୋଇଥିବା ଜଗଦୀଶନ ତାମିଲନାଡୁ ପାଇଁ ଡେବ୍ୟୁ କରିବା ଦିନ ଠାରୁ ୱିକେଟ କିପିଂ କରୁଛନ୍ତି । ତାମିଲନାଡୁ ପାଇଁ ସେ ଜୁନିୟର ଡିଭିଜନରୁ ଖେଳି ଚାଲିଛନ୍ତି ।୨୦୧୬ ଅକ୍ଟୋବର ମାସରେ ଜଗଦୀଶନ ତାମିଲନାଡୁ ପାଇଁ ସିନିୟର ଲେଭଲରେ ଡେବ୍ୟୁ କରିଥିଲେ । ସେହି ସମୟରେ ତାଙ୍କୁ ୨୦ ବର୍ଷ ବୟସ ହୋଇଥିଲା । ଡେବ୍ୟୁ ଇନିଂସରେ ସେ ମଧ୍ୟପ୍ରଦେଶ ବିପକ୍ଷରେ ଅପରାଜିତ ୧୨୩ ରନର ଇନିଂସ ଖେଳି ସମସ୍ତଙ୍କୁ ପ୍ରଭାବିତ କରିଥିଲେ ।ବର୍ଷକ ପରେ ସେ ଲିଷ୍ଟ ଏ ଫର୍ମାଟ(୫୦ ଓଭର) ରେ ଡେବ୍ୟୁ କରି ତାମିଲନାଡୁ ପାଇଁ ବିଜୟ ହଜାରେ ଟ୍ରଫି ଖେଳିଥିଲେ । ୨୦୧୭ରେ ସେ ନିଜ ରାଜ୍ୟ ପାଇଁ ସୟଦ ମୁସ୍ତାକ ଅଲୀ ଟ୍ରଫିରେ ନଜର ଆସିଥିଲେ । ୨୦୨୧ରେ ଆଇପିଏଲ ଫ୍ରାଞ୍ଚାଇଜ ଜଗଦୀଶନଙ୍କୁ ନେବା ପୂର୍ବରୁ ସେ ଏକାଧିକ ଟିମ ସହ ସାମିଲ ହୋଇଥିଲେ । କିନ୍ତୁ ମ୍ୟାଚ୍ ଖେଳିବାର ସୁଯୋଗ ପାଇ ନଥିଲେ । ସେହିପରି ଚେନ୍ନାଇ ପାଇଁ ସେ ୨ଟି ସିଜିନରେ ମାତ୍ର ୭ଟି ମ୍ୟାଚ୍ ଖେଳିବାକୁ ସକ୍ଷମ ହୋଇଥିଲେ ।୨୦୨୩ ଆଇପିଏଲରେ କୋଲକାତା ନାଇଟ ରାଇଡର୍ସ ଜଗଦୀଶନଙ୍କ ସହ ଚୁକ୍ତି କରିଥିଲା । ସେ ଦଳ ପାଇଁ ୬ଟି ମ୍ୟାଚରେ ୮୯ ରନ କରିଥିଲେ । ଆଇପିଏଲରେ ଏଯାଏ ଜଗଦୀଶନ ୧୩ଟି ମ୍ୟାଚ ଖେଳି ୧୬୨ ରନ କରିଛନ୍ତି ।୨୯ ବର୍ଷୀୟ ଜଗଦୀଶ ୫୨ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ରେ ୩୩୭୩ ରନ କରିଥିବା ବେଳେ ଏହା ମଧ୍ୟରେ ୧୦ଟି ଶତକ ଓ ୧୪ଟି ଅର୍ଦ୍ଧଶତକ ରହିଛି । ଏକଦା ସେ ଇଣ୍ଡିଆ ଏ ଦଳରେ ରହିଥିଲେ । ୨ଟି ସିଜିନରେ ସେ ସର୍ବାଧିକ ରନ ମଧ୍ୟ ହାସଲ କରିଥିଲେ । ୨୦୨୩-୨୪ ରଣଜୀ ସିଜିନରେ ଜଗଦୀଶନ ୧୩ଟି ଇନିଂସରେ ୮୧୬ ରନ କରିଥିଲେ । ୨୦୨୪-୨୫ରେ ତାଙ୍କ ବ୍ୟାଟରୁ ୧୩ଟି ଇନିଂସରେ ୬୭୪ ରନ ବାହାରିଥିଲା । ଏହା ମଧ୍ୟରେ ୨ଟି ଶତକ ଓ ୫ଟି ଅର୍ଦ୍ଧଶତକ ରହିଛି ।

# ଇତିହାସ ରଚିଲେ ଦିବ୍ୟା

## ଜିତିଲେ ଚେସ୍ ବିଶ୍ୱକପ୍ : ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ : ମହିଳା ଚେସ୍ ବିଶ୍ୱକପର ଫାଇନାଲ ମ୍ୟାଚ୍ରେ, ଦିବ୍ୟା ଦେଶମୁଖ ଗ୍ରାଣ୍ଡମାଷ୍ଟର ଏବଂ ନିଜ ଦେଶର କୋନେରୁ ହମ୍ପିଙ୍କୁ ପରାସ୍ତ କରି ଟାଇଟଲ୍ ଜିତିଛନ୍ତି । ସେ ଫିଡେ ମହିଳା ଚେସ୍ ବିଶ୍ୱକପ୍ ଜିତିଥିବା ପ୍ରଥମ ଭାରତୀୟ ମହିଳା ହୋଇଛନ୍ତି । କୋନେରୁ ହମ୍ପିଙ୍କ ପାଖରେ ପ୍ରତ୍ୟାବର୍ତ୍ତନ କରିବାର ଏକ ଛୋଟ ସୁଯୋଗ ଥିଲା, କିନ୍ତୁ ସେ ଏହାର ଫାଇଦା ଉଠାଇ ପାରିନଥିଲେ । ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଫିଡେ ମହିଳା ବିଶ୍ୱକପ୍ ଫାଇନାଲର ପ୍ରଥମ ଏବଂ ଦ୍ୱିତୀୟ ଗେମରେ କୌଣସି ସୁଯୋଗ ନ ଦେଇ ତାଙ୍କ ଉଚ୍ଚ ମାନ୍ୟତାପ୍ରାପ୍ତ ଗ୍ରାଣ୍ଡମାଷ୍ଟର କୋନେରୁ ହମ୍ପିଙ୍କୁ ଡ୍ର ଖେଳିବାକୁ ବାଧ୍ୟ କରିଥିଲେ । ଏହା ଫଳରେ ମ୍ୟାଚଟି ଟାଇବ୍ରେକରକୁ ଯାଇଥିଲା । ନିୟମ ଅନୁସାରେ ଟାଇ-ବ୍ରେକରରେ ୧୫ ମିନିଟର ଦୁଇଟି ଖେଳ ରହିଥାଏ ଯେଉଁଥିରେ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ । ଯଦି ଏହା ପରେ ବି ସ୍କୋର ସମାନ ରହେ, ତେବେ ଉଭୟ ଖେଳାଳି ପ୍ରତି ଖେଳ ପାଇଁ ୧୦ ମିନିଟ୍ ହାରରେ ଆଉ ଏକ ସେଟ୍ ଖେଳିବାର ସୁଯୋଗ ପାଇଥାନ୍ତି । ଏଥିରେ ମଧ୍ୟ ପ୍ରତ୍ୟେକ ମୁଭ୍ ପରେ ୧୦ ସେକେଣ୍ଡ ଯୋଡାଯାଇଥାଏ । ଉଭୟଙ୍କ ମଧ୍ୟରେ ପ୍ରଥମ ରାପିଡ୍ ଟାଇବ୍ରେକର ମଧ୍ୟ ଡ୍ର ଥିଲା । ତା'ପରେ ଦ୍ୱିତୀୟ ଟାଇବ୍ରେକରରେ ଫଇସଲା ଆସିଥିଲା । ଦିବ୍ୟାଙ୍କ ଏହି ବିଜୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଆଗାମୀ ଦିନରେ ତାଙ୍କର ଯାତ୍ରା ଆହୁରୀ ସୁଦୁରପ୍ରସାରୀ ହେଉ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି । ଦିବ୍ୟା ଭାରତର ଚତୁର୍ଥ ମହିଳା ଗ୍ରାଣ୍ଡ ମାଷ୍ଟର ଆଖ୍ୟା ପାଇଥିବା ବେଳେ ତାଙ୍କ ପୂର୍ବରୁ ହମ୍ପି, ଆର. ବୈଶାଳୀ ଓ ହାରିକା ଦ୍ରୋନାଭାଲି ଏପରି ସଫଳତା ପାଇଥିଲେ । ବିଜୟ ସହ ଆସନ୍ତା ବର୍ଷ ପାଇଁ ଦିବ୍ୟା ଟିକେଟ୍ ହାସଲ କରିନେଇଛନ୍ତି । ଫାଇନାଲ ମ୍ୟାଚ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା । ଫଳରେ ଫାଇନାଲ ରାଉଣ୍ଡ ଟାଏବ୍ରେକ୍ସକୁ ଯାଇଥିଲା । ଟାଏ ବ୍ରେକର ପ୍ରଥମ ରାପିଡ୍ ଗେମ୍ ଡ୍ର ହୋଇଥିଲା । ଦ୍ୱିତୀୟ ରାଉଣ୍ଡରେ ଏହା ଡ୍ର ହୋଇଯିବ ବୋଲି ସମସ୍ତ ଅନୁଭବ କରିଥିଲେ । କିନ୍ତୁ ଏହାର ଫାଇଦା ଦିବ୍ୟା ଉଠାଇଥିଲେ । ଏଥିସହ ମ୍ୟାଚକୁ ଜିତି ଭାରତର ୮୮ତମ ଗ୍ରାଣ୍ଡ ମାଷ୍ଟର ହୋଇପାରିଥିଲେ । ଦିବ୍ୟା ଟାଏ ବ୍ରେକ୍ସକୁ ୧.୫-୦.୫ରେ ଜିତି ନିଜ ନାଁକୁ ଇତିହାସ ପୃଷ୍ଠାରେ ସବୁ ଦିନ ପାଇଁ ଲେଖିଦେଇଛନ୍ତି ।

# କିମ୍ବଦନ୍ତି କ୍ଲବରେ ଗିଲ୍



ନୂଆଦିଲ୍ଲୀ, ୨୮।୭ (ଏଜେନ୍ସି) : ଭାରତୀୟ ଟେଷ୍ଟ ଦଳର ଯୁବ ଅଧିନାୟକ ଶୁବମନ ଗିଲ୍ ଏବେ ଦୁଇ ବ୍ୟାଟିଂ କିଂବଦନ୍ତି ସୁନୀଲ ଗାଭାସ୍କର ଓ ସାର୍ ଡନ୍ ବ୍ରାଡ୍ମ୍ୟାନ୍‌ଙ୍କ ରେକର୍ଡର ସମକକ୍ଷ ହୋଇ ବଡ଼ ଉପଲବ୍ଧି ହାସଲ କରିଛନ୍ତି । ଏପରିକି ଉଭୟଙ୍କୁ ପଛରେ ପକାଇଦେବାର ସମ୍ଭାବନା ସୃଷ୍ଟି କରିଛନ୍ତି । ଗୋଟିଏ ଶୃଙ୍ଖଳାରେ ଅଧିନାୟକ ଭାବେ ୪ ଶତକ ହାସଲ କରିଛନ୍ତି । ଯାହାକି ପୂର୍ବରୁ କେବଳ ଗାଭାସ୍କର ଓ ବ୍ରାଡ୍ମ୍ୟାନ୍ କରିଥିଲେ । ଭାରତୀୟ ପାଳିର ୮୩ତମ ଓଭରରେ କ୍ରିସ୍ ୱକ୍ସଙ୍କଠାରୁ ଏକ ରନ୍ ନେଇ ସେ ଏହି ମାଇଲ ଖୁଣ୍ଟ ଛୁଇଁଥିଲେ । ବ୍ରାଡ୍ମ୍ୟାନ୍ ୧୯୪୭-୪୮ରେ ଭାରତ ବିପକ୍ଷ ଘରୋଇ ଶୃଙ୍ଖଳାରେ ୪ ଶତକ ମାରିଥିବା ବେଳେ ଗାଭାସ୍କର ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ଶୃଙ୍ଖଳାରେ ମଧ୍ୟ ୪ ଥର ତିନି ଅଙ୍କ ଛୁଇଁଥିଲେ । ଗିଲ୍ କିନ୍ତୁ ତୃତୀୟ ଭାରତୀୟ ଭାବେ ଗୋଟିଏ ଶୃଙ୍ଖଳାରେ ୪ ଶତକ ହାସଲ କରିଛନ୍ତି । ଗାଭାସ୍କର ୧୯୭୧ ୱେଷ୍ଟଇଣ୍ଡିଜ୍ ଗସ୍ତ ଏବଂ ୧୯୭୮-୭୯ରେ ୱେଷ୍ଟଇଣ୍ଡିଜରେ ଭାରତ ଗସ୍ତ ବେଳେ ଦୁଇ ଥର ଏହା କରିପାରିଥିଲେ । ୨୦୧୪-୧୫ ଅଷ୍ଟ୍ରେଲିଆ ଗସ୍ତରେ ବିରାଟ କୋହଲି ମଧ୍ୟ ୪ ଶତକ ହାସଲ କରିଥିଲେ । ଏହି ଗସ୍ତ ଅଧାରୁ ମହେନ୍ଦ୍ର ସିଂହ ଧୋନିଙ୍କଠାରୁ ସେ ମଧ୍ୟ ନେତୃତ୍ୱ ଭାର ସମ୍ଭାଳିଥିଲେ ।

ଗିଲ୍ ହେଡିଂଲେରେ ତାଙ୍କ ନେତୃତ୍ୱର ପ୍ରଥମ ଟେଷ୍ଟରେ ୧୪୭ ରନ୍ କରିଥିବା ବେଳେ ଲିଡ୍ସରେ ଉଭୟ ପାଳିରେ ଶତକ (୨୬୯ ଓ ୧୬୧) ହାସଲ କରିଥିଲେ । ରବିବାର ୧୦୩ ରନ୍ କରି ଜୋଫ୍ରା ଆର୍ଚରଙ୍କ ଅଫଷ୍ଟମ୍ପ୍ ବାହାର ଛାଡ଼ି ନାପାରି ୱିକେଟ୍‌ରେ ଜାମି ସ୍ମିଥ୍‌ଙ୍କ ଗ୍ଲୋଭ୍ସରେ ଧରାପଡ଼ିଯାଇଥିଲେ । ଗୋଟିଏ ଶୃଙ୍ଖଳାରେ ୭୦୦ରୁ ଊର୍ଦ୍ଧ୍ୱ ରନ୍ ସଂଗ୍ରହ କରିବାରେ ମଧ୍ୟ ଗିଲ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ସୁନୀଲ ଗାଭାସ୍କର ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଉଭୟ ଥର (୭୭୪ ରନ୍, ୧୯୭୧ ଏବଂ ୭୩୨ ରନ୍, ୧୯୭୮-୭୯) ଏହା ହାସଲ କରିଥିଲେ । ଆଉ ଗୋଟିଏ ଟେଷ୍ଟ ଥିବାରୁ ଗାଭାସ୍କରଙ୍କ ୭୭୪ ରନ୍ ରେକର୍ଡକୁ ଟପିବା ଲାଗି ଗିଲ୍‌ଙ୍କୁ ଆଉ ୫୩ ରନ୍ ଆବଶ୍ୟକ ରହିଛି । ପଞ୍ଚମ ତଥା ଶେଷ ଟେଷ୍ଟ ଜୁଲାଇ ୩୧ ତାରିଖରୁ ଦ ଓଭାଲରେ ଖେଳାଯିବ ।

# ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଚମ୍ପିୟାନ୍‌ସିପ୍

## ମନୀଷ ପାଲଙ୍କୁ ତ୍ରିମୁକୁଟ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୁଲ୍ୟରେ ବାରିପଦାସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେଉଥିବା ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ବାଳକ, ବାଳିକା, ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ପୁରସ୍କାର ବିତରଣୀ ଉତ୍ସବରେ ଜିଲ୍ଲା କ୍ରୀଡା ଅଧିକାରୀ ଶୁଭାଶିଷ ନାୟକ ଯୋଗଦେଇ ବିଜେତା ଓ ଉପବିଜେତା ମାନଙ୍କୁ ସାର୍ଟିଫିକେଟ ଓ କପ୍ ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଣ୍ଟରେ ବାରିପଦା ଉପଖଣ୍ଡରୁ-୯୪, ରାଇରଙ୍ଗପୁର ଉପଖଣ୍ଡରୁ-୩୫ ଓ ଉଦଳା ଉପଖଣ୍ଡରୁ-୧୦ ଓ ସମୁଦାୟ ୧୩୯ ବିଭୀନ୍ନ ବର୍ଗର ଓ ବୟସ ଶ୍ରେଣୀର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ବିଜେତା ମାନେ ସିଧାସଳଖ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗୀତାକୁ ଯୋଗ୍ୟ ବିବେଚିତ ହେବେ ବୋଲି ଟୁର୍ଣ୍ଣାମେଣ୍ଟର ଆୟୋଜକ ସମ୍ପାଦକ ବିଭୁତି ଭୂଷଣ ଦାସ ଜଣାଇଛନ୍ତି। ବାଳକ ବିଭାଗ ସିଙ୍ଗସ ପ୍ରତିଯୋଗିତାରେ ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ବିଶ୍ୱ ଭବ୍ୟଶ ବେହେରା ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଉତ୍କର୍ଷ ପରିଡା ରନର୍ ଅପ୍, ୧୩ ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସେକ ରୌନକ ରାଜ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମୟଙ୍କ ସେଠୀ ରନର୍ ଅପ୍, ୧୫ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ମହମଦ ସେକ ତସିଫ ରାଜା ରନର୍ ଅପ୍, ୧୭ବର୍ଷରୁ କମ ବର୍ଗରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ବୀର ବାହାଦୁର ହେମ୍ବ୍ରମ ରନର୍ ଅପ୍, ୧୯ବର୍ଷରୁ କମ ବର୍ଗରେ- ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଅର୍ଜିତ ଦାସ ରନର୍ ଅପ୍ ହୋଇଥିବା ବେଳେ ବାଳକ ବିଭାଗ ଡବଲ୍ସର ୧୧ବର୍ଷରୁ କମ ବର୍ଗରେ ବାରିପଦା ଉପଖଣ୍ଡର ଆରୁଷ ଗୁରୁଙ୍ଗ ଓ ଲକି ମାରାଣ୍ଡି ଯୋଡି ଚାମ୍ପିଅନ୍ ଓ ବିଶ୍ୱଭବ୍ୟଶ ବେହେରା ଓ ଉତ୍କର୍ଷ ପରିଡା ଯୋଡି ରନର୍ ଅପ୍, ୧୩ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ସ୍ୱସ୍ତିକ ନାୟକ ଓ ସେକ ରୌନକ ରାଜ ଯୋଡି ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଇଶାନ୍ତ ବେହେରା ଓ ସଂକେତ ସାମଲ ଯୋଡି ରନର୍ ଅପ୍, ୧୫ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ଦିବ୍ୟାନଶୁ ସାହୁ ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ପ୍ରତ୍ୟୁଷ କୁମାର ପରିଡା ଓ ଭିରାଜ ନାୟକ ଯୋଡି ରନର୍ ଅପ୍, ୧୭ବର୍ଷରୁ କମ ବର୍ଗରେ ଉଦଳା ଉପଖଣ୍ଡର ରାଜ ଅଭିଷେକ ପଣ୍ଡା ଓ ଶାଶ୍ୱତ ଦେବ ପ୍ରକାଶ ପଣ୍ଡା ଯୋଡି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ବିଦ୍ୟୁଷ୍ମାନ ବେହେରା ଓ ସୌରୀୟଦୀପ କାରକୀ ଯୋଡି ରନର୍ ଅପ୍, ୧୯ବର୍ଷରୁ କମ ବର୍ଗରେ- ବାରିପଦା ଉପଖଣ୍ଡର ପ୍ରିୟାଂଶୁ ଦାସ ଓ ଅନ୍ୱେଷ ମହାନ୍ତି ଚାମ୍ପିଅନ୍ ଓ ଉଦଳା ଉପଖଣ୍ଡର ଆୟୁଷ୍ମାନ ପାଢୀ ଓ ସଂବିତ ପାଢୀ ଯୋଡି ରନର୍ ଅପ୍ ହୋଇଥିବା ବେଳେ ପୁରୁଷ ସିଙ୍ଗସ ଫାଇନାଲରେ ରାଇରଙ୍ଗପୁର ଉପଖଣ୍ଡର ମନୀଷ କୁମାର ପାଲ ଚାମ୍ପିଅନ୍ ଓ ବାରିପଦା ଉପଖଣ୍ଡର ଜୟଜୀତ ଦାସ ରନର୍ ଅପ୍ ଏବଂ ପୁରୁଷ ଡବଲ୍ସ ପ୍ରତିଯୋଗିତାରେ ବାରିପଦର ପୀୟୂଷ ବାରିକ ଓ ଜୟଜୀତ ଦାସ ଯୋଡି ସ୍ୱଙ୍ଗ ଭୁବ ମହାନ୍ତି ଓ ଶରତ ରଣା ଯୋଡିକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟ ରେଫରୀ ଭାବରେ ଉମାଶଙ୍କର ମହାନ୍ତ ଓ ସତ୍ୟବ୍ରତ ସାହୁ ପରିଚାଳନା କରିଥିବା ବେଳେ ତାପସ କୁମାର ସାମଲ, ସତ୍ୟନାରାୟଣ ବାରିକ, ଅଭିଷେକ ମହାନ୍ତି, ସନ୍ତୋଷ ଦାସ ପ୍ରମୁଖ ସହାୟତା କରିଥିଲେ। ଅନ୍ୟାନ ସଦସ୍ୟ ଭାବରେ ପାର୍ଥ ସାରଥି ସ୍ୱାଇଁ, ଶଶ୍ୱତ କୁମାର ବଳ, ଦୀପକ କୁମାର ପରିଡା, ସୁଦୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ମୟୂରଭଞ୍ଜ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନର ସଭାପତି କିଶୋର କୁମାର ବିଶ୍ୱାଳ ସମସ୍ତ ପ୍ରତିଯୋଗୀଙ୍କ ଖେଳୁଆଡ ମନବୃତି, ଅଭିଭାବକ ମାନଙ୍କ ଉପସ୍ଥିତିକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଅଫିସିଆଲ, କର୍ମକର୍ତ୍ତା ଓ ସମସ୍ତ ସହଯୋଗୀ ମାନଙ୍କ ସଫଳ ପରିଚାଳନା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ୭୭ତମ ରାଜ୍ୟ ପୋଲିସ ଭଲିବଲ୍ ଓ ବାସ୍କେଟ୍‌ବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

ଭୁବନେଶ୍ୱର, ୨୮।୭(ସବ୍ୟୁ) : ଓ.ଏସ.ଏ.ପି ଷଷ୍ଠ ବାଟାଲିୟନ୍ ପରିସରରେ ୭୭ ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ ଉଦଯାପିତ ହୋଇଯାଇଛି । ଏହି ଉଦଯାପନୀ ସମାରୋହରେ ଆରକ୍ଷୀ ମହାନିର୍ଦ୍ଦେଶକ, କ୍ରାଇମବ୍ରାଞ୍ଚ, ଶ୍ରୀ ବିନୟତୋଷ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏକ ମନୋଜ୍ଞ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ଶ୍ରେଷ୍ଠ କ୍ରୀଡାବିତ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ମିଶ୍ର ତାଙ୍କ ବକ୍ତବ୍ୟରେ ଖେଳାଳୀ ମାନଙ୍କୁ ଆଗାମୀ ଦିନରେ ଉତ୍କର୍ଷତା ପ୍ରଦର୍ଶନ କରିବା ସହ ଓଡିଶା ପୋଲିସର ସୁନାମ ବଢାଇବାକୁ ପରାମର୍ଶ ଦେଇଥିଲେ । ଏହାସହ ଓଡିଶା ପୋଲିସର କ୍ରୀଡାବିତଙ୍କ ନିରନ୍ତର ସଫଳତା ଗୌରବାନ୍ୱିତ କରିଛି ବୋଲି ମତବ୍ୟକ୍ତ କରିବା ସହ ବିଶ୍ ପୋଲିସ ଓ ଅଗ୍ନିଶମ କ୍ରିଡାରେ କ୍ରିଡାବିତଙ୍କ ପ୍ରଦର୍ଶନ ଅନ୍ୟ ଖେଳାଳୀଙ୍କୁ ପ୍ରେରଣା ଯୋଗାଇଛି ବୋଲି ଡିଜିପି ଶ୍ରୀ ମିଶ୍ର କହିଥିଲେ । ଏହି ଚାମ୍ପିୟାନସିପରେ ବିଭିନ୍ନ ପୋଲିସ ଡିସଟ୍ରିକ୍ଟସ୍, ବଟାଲିଅନ୍ସ ଏବଂ ୟୁନିଟ୍ସର ୨୫ ଟି ପୋଲିସ ଭଲିବଲ ଟିମ ଓ ୪ଟି ବାସ୍କେଟବଲ ଟିମ ଅଂଶଗ୍ରହଣ କରିଥିବାବେଳେ ୪୨୯ ଜଣ ଖେଳାଳୀ ଅଂଶ ଗ୍ରହଣ କରିଥିଲେ ।

ଭଲିବଲ ପ୍ରତିଯୋଗିତାରେ କମିଶନରେଟ୍ ପୋଲିସ- ବି ଟିମ ଚାମ୍ପିୟାନ ଟିମ ହୋଇଥିଲା ବେଳେ, ବାଲେଶ୍ୱର ଟିମ ରନର୍ସଅପ ହୋଇଥିଲା । ମୟୂରଭଞ୍ଜ ଟିମ ବ୍ରୋଞ୍ଜ ମେଡାଲ ଟିମ ହୋଇଥିଲାଛ । ସେହିପରି ୪ର୍ଥ ଆଇଆର ବାଟାଲିୟନ, ଦେଓଗଡକୁ ଶ୍ରେଷ୍ଠ ଶୃଙ୍ଖଳା ଟିମ ଭାବେ ପୁରସ୍କୃତ କରାଯାଇଥିଲା । ବାଲେଶ୍ୱର ଜିଲ୍ଲାର କନେଷ୍ଟବଳ ରାଜେଶ କୁମାର ସାହୁ ଶ୍ରେଷ୍ଠ ଅଟ୍ଟଟ୍ଟcker, ଓଆଇଏସଏଫ, ଭୁବନେଶ୍ୱର ଦଳର କନେଷ୍ଟବଳ ମହେଶ୍ୱର ଗୋଛାୟତ ଶ୍ରେଷ୍ଠ ଆଟାକର ଏବଂ ମୟୂରଭଞ୍ଜ ଦଳର କନେଷ୍ଟବଳ ଅଞ୍ଜନ ବେହେରାଙ୍କୁ ଶ୍ରେଷ୍ଠ ସେଟର, ଲିବେରୋ, କମିଶନରେଟ୍ ପୋଲିସ -ବି ଟିମର ସିପାହୀ ଅଜିତ କୁମାର ମୁଦୁଲି ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

ସେହିପରି ବାସ୍କେଟବଲ ପ୍ରତିଯୋଗୀତାରେ ଓଏସଏପି ଷଷ୍ଠ ବାଟାଲିୟନ ଚାମ୍ପିୟାନ ଟିମ ହୋଇଥିଲା ବେଳେ, କମିଶନରେଟ୍ ପୋଲିସ -ଏ ଟିମ ରନର୍ସଅପ ହୋଇଥିଲା । ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁର ହାର୍ଡ ଲାଇନ ଟିମ, ରାଉରକେଲା ପୋଲିସ ଟିମ ଶ୍ରେଷ୍ଠ ଶୃଙ୍ଖଳା ଟିମ ଭାବେ ପୁରସ୍କୃତ କରାଯାଇଥିଲା । ଏହି ପ୍ରତିଯୋଗୀତାରେ ବେଷ୍ଟ ସ୍କୋରର ଭାବେ ଓଏସଏପି ଷଷ୍ଠ ବାଟାଲିୟନର, ହାବିଲଦାର କାର୍ତ୍ତିକ ବେହେରା, ଶ୍ରେଷ୍ଠ ଉଦୀୟମାନ ଖେଳାଳି ଭାବେ ଓଏସଏପି ଅଷ୍ଟମ ବାଟାଲିୟନ, ଛତ୍ରପୁରର ସିପାହୀ ଅଭିଷେକ ପଶୁପାଳକ ଏବଂ ଓଏସଏପି ଷଷ୍ଠ ବାଟାଲିୟନ, କଟକର ସିପାହୀ ସଂଜୀବ ବେହୁରା ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କୃତ ହୋଇଥିଲେ ।

ଏହି ଉଦଯାପନୀ ଉତ୍ସବରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଏବଂ ଉପକୂଳ ସୁରକ୍ଷା) ଶ୍ରୀ ଅରୁଣ ବୋଥ୍ରା, ଆଇଜିପି ଶ୍ରୀ ଗଜଭିୟେ ସତୀଶ କୁମାର, ଡିଆଇଜିପି (ପ୍ରୋଭିଜନିଂ) ଶ୍ରୀ ଚରଣ ସିଂ ମିନା ଡିଆଇଜିପି (କ୍ରାଇମ ବ୍ରାଞ୍ଚ) ଶ୍ରୀ ବାତୁଲା ଗଙ୍ଗାଧରଙ୍କ ସମେତ ରାଜ୍ୟର ବହୁ ବରିଷ୍ଠ ପୋଲିସ ଅଧିକାରୀ, ଜନସାଧାରଣ ଓ ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମର ଶେଷରେ ଷଷ୍ଠ ବାଟାଲିୟନର କମାଣ୍ଡାଣ୍ଟ ଶ୍ରୀ ସୂର୍ଯ୍ୟନାରାୟଣ ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ ।

ଆଜିର ଏହି ଉଦଯାପନ ସମାରୋହରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ମାନ୍ଧାତା ସାଇ, ରାଜ୍ୟ ପୋଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳ ମାଧବ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

# ଟଳି ପଡ଼ିଲେ ବ୍ୟାଡମିଣ୍ଟନ ଖେଳାଳି

ହାଇଦ୍ରାବାଦ, ୨୮।୭ (ଏଜେନ୍ସି) : ହାଇଦ୍ରାବାଦର ନାଗୋଲେ ଷ୍ଟାଡିୟମରେ ବ୍ୟାଟମିଣ୍ଟନ ଖେଳୁଥିବା ବେଳେ ୨୫ ବର୍ଷୀୟ ଯୁବକ ଜଣଙ୍କ ହଠାତ୍ ଟଳି ପଡ଼ିଛନ୍ତି । ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତରମାନେ ନିଶ୍ଚିତ କରିଛନ୍ତି । ହୃଦଘାତରେ ପ୍ରାଣ ହରାଇଥିବା ଯୁବକ ଜଣଙ୍କ ହେଲେ ଜି ରାକେଶଛ ସେ ହାଇଦ୍ରାବାଦର ଗୋଟିଏ ଘରୋଇ କମ୍ପାନୀରେ କାମ କରୁଥିଲେ । ରାକେଶ ହେଉଛନ୍ତି ଖାମ୍ମାମ ଜିଲ୍ଲା ତାଲ୍ଲାଦାର ପୂର୍ବତନ ଡେପୁଟି ସରପଞ୍ଚ ଜି ଭେଙ୍କେଟଶ୍ୱରଲୁଙ୍କ ପୁଅ । ସାମ୍ନାକୁ ଆସିଥିବା ସିସିଟିଭି ଫୁଟେଜରେ ସବୁ ଦୃଶ୍ୟ ରହିଛି ।ରବିବାର ରାତି ପ୍ରାୟ ୮ଟା ବେଳେ ନାଗୋଲେ ଷ୍ଟାଡିୟମରେ ରାକେଶ ଗୋଟିଏ ଡବଲ୍ସ ବ୍ୟାଡମିଣ୍ଟନ ମ୍ୟାଚ୍ ଖେଳୁଥିଲେ । ସେ ଦମଦାର ଖେଳ ପ୍ରଦର୍ଶନ କରିବା ସହ ନିଜ ଫିଟନେସର ପ୍ରମାଣ ଦେଇଥିଲେ । କିନ୍ତୁ କିଛି ସମୟ ପରେ ସେ ତଳେ ପଡ଼ିଥିବା ଶଟଲକୁ ଉଠାଇବାକୁ ଯାଉଥିବା ବେଳେ ଅସୁସ୍ଥ ଅନୁଭବ କରିଥିଲେ ।ଏହାପରେ କୋର୍ଟ ଉପରେ ହିଁ ଟଳି ପଡ଼ିଥିଲେ । ତୁରନ୍ତ ସାଥୀ ଖେଳାଳିମାନେ ତାଙ୍କ ପାଖକୁ ଯିବା ସହ ରାକେଶଙ୍କୁ ସିପିଆର ଦେବାକୁ ଚେଷ୍ଟା କରିଥିଲେ । ତଥାପି କିଛି ସୁଫଳ ନ ମିଳିବାରୁ ତାଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ । ଏହି ଘଟଣା ଏବେ ବର୍ଦ୍ଧିତ ହୃଦଘାତର ଭୟକୁ ଆହୁରି ବାଇ ଦେଇଛି ।

# ରାଜ୍ୟ ସନ୍ତରଣ ପ୍ରତିଯୋଗିତା : ବଲାଙ୍ଗୀର ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ

ବଲାଙ୍ଗୀର , ୨୮।୭ (ସବ୍ୟୁ) : ବଲାଙ୍ଗୀର ଜିଲ୍ଲା ସନ୍ତରଣ ସଂଘ ପକ୍ଷରୁ ୧୭ ଜଣ ପ୍ରତିଯୋଗି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ସନ୍ତରଣ ଗାରରେ ଅନୁଷ୍ଠିତ ୬୫ତମ ରାଜ୍ୟସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଯୋଗଦେଇଥିଲେ । ପ୍ରତିଯୋଗିତାରେ ବଲାଙ୍ଗୀର ଦୟାସାଗର କଠାର ଗ୍ରୁପ -୧ ରେ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୋପ୍ୟ ଏବଂ ଗୋଟିଏ କଂଶ୍ୟ ପଦକ ହାସଲ, ସ୍ୱାଗତ ସେଠ ଗ୍ରୁପ -୨ ରେ ଗୋଟିଏ ସ୍ୱର୍ଣ୍ଣ ଏବଂ ଦୁଇଟି ରୋପ୍ୟ ପଦକ ହାସଲ, ସୋମନାଥ ପୁଟେଲ, ଗୋଟିଏ ରୋପ୍ୟ ଏବଂ ଦୁଇଟି କଂଶ୍ୟ ପଦକ ହାସଲ, ସୌରଭ ପଟେଲ ଦୁଇଟି ରୋପ୍ୟ ପଦକ ହାସଲ, ଗ୍ରୁପ -୨ ରିଲେ ରେସରେ ପ୍ରିୟାଂଶୁ ପ୍ରିତମ ପୁରୋହିତ, ସ୍ୱାଗତ ସେଠ, ସୋମନାଥ ପୁଟେଲ, ସୌରଭ ପୁଟେଲ ରୌପ ପଦକ ହାସଲ କରିଥିବା ଖେଳାଳି ମାନଙ୍କୁ ଆଜି ବଲାଙ୍ଗୀର ଜିଲ୍ଲା ପ୍ରଶାସନ ତରଫରୁ ବଲାଙ୍ଗୀର ଅତିରିକ୍ତ ଜିଲ୍ଲାପାଳ ଡ଼କଫର ବିଜୟା ନନ୍ଦ ସେଠି ଖେଳାଳି ମାନଙ୍କୁ ଫୁଲ ତୋଡ଼ା ଦେଇ ଉତ୍ସାହିତ କରିଥିଲେ ଏନେଇ ବଲାଙ୍ଗୀର କ୍ରୀଡ଼ା ଅଧିକାରୀ ପରାଶର ବାଗ, ଜିଲ୍ଲା ସନ୍ତରଣ ସଂଘ ସମ୍ପାଦକ ତଥା ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ସୁମିତ ରଞ୍ଜନ ପୁରୋହିତ, କୋଚ ନରେଶ ପ୍ରଧାନ, ସୁରେଶ ପ୍ରଧାନ, ବାଳ କୁମାର ମୁଲୁଆର, ସୁଶୀଳା ବିଶ୍ୱାଳ ଉପସ୍ଥିତ ଥିଲେ ।



ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେମେଣ୍ଟ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି